ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, November 3/2025 | Page 14 | ₹ 7.00
୫୧ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 337 | ମୂଲ୍ୟ ₹୭/-



## ଜେନ୍ ଜି ଅବତାରରେ ଶାହରୁଖ

ରବିବାର ୬୦ ବର୍ଷରେ ପଦାର୍ପଣ କରିଥିବା ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'କିଙ୍ଗ୍'ର ଟିଜର ରିଲିଜ୍ ହୋଇଛି, ଯହିଁରେ ତାଙ୍କୁ ଜେନ୍ ଜି ଭୂମିକାରେ ଦେଖିବାକୁ ମିଳିବ। ୦୨

## ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ

୧୪ ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତୀୟ ବୋଲର ଅର୍ଶଦୀପ ସିଂ।



# ମେକ୍ସିକୋ ଷ୍ଟୋରରେ ବିସ୍ଫୋରଣ: ୨୩ ମୃତ

**ମେକ୍ସିକୋ ସିଟି, ୨।୧୧ (ଏପି/ବିବିସି)**

ମେକ୍ସିକୋର ଏକ ଡିପାର୍ଟମେଣ୍ଟାଲ ଷ୍ଟୋରରେ ବିସ୍ଫୋରଣ ଘଟି ନିଆଁ ଲାଗିଯିବାରୁ ୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ଛୋଟ ପିଲା ଅଛନ୍ତି। ସୋନୋରା ରାଜ୍ୟର ରାଜଧାନୀ ହେର୍ମୋସିଲୋସ୍ଥିତ ମେକ୍ସିକୋର ସର୍ବବୃହତ୍ ଡିସ୍‌କାଉଣ୍ଟ ଚେନ୍ ୱାଲ୍‌ଡୋର ଏକ ଶାଖା ରହିଛି। ମେକ୍ସିକୋରେ ଶନିବାର 'ଡେ ଅଫ୍ ଦି ଡେଡ୍' ଉତ୍ସବ ପାଳନରେ ଲୋକେ ବ୍ୟସ୍ତ ଥିବାବେଳେ ସିଟି ସେଣ୍ଟରର ଏହି ଡିପାର୍ଟମେଣ୍ଟାଲ ଷ୍ଟୋରରେ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଲୋକେ ଉକ୍ତ ଷ୍ଟୋରରେ କିଣାକିଣି କରୁଥିବାବେଳେ ନିଆଁ ଲାଗି ଚାହୁଁ ଚାହୁଁ ସମ୍ପୂର୍ଣ୍ଣ ବିଲ୍ଡିଂକୁ ବ୍ୟାପିଥିଲା। ଲୋକେ ପ୍ରାଣବିକଳରେ ପଳାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ୨୩ ଜଣଙ୍କ ମୃତ୍ୟୁ ଘଟିସାରିଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ☞ପୃଷ୍ଠା-୪

# ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍

# ଭାରତ ଚାମ୍ପିୟନ

**ନଭି ମୁମ୍ବାଇ, ୨।୧୧**

ସ୍ୱପ୍ନ ସାକାର ହୋଇଛି। ମହିଳା ଦିନିକିଆ କ୍ରିକେଟ ବିଶ୍ୱକପର ଦୀର୍ଘ ୫୨ ବର୍ଷର ଇତିହାସରେ ନୂଆ ଚାମ୍ପିୟନ ହୋଇଛି ଭାରତ। ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଇତିହାସ ରଚିଛି ଭାରତୀୟ ଦଳ। ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୮ ରନ କରିଥିଲା। ଜବାବରେ ଅଧିନାୟିକା ଲୌରା ୱୋଲଭାର୍ଡଟଙ୍କ ଶତକ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ଏହା ପୂର୍ବରୁ ଭାରତ ୨୦୦୫ ଓ ୨୦୧୭ ବିଶ୍ୱକପ୍‌ରେ ଫାଇନାଲ ଖେଳିଥିଲେ ହେଁ ଟ୍ରଫି ହାସଲ କରିପାରି ନ ଥିଲା। ଏଥର କିନ୍ତୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଦଳ ବିଶ୍ୱକପ ଜିତି ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି।

ବର୍ଷା ଯୋଗୁ ମ୍ୟାଚ ପାଖାପାଖି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱୋଲଭାର୍ଡଟ। ଭାରତର ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ୧୦୬ ବଲ୍‌ରୁ ୧୦୪ ରନର ପାର୍ଟନରଶିପ୍ ଗଢ଼ିବା ପରେ ୧୮ତମ ଓଭରର ୪ର୍ଥ ବଲ୍‌ରେ ମନ୍ଧାନାଙ୍କୁ ସିନାଲୋ ଜାଫାଙ୍କ ହାତରେ କ୍ୟାଚ କରାଇ ଦକ୍ଷିଣ ଆଫ୍ରିକାକୁ ବ୍ରେକ୍ ଥ୍ରୁ ଦେଇଥିଲେ କ୍ଲୋ ଟ୍ରାୟନ। ମନ୍ଧାନା ୫୮ ବଲ୍‌ରୁ ୪୫ (୮ ଚୌକା) ରନ କରିଥିଲେ। ପ୍ରତୀକା ରାୱଲ ଆହତ ହେବାପରେ ସେମିଫାଇନାଲରେ ଦଳକୁ ଡାକରା ପାଇଥିବା ଶେଫାଳି କିନ୍ତୁ ଫାଇନାଲରେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ ☞ପୃଷ୍ଠା-୪




ମହିଳା କ୍ରିକେଟ ବିଶ୍ୱକପ୍-୨୦୨୫ ଫାଇନାଲରେ ବିଜୟୀ ହେବା ପରେ ଟ୍ରଫି ସହ ଭାରତୀୟ ଦଳର ଖେଳାଳି।

# ରୁଚି ମସଲା ପ୍ରତିଷ୍ଠାତା ଶରତ ସାହୁଙ୍କ ପରଲୋକ

**ମୁଖ୍ୟମନ୍ତ୍ରୀଙ୍କ ଶୋକ**



**କଟକ, ୨।୧୧ (କାର୍ତ୍ତିକ ସାହୁ)**

ଓଡ଼ିଶା ମସଲା ଶିଳ୍ପରେ କ୍ରାନ୍ତି ଆଣିଥିବା ବିଶିଷ୍ଟ ଶିଳ୍ପପତି ତଥା ରୁଚି ମସଲାର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ରବିବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ବୟସାଧିକ୍ୟ ରୋଗରେ ଆକ୍ରାନ୍ତ ହୋଇ ମୁମ୍ବାଇର ଲୀଳାବତୀ ହସ୍‌ପିଟାଲରେ ଗତ ୩୦ ତାରିଖରୁ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଶିଳ୍ପ ଜଗତ ସହ ସମ୍ପୃକ୍ତ ବ୍ୟକ୍ତିମାନେ ଶୋକପ୍ରକାଶ କରିଛନ୍ତି। ସେ ୧୯୭୬ରେ କଟକସ୍ଥିତ ମଧୁପାଟଣା ଶିଳ୍ପାଞ୍ଚଳରେ ରୁଚି କମ୍ପାନି ପ୍ରତିଷ୍ଠା କରି ଓଡ଼ିଶାର ☞ପୃଷ୍ଠା-୪

# ୧୦୦୦ କୋଟି ଟଙ୍କାର ଡିଲ୍

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

- ପୂର୍ବ ସରକାରଙ୍କୁ ଟାର୍ଗେଟ କଲେ ଶଙ୍କର ପ୍ରୁଷ୍ଟି
- କ୍ରାଇମବ୍ରାଞ୍ଚ ଅଫିସ୍‌ରେ ଶଙ୍କର-ମୁନାଙ୍କୁ ମୁହାଁମୁହିଁ ଜେରା

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିରେ ହଜାରେ କୋଟିର ଡିଲ୍ ହୋଇଛି। ଏଥିରେ ପୂର୍ବ ସରକାରଙ୍କ ସମ୍ପୃକ୍ତି ରହିଥିଲା ବୋଲି ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପ୍ରୁଷ୍ଟି ରବିବାର ପ୍ରଘଟ କରିଛନ୍ତି। ନେପାଳ ସୀମା ଉତ୍ତରାଖଣ୍ଡରୁ ଶନିବାର ରାତିରେ ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି ରବିବାର ସକାଳେ ଭୁବନେଶ୍ୱର ଆଣିଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଶଙ୍କର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବଡ଼ ଦୁର୍ନୀତି ହୋଇଛି। ଏହି ଘଟଣାରେ ଅନେକ ବଡ଼ ଲୋକଙ୍କ ସମ୍ପୃକ୍ତି ରହିଛି। ଶଙ୍କରଙ୍କ ଏଭଳି ରାଜନୈତିକ ଲିଙ୍କ୍ ଟାର୍ଗେଟ ପରେ ବୟାନବାଜି ଆରମ୍ଭ ହୋଇଯାଇଛି। ଉଭୟ ଭାଜପା ଓ ବିଜେଡି ପରସ୍ପରକୁ ଆରୋପ ପତ୍ୟାରୋପ କରିଛନ୍ତି।**

**ଭୁବନେଶ୍ୱର, ୨।୧୧ (ସତ୍ୟଜିତ ରାଉତ)**

ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ବିମାନ ଯୋଗେ ଦିଲ୍ଲୀରୁ ଭୁବନେଶ୍ୱର ଆଣିଥିଲା। ରବିବାର ସକାଳେ ଭୁବନେଶ୍ୱର ଏୟାରପୋର୍ଟରୁ ଶଙ୍କର ବାହାରିବା ପରେ



ଗଣମାଧ୍ୟମକୁ ଚାଞ୍ଚଲ୍ୟକର ବୟାନ ଦେଇ କହିଥିଲେ, ସେ ଯଦି ସରେଣ୍ଡର କରି ନ ଥାନ୍ତେ ପୂର୍ବ ସରକାରଙ୍କ ହଜାରେ କୋଟିର ଡିଲ୍ ସାମ୍ନାକୁ ଆସିଥାନ୍ତା କେମିତି? ପରୀକ୍ଷା ବାତିଲ୍ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା, ଷଡ଼ଯନ୍ତ୍ର ଯିଏ କରିଥିଲେ, ତାହାର ସବୁ ତଥ୍ୟ ସରକାରଙ୍କୁ ଦିଆଯିବ। ସେ ଲୁଚି ନ ଥିଲେ ବରଂ ନିୟମ ଅନୁଯାୟୀ ସାମ୍ନା କରିଥିଲେ ବୋଲି ଶଙ୍କର କହିଛନ୍ତି। ଏପରିକି ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ କରିଥାନ୍ତେ। ହାଇକୋର୍ଟ ସମୟ ଦେଇଥିଲେ। ସ୍ତ୍ରୀଙ୍କ ନାଁରେ କୌଣସି ମାମଲା ନାହିଁ। ଗିରଫ ଅଭିଯୁକ୍ତମାନଙ୍କ ତଥ୍ୟ ବାହାର କରନ୍ତୁ। କାହା ସହ ତାଙ୍କର ସମ୍ପର୍କ ନାହିଁ ବୋଲି ଶଙ୍କର କହିଛନ୍ତି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଶଙ୍କରଙ୍କଠାରୁ ଫର୍ଚୁନର କାର୍ (ଓଡି୦୭ଏୟୁ୯୭୭୭), ୩ ମୋବାଇଲ, ପାସ୍‌ପୋର୍ଟ ଓ ମାମଲା ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରିଛି। ତାଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୩୧୯(୨), ୩୧୮(୪), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨), ୩(୫) ଏବଂ ଓଡ଼ିଶା ପବ୍ଲିକ୍ ଏକ୍‌ଜାମିନେଶନ୍ (ପ୍ରିଭେନଶନ୍ ଅଫ୍ ଅନ୍‌ଫେୟାର ମିନ୍ସ) ଆକ୍ଟ, ୨୦୦୪ର ସେକ୍ସନ ୧୧(୧) ଓ ୧୨(୧) ଲଗାଯାଇଛି। ଶଙ୍କରଙ୍କୁ ଏୟାରପୋର୍ଟରୁ ସିଧା କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ରିମାଣ୍ଡରେ ଆସିଥିବା ଘନିଷ୍ଠ ସହଯୋଗୀ ମୁନା ମହାନ୍ତିଙ୍କ ସହ ଶଙ୍କରଙ୍କର ମୁହାଁମୁହିଁ ଜେରା କରାଯାଇଛି। ଜେରା ବେଳେ କ୍ରାଇମବ୍ରାଞ୍ଚ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଶଙ୍କରଙ୍କୁ ସୋମବାର ବ୍ରହ୍ମପୁର ନିଆଯିବ। ମାମଲା ଚାଲିଥିବା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯିବ। ତେବେ ଶଙ୍କରଙ୍କୁ ରିମାଣ୍ଡରେ ଆଣିବାକୁ ବିଚାରପତିଙ୍କ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ କରାଯାଇପାରେ ବୋଲି ଜଣାପଡିଛି। ଏହି ମାମଲାରେ ପୂର୍ବରୁ ☞ପୃଷ୍ଠା-୪

# ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ଼

## ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ

**ପୁରୀ, ୨।୧୧ (ଅଜିତ୍ କୁମାର ମହାନ୍ତି)**

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ତଥା ରବିବାରଠାରୁ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ଚଳିତବର୍ଷ ତିଥି କ୍ଷୟ ଯାଉଥିବାରୁ ପଞ୍ଚକ ବ୍ରତ ୫ଦିନ ପରିବର୍ତ୍ତେ ୪ ଦିନ ଅନୁଷ୍ଠିତ ହେବ। ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଅସମ୍ଭାଳ ଭିଡ଼ ହୋଇଥିବା ଜଣାପଡ଼ିଛି। ପ୍ରଥମ ଦିନ ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଠିଆକିଆ ବେଶ ବା ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ କରାଯାଇଥିବା ବେଳେ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରବଳ ଭିଡ଼ ହେତୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି। ଫଳରେ ଭକ୍ତମାନଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ବ୍ୟବସ୍ଥାକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଛନ୍ତି।

ଶ୍ରୀମନ୍ଦିରରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ ସହ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ ନିମନ୍ତେ ବ୍ୟବସ୍ଥା ଥିବାରୁ ଭକ୍ତମାନେ ପ୍ରଶାସନ ପକ୍ଷରୁ ମାର୍କେଟଛକ ନିକଟରୁ କରାଯାଇଥିବା ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ ☞ପୃଷ୍ଠା-୪

### ଦର୍ଶନ ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ଦର୍ଶନ ସମୟରେ ପୋଲିସର ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯାଇଥିଲା। ଏପରିକି ସନ୍ଧ୍ୟାରେ ଠେଲାପେଲାରେ ୨ ଜଣ ଭକ୍ତ ଆହତ ହୋଇଥିବା ଜଣାପଡ଼ିଛି। ଆକଳନ ଠାରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଯେଉଁ ବ୍ୟବସ୍ଥା କରାଯାଇଥିଲା ତାହା ଫେଲ୍ ମାରିଛି। ସନ୍ଧ୍ୟାରେ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ପୁରୀ ଆସି ପୋଲିସ ବ୍ୟବସ୍ଥାର ସମୀକ୍ଷା କରିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପୋଲିସ ଡିଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏସ୍‌ପିଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମାର୍କେଟଛକ ଠାରୁ ହୋଇଥିବା ବ୍ୟାରିକେଡ୍‌କୁ ବୃଦ୍ଧି କରାଯାଇଛି। ବ୍ୟାରିକେଡ୍‌କୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶୃଙ୍ଖଳିତ ଦର୍ଶନ ସହ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି।

# କକ୍ଷପଥରେ ସବୁଠୁ ଓଜନଦାର ସାଟେଲାଇଟ୍

**ଶ୍ରୀହରିକୋଟା, ୨।୧୧ (ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଭାରତ ମାଟିରୁ ସବୁଠୁ ଓଜନଦାର ଯୋଗାଯୋଗ ଉପଗ୍ରହକୁ ରବିବାର କକ୍ଷପଥରେ ଅବସ୍ଥାପିତ କରି ଇତିହାସ ସୃଷ୍ଟି କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ନୂଆ ପିଢ଼ିର 'ବାହୁବଳୀ' ରକେଟ ଏଲ୍‌ଭିଏମ୍‌୩-ଏମ୍‌୫ ସହାୟତାରେ ୪,୪୧୦ କେଜି ବିଶିଷ୍ଟ କମ୍ୟୁନିକେଶନ ସାଟେଲାଇଟ୍ ସିଏମ୍‌ଏସ୍-୦୩କୁ ସଫଳତାର ସହ ଏହାର ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଏହି ବିରଳ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

ସିଏମ୍‌ଏସ୍-୦୩ ଏକ ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ଯାହା ଭାରତୀୟ ଭୂଖଣ୍ଡ ସମେତ ବିସ୍ତୃତ ମହାସାଗର ଅଞ୍ଚଳ ଉପରେ ସେବା ପ୍ରଦାନ କରିବ

## ଇତିହାସ ରଚିଲା ଇସ୍ରୋ



ବୋଲି ଇସ୍ରୋ କହିଛି। ଭୂ-ସମକାଳିକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ଏହି ସାଟେଲାଇଟ୍ ୨୦୧୩ରେ ଲଞ୍ଚ ହୋଇଥିବା ଜିସାଟ୍ ୭ ସିରିଜ୍ ସ୍ଥାନରେ ସେବା ପ୍ରଦାନ କରିବ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଏହା ବହୁତ ଓଜନଦାର ହୋଇଥିବାରୁ ଏଥିପାଇଁ ବାହୁବଳୀ ରକେଟର ବ୍ୟବହାର କରାଯାଇଥିଲା। ପୂର୍ବରୁ ଉକ୍ତ ରକେଟ ଚନ୍ଦ୍ରୟାନ-୩କୁ ମହାକାଶକୁ ପ୍ରେରଣ କରି ଦେଶ ପାଇଁ ଗର୍ବ ଆଣିଥିଲା। ସିଏମ୍‌ଏସ୍-୦୩ ସାଟେଲାଇଟ୍‌କୁ ଏଭଳି ଭାବେ ଡିଜାଇନ୍ କରାଯାଇଛି, ଯେପରି ଏହା ଅନ୍ୟୂନ ୧୫ ବର୍ଷ ପାଇଁ ସେବା ପ୍ରଦାନ କରିବ। ଆତ୍ମନିର୍ଭର ଭାରତର ଏହା ଆଉ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି ନାରାୟଣନ କହିଛନ୍ତି। ପାଗ ଅନୁକୂଳ ହେଉ ନ ଥିବାରୁ ଏହି ମିଶନ ପାଇଁ ବୈଜ୍ଞାନିକମାନଙ୍କୁ ବହୁତ କଠିନ ସମୟ ଦେଇ ଗତି କରିବାକୁ ପଡ଼ିଥିଲା। ତେବେ ସେମାନେ କଠିନ ପରିଶ୍ରମ କରି ସଫଳତା ସୁନିଶ୍ଚିତ କରିଥିଲେ। ଓଜନଦାର ସାଟେଲାଇଟ୍ ଲଞ୍ଚ ପାଇଁ ଇସ୍ରୋ ପୂର୍ବରୁ ଫେଞ୍ଚ୍ ଗୁଆନାର କୋଉରୋଇ ଲଞ୍ଚ ବେସ୍ ଏବଂ ଫ୍ରାନ୍ସ କମ୍ପାନୀର ଆରିଆନ୍ ରକେଟକୁ ବ୍ୟବହାର କରୁଥିଲା। ୨୦୧୮ରେ ଇସ୍ରୋ ଏହାର ସବୁଠୁ ଓଜନଦାର ସାଟେଲାଇଟ୍ ଜିସାଟ୍-୧୧କୁ ଫ୍ରେଞ୍ଚ ଗୁଆନାରୁ ଆରିଆନ୍-୫ ଭିଏ-୨୪୬ ସହାୟତାରେ ମହାକାଶକୁ ଛାଡ଼ିଥିଲା, ଯାହାର ଓଜନ ୫,୮୫୪ କେଜି ଥିଲା। ସିଏମ୍‌ଏସ୍-୦୩ ସାଟେଲାଇଟ୍‌କୁ ଲଞ୍ଚ କରିବାରେ ବ୍ୟବହୃତ ଏଲ୍‌ଭିଏମ୍‌୩-ଏମ୍‌୫ ହେଉଛି ୩ ପର୍ଯ୍ୟାୟ ଲଞ୍ଚ ଭେହିକିଲ୍। ଏଥିରେ ୨ଟି ସଲିଡ୍ ମୋଟର ଷ୍ଟ୍ରାପ୍-ଅନ୍(ଏସ୍୨୦୦) ଏବଂ ଗୋଟିଏ ଲିକ୍ୟୁଇଡ୍ ପ୍ରୋପେଲାଣ୍ଟ କୋର ଷ୍ଟେଜ୍(ଏଲ୍୧୧୦) ଏବଂ ଗୋଟିଏ କ୍ରିଓଜେନିକ୍ ଷ୍ଟେଜ୍ (ସି୨୫) ରହିଛି, ଯାହା ଇସ୍ରୋକୁ ଓଜନଦାର କମ୍ୟୁନିକେଶନ ସାଟେଲାଇଟ୍ ଲଞ୍ଚ କରାଇବାରେ ଆତ୍ମନିର୍ଭରଶୀଳ କରିପାରିଛି।

# ରାଶନ କାର୍ଡ ଇ-କେୱାଇସି ଅବଧି ଡିସେମ୍ବର ୩୧କୁ ବୃଦ୍ଧି

**ଭୁବନେଶ୍ୱର, ୨।୧୧ (ରବିନାରାୟଣ ଜେନା)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପି.ଡି.ଏସ୍. ହିତାଧିକାରୀଙ୍କ ପାଇଁ ସରକାର ରାଶନକାର୍ଡର ଇ-କେୱାଇସି ଅବଧିକୁ ଡିସେମ୍ବର ୩୧ ଯାଏ ବୃଦ୍ଧି କରିଛନ୍ତି। ରବିବାର ଏ ସଂକ୍ରାନ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ ଗୋଟି ବ୍ଲକ ଓ ୬୪ ଗୋଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଏହା ଜାରି ରହିଛି। ବିଭାଗ ପକ୍ଷରୁ କୁହାଯାଇଛି, ଅଦ୍ୟାବଧି ଇ-କେୱାଇସି କରାଇପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପି.ଡି.ଏସ୍. ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନ ଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଏହି ଇ-କେୱାଇସି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲୁରହିବ। ତେଣୁ ଏପର୍ଯ୍ୟନ୍ତ କୌଣସି କାରଣରୁ ଇ-କେୱାଇସି କରି ନ ଥିବା ହିତାଧିକାରୀମାନେ ଏହି ଅବଧି ମଧ୍ୟରେ ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାଶନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାର ଯୁକ୍ତ ଇ-କେୱାଇସି କରାଇବା ଆବଶ୍ୟକ; ଯାହାଫଳରେ କି ସେମାନେ ସରକାରୀ ସୁବିଧା ନିୟମିତ ଭାବେ ପାଇପାରିବେ।

# ପାଉଁରୁଟି ଖାଇଦେବାରୁ ଷଣ୍ଢକୁ ମାରିଦେଲେ

**ଅଭିଯୁକ୍ତ ଗିରଫ, ଉତ୍ତେଜନା**

**ସମ୍ବଲପୁର, ୨।୧୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲ୍ଲା ହୀରାକୁଦ ସହରରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଷଣ୍ଢ ପାଉଁରୁଟି ଖାଇଦେବାରୁ ତାକୁ ଛୁରିରେ ଭୁସି ମାରି ଦେଇଛନ୍ତି ଶିବରାମ ମହାନ୍ତି(୫୧) ନାମକ ଜଣେ ଦୋକାନୀ। ଶିବରାମଙ୍କୁ ହୀରାକୁଦ ପୋଲିସ ଗିରଫ କରିବା ସହ ତାଙ୍କଠାରୁ ଛୁରି ଜବତ କରିଛି। ପୋଲିସ ପ୍ରାଣୀ ପ୍ରତି ନିଷ୍ଠୁରତା ନିବାରଣ ଆଇନ ୧୯୬୦ର ୧୧(କ) ଧାରା ଅନୁସାରେ ଏକ ମାମଲା(ନଂ .୩୨୫/୨୫) ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ଅପରାହ୍ନ ପ୍ରାୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସମସ୍ତେ ଜଳଦିରେ



ବିହାରକୁ ନିର୍ବାଚନ ପ୍ରଚାରରେ ଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ବେଗୁସରାଇରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ସହ ପୁଷ୍କରିଣୀରେ ମାଛ ଧରିବା ପାଇଁ ଉଦ୍ୟମ କରୁଛନ୍ତି। ତାଙ୍କ ସହ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବିକାଶଶୀଳ ଇନ୍‌ସାଫ ପାର୍ଟି ନେତା ମୁକେଶ ସାହନି ଅଛନ୍ତି।

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର: ୧୫ ମୃତ

ଯୋଧପୁର,୨।୧୧



ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଭାରତ ମାଲା ଏକ୍ସପ୍ରେସ୍‌ୱେରେ ରବିବାର ରାତିରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଟ୍ରାଭେଲର ଧକ୍କା ଦେବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଆହତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ କୋଲାୟାତ୍ ମନ୍ଦିର ଦର୍ଶନ କରିବା ପରେ ଟେମ୍ପୋ ଟ୍ରାଭେଲରରେ ଯୋଧପୁର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ମୃତକଙ୍କ ଘର ଯୋଧପୁରର ଫାଲୋଡ଼ି ଅଞ୍ଚଳରେ ବୋଲି ସ୍ଥାନୀୟ ଏସ୍‌ପି କହିଛନ୍ତି। ଆହତଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରୁ ଗ୍ରୀନ୍ କରିଡର ଜରିଆରେ ଯୋଧପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ କହିବା ଅନୁଯାୟୀ, ଦ୍ରୁତ ବେଗରେ ଆସୁଥିବା ଟେମ୍ପୋ ଟ୍ରାଭେଲରଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍‌କୁ ଧକ୍କା ଦେବା ଫଳରେ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଛି।

# ଆଜି ବୁଲା କୁକୁର ମାମଲାର ଶୁଣାଣି

## ହାଜର ହେବେ ରାଜ୍ୟ ମୁଖ୍ୟ ସଚିବ

ନୂଆଦିଲ୍ଲୀ,୨।୧୧(ପି.ଟି.)

ବୁଲା କୁକୁର ସମ୍ପର୍କିତ ମାମଲାର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ହେବାକୁ ଯାଉଥିବାବେଳେ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ଅଗଷ୍ଟ ୨୨ରେ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶନାମା କାହିଁକି ଅନୁପାଳନ ହୋଇନାହିଁ, ତା'ର ସ୍ପଷ୍ଟୀକରଣ ଦେବାକୁ ଗତ ୨୭ ତାରିଖରେ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଟ୍ୟୁଶନ ଯାଉଥିବା ନାବାଳିକାଙ୍କୁ ଗଣବଳାତ୍କାର

କୋଲକାତା,୨।୧୧

କୋଲକାତାର ଦମ୍‌ଦମ୍ ଅଞ୍ଚଳରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୪ ବର୍ଷୀୟ ଛାତ୍ରୀ ଶନିବାର ସନ୍ଧ୍ୟାରେ ଟ୍ୟୁଶନ ପଢ଼ିବାକୁ ଯାଉଥିବାବେଳେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଜଣାଶୁଣା। ସେମାନେ କିଛି ସମୟ ପାର୍କରେ ରହିଥିବାବେଳେ ଅନ୍ୟ ୨ ଜଣ ସେମାନଙ୍କ ସହ ଯୋଗ ଦେଇଥିଲେ। ୩ ଅଭିଯୁକ୍ତ ଛାତ୍ରୀ ଜଣଙ୍କୁ ବଳପୂର୍ବକ ଏକ ଇ-ରିକ୍ସାରେ ମୋତିଲାଲ କଲୋନିସ୍ଥିତ ଏକ ଘରକୁ ନେଇଯାଇ ନିର୍ଯାତନା ଦେବା ସହ ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିବା ପୋଲିସ କହିଛି। ଛାତ୍ରୀ ଜଣକ କୌଣସି ପ୍ରକାରେ ସେଠାରୁ ଖସିଆସି ରାତିରେ ଘରେ ପହଞ୍ଚି ସବୁକଥା ଜଣାଇବା ପରେ ଦମ୍‌ଦମ୍ ଥାନାରେ ଅଭିଯୋଗ ଦାଏର ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ପୋକ୍‌ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# କଂଗ୍ରେସଠାରୁ ମୁଖ୍ୟମନ୍ତ୍ରୀ ଟିକେଟ ଛଡ଼ାଇନେଇଛି ଆର୍‌ଜେଡି

## ବିରୋଧୀଙ୍କୁ ମୋଦିଙ୍କ ଟାର୍ଗେଟ

ପାଟନା/ ଆରାହ/ ମୁଜାଫରନଗର,୨।୧୧(ପି.ଟି.)

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କୁ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ଚେହେରା କରାଇବାକୁ କଂଗ୍ରେସ ଚାହୁଁ ନ ଥିଲା। କିନ୍ତୁ ଆର୍‌ଜେଡି ବନ୍ଧୁକମୁନରେ ମୁଖ୍ୟମନ୍ତ୍ରୀ ଟିକେଟ କଂଗ୍ରେସଠାରୁ ଛଡ଼ାଇନେଲା ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ରବିବାର ଧୂଆଁଧାର ପ୍ରଚାର କରିଛନ୍ତି। ଭୋଜପୁର ଜିଲା ମୁଖ୍ୟାଳୟ ଆରାହଠାରେ ଏକ ପ୍ରଚାର ସଭାକୁ ସମ୍ବୋଧିତ କରି ମୋଦି ବିରୋଧୀ ମହାମେଣ୍ଟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଚାହୁଁ ନ ଥିଲା। କିନ୍ତୁ ଆର୍‌ଜେଡି ଜୋର୍‌ଜବରଦସ୍ତ ଏପରି କରାଇବାରେ ସକ୍ଷମ ହୋଇଛି। ସେମାନେ 'ଜଙ୍ଗଲରାଜ' ସ୍କୁଲରୁ ଶିକ୍ଷାଲାଭ କରିଛନ୍ତି। ଏପରି ତତ୍ତ୍ୱ କେବେହେଲେ ବିହାରର ମଙ୍ଗଳ କରିବ ନାହିଁ। ଯୁବରାଜ (ରାହୁଲ)ଙ୍କ ଭୋଟର ଅଧିକାର ଯାତ୍ରା ରାଜକୁମାର (ତେଜସ୍ୱୀ)ଙ୍କ ଜଙ୍ଗଲରାଜକୁ ବିଚଳିତ କରିଦେଇଛି। ଏହି କାରଣରୁ ରାଜ୍ୟ କଂଗ୍ରେସ ସଭାପତିଙ୍କ ବିରୋଧରେ ଆର୍‌ଜେଡି ପ୍ରାର୍ଥୀ ଦେଇଛି। ନିର୍ବାଚନ ଶେଷରେ ଦୁଇ ସହଯୋଗୀ ପରସ୍ପରର ମୁଣ୍ଡ ଫଟାଇବେ ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିବା ସହ ବିହାରରେ ପୁଣିଥରେ ଏନ୍‌ଡିଏକୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମୁଜାଫରନଗରରେ ପ୍ରଚାର ବେଳେ କହିଛନ୍ତି, ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ସେମାନେ ୩ଟି ନୂଆ ବିଭାଗ ଖୋଲିବେ। ସେଗୁଡ଼ିକ ହେଲା ହତ୍ୟା, ଅପହରଣ ଓ ରାହାଜାନି। ତେଣୁ ଇଣ୍ଡିଆକୁ କ୍ଷମତାରୁ ଦୂରେଇ ରଖି ଏନ୍‌ଡିଏକୁ ଜିତାଇବାକୁ ଶାହା ଲୋକଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ବିହାରରେ ବିସ୍ଥାପନ, ପ୍ରଶ୍ନପତ୍ର ପ୍ରଘଟ, ବେରୋଜଗାର ସମସ୍ୟା ଓ ସଙ୍ଗିନ ଅପରାଧକୁ ନେଇ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବେଗୁସରାଇରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଅମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କେବଳ ଡରୁଛନ୍ତି ତାହା ନୁହେଁ, ବରଂ ବଡ଼ ବ୍ୟବସାୟିକ ସଂସ୍ଥାଗୁଡ଼ିକର ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ। କେବଳ ୫୬ ଇଞ୍ଚ ଛାତି ଦେଖାଇଦେଲେ ଆପଣ ଶକ୍ତିଶାଳୀ ହୋଇଯିବେ ନାହିଁ। ମହାତ୍ମା ଗାନ୍ଧୀଙ୍କୁ ଦେଖନ୍ତୁ, ସେ ପତଳା ଥାଇ ବି ସେତେବେଳର ସୁପରପାୱାର ବ୍ରିଟିଶ୍‌ମାନଙ୍କୁ ଭାରତରୁ ବିଦା କରାଇଥିଲେ ବୋଲି ରାହୁଲ କହିଛନ୍ତି। ରାଲି ପରେ ରାହୁଲ ଏକ ପୋଖରିକୁ ଡଙ୍ଗାରେ ମାଛ ଧରିବାକୁ ଯାଇଥିଲେ।



ବିହାରର ଆରା ସହରରେ ରବିବାର ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ।

# ଦୁଲାରଚନ୍ଦ ହତ୍ୟା ମାମଲା: ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂ ଗିରଫ

ପାଟନା,୨।୧୧(ପି.ଟି./ଏଜେନ୍ସି)



ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବାବେଳେ ରବିବାର ଜନ ସୁରାଜ ପାର୍ଟି ସମର୍ଥକ ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଶନିବାର ବିଳମ୍ବିତ ରାତିରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀ ଅନନ୍ତ ସିଂଙ୍କୁ ପୋଲିସ ଗିରଫ କରିଛି। ପୋଲିସ ପୂର୍ବତନ ବିଧାୟକ ଅନନ୍ତଙ୍କ ସମେତ ତାଙ୍କର ୨ ସହଯୋଗୀ ମଣିକାନ୍ତ ସିଂ ଓ ରଞ୍ଜିତ ରାମଙ୍କୁ ରବିବାର ପାଟନାସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଇବା ପରେ ଅଦାଲତ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବେଉର ଜେଲକୁ ନିଆଯାଇଛି।

ପାଟନାର ମୋକାମାସ୍ଥିତ ତାଲ୍ ଅଞ୍ଚଳରେ ଜନ ସୁରାଜ ପାର୍ଟି ପ୍ରାର୍ଥୀ ପୀୟୁଷ ପ୍ରିୟଦର୍ଶୀଙ୍କ ପ୍ରଚାର ବେଳେ ଗୁରୁବାର ଦୁଲାରଚନ୍ଦଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ପରଠୁ ଅନନ୍ତ ସ୍କାନରରେ ଥିଲେ। ପାଟନାରୁ ୨୦୦ କି.ମି. ଦୂର ବରହସ୍ଥିତ ବାସଭବନରୁ ପୋଲିସ ତାଙ୍କୁ ଗିରଫ କରିଛି। ପୋଲିସ ଧରି ନେଉଥିବା ବେଳର ଭିଡିଓକୁ ଅନନ୍ତ ଫେସ୍‌ବୁକ୍‌ରେ ଶେୟାର କରି ଲେଖିଛନ୍ତି, ସତ୍ୟମେବ ଜୟତେ। ବିହାର ନିର୍ବାଚନ ପୂର୍ବରୁ ଲୋକଙ୍କ ଉପରେ ତାଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ତେଣୁ ମୋକମା ଜନତା ଏବେ ନିର୍ବାଚନ ଲଢ଼ିବେ।

# ହିଂସା ପ୍ରତି ଶୂନ ସହନଶୀଳତା: ସିଇସି

ବିହାର ବିଧାନସଭା ନିର୍ବାଚନ ବେଳେ ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଭୋଟରଙ୍କୁ ଶାନ୍ତିପୂର୍ଣ୍ଣ ଓ ମୁକ୍ତ ଭାବେ ମତଦାନ କରିବାକୁ ସୁଯୋଗ ଦିଆଯିବ। ଏଥିପାଇଁ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି ରବିବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ କମିଶନ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଦୁଲାରଚନ୍ଦ ଯାଦବ ହତ୍ୟା ମାମଲାରେ ପାଟନା ଏସ୍‌ପି (ଗ୍ରାମାଞ୍ଚଳ)ଙ୍କ ବଦଳି ଓ ଅନ୍ୟ ୩ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ।

# ଭାଜପାର ପ୍ରଚାର ଦେଖିବାକୁ ଆସିଲେ ବିଦେଶୀ କୂଟନୀତିଜ୍ଞ

ବିହାର ନିର୍ବାଚନରେ ଭାଜପାର ପ୍ରଚାର ଓ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ ଏକ ବିଦେଶୀ କୂଟନୀତିଜ୍ଞ ଦଳ ରବିବାର ୨ ଦିନିଆ ଗସ୍ତରେ ପାଟନା ଆସିଛନ୍ତି। ଏହି ପ୍ରତିନିଧି ଦଳରେ ଜାପାନ, ବ୍ରିଟେନ୍, ଇଣ୍ଡୋନେସିଆ, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ଭୁଟାନ୍ ଓ ଦକ୍ଷିଣ ଆଫ୍ରିକାର କୂଟନୀତିଜ୍ଞ ରହିଛନ୍ତି। ଏହା ପୂର୍ବରୁ ଗୁଜରାଟ, ହିମାଚଳ ପ୍ରଦେଶ ଓ ରାଜସ୍ଥାନ ବିଧାନସଭା ନିର୍ବାଚନ ବେଳେ ମଧ୍ୟ ଭାଜପାର ନିର୍ବାଚନୀ ପ୍ରଚାର ପରିଚାଳନା ଦେଖିବା ପାଇଁ ଅନୁରୂପ ଟିମ୍ ଆସିଥିଲେ।

# ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯିବ ତାମିଲନାଡୁ

ଚେନ୍ନାଇ,୨।୧୧

## ସର୍ବଦଳୀୟ ବୈଠକରେ ସଂକଳ୍ପ ଗୃହୀତ

ତାମିଲନାଡୁରେ ୨୦୨୬ରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହା ପରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିବେଦନ କରି ରବିବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ସର୍ବଦଳୀୟ ବୈଠକରେ ଏକ ସଂକଳ୍ପନାମା ଗୃହୀତ ହୋଇଛି। ନିର୍ବାଚନୀ ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇସିଆଇ ସଂଶୋଧନ ପ୍ରକ୍ରିୟା ରୋକିବାରେ ବିଫଳ ହେଲେ ତାମିଲନାଡୁ ସରକାର ସୁପ୍ରିମକୋର୍ଟ ଯିବା ନେଇ ବୈଠକରେ ସ୍ଥିର ହୋଇଛି। ଏସ୍‌ଆଇଆର୍‌କୁ ନେଇ ଦେଖାଦେବାକୁ ଥିବା ବିଭିନ୍ନ ବାସ୍ତବ ସମସ୍ୟା ଓ ସନ୍ଦେହ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ କମିଶନ ଦାୟିତ୍ୱପୂର୍ଣ୍ଣ ଏବଂ ନିରପେକ୍ଷ ଭାବେ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ଉଚିତ। କିନ୍ତୁ ଏହା କେନ୍ଦ୍ରରେ କ୍ଷମତାରେ ଥିବା ଦଳ ତରଫରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବିହାର ଏସ୍‌ଆଇଆର୍ ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାବେଳେ ତାମିଲନାଡୁ ସମେତ ଅନ୍ୟ କେତେକ ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଗତ ଅକ୍ଟୋବର ୨୭ରେ ବିଜ୍ଞପ୍ତି ଜାରି କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ତାମିଲନାଡୁ ଜନସାଧାରଣଙ୍କ ଭୋଟ ଅଧିକାର ପ୍ରତି ଆକ୍ରମଣ ବୋଲି ସଂକଳ୍ପନାମାରେ କୁହାଯାଇଛି।

# ବ୍ରିଟେନ୍ ଟ୍ରେନ୍‌ରେ ଛୁରାମାଡ଼: ୧୦ ଗୁରୁତର

## ଆତଙ୍କବାଦ ସହ ସମ୍ପୃକ୍ତିର ସୂଚନା ମିଳିନାହିଁ: ପୋଲିସ

ଲଣ୍ଡନ,୨।୧୧(ପି.ଟି.)



ବ୍ରିଟେନ୍‌ରେ ଏକ ଟ୍ରେନ୍‌ରେ ଶନିବାର ରାତିରେ ଛୁରାମାଡ଼ ଘଟି ୧୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହା ଏକ ବଡ଼ ଆକ୍ରମଣ ହୋଇଥିବାରୁ ଆତଙ୍କବାଦ ନିରୋଧୀ ପୋଲିସ ତଦନ୍ତରେ ସାମିଲ ହୋଇଛନ୍ତି। ତେବେ ଆକ୍ରମଣ ସହ ଆତଙ୍କବାଦର ସମ୍ପୃକ୍ତି ନେଇ ଏପର୍ଯ୍ୟନ୍ତ କୌଣସି ସୁରାକ ମିଳି ନ ଥିବା ପୋଲିସ କହିଛି। ସଶସ୍ତ୍ର ପୋଲିସ ପୂର୍ବ ଇଂଲଣ୍ଡର କେମ୍ବ୍ରିଜଶାୟାରସ୍ଥିତ ହୁଣ୍ଟିଙ୍ଗଡନ୍ ଷ୍ଟେଶନରେ ଟ୍ରେନ୍ ଉପରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଏକ ବଡ଼ ଛୁରି ରଖିଥିବା ବ୍ୟକ୍ତିଙ୍କୁ ପୋଲିସ ଗୁଳି କରିଥିବା ବିଶ୍ୱାସ କରାଯାଉଛି। ପିଟରବୋର୍ ଷ୍ଟେଶନ୍‌ରୁ ଛାଡ଼ିଥିବା ଉକ୍ତ ଟ୍ରେନ୍ କେମ୍ବ୍ରିଜଶାୟାରଠାରେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବ୍ରିଟିଶ୍ ଟ୍ରାନ୍ସପୋର୍ଟ ପୋଲିସ କହିଛି।

# ଜେନ୍ ଜି ଅବତାରରେ ଶାହାରୁଖ



## କିଙ୍ଗ୍ ଖାନ୍‌ଙ୍କୁ ୬୦

**ମୁମ୍ବାଇ:** ବଲିଉଡ ବାଦଶାହା ଶାହାରୁଖ ଖାନ୍ ରବିବାର ତାଙ୍କର ୬୦ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'କିଙ୍ଗ୍'ର ଟାଇଟଲ ଉନ୍ମୋଚନ ଭିଡିଓ ଜାରି କରାଯାଇଛି। ଏହି ଭିଡିଓରେ ଏସ୍‌ଆର୍‌କେଙ୍କର ଅତ୍ୟନ୍ତ ଉଗ୍ର ଓ ନିର୍ଦ୍ଦୟ ଅବତାର ଦେଖିବାକୁ ମିଳିଛି, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଛି। ଶାହାରୁଖ ଏଥିରେ ରୁପେଲି କେଶ, ଷ୍ଟାଇଲିସ୍ କାନଫୁଲ ଏବଂ ଜବରଦସ୍ତ ବ୍ୟକ୍ତିତ୍ୱ ସହିତ ଏକ ଭିନ୍ନ ରୂପରେ ନଜର ଆସିଛନ୍ତି। ରେଡ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍‌ଫ୍ଲିକ୍ସ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମ ଏକ ସ୍ଲିକ, ହାଇ-ଅକ୍ଟେନ ଆକ୍ସନ ଏଣ୍ଟରଟେନର୍ ହେବାକୁ ଯାଉଛି। 'ପଠାନ' ପରେ ଶାହାରୁଖ ଏହି ଫିଲ୍ମରେ ପୁଣି ଥରେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ସହ କାମ କରୁଛନ୍ତି।

# ଦିଲ୍ଲୀ ବାୟୁ ପ୍ରଦୂଷଣ ପୁଣି ଉତ୍କଟ

ନୂଆଦିଲ୍ଲୀ,୨।୧୧

## କ୍ଲାଉଡ୍ ସିଡିଂରେ ୩୪ କୋଟି ବ୍ୟୟକୁ ନେଇ ଦିଲ୍ଲୀ ସରକାର ସମାଲୋଚିତ

ଦିଲ୍ଲୀ ବାୟୁ ଗୁଣବତ୍ତା ରବିବାର ପୁଣିଥରେ ଅତ୍ୟନ୍ତ ନିକୃଷ୍ଟ ସ୍ତରକୁ ଖସିଯାଇଛି। କୁହୁଡ଼ି ସାଙ୍ଗକୁ ପବନର ବେଗ କମ୍ ଥିବାରୁ ପ୍ରଦୂଷଣ ସୃଷ୍ଟିକାରୀ କଣିକାଗୁଡ଼ିକ ବିସ୍ତାରିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) କହିଛି। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳର ଅନେକ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ନିକୃଷ୍ଟ ସ୍ତର ଅତିକ୍ରମ କରି ୪୦୦ ନିକଟବର୍ତ୍ତୀ ହୋଇଛି। ସିପିସିବି ଦ୍ୱାରା ବିକଶିତ ସମୀର ଆପ୍ ଅନୁଯାୟୀ ରବିବାର ସକାଳ ୭ଟାରେ ଏକ୍ୟୁଆଇ ୩୭୭ରେ ପହଞ୍ଚିଥିଲା। ଶନିବାର ଏକ୍ୟୁଆଇ ୨୩୩ ଥିବାବେଳେ ଶୁକ୍ରବାର ୨୧୮ ରହିଥିଲା। ଉତ୍ତର ଦିଲ୍ଲୀର ୱାଜିରପୁର ଏବଂ ଦକ୍ଷିଣ ଦିଲ୍ଲୀର ଆର୍‌କେ ପୁରମ୍‌ରେ ଏକ୍ୟୁଆର୍ ଯଥାକ୍ରମେ ୪୩୨ ଏବଂ ୪୨୫ରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ବଢ଼ିଥିବାରୁ ଦୃଶ୍ୟମାନତା ହ୍ରାସ ପାଇଛି।

ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ କୃତ୍ରିମ ବର୍ଷା କରାଇବା ପାଇଁ ଦିଲ୍ଲୀ ସରକାର ନିକଟରେ ୩ଥର କ୍ଲାଉଡ୍ ସିଡିଂ କରିଥିଲେ। ତେବେ ଏହାର କୌଣସି ଫଳ ମିଳିଲା ନାହିଁ। କ୍ଲାଉଡ୍ ସିଡିଂରେ ବର୍ଷା ସମ୍ଭାବନା ନ ଥିବା ଅଭିଜ୍ଞତାସମ୍ପନ୍ନ ବିଶେଷଜ୍ଞମାନେ ପୂର୍ବରୁ ସତର୍କ କରାଇବା ସତ୍ତ୍ୱେ ଦିଲ୍ଲୀ ସରକାର କ'ଣ ପାଇଁ କରଦାତାଙ୍କ ୩୪ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାରଙ୍କ କ୍ଲାଉଡ ସିଡିଂ ପରୀକ୍ଷାକୁ କଂଗ୍ରେସ ରବିବାର କଡ଼ା ସମାଲୋଚନା କରିଛି। ଏହା ଅଳ୍ପ ସମୟ ପାଇଁ ବାୟୁ ମାନରେ ସାମାନ୍ୟ ଉନ୍ନତି ଆଣିଥିବାବେଳେ କଂଗ୍ରେସ ଏହାକୁ ନିଷ୍ଠୁର ପରିହାସ ବୋଲି କହିଛି। ବୈଜ୍ଞାନିକମାନଙ୍କ ସ୍ପଷ୍ଟ ବିରୋଧ ସତ୍ତ୍ୱେ ଶୀତ ଦିନରେ କ୍ଲାଉଡ୍ ସିଡିଂ କରି ଭାଜପା ସରକାର କାହିଁକି ୩୪ କୋଟି ଟଙ୍କା ବରବାଦ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। କ୍ଲାଉଡ୍ ସିଡିଂ ଚିନ୍ତାଧାରାକୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ(ସିଏକ୍ୟୁଏମ୍), କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଭାରତୀୟ ପାଣିପାଗ ବିଭାଗ ବିରୋଧ କରିଥିବା ୨୦୨୪ ଡିସେମ୍ବରରେ ରାଜ୍ୟ ସଭାରେ ସରକାରଙ୍କ ପକ୍ଷରୁ ଉତ୍ତର ରଖାଯାଇଥିଲା ବୋଲି କଂଗ୍ରେସ ନେତା ଦର୍ଶାଇଛନ୍ତି। ଏପରିକି ଶୀତଦିନିଆ କ୍ଲାଉଡ୍ ସିଡିଂ ରାଜଧାନୀର ଦୂଷିତ ବାୟୁ ଉପରେ ନଗଣ୍ୟ କିମ୍ବା ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ଗତ ୩୧ ତାରିଖରେ ଆଇଆଇଟି ଦିଲ୍ଲୀର ସେଣ୍ଟର ଫର୍ ଆଟମୋସ୍ପିୟରିକ୍ ସାଇନ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା।

# କେଉଁଠି କେତେ ଟଙ୍କା ରଖିଛ ଜଣାଅ

## ସବୁ ବିଭାଗଠାରୁ ତଥ୍ୟ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

କେଉଁ ବ୍ୟାଙ୍କରେ କେତେ ଟଙ୍କା ରହିଛି ତା'ର ଚିକିନିଖି ହିସାବ ଲୋଡ଼ିଛନ୍ତି ରାଜ୍ୟ ସରକାର। ପବ୍ଲିକ ଆକାଉଣ୍ଟ କମିଟି(ପିଏସି) ଏବଂ ବିଧାନସଭା ପ୍ରଶ୍ନକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ବିଭାଗର ସଚିବଙ୍କୁ ଅକ୍ଟୋବର ୨୨ରେ ପତ୍ର ଲେଖି ଅବଗତ କରାଇଛନ୍ତି।

ଅର୍ଥ ବିଭାଗ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି, କେଉଁ ବ୍ୟାଙ୍କରେ କେଉଁସବୁ ଆକାଉଣ୍ଟରେ କେତେ ଟଙ୍କା ରହିଛି ତାହା ପବ୍ଲିକ ଆକାଉଣ୍ଟ କମିଟି(ପିଏସି) ଜାଣିବାକୁ ଚାହିଁଛି। ଏହାସହିତ ବିଧାନସଭାର ପ୍ରଶ୍ନ ଏବଂ ଆର୍ଥିକ ସୁପରିଚାଳନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ସେପ୍ଟେମ୍ବର ୩୦ ସୁଦ୍ଧା ବିଭାଗ ଅଧୀନରେ ଥିବା ସମସ୍ତ ବ୍ୟାଙ୍କ ଖାତାରେ କେତେ ଟଙ୍କା କିପରି ରହିଛି ତା'ର ତଥ୍ୟ ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବାକୁ ପଡ଼ିବ। ସେ ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ବଜେଟ ପ୍ରକ୍ରିୟାରେ କେତେ ଟଙ୍କା ରାଜକୋଷରେ ଅଛି ଏବଂ ବାହାରେ ରହିଛି ତାହା ଜାଣିବାର ଆବଶ୍ୟକତା ରହିଛି, ଯଦ୍ୱାରା କି ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତୁତ ହୋଇପାରିବ। ତେଣୁ ବଜେଟରେ ପ୍ରସ୍ତୁତ ହୋଇଥିବା ସମସ୍ତ ଅର୍ଥର ହିସାବ ସରକାରଙ୍କୁ ଦେବାକୁ ହେବ।

ସେ କହିଛନ୍ତି, ସରକାରଙ୍କ ଅର୍ଥ କେଉଁ ବିଭାଗ, କେଉଁ ପିଏସ୍‌ୟୁ, ସୋସାଇଟି, ବିଶ୍ୱବିଦ୍ୟାଳୟ, ପୌରାଞ୍ଚଳ, ପିଆର୍‌ଆଇ, ନିର୍ଦ୍ଦେଶାଳୟ କିମ୍ବା କମିଶନର ତଥା ସଚିବସ୍ତରରେ ରହିଛି ତାହାର ଚିକିନିଖି ହିସାବ ଦେବାକୁ ପଡ଼ିବ। ଯେପରି କି କେଉଁ ବିଭାଗର ଯୋଜନା ଅର୍ଥ କେଉଁ ଜିଲାରେ ପଡ଼ିଛି, ଏହାର ବ୍ୟାଙ୍କ ଖାତା ନମ୍ବର ସହିତ ଏହା ସଞ୍ଚୟ ଖାତାରେ ଅଛି ନା ଚଳନ୍ତି ଖାତାରେ ଅଛି କିମ୍ବା ସ୍ଥାୟୀ ଜମା ଆକାରରେ ରହିଛି ତାହା ଜଣାଇବାକୁ ହେବ। ସେପ୍ଟେମ୍ବର ୩୦ ସୁଦ୍ଧା କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ବଳକା ରହିଛି ତା'ର ଆଇଏଫ୍‌ସି କୋଡ୍ ସହିତ ତୁରନ୍ତ ଦେବାକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ଏବେ କେତେକ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଅସାଧୁ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନଭେମ୍ବର ପହିଲାରୁ 'ଜଷ୍ଟ ଇନ୍ ଟାଇମ୍' ନୀତି ପ୍ରଚଳନ ହୋଇଥିବାବେଳେ ସରକାର ଏହି ତଥ୍ୟ ଲୋଡ଼ିଛନ୍ତି। ଫଳରେ ଦୀର୍ଘଦିନ ଧରି ଯେଉଁ ଅସାଧୁ ଅଧିକାରୀ ସରକାରୀ ଅର୍ଥକୁ ନେଇ ଖେଳ ଖେଳୁଥିଲେ ତାହା ଏବେ ସର୍ବସମ୍ମୁଖକୁ ଆସିବାକୁ ଯାଉଛି।

ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ପଞ୍ଚାୟତିରାଜ, ବାଣିଜ୍ୟ ଓ ପରିବହନ, ପୂର୍ତ୍ତ, ଜଳସମ୍ପଦ ଭଳି କେତେକ ବିଭାଗରେ ହଜାର ହଜାର କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଠୁଳ ରହିଛି। ଏଥିଯୋଗୁ ସରକାରଙ୍କୁ ମଧ ସୁଧ ଗଣିବାକୁ ପଡୁଛି।

# ୧୨୦ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପେକ୍ଷା କରିଛି ନାଲ୍‌କୋ

ଅନୁଗୋଳ,୨।୧୧(ମାନସ ବିଶ୍ୱାଳ)

କାରଖାନା ପାଇଁ ଜମି ହରାଇଥିବା କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରୁ ୧୨୦ ଜଣଙ୍କୁ ଅନୁଗୋଳ ସହର ଉପକଣ୍ଠରେ ଥିବା ନାଲ୍‌କୋ ଉପେକ୍ଷା କରିଥିବା ଅଭିଯୋଗ ହୋଇଛି। ନାଲ୍‌କୋ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଏହି ଉପେକ୍ଷିତ କ୍ଷତିଗ୍ରସ୍ତ ପ୍ରଜାଙ୍କ କୌଣସି ଅଭିଯୋଗକୁ ସମାଧାନ ନ କରିବାରୁ ସେମାନେ ବାଧହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ସମାଲୋଚନା କରାଯାଇଛି।

ସମ୍ପୃକ୍ତ ଉପେକ୍ଷିତ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ଅନୁଯାୟୀ, ୧୯୮୧ ମସିହାରେ ଅବିଭକ୍ତ ଢେଙ୍କାନାଳ ଜିଲାରେ କାରଖାନା ସ୍ଥାପନ ପାଇଁ ନାଲ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇଥିଲା। ତାଳଚେର, ଛେଣ୍ଡିପଦା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ୩୯ ଗାଁ ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳ ଭିତରେ ଆସିଥିଲା। ୧୯୮୪ ମସିହାରେ ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଇଁ ନାଲ୍‌କୋ ପକ୍ଷରୁ ଏକ ନୀତି କରାଯାଇଥିଲା। ଏଥିସହ ଜମିହରାଙ୍କୁ ସର୍ବସ୍ୱ ଜମିହରା ପ୍ରଜା ଓ ଏକ ତୃତୀୟାଂଶ ଜମିହରା ପ୍ରଜା ଭଳି ୨ଟି ବର୍ଗରେ ବିଭକ୍ତ କରାଯାଇଥିଲା। ୧୯୯୨ ମସିହାର ନାଲ୍‌କୋ ରିପୋର୍ଟ ଅନୁସାରେ କାରଖାନା ପାଇଁ ୨,୬୨୬ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଉଦ୍ଦେଶ୍ୟମୂଳକ ଭାବେ କ୍ଷତିଗ୍ରସ୍ତ ଜମିହରା ପ୍ରଜାଙ୍କୁ ହଇରାଣ ହରକତ କରିବା ପାଇଁ ୨୦୦୬-୦୭ ମସିହାରେ ଏକ ନୂତନ ପଲିସି କମ୍ପାନୀ ପକ୍ଷରୁ ଅଣାଯାଇଥିଲା, ଯାହାକି ସ୍ୱଳ୍ପ ଜମିହରା ପ୍ରଜା (ଏଲ୍‌ଏପି)



କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ କରାଯାଇଥିବା ଆନ୍ଦୋଳନ। (ଫାଇଲ ଫଟୋ)

### ଅଭିଯୋଗ ନ ଶୁଣିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆନ୍ଦୋଳନକାରୀ

ବୋଲି ଚିହ୍ନଟ ହୋଇଥିଲା। ସେ ସମୟରେ କମ୍ପାନୀର ଉଚ୍ଚସ୍ତରୀୟ ବୈଠକ, ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକର ନିଷ୍ପତ୍ତି ଅନୁସାରେ ୧୯୮୮ରୁ ୨୦୦୫ ପର୍ଯ୍ୟନ୍ତ ୨ଟି ବ୍ୟାଚ୍‌ରେ ପାଖାପାଖି ୨୯୭ ଜଣ ଜମିହରା ପ୍ରଜାଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ କୁଶଳୀ ଶ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ସେହିପରି ୨୦୦୬ରୁ ୨୦୦୮ ଏବଂ ୨୦୦୮ ରୁ ୨୦୧୦ ମଧ୍ୟରେ ୨୦୦ ଜମିହରାଙ୍କୁ ତାଲିମ ଦିଆଯାଇ କୁଶଳୀ ଶ୍ରମିକ ଭାବେ ପ୍ରସ୍ତୁତ କରାଯାଇଥିଲା। ଉଚ୍ଚସ୍ତରୀୟ ବୈଠକ ଏବଂ ଆର୍‌ପିଡିଏସି ବୈଠକର ନିଷ୍ପତ୍ତି ଅନୁଯାୟୀ ୧୫୬ ଜଣଙ୍କୁ ବିଭିନ୍ନ ବିଭାଗରେ ସ୍ଥାୟୀ ନିଯୁକ୍ତି ନ ଦେଇ ଚୁକ୍ତିଭିତ୍ତିକ ଅଣକୁଶଳୀ ଠିକା ଶ୍ରମିକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏଥିସହ ଚୁକ୍ତି ଅନୁଯାୟୀ ସାଧାରଣ ନିଯୁକ୍ତି ବାହାରିଲେ ଅଗ୍ରାଧିକାର ସହ ବୟସ କୋହଳ, ବିନା ତାଲିମ ସାର୍ଟିଫିକେଟ ଓ ଅନ୍ୟ ସୁବିଧା ସହ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ସେମାନଙ୍କ ଠିକା ନିଯୁକ୍ତି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ସେହିପରି ବର୍ତ୍ତମାନ ସ୍ଥିତିରେ ନାଲ୍‌କୋରେ ସାଧାରଣ ନିଯୁକ୍ତି ବାହାରିବା ପରେ ମାତ୍ର ୩୬ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ଥିବାବେଳେ ୧୨୦ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପେକ୍ଷା କରାଯାଇଛି। ଏହି ପ୍ରଜାମାନେ ଏ ନେଇ ଅନୁଗୋଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବାଧହୋଇ ସେମାନେ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ସହ ଜିଲାପାଳଙ୍କ ଅଫିସ ସମ୍ମୁଖରେ ୨୮୫ ଦିନ ଧରି ପରିବାର ଲୋକଙ୍କ ସହ ଅହୋରାତ୍ର ଧାରଣା ଦେଇଥିଲେ। ହେଲେ ଜିଲା ପ୍ରଶାସନ କିମ୍ବା ନାଲ୍‌କୋ କର୍ତ୍ତୃପକ୍ଷ ସେମାନଙ୍କ କୌଣସି ଦାବିକୁ ଗ୍ରହଣ କରିନାହାନ୍ତି। ଅପରପକ୍ଷରେ ଅନୁଗୋଳ ପୌରପାଳିକା ପକ୍ଷରୁ ଅକ୍ଟୋବର ୨୪ରେ ଆନ୍ଦୋଳନସ୍ଥଳୀକୁ ପୋଲିସ ଲଗାଇ ଭାଙ୍ଗି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ସେହିପରି ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳର ୧୦୦ କ୍ଷତିଗ୍ରସ୍ତ ଯୁବତୀଯୁବକଙ୍କୁ କୁଶଳୀ ଶ୍ରମିକ ଭାବେ ନିଯୁକ୍ତି ଦେବା ପାଇଁ ନାଲ୍‌କୋ ଦାୟିତ୍ୱ ନେଇଥିବା ବେଳେ ୨୦୧୦ଠାରୁ ଆଜିପର୍ଯ୍ୟନ୍ତ କୌଣସି ଦକ୍ଷତା ବିକାଶ ତାଲିମ ପ୍ରଦାନ କରିନାହିଁ। ୧୯୮୪ ମସିହା ପଲିସି ଅନୁଯାୟୀ ଗୋଟିଏ ଜମିହରା ପରିବାରରୁ ଜଣକୁ ସ୍ଥାୟୀ ନିଯୁକ୍ତି ଦେବାର ନିୟମ କରାଯାଇଥିବା ବେଳେ ଏହାକୁ ଠିକ୍ ଭାବରେ ପାଳନ ନ କରି ସ୍ୱଳ୍ପ ଜମିହରା ପ୍ରଜା ପଲିସିର ଅନ୍ତର୍ଭୁକ୍ତ ମାତ୍ର ୨ରୁ ୩ ଡିସିମିଲ ଜମି ଯାଇଥିବା ପ୍ରଜାଙ୍କ ପରିବାରରୁ ବେଆଇନ ଭାବରେ ୩/୪ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ।

ଏ ସମ୍ପର୍କରେ କ୍ଷତିଗ୍ରସ୍ତ ପ୍ରଜା ଯୋଗେଶ ସାମଲ କହିଛନ୍ତି, ୨୦୦୬ ରୁ ୨୦୦୮ ମସିହା ମଧ୍ୟରେ ନାଲ୍‌କୋ ପକ୍ଷରୁ ଦକ୍ଷତା ବିକାଶ ତାଲିମ ଦିଆଯାଇଥିଲା। ୨୦୧୩ ମସିହାରେ ସ୍ଥାୟୀ ନିଯୁକ୍ତି ନ ଦେଇ ସର୍ତ୍ତମୂଳକ ଅଣକୁଶଳୀ ଠିକା ଶ୍ରମିକ ଭାବରେ ନିଯୁକ୍ତି ଦିଆଗଲା। ସ୍ଥାୟୀ ସାଧାରଣ ନିଯୁକ୍ତି ବାହାରିଲେ ଅଗ୍ରାଧିକାର ସହ ବୟସ କୋହଳ, ବିନା ତାଲିମ ସାର୍ଟିଫିକେଟ ଓ ଅନ୍ୟ ସୁବିଧା ସହ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଆମମାନଙ୍କୁ ଉପେକ୍ଷା କରି ନୂଆ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି। ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛୁ। ଅନୁରୂପ ଭାବେ ନାଲ୍‌କୋ ସ୍ୱୋନ୍‌ସଡ୍ ଏଲ୍‌ଏପି ଆଇଟିଆଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ତାଳଚେର ଅନୁଗୋଳ ସମ୍ପାଦକ ଶଶାଙ୍କ ଶେଖର ସାମଲ କହିଛନ୍ତି, ୧୯୮୪ ମସିହା ପଲିସି ଅନୁସାରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦିଆଯାଉ। ୧୨୦ ଜଣ କ୍ଷତିଗ୍ରସ୍ତ ପ୍ରଜା ନାଲ୍‌କୋର ବେଆଇନ କାର୍ଯ୍ୟକଳାପ ଉପରେ ଗତ ଜାନୁଆରୀରୁ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ସେହିପରି ସଂଘ ସଭାପତି ଦିବ୍ୟରଞ୍ଜନ ଦାସ, ବରିଷ୍ଠ ସଦସ୍ୟ ଅମନ ବିଶ୍ୱାଳ, ରଣଜିତ ପ୍ରଧାନ, ନିରଞ୍ଜନ ସାହୁ ପ୍ରମୁଖ କହିଛନ୍ତି, ଆବଶ୍ୟକ ପଡ଼ିଲେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ।

ଅପରପକ୍ଷରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ସମ୍ପର୍କରେ ନାଲ୍‌କୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆନ୍ଦୋଳନକାରୀଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି ମିଳିଛି। କିନ୍ତୁ ସେମାନେ ଅଧିକ ଆଶାକରି ଆନ୍ଦୋଳନ କରୁଛନ୍ତି।

# ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରୁଛି 'ସୁଭଦ୍ରା ଶକ୍ତି ମେଳା'

ଭୁବନେଶ୍ୱର,୨।୧୧(ସୁଚିସ୍ମିତା ସାହୁ)

ଆରମ୍ଭ ହୋଇଛି 'ସୁଭଦ୍ରା ଶକ୍ତି ମେଳା'। ଶୀତୁଆ ସନ୍ଧ୍ୟାରେ ମେଳା ବୁଲିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢୁଛି। ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ 'ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସଂସ୍କରଣ' ଆରମ୍ଭ କରିଛନ୍ତି। ଶନିବାର ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ତେବେ ରବିବାର ଦ୍ୱିତୀୟ ଦିନରେ ମେଳାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା, ଯାହା ଏଠାରେ ଅଂଶଗ୍ରହଣ କରିଥିବା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ

### ଲୋକଙ୍କୁ ଆକୃଷ୍ଟ କରୁଛି ଲାଇଭ୍ ଡେମୋ

ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରିଛି।

ଚଳିତ ବର୍ଷ ସୁଭଦ୍ରା ଶକ୍ତିମେଳାକୁ ଜାତୀୟସ୍ତରୀୟ ଭାବେ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶା ସମେତ ପଞ୍ଜାବ, ଝାଡଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ସେମାନେ ପରସ୍ପର ମଧ୍ୟରେ ଜ୍ଞାନ ଓ ଭାବର ଆଦାନପ୍ରଦାନ କରୁଛନ୍ତି। ଏଥିସହ ବିଭିନ୍ନ ରାଜ୍ୟର ସାଂସ୍କୃତିକ ସମ୍ମେଳନ ମଧ୍ୟ ମେଳାରେ ଦେଖିବାକୁ ମିଳୁଛି। ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ, ରାମନାଟ୍ୟ ପରିଷଦ ପୁରୀଙ୍କ ଦ୍ୱାରା କୃଷ୍ଣଲୀଳା ଗୀତିନାଟ୍ୟ ପରିଦର୍ଶକ ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ମନୋରଞ୍ଜନ ଯୋଗାଇଥିଲା। ମେଳାରେ ୩୦୦ ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀ ପରିଚାଳିତ ଷ୍ଟଲ ରହିଥିବା ବେଳେ ସେଥିରୁ ୫୦ଟିରେ କେବଳ ସୁସ୍ୱାଦ୍ୟ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସ୍ୱୟଂ-ସହାୟକ ଗୋଷ୍ଠୀର ମାଆଙ୍କ ହାତ ତିଆରି ଉତ୍କୃଷ୍ଟ ଗୁଣବତ୍ତାର ସାମଗ୍ରୀ, ଶିଶୁ ସାମଗ୍ରୀ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖାଯାଇଛି। ସେହିପରି ମେଳାରେ ସ୍ୱୟଂ-ସହାୟକ ଗୋଷ୍ଠୀ ମା'ମାନଙ୍କ ଦ୍ୱାରା ପ୍ରଦର୍ଶିତ ଲାଖ ଚୂଡ଼ି ପ୍ରସ୍ତୁତି, ଧାନ ହସ୍ତଶିଳ୍ପ, ସବାଇ ଘାସ କଳା ଏବଂ ପଟ୍ଟଚିତ୍ର ଆଦି ପ୍ରଦର୍ଶନ ଅନ୍ୟତମ ଆକର୍ଷଣ ସାଜିଛି। ଷ୍ଟଲଗୁଡିକରେ ଉତ୍ପାଦଗୁଡିକର ପ୍ରସ୍ତୁତ ପ୍ରଣାଳୀର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଏହା ସହିତ ବିଶ୍ୱ ଦକ୍ଷତା କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ବିୟୁଟି ଓ ୱେଲ୍‌ନେସ ଷ୍ଟଲରେ ମହିଳାଙ୍କ ପାଇଁ ନିପୁଣ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ମେକ୍‌ଅପ, ହେୟାର ଷ୍ଟାଇଲ, ନେଲ କେୟାରର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଲାଇଭ୍ ଡେମୋ ଷ୍ଟଲ ଅଞ୍ଚଳରେ ବିଶେଷ କରି ବିୟୁଟି ଓ ୱେଲ୍‌ନେସ ଷ୍ଟଲରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳୁଛି। ବୁଣାକାର ସେବା କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ହସ୍ତତନ୍ତ ଷ୍ଟଲ୍‌ରେ ପାରମ୍ପରିକ ପ୍ରଣାଳୀରେ ବୁଣା କାର୍ଯ୍ୟର ଜୀବନ୍ତ ପ୍ରଦର୍ଶନୀ ରହିଛି। ଲୋକେ ଲାଇଭ୍ ଡେମୋ ଷ୍ଟଲରେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ନିଜ ହାତ ଚାଳନର ସୁବର୍ଣ୍ଣ ସୁଯୋଗକୁ ଉପଭୋଗ କରୁଛନ୍ତି। ପ୍ରଥମ ଦିନରେ ମେଳାରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବାବେଳେ ଦ୍ୱିତୀୟ ଦିନରେ କାରବାର ବଢ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।





ସୁଭଦ୍ରା ଶକ୍ତିମେଳାରେ ଏସ୍‌ଏଚ୍‌ଜି ମହିଳାମାନେ ସେମାନଙ୍କ ଉତ୍ପାଦର ଲାଇଭ୍ ଡେମୋ ପ୍ରଦର୍ଶନ କରୁଛନ୍ତି(ବାମ)। ମେଳାରେ ଖୋଲିଥିବା ବିୟୁଟି ଓ ୱେଲନେସ ଷ୍ଟଲ।



ପୁରୀ ଶ୍ରୀମନ୍ଦିରରେ ପଞ୍ଚକର ପ୍ରଥମଦିନରେ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ : ଯଜ୍ଞେଶ୍ୱର ମହାନ୍ତି)

## କାଠଯୋଡ଼ିରେ ବୁଡ଼ିଯାଇ ୨ ନାବାଳକ ନିଖୋଜ

କଟକ,୨।୧୧(କାର୍ତ୍ତିକ ସାହୁ)

ଖାନ୍‌ନଗର ନିକଟ କାଠଯୋଡ଼ି ନଦୀରେ ୨ଜଣ ନାବାଳକ ବୁଡ଼ି ଯାଇ ନିଖୋଜ ଅଛନ୍ତି। ରବିବାର ସକାଳେ ନାବାଳକଦ୍ୱୟ ନଦୀରେ ଗାଧୋଉଥିବା ବେଳେ ସେମାନଙ୍କ ଗୋଡ଼ ଖସିଯାଇଥିଲା। ନାବାଳକଦ୍ୱୟ ହେଲେ କଟକ ଭଗତପୁର ବଗଲାଲେନ୍‌ର ଓମ୍ ଆୟୁଷ ବାରିକ (୧୨) ଏବଂ ଓମ୍ ପ୍ରକାଶ ମହାରଣା (୧୫)। ଦୁଇ ନାବାଳକ ନଦୀରେ ବୁଡ଼ିଯିବା ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପାୱାର ବୋଟ୍ ସାହାଯ୍ୟରେ ଅଗ୍ନିଶମ ବାହିନୀ ନଦୀରେ ନାବାଳକଦ୍ୱୟଙ୍କୁ ବହୁତ ଖୋଜାଖୋଜି କରିଥିଲା। ନାବାଳକଦ୍ୱୟଙ୍କର ପରିବାରବର୍ଗଙ୍କ କାନ୍ଦବୋବାଳିରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ ଦ୍ୱାରା ଖୋଜାଖୋଜି ଚାଲିଥିଲେ ବି ନାବାଳକଦ୍ୱୟଙ୍କ କୌଣସି ପତ୍ତା ମିଳିନ ଥିବା ଜିଲା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

## ରାଜ୍ୟରେ ଏବେ ଶୁଖିଲା ପାଗ

ଭୁବନେଶ୍ୱର,୨।୧୧(ବନ୍ଦନା ସେଠୀ)

ରାଜ୍ୟକୁ ଏବେ ବର୍ଷା ଭୟ ନାହିଁ। ଗୋଟିଏ କିମ୍ବା ୨ଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ ବାକି ସମସ୍ତ ଜିଲାର ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ରାୟଗଡ଼ା ଓ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଅପରପକ୍ଷେ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ଆରବସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ରହିଛି। ଗାଙ୍ଗେୟ ପଶ୍ଚିମବଙ୍ଗର ଉତ୍ତର ଅଂଶ ଏବଂ ସଂଲଗ୍ନ ଅଞ୍ଚଳ ଉପରେ ଆଉ ଏକ ଲଘୁଚାପ କ୍ଷେତ୍ର ରହିଛି। ଏହା ପ୍ରଭାବରେ ଗୁଜରାଟ, କୋଙ୍କଣ, ଗୋଆ, ମଧ୍ୟ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ସିକିମ୍, ବିହାର ଏବଂ ଉତ୍ତର-ପୂର୍ବ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ରଙ୍ଗଲା ରୁପାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୬ଲକ୍ଷର ସହାୟତା

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ଗଞ୍ଜାମ ଜିଲା ଗୁଡ଼ିଆପଦରର ରଙ୍ଗଲା ରୁପା (ପିତା-ରଙ୍ଗଲା ଦିନେଶ)ଙ୍କର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ଠାରେ ଘଟିଥିବା ଅଘଟଣରେ ପ୍ରାଣହାନିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ତଦନ୍ତ ଠିକ୍ ନ ହେଲେ ହାଇକୋର୍ଟ ଯିବୁ: ବିଜେଡି

ଭୁବନେଶ୍ୱର,୨।୧୧(ରବିନାରାୟଣ ଜେନା)

ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚ ନେପାଳ ସୀମାରୁ ଶନିବାର ଗିରଫ କରିବା ପରେ ରାଜ୍ୟ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗକୁ ନେଇ ବିଜେଡି ମୁଖ୍ୟମନ୍ତ୍ରୀ ତଥା ତାଙ୍କ କାର୍ଯ୍ୟାଳୟକୁ ଟାର୍ଗେଟ କରିବା ସହିତ ତଦନ୍ତ ଠିକ୍ ନ ହେଲେ ହାଇକୋର୍ଟ ଯିବୁ ବୋଲି କହିଛି। ଅନ୍ୟପକ୍ଷରେ ଭାଜପା ତା'ର କଡ଼ା ଜବାବ ରଖିଛି। ଅପରାଧୀ ପାତାଳରେ ଥିଲେ ବି ଖୋଜି ବାହାର କରାଯିବ ବୋଲି ଭାଜପା କହିଛି।

ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଗୃହ ବିଭାଗ ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜ୍ଞାତସାରରେ ହିଁ ଏହି କାମ ଶଙ୍କରଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପାର ଆଗଧାଡ଼ିର ନେତୃତ୍ୱଙ୍କ ସହ ଶଙ୍କରଙ୍କ ଫଟୋ ଓ ଭାଜପାରେ ଯୋଗଦେବା ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ତେଣୁ ଏହି ଘଟଣାରେ ସିଧାସଳଖ ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟର ସମ୍ପୃକ୍ତି ଅଛି ବୋଲି ମହାନ୍ତି କହିଛନ୍ତି।

ସେ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ବଡ଼ମୁଣ୍ଡକୁ ଖସାଇ ଦେବାକୁ ରାଜ୍ୟ ସରକାର ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ସିବିଆଇ ତଦନ୍ତ ଘୋଷଣା କରିଥିଲେ। ହେଲେ ଏଯାବତ୍ ସିବିଆଇ ପକ୍ଷରୁ ତଦନ୍ତ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଶଙ୍କରଙ୍କୁ ଗିରଫ କରିବା ପରେ, ଗଣମାଧ୍ୟମରେ ତାଙ୍କୁ ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିନ୍ତୁ ଆମେ ପ୍ରଶ୍ନ କରିବାକୁ ଚାହୁଁଛୁ, ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିନା ଅନୁମୋଦନରେ ଓପିଆରବି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇକୁ ଦାୟିତ୍ୱ ଦେଇଥିଲା କି ? ଆଇଟିଆଇ କେନ୍ଦ୍ର ସରକାରଙ୍କ ସଂସ୍ଥା ହୋଇଥିଲେ ସୁଦ୍ଧା, ଏହା ସିଲିକନ ଟିଜିଟେକ୍ ଓ ପଞ୍ଚସଫ୍ଟ ଟେକ୍ନୋଲୋଜି ଭଳି ଅନଭିଜ୍ଞ ବେସରକାରୀ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ କାହିଁକି ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଲେନିନ୍ କହିଛନ୍ତି, ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପୋଲିସ ଯଦି ଏହି ଘଟଣାକୁ ଲୋକଲୋଚନକୁ ଆଣି ନ ଥାଆନ୍ତେ, ତେବେ ଶାସକ ଦଳର ଏହି ପ୍ରାୟୋଜିତ ପୋଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ବାବଦରେ ରାଜ୍ୟବାସୀ ଜାଣିପାର ନ ଥା'ନ୍ତେ। ଶଙ୍କର କାହା ପ୍ରୋତ୍ସାହନରେ ଏପରି ଟଙ୍କା ଆଦାୟ କରିବା ପାଇଁ ଦୁଃସାହସ କରିଥିଲେ ତାହା ଲୋକଲୋଚନକୁ ଆସିବା ଦରକାର। ଯଦି ସରକାର ପ୍ରକୃତ ତଦନ୍ତ ନ କରନ୍ତି ତେବେ ବିଜେଡି ହାଇକୋର୍ଟଙ୍କ ଆଶ୍ରୟ ନେବ ବୋଲି ଡ. ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଚୋର୍ ମଚାଏ ସୋର୍। ମୁଖ୍ୟମନ୍ତ୍ରୀ କହିଥିଲେ ପାତାଳରେ ଥିଲେ ବି ଦୋଷୀ ଧରାଯିବ। ନେପାଳ ସୀମାରୁ ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚର ଟିମ୍ ଧରିଛି। ସେ ସଂସ୍ଥାକୁ ବିଜେଡି ସରକାର ସମୟରେ ଅନୁବନ୍ଧିତ କରାଯାଇଥିଲା। ଏନେଇ ଶଙ୍କର ଖୋଦ୍ ବିଜେଡି ସରକାରଙ୍କୁ ବିଜେଡି ଭୟ କରୁଛି, କାଳେ ତା'ର ଲିଙ୍କ୍ ନବୀନ ନିବାସ ଯାଏ ଥିବ ବୋଲି। ହେଲେ ସତ କେବେ ଲୁଚି ରହିବନି। ଯାହା ସତ୍ୟ ନିଶ୍ଚିତ ଭାବେ ଲୋକଲୋଚନକୁ ଆସିବ। ବିଜେଡି ବ୍ୟତିବ୍ୟସ୍ତ ନ ହୋଇ ସମୟକୁ ଅପେକ୍ଷା କରୁ ବୋଲି ସେ କହିଛନ୍ତି।

### ଏସ୍‌ଆଇ ପରୀକ୍ଷା ଦୁର୍ନୀତି ପ୍ରସଙ୍ଗ

### ଚୋର୍ ମଚାଏ ସୋର୍: ଭାଜପା

# ଡ. ଅରୁନ୍ଧତୀ ଦେବୀ ପାଇବେ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ'

ଭୁବନେଶ୍ୱର,୨।୧୧(ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଚଳିତବର୍ଷର 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ' ପାଇବେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଜୀବନବ୍ୟାପୀ ଶିକ୍ଷା, ସମାଜସେବା ଏବଂ ଶୋଭନୀୟ ସମାଜ ଗଠନ ଦିଗରେ ତ୍ୟାଗପୂତ ଅବଦାନ ଲାଗି ଡ. ଅରୁନ୍ଧତୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ଭଦ୍ରକର ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ୍, ମୟୂରଭଞ୍ଜ ଜିଲା ଇଟାମୁଣ୍ଡିଆର ଜଙ୍ଗଲ ଓ ପରିବେଶ ସୁରକ୍ଷା କର୍ମୀ ଗୋପୀନାଥ ସିଂ ଏବଂ ଯାଜପୁର ଜିଲାର ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପୃଷ୍ଟିଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯିବ। ଏହାବାଦ୍ ପୁରୀ ଜିଲା ନିମାପଡା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ସୁମନ୍ତ ମହାରଣା ଓ କ୍ରୀଡା ପ୍ରତିଭା ଭୁବନେଶ୍ୱରର ପୂଜାସ୍ୱିନୀ ନାୟକଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ୮ ତାରିଖରେ ହେବାକୁଥିବା ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମେଡିକାଲ୍ ଏବଂ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ସମୂହ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆକ୍ସିସ୍ ବ୍ୟାଙ୍କ ସହାୟତାରେ ଅନୁଷ୍ଠିତ ସାଂସ୍କୃତିକ ଐତିହ୍ୟ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ତାଜ୍, ୟୁନିଟ୍ ୨, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାୟନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ପ୍ରଜାପତିର ଡେଣା ନାଟକ ମଞ୍ଚସ୍ଥ, ସ୍ଥାନ, ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- ଓଡ଼ିଶା କମର୍ସ ଆସୋସିଏଶନ୍‌ର ୪୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷ, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପେନ୍‌ସନର ଆଣ୍ଡ ପେନ୍‌ସନର୍ସ ୱେଲଫେୟାର ବିଭାଗ ପକ୍ଷରୁ ଜୀବନ ପ୍ରମାଣ ଅଭିଯାନ, ସ୍ଥାନ: ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିସର, ଚାନ୍ଦିନୀ ଚୌକ, ସମୟ: ପୂର୍ବାହ୍ନ ୧୧ଟା।
- ପେନ୍‌ସନର ଆଣ୍ଡ ପେନ୍‌ସନର୍ସ ୱେଲଫେୟାର ବିଭାଗ ପକ୍ଷରୁ ଜୀବନ ପ୍ରମାଣ ଅଭିଯାନ, ସ୍ଥାନ: ମୁଖ୍ୟ ଡାକଘର ପରିସର, ବକ୍ସିବଜାର, ସମୟ: ମଧ୍ୟାହ୍ନ ୧୨ଟା।
- ତୃତୀୟ ବୈଭବୀ କଳା ମହୋତ୍ସବର ଉଦ୍‌ଯାପନ ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର, ବାରପଥର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଜାତୀୟସ୍ତରୀୟ ମହିଳା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସଦାଶିବ ସଂସ୍କୃତି ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଦର୍ଶନ, ସ୍ଥାନ: ଶ୍ରୀମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଧ୍ୟାନ ମହାଯଜ୍ଞ, ସ୍ଥାନ: ପୌରସଦନ ସମ୍ମିଳନୀ ଗୃହ, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚକ ମହୋତ୍ସବ, ସ୍ଥାନ: ମା' ମାଉସୀମା ମନ୍ଦିର ସମ୍ମୁଖ, ସମୟ ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ,ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜେଡ଼ି ଜନ ସମ୍ପର୍କ ପଦଯାତ୍ରା ଅଭିଯାନ, ସ୍ଥାନ: ହରିହର ମନ୍ଦିରରୁ ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ରାସ ଉତ୍ସବ ଉପଲକ୍ଷେ ଭଜନ ଓ ସତ୍‌ସଂଘ, ସ୍ଥାନ: ବଡ଼ରମ୍ପାସ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।
- ସାଇବାବାଙ୍କ ଅଖଣ୍ଡ ଜ୍ୟୋତି ଯାତ୍ରା ଉତ୍ସବ, ସ୍ଥାନ : ଖାଣ୍ଟପଦା, ହାଟଡ଼ିହୀ, ସମୟ : ସକାଳ ୭ ଟା।

## ମୟୂରଭଞ୍ଜ

- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଘଟ ଉତ୍ତୋଳନ, ସ୍ଥାନ: ଚଡ଼େଇଗାଁ, ମୋରଡ଼ା, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବେଦ ପ୍ରବଚନ, ସ୍ଥାନ: ପାଢ଼ୀ ସେଲିବ୍ରେସନ, ଗିରିରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କନ୍ଧମାଳ

- ବିଜେଡିର ପଦଯାତ୍ରା,ସ୍ଥାନ: ସାରିଙ୍ଗିଈର୍ପି ପଡିଆଠାରୁ ଆରମ୍ଭ ମିଶ୍ର କଲ୍ୟାଣ ମଣ୍ଡପରେ ବୈଠକ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବିଜୟା ମାର୍କେଟ ବ୍ୟବସାୟୀଙ୍କ ପକ୍ଷରୁ ଅଷ୍ଟମପ୍ରହରୀ ନାମଯଜ୍ଞ ଓ କଳସ ଶୋଭାଯାତ୍ରା, ସ୍ଥାନ: ବଡ଼ପଡ଼ିଆ ବଜାର, ପାରାଦୀପ ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆନ୍ତଃରାଜ୍ୟ ମହିଳା ଚେସ୍ ଚାମ୍ପିୟନସିପ୍, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଭଜନ ସମ୍ରାଟ ଭିକାରୀ ବଳଙ୍କ ପୁଣ୍ୟତିଥି ପାଳନ, ସ୍ଥାନ: ଭାବଗ୍ରାହୀ କଳା ନିକେତନ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାହାସ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ବଳରାମପୁରଗଡ଼ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ସପ୍ତମ ଦିବସରେ ରାଜସୂୟ ଯଜ୍ଞ ଓ ହଂସ ଉପାଖ୍ୟାନ, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦.୩୦।
- ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚକର ୨ୟ ଦିବସରେ ବାଙ୍କଚୁଡା ବେଶ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ।

## ରାୟଗଡ଼ା

- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ହାଇସ୍କୁଲ ପଡିଆ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା ।

## କୋରାପୁଟ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଯୁବପାତ୍ରପୁଟ, କୁନ୍ଦୁରା ବ୍ଲକ୍, ସମୟ: ସକାଳ ୭ଟା।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ବ୍ଲକ ପରିସର, ସମୟ : ସକାଳ ପୂର୍ବାହ୍ନ ୧୦ଟା।
- .ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ : ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଖପ୍ରାଖୋଲରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ମା' ତାରିଣୀ ପୀଠରେ ସାମୂହିକ ଭାଗବତ ପାରାୟଣ, ସ୍ଥାନ: ଡିଏଭି ବସ୍‌ଷ୍ଟାଣ୍ଡ, ବାସନ୍ତୀ କଲୋନି, ସମୟ: ସକାଳ ୬ଟା ୩୦।
- ବ୍ଲକସ୍ତରୀୟ ଶିଶୁ ପ୍ରତିଭା ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ:ଲାଠିକଟା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୪୨ତମ ରାଜ୍ୟ ସାଇକେଲ ଚାମ୍ପିୟାନଶିପର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସ୍ପୋର୍ସ କମ୍ପ୍ଲେକ୍ସ, ଭବାନୀପୁର,ସୁନ୍ଦରଗଡ,ସମୟ: ଅପରାହ୍ନ ୪ଟା।

## ବରଗଡ଼

- ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କମଗାଁ, ଭଟଲି, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲା ସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର,ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବସୁକୀ ରୌପ୍ୟ ନାଗ ଓ ବସୁନ୍ଧରା ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବୌଦ୍ଧ ଚନ୍ଦ୍ରଚୂଡ ମନ୍ଦିର, ସମୟ: ଭୋର ୪ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଅନନ୍ତମୁଖୀ ଭାଗବତ ପାଠ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟାରୁ ଆରମ୍ଭ।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ପୂଜା ଓ ଯଜ୍ଞ, ସ୍ଥାନ: ବାଗଡ଼ିହି ମହାକାଳ ମନ୍ଦିର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ପୂର୍ବରୁ ସ୍ଥିରୀକୃତ କୌଣସି କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବା ପାଇଁ ଚେଷ୍ଟା କରିପାରନ୍ତି। ପରିବହନ, ବାଣିଜ୍ୟ, ହୋଟେଲ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବେ।

**ବୃଷ** — ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ପ୍ରତିକୂଳ ଗ୍ରହସ୍ଥିତି ବାଧକ ସାଜିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲ ରହିବ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ମନକୁ ପାଇଲା ଭଳି ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** — ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଧାରଣ କଥାକୁ ନେଇ ରାଗିଥିବା ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ** — ଆଜି ଭୁଲ୍ ବୁଝାମଣାରୁ ପରିବାରରେ ମତାନ୍ତର ଦେଖାଦେବ। ଆପଣଙ୍କ ମଧୁର ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣତା ବୃଦ୍ଧି ପାଇପାରେ।

**ସିଂହ** — ଆଜିର ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବିବ୍ରତ ହେବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ସହକର୍ମୀଙ୍କ ସହିତ ପାରସ୍ପରିକ ମତଭେଦ, ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**କନ୍ୟା** — ପାରିବାରିକ ସହଯୋଗରେ ଚେଷ୍ଟା କରୁଥିବା କାମ ପାଇଁ ଖୋରାକି ମିଳିଯିବାର ସୂଚନା ରହିଛି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରିବେ। ଅଫିସରୁ ଆସିବା ବାଟରେ ପସନ୍ଦର ଜିନିଷଟି କିଣିବା ପାଇଁ ମନସ୍ଥ କରିବେ।

**ତୁଳା** — ପ୍ରତ୍ୟେକ କ୍ଷେତ୍ରରେ ମନର ଅସନ୍ତୋଷକୁ ପରିପ୍ରକାଶ କରି ବନ୍ଧୁଙ୍କ ସହ ସମ୍ପର୍କ କ୍ଷୁଣ୍ଣ କରିପାରନ୍ତି। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ପ୍ରଯତ୍ନ କଲେ ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ପରିବହନ ଓ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** — ଅଭିଳଷିତ କାର୍ଯ୍ୟ ହାସଲ ନ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଅର୍ଥନୈତିକ ଉନ୍ନତି, ସାମାଜିକ ପ୍ରଗତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁ ଦିନଟି ଖୁସିରେ କଟିବ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନାର ସୁଯୋଗ ପାଇବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** — ବିଗତ ଦିନର ଘଟଣାକୁ କେନ୍ଦ୍ରକରି ଅନ୍ୟମନସ୍କତା ଯୋଗୁ ମନୋବଳ ହ୍ରାସ ପାଇବ। ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ ପାଇଁ ଆଗେଇ ଆସିପାରନ୍ତି। ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ଠିକ୍ ହେବ ନାହିଁ।

**ମକର** — ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସବୁ ବିଳମ୍ବରେ ହିଁ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହା ସମସ୍ୟାକୁ କମାଇ ଦେବ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** — କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ କିନ୍ତୁ ପ୍ରତିବଦଳରେ ଓଲଟା ଫଳ ପାଇବେ । ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଘରୋଇ ବ୍ୟାପାର ନେଇ ମାନସିକ ଅସୁସ୍ଥତା ଲାଗିରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, ଆନୁଷ୍ଠାନିକ କ୍ଷେତ୍ରରେ ଉପକୃତ ହେବେ।

**ମୀନ** — ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା, ବନ୍ଧୁଙ୍କ ସହ ବାର୍ତ୍ତାଳାପ, ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ। ପରିବାରରେ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲଭିବେ।

ଆଜି ନଭେମ୍ବର ୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଆଡ଼କିଆ ବେଶ, କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ସୋମବାର। ରାଶିନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୨ ଗତେ ଘ.୦୭.୧୬ ମଧ୍ୟେ,୦୮.୫୨ ଗତେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୭.୧୬ ଗତେ ଘ.୦୮.୪୧ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ରୁଚି ମସଲା ପ୍ରତିଷ୍ଠାତା ...

ଘରେ ଘରେ ରୁଚି ମସଲାକୁ ପରିଚିତ କରାଇପାରିଥିଲେ। ସେ ମଧ୍ୟ ଜଣେ ଦକ୍ଷ କ୍ରୀଡ଼ାବିତ୍ ଥିଲେ। ସେ ଜଣେ ସୁସଂଗଠକ ଭାବେ ବହୁ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ଶିଳ୍ପ, କ୍ରୀଡ଼ା ବ୍ୟତୀତ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ଓଡ଼ିଶାକୁ ମସଲା ପାଇଁ ପରିଚିତ କରାଇପାରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶରତଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଉଦ୍ୟୋଗ ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ୱର୍ଗତ ସାହୁଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିବା ସହ ଓଡ଼ିଶାର ଶିଳ୍ପ ତଥା ପରିଚୟକୁ ବିଶ୍ୱପ୍ରସାର କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି। ଲୀଳାବତୀ ହସ୍ପିଟାଲରେ ସ୍ୱର୍ଗତ ସାହୁଙ୍କୁ ତାଙ୍କ ସହଧର୍ମିଣୀ ସଙ୍ଗୀତା ସାହୁ, ପୁତ୍ର ଅରବିନ୍ଦ ସାହୁ, କନ୍ୟା ରଶ୍ମୀ ସାହୁ, ପୁତ୍ରବଧୂ ଓ ପରିବାର ସଦସ୍ୟମାନେ ଶେଷ ଦର୍ଶନ କରିଛନ୍ତି। ସ୍ୱର୍ଗତ ସାହୁଙ୍କ ମରଶରୀର ସୋମବାର ସକାଳେ ଭୁବନେଶ୍ୱରରେ ପହଞ୍ଚିବ। ସେଠାରୁ ମରଶରୀରକୁ ଶୋଭାଯାତ୍ରାରେ କାଜିଡ଼ିହ ବାସଭବନକୁ ନିଆଯିବା ପରେ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପାସ୍ତା ଭିଲେଜଠାରେ ଶେଷ ଦର୍ଶନ ପାଇଁ ରଖାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଙ୍ଗାଏ ମାହାର୍ଦ୍ଦ ଛୁଇଁଲେ ଯେ,**
**କଣିକାଏ ନିର୍ମାଲ୍ୟ ଛୁଇଁଲେ ସେ ।**

ଅଙ୍ଗାଏ ମାହାର୍ଦ୍ଦ ବା ମହାପ୍ରସାଦ ଯାହା କାଣିକାଏ ନିର୍ମାଲ୍ୟ ତାହା। ସ୍ଥଳବିଶେଷରେ ଏ ସବୁ ଏକା କଥା। ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ,**
**ଝିଙ୍କର ଗଛର ଛାଇ;**
**ଆଡ଼ ହୋଇଯାଅ ଟୋକା ଦିଅରଲୋ !**
**ମୁଁ ଯିବି ଚାଉଳ ଧୋଇ ।**

ନୂଆକରି ଶାଶୁ ଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଂକୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେ କରିଥାଏ। ଏପରି ସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅରକୁ ଆଡ଼ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭାରତ ଚାମ୍ପିୟନ....

କରି ଭାରତକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଉଥିବା ଶେଫାଳି ଏଠାରେ ୭୮ ବଲ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ୮୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଭାରତ ପାଇଁ ମ୍ୟାଚ ବିଜୟୀ ଶତକୀୟ ଇନିଂସ ଖେଳିଥିବା ଜେମିମା ରେଡ୍ରିଗ୍ସ ଏଠାରେ ମାତ୍ର ୨୪ (୩୭ ବଲ, ୧ ଚୌକା) ରନକରି ଆଉଟ ହେବା ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ତାଙ୍କ ଉଇକେଟ ପତନ ପରେ ଅଧିନାୟକ ହରମନପ୍ରୀତ କୌର ଓ ଦୀପ୍ତି ଶର୍ମା ସତର୍କତାର ସହ ଖେଳିଥିଲେ। ସେମିଫାଇନାଲରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ହରମନପ୍ରୀତ୍ ମାତ୍ର ୨୦ ରନକରି ସ୍ପିନର ନନ୍‌କୁଲୁଲେକୋ ମଲାବାଙ୍କ ବଲ୍‌ରେ ଆଉଟ ହେବାରୁ ୨୨୩ ରନରେ ଭାରତର ୪ର୍ଥ ଉଇକେଟର ପତନ ଘଟିଥିଲା। ତେବେ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ନକ୍‌ଆଉଟରେ ସେ ସର୍ବାଧିକ ରନ କରିବାରେ ରେକର୍ଡ କରିଥିଲେ। ସେ ୪ ଇନିଂସରୁ ୩୩୧ ରନ କରିଥିବାବେଳେ ପୂର୍ବରୁ ବେଲିଣ୍ଡା କ୍ଲାର୍କ ୩ ଇନିଂସରୁ ୩୩୧ ରନକରି ରେକର୍ଡର ଅଧିକାରିଣୀ ଥିଲେ। ମିଡିଲ ଅର୍ଡରରେ ଅମନଜୋତ କୌର ମାତ୍ର ୧୨ ରନ କରିବାକୁ ସକ୍ଷମ ହୋଇଥିଲେ ହେଁ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ଅର୍ଦ୍ଧଶତକ ହାସଲ କରିବା ସହ ଷଷ୍ଠ ଉଇକେଟରେ ରିଚା ଘୋଷଙ୍କ ସହ ୩୫ ବଲ୍‌ରୁ ମୂଲ୍ୟବାନ ୪୭ ରନର ଭାଗୀଦାରି ଗଢ଼ିଥିଲେ। ରିଚା ୨୪ ବଲ୍‌ରୁ ଦ୍ରୁତ ୩୪ (୩ ଚୌକା, ୨ ଛକା) ଏବଂ ଦୀପ୍ତି ୫୮ (୫୮ ବଲ, ୩ ଚୌକା, ୧ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଆୟାବୋଙ୍ଗା ଖାକା ୩ଟି ଏବଂ ନନ୍‌କୁଲୁଲେକୋ ମଲାବା, ନାଡିନେ ଡି କ୍ଲାର୍କ, କ୍ଲୋ ଟ୍ରାୟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତ ପରି ଦକ୍ଷିଣ ଆଫ୍ରିକାର ଆରମ୍ଭ ଭଲ ହୋଇଥିଲା। ଅଧିନାୟିକା ଲୌରା ୱଲଭାର୍ଡଟ ଓ ଟାଜମିନ ବ୍ରିଟ୍ସ ଓପନିଂ ଯୋଡ଼ିରେ ୫୧ ରନ ସଂଗ୍ରହ କରିଥିଲେ। ଏହାପରେ ୧୧ ରନ ବ୍ୟବଧାନରେ ୨ଟି ଉଇକେଟ ପତନ ଯୋଗୁ ଦଳ ଚାପକୁ ଆସି ଯାଇଥିଲା। ୨୩ ରନ କରିଥିବାବେଳେ ବ୍ରିଟ୍ସ ରନଆଉଟ ହୋଇଯିବାରୁ ଓପନିଂ ଯୋଡ଼ି ଭାଙ୍ଗିଥିଲା। ଆନେକା ବୋଶ୍ଚ (୦)ଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ଶ୍ରୀ ଚରନୀ। ଫଳରେ ୧୧.୫ ଓଭର ବେଳକୁ ଦକ୍ଷିଣ ଆଫ୍ରିକା ସ୍କୋର ୬୨/୨ ହୋଇ ଯାଇଥିଲା। ସୁନେ ଲୁସ୍ ଓ ୱଲଭାର୍ଡଟଙ୍କ ଯୋଡ଼ି ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବାବେଳେ ୨୧ତମ ଓଭରରେ ଶେଫାଳି ବର୍ମାଙ୍କୁ ବୋଲିଂଭାର ଦେଇ ହରମନପ୍ରୀତ ନେଇଥିବା ରିସ୍କ ଫଳପ୍ରଦ ହୋଇଥିଲା। ୨୫ ରନ କରିଥିବା ଲୁସ୍‌ଙ୍କୁ ଶେଫାଳି ନିଜ ଦ୍ୱିତୀୟ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ କରିବାରୁ ୫୨ ରନର ଭାଗୀଦାରି ଶେଷ ହୋଇଥିଲା। କେବଳ ସେତିକି ନୁହେଁ ଶେଫାଳି ନିଜ ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ ମାରିଜାନେ କାପ୍(୪)ଙ୍କୁ ଆଉଟ କରି ଭାରତୀୟ ଶିବିରରେ ଉତ୍ସାହ ଭରି ଦେଇଥିଲେ। ସିନାଲୋ ଜାଫା ୧୬ ରନକରି ଆଉଟ ହୋଇଥିଲେ ହେଁ ଭାରତ ଆଗରେ ପ୍ରାଚୀର ଭଳି ଛିଡ଼ା ହୋଇଥିଲେ ଅଧିନାୟିକା ଉଲଭାର୍ଡଟ। ୬ଷ୍ଠ ଉଇକେଟରେ ସେ ଆନେରି ଡର୍କସେନଙ୍କ ସହ ୬୧ ରନ ଯୋଗକରିବା ସହ ଲଗାତାର ଦ୍ୱିତୀୟ ଶତକ ପୂରଣ କରିଥିଲେ। ଏଥିସହ ଅଧିନାୟିକାଭାବେ ବିଶ୍ୱକପ ଫାଇନାଲରେ ଶତକ ହାସଲ କରିବାରେ ସେ ପ୍ରଥମ ଖେଳାଳି ହୋଇ ଯାଇଥିଲେ। ତେବେ ୪୨ତମ ଓଭରର ଦୀପ୍ତି ଶର୍ମାଙ୍କ ବଲ୍‌ରେ ଉଲଭାର୍ଡଟ ଆଉଟ ହେବାସହ ମ୍ୟାଚ ଭାରତ ନିୟନ୍ତ୍ରଣକୁ ଚାଲି ଆସିଥିଲା। ୯୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଉଲଭାର୍ଡଟ ୧୧ ଚୌକା ଓ ୧ ଛକା ସହାୟତାରେ ୧୦୧ ରନକରିଥିଲେ। କେବଳ ସେତିକି ନୁହେଁ ଦୀପ୍ତି ଏହି ଓଭରର ୪ର୍ଥ ବଲ୍‌ରେ କ୍ଲୋ ଟ୍ରାୟନ(୯)ଙ୍କୁ ଆଉଟ କରି ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ନାଦିନ ଡି କ୍ଲାର୍କଙ୍କୁ ଆଉଟ କରି ୫ ଉଇକେଟ ପୂରଣ କରିଥିଲେ ଦୀପ୍ତି ଶର୍ମା। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପ୍ତି ୫ଟି, ଶେଫାଳି ବର୍ମା ୨ଟି ଏବଂ ଶ୍ରୀ ଚରଣୀ ଗୋଟିଏ ଉଇକେଟ ହାସଲ କରିଥିଲେ।

## ମେକ୍ସିକୋ ଷ୍ଟୋରରେ ...

ଯେ ସମ୍ପୃକ୍ତ ଅଞ୍ଚଳର ଆକାଶ ଧୂଆଁମୟ ହୋଇଯାଇଥିଲା। ନିକଟରେ ଥିବା କେତୋଟି କାର୍ ମଧ୍ୟ ଜଳିଯାଇଥିଲା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବଉମ୍ ଏନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ଏକ ସଙ୍ଘୀୟ ଟିମ୍‌କୁ ସେଠାକୁ ପଠାଯାଇଥିବା ରାଷ୍ଟ୍ରପତି କହିଛନ୍ତି। ୧୨ ଆହତଙ୍କୁ ହର୍ମୋସିଲୋର ୬ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୋନୋରା ଗଭର୍ନର ଅଲଫୋନ୍ସୋ ଡୁରାଜୋ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି। ତେବେ ଉକ୍ତ ଲୋକପ୍ରିୟ ଷ୍ଟୋରରେ କିପରି ବିସ୍ଫୋରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏହାର କାରଣ ଖୋଜାଚାଲିଛି। ବିସ୍ଫୋରଣ ପରେ ନିଆଁ ଲାଗିବାରୁ ବିଷାକ୍ତ ବାଷ୍ପ ଯୋଗୁ ଅନେକେ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା କୌଣସି ଆତଙ୍କବାଦୀ ଆକ୍ରମଣ କିମ୍ବା ନାଗରିକଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହିଂସା ବୋଲି ସୋନୋରା ଜନ ସୁରକ୍ଷା ସେକ୍ରେଟାରିଏଟ୍ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ରବିବାର ପାଇଁ ନିର୍ଦ୍ଧାରିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି।

## ପାଉଁରୁଟି ଖାଇଦେବାରୁ ...

୧ଟା ୪୫ରେ ସହରର ପୁରୁଣା ବଜାରରେ ଶିବରାମଙ୍କ କିରାନା ଦୋକାନରେ ବିକ୍ରି ପାଇଁ ରଖାଯାଇଥିବା ପାଉଁରୁଟିକୁ ଷଣ୍ଢଟି ଖାଇଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବରାମ ଏକ ଛୁରିରେ ଷଣ୍ଢ ପେଟକୁ ଭୁସି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖି କେତେଜଣ ଯୁବକ ଷଣ୍ଢର ଚିକିତ୍ସା ପାଇଁ ପ୍ରାଣୀଧନ ଚିକିତ୍ସକଙ୍କୁ ଡାକିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଷଣ୍ଢର ମୃତ୍ୟୁ ଘଟିଥିଲା। ଶିବରାମଙ୍କ ଦୋକାନରୁ ଲୋକେ ପାଉଁରୁଟି କିଣି ଷଣ୍ଢକୁ ଦେଉଥିଲେ। ତେଣୁ ଷଣ୍ଢ ଉକ୍ତ ଦୋକାନରୁ ପାଉଁରୁଟି ଟାଣି ନେଇଥିଲା। ତେବେ ଶିବରାମଙ୍କ ଏଭଳି ଅମାନୁଷିକ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏନେଇ ସ୍ଥାନୀୟ ମାଳିପଡ଼ାର ବିକାଶ ଚନ୍ଦ୍ର ବେହେରା ହୀରାକୁଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ୧୦୦୦ କୋଟି ...

୧୨୩ ଜଣ ଗିରଫ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୧୪ ଚାକିରି ଆଶାୟୀ ଜାମିନରେ ମୁକୁଳିଥିବାବେଳେ ୯ ମଧ୍ୟସ୍ଥ ଜେଲରେ ଅଛନ୍ତି। ତେବେ ଶଙ୍କର ଗିରଫ ହେବା ପରେ ଏହି ସଂଖ୍ୟା ୧୨୪ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। କେତେଜଣ ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରିଥିଲେ ବୋଲି ଅଭିଯୋଗ ରହିଛି। ଶଙ୍କରଙ୍କ ନିର୍ଦ୍ଦେଶରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ସାଙ୍ଗ ପ୍ରିୟଦର୍ଶିନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ହେଲେ ଏହି ର୍‍ୟାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶିନୀଙ୍କ ମାଧ୍ୟମରେ ପ୍ରାର୍ଥୀ(ଚାକିରି ଆଶାୟୀ)ମାନଙ୍କ ଅଭିଭାବକଙ୍କୁ ସାର୍ଟିଫିକେଟ ଫେରାଇ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରାଯାଇଥିଲା। ପ୍ରିୟଦର୍ଶିନୀ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ସକ୍ରିୟ ଭୂମିକା ନେଇଥିଲେ।

## ଶ୍ରୀମନ୍ଦିରରେ...

କରିଥିଲେ। ଭକ୍ତଙ୍କ ସୁବିଧା ନିମନ୍ତେ ବ୍ୟାରିକେଡ୍ ମଧ୍ୟରେ ଖରାରୁ ରକ୍ଷା ପାଇଁ ଛାଇର ବ୍ୟବସ୍ଥା କରାଯାଇଥିଲା। ପାନୀୟ ଜଳର ସୁବିଧା କରାଯାଇଥିଲେ ମଧ୍ୟ ସେପରି ଦେଖିବାକୁ ମିଳି ନ ଥିଲା କି ଫ୍ୟାନ୍‌ର ବ୍ୟବସ୍ଥା ମଧ୍ୟ ନ ଥିଲା, ଯାହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେହିପରି ପ୍ରଶାସନ ପକ୍ଷରୁ ପୁରୀବାସୀ ତଥା ବରିଷ୍ଠ ନାଗରିକଙ୍କ ଦର୍ଶନ ନେଇ ସେପରି କୌଣସି ବ୍ୟବସ୍ଥା ହୋଇ ନ ଥିଲା। ମହାପ୍ରସାଦ ପାଇଁ ଉତ୍ତର ଦ୍ୱାର ଠାରେ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆହେବାକୁ ପଡ଼ିଥିଲା। ଅପରପକ୍ଷରେ ଦର୍ଶନ ବ୍ୟବସ୍ଥାରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଭକ୍ତଙ୍କ ନିମନ୍ତେ ବ୍ୟାରିକେଡ୍ କରାଯାଇଥିଲେ ମଧ୍ୟ ଅନେକ ଭକ୍ତ ବ୍ୟାରିକେଡ୍‌ରେ ନ ଆସି ହାତ କରି ଗଳାବାଟେ ସିଂହଦ୍ୱାର ଓ ଅନ୍ୟଦ୍ୱାରରେ ଯାଉଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଭକ୍ତଙ୍କ ସମାଗମ ହେବାରୁ ଅଣନିଃଶ୍ୱାସୀ ପରିସ୍ଥିତି ସହ ଠେଲାପେଲା ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍‌ରେ ଠିଆ ହେବା ଫଳରେ ଅନେକ ଭକ୍ତ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଥିଲେ। ସେହିପରି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଭକ୍ତମାନଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ, ମାତ୍ର ପୋଲିସ ଅନେକ ସମୟରେ ଭକ୍ତଙ୍କୁ ଠେଲାପେଲା କରୁଥିବା ଦେଖାଯାଇଛି। ଅପରାହ୍ନ ୫ଟାରେ ଠେଲାପେଲା ପରିସ୍ଥିତି ହେବା ସହ ବ୍ୟାରିକେଡ୍ ଭାଙ୍ଗିଥିବା ସୂଚନା ମିଳିଛି। ଦର୍ଶନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଶ୍ରଦ୍ଧାଳୁ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପୋଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ସୁବିଧା ପାଇଁ ମାର୍କେଟଛକଠାରୁ ବ୍ୟାରିକେଡ୍ କରାଯାଇଛି। ପାଣି, ଓଆର୍‌ଏସ୍ , ପାଣି ସିଞ୍ଚନ, ଆମ୍ବୁଲାନ୍ସ, ଫାୟାର ବ୍ୟବସ୍ଥା କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବ୍ୟବସ୍ଥା ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି। କଣାସ ଅଞ୍ଚଳର ଭକ୍ତ ସବିତା ପଟ୍ଟନାୟକ କହିଛନ୍ତି, ଏକଦଶୀରେ ଦର୍ଶନ ପାଇଁ ଆସିଥିଲୁ। ମାର୍କେଟ୍ ଛକଠାରୁ କରାଯାଇଥିବା ବ୍ୟାରିକେଡ୍‌ରେ ଆସି ମହାପ୍ରଭୁଙ୍କ ଦର୍ଶନ କଲୁ। ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି, ମାତ୍ର ତାହା ଯଥେଷ୍ଟ ନୁହେଁ। ବ୍ୟାରିକେଡ୍‌ରେ ପୂର୍ବାହ୍ନ ୧୧ଟାରୁ ଠିଆ ହୋଇ ସନ୍ଧ୍ୟାରେ ଯାଇ ଦର୍ଶନ କରିବାର ସୁଯୋଗ ମିଳିଥିଲା। ପ୍ରାୟ ୬ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଛି। ଝାଡ଼ସୁଗୁଡ଼ାରୁ ଆସିଥିବା ଭକ୍ତ କୁମୁଦିନୀ ନାୟକ କହିଛନ୍ତି, ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ମଧ୍ୟକୁ ଯାଇ ଦର୍ଶନ କରବାକୁ ଭୟ ଲାଗିଲା। ତେଣୁ ମନ୍ଦିର ଭିତରକୁ ଯାଇପାରିଲି ନାହିଁ। ପରିକ୍ରମା କରି କି ଫେରିବି, ସୋମବାର ଗହଳି ଯଦି କମିବ, ତେବେ ଶ୍ରୀମନ୍ଦିର ଯିବି। ଏତେ ଗହଳି ଯେ ରାସ୍ତା ପାଉନାହିଁ। ଅସମ୍ଭାଳ ଭିଡ଼ ବ୍ୟବସ୍ଥା ଠିକ୍ ନାହିଁ। ଶୁକ୍ରବାର ଦର୍ଶନ ପାଇଁ ଯାଇଥିଲୁ, ମାତ୍ର ଦର୍ଶନ କରିପାରିଲୁନି। ଭିତର ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ଆବଶ୍ୟକ। ପଛରେ ରହୁଥିବା ଲୋକ ଦର୍ଶନ କରିପାରୁନାହାନ୍ତି, ତେଣୁ ଏଥିପ୍ରତି ଧ୍ୟାନ ଦିଆଯାଉ ବୋଲି ନାୟକ କହିଛନ୍ତି।

# ସେକ୍ସ ର୍‌ୟାକେଟ୍ ଠାବ, ଜଣେ ଗିରଫ

## ଘର ମାଲିକଙ୍କ ସମେତ ସମ୍ପୃକ୍ତ ୨ ଯୁବତୀଙ୍କୁ ପଚରାଉଚରା ଜାରି

କାଶୀନଗର, ୨।୧୧ (ପି. ମୁରଲୀ)



ଚଢାଉ କରିବାକୁ ଆସିଥିବା ପୋଲିସ।

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଏକ କଲୋନୀ ନିକଟରେ ଥିବା ଏକ ଘରେ ସେକ୍ସ ରାକେଟ ଚାଲିଥିବା ସୂଚନା ପାଇ ପୋଲିସ ଶନିବାର ସନ୍ଧ୍ୟାରେ ସେଠାରେ ଚଢାଉ କରିଥିଲା। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା ଜାରି ରଖିଥିଲା। ରବିବାର ଏହି କାରବାର କରୁଥିବା ଚିପୁରୁ ୱାସୁ ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଯେଉଁ ଘରେ ଏହି ରାକେଟ୍ ଚାଲିଥିଲା ସେହି ଘରର ମାଲିକଙ୍କୁ ମଧ୍ୟ ପୋଲିସ ଧରି ଆଣି ପଚରାଉଚରା କରୁଛି। ଏନେଇ ନଂ. ୧୭୩/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁନିଲ ବେହେରା କହିଛନ୍ତି।

ଖବରରୁ ଜଣାପଡ଼ିଛି ସମ୍ପୃକ୍ତ ଘରେ ସେକ୍ସ ରାକେଟ୍ ଚାଲିଥିବା କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ପି ଯତୀନ୍ଦ୍ର ପଣ୍ଡା କାଶୀନଗର ଥାନା ଅଧିକାରୀ ବେହେରାଙ୍କୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଆଲୋକ ଜଗଦଲାଙ୍କ ସହ ଏକ ଟିମ୍ ଉକ୍ତ ଘରେ ଚଢାଉ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଘରୁ ପୋଲିସ ଦୁଇ ଜଣ ଯୁବତୀଙ୍କ ସହ ଜଣେ ଗ୍ରାହକ ଓ ଘର ମାଲିକଙ୍କୁ ଧରିଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁଧୀର ନନ୍ଦଙ୍କ ଉପସ୍ଥିତିରେ ଉକ୍ତ ଘରୁ ମଦ ବୋତଲ, କଣ୍ଡୋମ ପ୍ୟାକେଟ ଜବତ କରାଯାଇଛି। ଚିପୁରୁ ବାହାର ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଏପରି ସେକ୍ସ ରାକେଟ ଚଳାଇଥିଲେ। ଘର ମାଲିକ ଏଥିରେ ତାଙ୍କୁ ସହଯୋଗ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିବା ଥାନା ଅଧିକାରୀ ବେହେରା କହିଛନ୍ତି। ଦୁଇ ତିନି ମାସ ହେଲା ଏହି ସେକ୍ସ ରାକେଟ ଚାଲିଥିବା ତଦନ୍ତରୁ ଜଣାପଡିଛି। ଅଟକ ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ କାଶୀନଗର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଘରକୁ ସିଲ୍ କରାଯାଇ ଏ ସମ୍ପର୍କରେ ସାଇଣ୍ଟିଫିକ ଟିମ୍‌କୁ ଥାନା ପକ୍ଷରୁ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ୩ ମାସ ହେଲା ସେକ୍ସ ରାକେଟ୍ ଚାଲିଥିଲେ ମଧ୍ୟ ସ୍ଥାନୀୟ ପୋଲିସ କିପରି ଜାଣିପାରିଲାନି ସେନେଇ ସନ୍ଦେହ ପ୍ରକାଶ ପାଇଛି।

# ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ ଅଭିଯୋଗ

## ମହିଳାଙ୍କୁ ଆକ୍ରମଣ, ୨ ଅଟକ

ବାଲେଶ୍ୱର, ୨।୧୧ (ବାଞ୍ଛାନିଧି ଦେ)



ଉତ୍ୟକ୍ତ ଲୋକଙ୍କୁ ଥାନା ଆଇଆଇସି ବୁଝାଶୁଝା କରୁଛନ୍ତି।

ବାଲେଶ୍ୱର ସଦର ଥାନା ଅଧୀନ ବଇଁଆ ଅଞ୍ଚଳରେ ଏକ ଦମ୍ପତିଙ୍କ ଘରେ ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ଲାଗି ରହିଛି। କେତେଜଣ ମହିଳାଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୪୮୯/୨୫) ରୁଜୁ କରି ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ଶନିବାର ବିଳମ୍ବିତ ରାତିରେ ଗ୍ରାମରେ ଏହି ଘଟଣା ଘଟିଥିଲା। ଧର୍ମ ପରିବର୍ତ୍ତନ କଲେ ଧନସମ୍ପତ୍ତି ବଢ଼ିବ, ବଡ଼ଲୋକ ହେବ ଓ ଭଲରେ ରହିବ ବୋଲି ଉକ୍ତ ଦମ୍ପତି ଗାଁର କେତେଜଣ ଲୋକଙ୍କୁ ବୁଝାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହି ଖବର ପାଇବା ପରେ ଉକ୍ତ ଦମ୍ପତିଙ୍କୁ ମାରପିଟ୍ କରିବା ସହ ପୋଲିସ ଜିମା ଦେଇଥିଲେ। ଗାଁରେ ଉତ୍ତେଜନା ଦେଖା ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମର ମହିଳା ଓ ପୁରୁଷ ରାସ୍ତାରେ ବସିଥିଲେ। ଖବରପାଇ ଘଟଣାସ୍ଥଳରେ ଆଇଆଇସି ସାଲଖାନ ମୁର୍ମୁ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

# ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା

ନୂଆପଡ଼ା, ୨।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପଛପଟୁ ରବିବାର ଅପରାହ୍ନରେ ଜଣେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଉଛନ୍ତି ନୂଆପଡ଼ା ସହର ଉପକଣ୍ଠ ପଲସାଗୁଡାର ଲଘୁତମ ସାହୁ (୪୭)। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଲଘୁତମଙ୍କ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଡ୍ୟୁଟି ରହିଥିଲା। ସେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଡ୍ୟୁଟି ମଧ୍ୟ କରିଛନ୍ତି। ଏହା ପରେ ଅପରାହ୍ନ ୩ଟା ୩୦ରୁ ୪ଟା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପଛପଟେ ତାଙ୍କ ମୃତଦେହ ପଡିଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ। ଖବରପାଇ ନୂଆପଡ଼ା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯୋଜନାବଦ୍ଧ ଭାବରେ ଲଘୁତମଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦେବା ପାଇଁ କୋଠା ପଛପଟେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସାଥୀ ସିକ୍ୟୁରିଟି ଗାର୍ଡ କହିଛନ୍ତି, ନୂଆପଡ଼ାରେ ସର୍ଭିସ ପ୍ରୋଭାଇଡ୍ କରୁଥିବା କମ୍ପାନୀ ୨ରୁ ୪ ମାସ ହେବ ଦରମା ଦେଇ ନ ଥିଲା। ଏହାକୁ ନେଇ ସେ କିଛି ଦିନ ହେବ ଅନ୍ୟମନସ୍କ ରହୁଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଯୁବକମାନେ ସର୍ଭିସ ପ୍ରୋଭାଇଡର କମ୍ପାନୀ କର୍ତ୍ତୃପକ୍ଷ ନ ଆସିବାଯାଏ ମୃତଦେହ ଉଠାଇବା ପାଇଁ ଦେବୁ ନାହିଁ ବୋଲି ଅଡି ବସିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା। ଖବରପାଇ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୮ କୋଟିର ତରଳ ଗଞ୍ଜେଇ ଜବତ, ୮ ଅଭିଯୁକ୍ତ ଫେରାର

ମାଲକାନଗିରି, ୨।୧୧ (ଦୁର୍ଯ୍ୟୋଧନ ପାତ୍ର)



ଜବତ ହୋଇଥିବା ତରଳ ଗଞ୍ଜେଇ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ସଦର ଥାନା ଅଞ୍ଚଳରୁ ତରଳ ଗଞ୍ଜେଇ ରବିବାର ଜବତ କରିଥିବା ବେଳେ ୮ ଅଭିଯୁକ୍ତ ଫେରାର ହୋଇଛନ୍ତି। ଏହି ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଚିତ୍ରକୋଣ୍ଡା ପୋଲିସ ସଦର ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଚିତ୍ରକୋଣ୍ଡାଠାରୁ ୫ କି.ମି. ଦୂର ଏସାର୍ କମ୍ପାନୀ ନିକଟରେ ଏକ ଗଛ ତଳେ ୮ଜଣ ବ୍ୟକ୍ତି ୮ଟି ବାଇକ୍ ଧରି ଠିଆ ହୋଇଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୮ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୮ ବାଇକ୍ ସହ ଗୋଟିଏ ବସ୍ତା ଜବତ କରିଥିଲା। ଏହି ବସ୍ତାରେ ୬୦ କିଲୋ ତରଳ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜିଲାରେ ପ୍ରଥମ ଥର ଏଭଳି ତରଳ ଗଞ୍ଜେଇ ଜବତ ହୋଇଥିବା ପୋଲିସ କହିଛି। ୩୦ରୁ ୪୦ କିଲୋ ଗଞ୍ଜେଇକୁ ତରଳାଇଲେ ଏହା ୧ କେଜିରେ ପରିଣତ ହେବ। ଏହା କେଜି ପିଛା ପ୍ରାୟ ୧୨ରୁ ୧୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ନିଲମ୍ବିତ

ଫୁଲବାଣୀ, ୨।୧୧ (ରାକେଶ କୁମାର ରାଉତ)

ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିବା ମହଙ୍ଗା ପଡିଛି। ଜିଲାପାଳଙ୍କ ଦ୍ୱାରା ଗଠିତ ଟିମ୍‌ର ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବିଭାଗୀୟ ନିର୍ଦ୍ଦେଶକ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ପ୍ରଧାନ ଶିକ୍ଷକ ହେଲେ କନ୍ଧମାଳ ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କୋଟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଜଗତ। ସୂଚନା ଅନୁସାରେ ଗୋପାଳ କିଛି ଦିନ ତଳେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଏନେଇ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ବାଲିଗୁଡ଼ା ଉପ ଜିଲାପାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଓ ଡିସିପିଓଙ୍କୁ ନେଇ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପଠାଯାଇଥିଲା। ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୨୬/୩୩୭/୧ ନଭେମ୍ବର ୨୦୨୫ରେ ତାଙ୍କୁ ନିଲମ୍ବିତ କରାଯାଇଛି। ସେ ଫୁଲବାଣୀ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ ଦିନ ରିପୋର୍ଟ ଦେବେ ବୋଲି ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର କହିଛନ୍ତି।

## ରାଜ୍ୟ ଖବର

# ପୋଡ଼ାମପେଟାରେ ବିଶାଳ 'ଜଳବାୟୁ ବିଲ୍'



ପୋଡ଼ାମପେଟାଠାରେ ହୋଇଥିବା 'ଜଳବାୟୁ ବିଲ୍'।

ଗଞ୍ଜାମ, ୨।୧୧ (ଅଖିଳ ତରାଇ)

ଗଞ୍ଜାମ ପୋଡ଼ାମପେଟା ଗ୍ରାମର ମହିଳା, ପୁରୁଷ ଏବଂ ବିଭିନ୍ନ ସାମାଜିକ କର୍ମୀମାନେ ଗ୍ରୀନପିସ୍ ଇଣ୍ଡିଆର ଆହ୍ୱାନରେ ରବିବାର ଏକାଠି ହୋଇ ଏକ ବିଶାଳ 'ଜଳବାୟୁ ବିଲ୍' ଉନ୍ମୋଚନ କରିଛନ୍ତି। ବ୍ରାଜିଲରେ ଆସନ୍ତା ୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା 'କୋପ୍-୩୦' ପୂର୍ବରୁ ସେମାନେ ଜଳବାୟୁ ନ୍ୟାୟ ଦାବି କରିଛନ୍ତି। ବିଶ୍ୱର ସର୍ବବୃହତ ଜୀବାଶ୍ମ ଇନ୍ଧନ କର୍ପୋରେଶନଗୁଡ଼ିକୁ ଜଳବାୟୁର ବର୍ଦ୍ଧିତ କ୍ଷତି ପାଇଁ ଦାୟୀ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ବିଶ୍ୱ ନେତାମାନଙ୍କ ପାଇଁ ବାର୍ତ୍ତା ବହନ କରୁଥିବା ବିଶାଳ ମୁଦ୍ରିତ ବିଲ୍‌ରେ ୨୦୧୫ ପ୍ୟାରିସ୍ ଚୁକ୍ତି ପରଠାରୁ ଦକ୍ଷିଣ ଏସୀୟ ଦେଶଗୁଡିକରେ ହୋଇଥିବା ପାଣିପାଗଜନିତ ଘଟଣାଗୁଡ଼ିକୁ ପ୍ରଦର୍ଶନ କରି ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ଥାନୀୟ ଅଧିବାସୀମାନଙ୍କ ହେଉଥିବା କ୍ଷତି ସବୁ ଦର୍ଶାଯାଇଛି।

କାର୍ଯ୍ୟକ୍ରମରେ ସାମିଲ ଥିବା ପୋଡ଼ାମପେଟା ଗ୍ରାମର ଚନ୍ଦ୍ରଗିରି ଟିକି କହିଛନ୍ତି, ପ୍ରତିବର୍ଷ ଘୂର୍ଣ୍ଣିଝଡ଼ ଯୋଗୁ ଆମେ ଆମର ବାସଗୃହ ଏବଂ ଆୟ ହରାଉଛୁ। ବଡ଼ ପ୍ରଦୂଷଣକାରୀମାନେ ସେମାନଙ୍କ ଦ୍ୱାରା ହୋଇଥିବା କ୍ଷତି ପାଇଁ ଦେୟ ଦେବାର ସମୟ ଆସିଛି। ଗ୍ରୀନପିସ୍ ଇଣ୍ଡିଆର ଜଳବାୟୁ ଏବଂ ଶକ୍ତି ଅଭିଯାନର ସେଲୋମି ଗଡ଼ନାୟକ କହିଛନ୍ତି ଯେ, ଏହି ବିଶାଳ ବିଲ୍ ସେହିମାନଙ୍କୁ ପ୍ରତିନିଧିତ୍ୱ କରେ, ଯେଉଁମାନେ ଜଳବାୟୁ ସଙ୍କଟ ସୃଷ୍ଟି କରିନାହାନ୍ତି କିନ୍ତୁ ପ୍ରତିଦିନ ଏହାର ମୂଲ୍ୟ ଦେଉଛନ୍ତି। ଭାରତର ଏକ ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳ ଗଞ୍ଜାମରେ ହୋଇଥିବା ଏହି ପ୍ରତୀକାତ୍ମକ କାର୍ଯ୍ୟକ୍ରମ 'କୋପ୍-୩୦'ରେ ଏକତ୍ରିତ ହେବାକୁ ଥିବା ବିଶ୍ୱ ନେତାମାନଙ୍କୁ ଜଳବାୟୁ ନ୍ୟାୟ ଦାନ ନୁହେଁ, ଏହା ହେଉଛି ଉତ୍ତରଦାୟିତ୍ୱ ବୋଲି ବାର୍ତ୍ତା ଦେଇଛି।

# ଉନ୍ନତି ଅପେକ୍ଷାରେ ଯୁବ ଭୋଟର

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା, ୨।୧୧ (ପୀତାମ୍ବର ସାହୁ)

ଆସନ୍ତା ୧୧ ତାରିଖରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବ ଉପନିର୍ବାଚନ। ଏଥିରେ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ମତଦାତାଙ୍କ ସମେତ ଯୁବ ଭୋଟରମାନେ ଏହି ନିର୍ବାଚନକୁ ନେଇ କ'ଣ ଭାବୁଛନ୍ତି ଏବଂ କେଉଁ ପ୍ରସଙ୍ଗ ଉଠାଉଛନ୍ତି ତାହା ଜାଣିବା ପାଇଁ ଆମେ ଉଦ୍ୟମ କରିଛୁ। ଏଥିପାଇଁ ଆମେ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ ଭେଟି ଆଲୋଚନା କରିଛୁ। ନୂଆପଡ଼ାସ୍ଥିତ ନ୍ୟାଶନାଲ କଲେଜର ଯୁକ୍ତ୩ ଶେଷ ବର୍ଷର ଛାତ୍ରୀ ସାନୁ ଠାକୁର ଓ ଅନ୍ୟ କେତେଜଣ ଛାତ୍ରୀଙ୍କ ସହିତ ଶନିବାର ଅପରାହ୍ନ ୧ଟାରେ ବିଭିନ୍ନ ପ୍ରସଙ୍ଗରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ଯୁବ ମତଦାତାଙ୍କ କହିବା କଥା ହେଉଛି, ଯେତେବେଳେ ବି ନୂଆପଡ଼ା କଥା ଆଲୋଚନା କରାଯାଏ, ସେତେବେଳେ ଏହା ଦାଦନ ପ୍ରବଣ ଓ ପଛୁଆ ଅଞ୍ଚଳ ବୋଲି ବିଚାର କରାଯାଏ। ଜିଲାକୁ ନେଇ ଏଭଳି ଟ୍ୟାଗଲାଇନ୍ ଥିବାବେଳେ ଛାତ୍ରୀଛାତ୍ର ଓ ଯୁବ ମତଦାତା ଭାବେ ତାହା ସେମାନଙ୍କୁ ଭଲ ଲାଗୁ ନାହିଁ। ସେମାନେ ବିକଶିତ ଓ ସମୃଦ୍ଧ ନୂଆପଡ଼ା ଚାହୁଁଥିବା ମତଦେଇଛନ୍ତି।

ଉପନିର୍ବାଚନରେ ଭାଜପାରୁ ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ, ବିଜେଡିରୁ ପୂର୍ବତନ ମନ୍ତ୍ରୀ ତଥା ଅତାବିରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଆଦିବାସୀ ନେତା ଘାସିରାମ ମାଝୀଙ୍କ ସମେତ ୧୪ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିପାଇଁ ନୂଆପଡ଼ା ଏବେ ନେତାଙ୍କ ଛାଉଣି। ୨୪ ବର୍ଷ ଧରି ଶାସନରେ ଥିବା ଏବକାର ମୁଖ୍ୟ ବିରୋଧୀ ଦଳ ବିଜେଡି ସମେତ ବର୍ତ୍ତମାନର ଶାସକ ଭାଜପା ଏବଂ କଂଗ୍ରେସର ଅନେକ ନେତା ନିଜ ଦଳ ପାଇଁ ପ୍ରଚାର କରୁଛନ୍ତି। ହେଲେ ସେମାନେ ନୂଆପଡ଼ାର ବାସ୍ତବ ସମସ୍ୟାଠାରୁ ଦୂରରେ ରହୁଥିବା ଯୁବ ଭୋଟରମାନେ ମତ ଦେଉଛନ୍ତି।

ନୂଆପଡ଼ା କଲେଜରେ ପଢୁଥିବା କାଦୋମେରି ପଞ୍ଚାୟତ ଗୁଡାପଡେରା ଗ୍ରାମର ଶୈଳେଶ ପଟେଲ ଚଳିତ ଉପନିର୍ବାଚନରେ ପ୍ରଥମ ଥର ଭୋଟ ଦେବେ। ସେ କୁହନ୍ତି 'ଆମ ଅଞ୍ଚଳ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ମାତ୍ର ଆମେ ଏବେ ବି ଅବହେଳିତ ଓ ପଛୁଆ ହୋଇପଡିଛୁ। ବର୍ତ୍ତମାନ ଯେହେତୁ ଉପନିର୍ବାଚନ ହେଉଛି, ଏଥିରେ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ମତଦାନ କରି ବିଜୟୀ କରାଇବୁ।' ସେହିପରି ବେଲଟୁକୁରୀ ଗ୍ରାମର ନିଶାନ୍ତ ଚନ୍ଦ୍ରକାର, ଯିଏକି ନୂଆପଡ଼ା କଲେଜରେ ପଢ଼ନ୍ତି, ସେ କହିଛନ୍ତି, 'ଆମ ଅଞ୍ଚଳରେ ଯେଉଁ କେତୋଟି ପ୍ରମୁଖ ସମସ୍ୟା ରହିଛି, ତାହା ମଧ୍ୟରେ ଦାଦନ, ବେରୋଜଗାର, ଶିକ୍ଷା ଓ ଯୋଗାଯୋଗର ଅଭାବ ଏବଂ ସରକାରୀ ଯୋଜନା ଅପହଞ୍ଚ ଆଦି ଅନ୍ତର୍ଭୁକ୍ତ। ମାତ୍ର ଏସବୁ ପ୍ରତି କୌଣସି ଦଳର ନଜର ପଡୁନାହିଁ। ତେଣୁ ଏସବୁ କାମ କରିପାରିବା ଭଳି ପ୍ରାର୍ଥୀଙ୍କୁ ହିଁ ଆମେ ମତଦାନ କରିବୁ।'

ନୂଆପଡ଼ା ନିର୍ବାଚନମଣ୍ଡଳୀରେ ସମୁଦାୟ ମତଦାତାଙ୍କ ମଧ୍ୟରୁ ପ୍ରାୟ ୧୦ ହଜାରରୁ ଅଧିକ ଯୁବ ମତଦାତା। ୨୦୨୪ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଥିଲେ ମଧ୍ୟ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସେତେବେଳର ସ୍ୱାଧୀନ ପ୍ରାର୍ଥୀ ତଥା ବର୍ତ୍ତମାନର କଂଗ୍ରେସର ପ୍ରାର୍ଥୀ ଘାସିରାମ ମାଝୀଙ୍କଠାରୁ ପ୍ରାୟ ୧୦ ହଜାର ୮୮୧ ଖଣ୍ଡ ଅଧିକ ଭୋଟ ପାଇଥିଲେ। ବିଜୟୀ ଭୋଟ ବ୍ୟବଧାନ ଅଳ୍ପ ଥିବାରୁ ଏବଂ ଏବେ ଯୁବ ମତଦାତାଙ୍କ ସଂଖ୍ୟା ପ୍ରାୟ ୧୦ ହଜାର ଥିବାରୁ ସେମାନେ ଯେକୌଣସି ଦଳର ବିଜୟରେ ପ୍ରମୁଖ ଭୂମିକା ନେଇପାରନ୍ତି। ତେଣୁ ସବୁ ଦଳର ପ୍ରାର୍ଥୀ ଯୁବ ମତଦାତାଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରୁଥିବା ଲକ୍ଷ୍ୟ କରାଯାଉଛି।

ଟାନୱାଟ ଗ୍ରାମର ଜଣେ ଛାତ୍ର ପୂର୍ଣ୍ଣଚନ୍ଦ୍ର ଦୁରିଆ କୁହନ୍ତି, 'ଆମ ଅଞ୍ଚଳରେ ଆହୁରି ସ୍କୁଲ, କଲେଜ ହେବା ଆବଶ୍ୟକ। ଶିକ୍ଷାକୁ ସୁଦୃଢ଼ କରାଇବାର ଆବଶ୍ୟକତା ରହିଛି। ଯିଏ ତୃଣମୂଳ ସ୍ତରର ଲୋକଙ୍କ କଥା ଶୁଣିବ, ଆମ ଭୋଟ ସିଏ ପାଇବେ।' ଖରିଆର ରୋଡ୍‌ର ଯୁକ୍ତ୩ ଶେଷ ବର୍ଷର ଛାତ୍ରୀ ବର୍ଷା ରାଣା ଚଳିତ ନିର୍ବାଚନରେ ପ୍ରଥମ ଥର ମତଦାନ କରିବେ। ସେ ସ୍ଥାନୀୟ ଅଞ୍ଚଳର ସମସ୍ୟା କଥା କହିଛନ୍ତି। ତାଙ୍କ କହିବାନୁଯାୟୀ ତାଙ୍କ ଅଞ୍ଚଳରେ ପିଜି, ବିଏଡ ଭଳି ପାଠ୍ୟକ୍ରମ ପଢ଼ିବାର ସୁବିଧା ନାହିଁ। ସ୍କୁଲ ଓ କଲେଜର ଶିକ୍ଷାଦାନ ପ୍ରଣାଳୀ ଉଚ୍ଚମାନର ହୋଇପାରୁ ନାହିଁ। ଏସବୁ ନେତାମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହା ସହିତ ସରକାର ଅନେକ ଲୋକାଭିମୁଖୀ ଯୋଜନା କରିଛନ୍ତି, ମାତ୍ର ଏହାର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯୋଜନାର ଅଧା ଅନେକ ସମୟରେ ହରିଲୁଟ୍ ହୋଇଯାଉଥିବା ସେ କହିଛନ୍ତି। ଚଳିତ ନିର୍ବାଚନରେ ସେ ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବେ ବୋଲି କହିଛନ୍ତି।

ଦୁମେରପାଣି ପଞ୍ଚାୟତର ସିଲଦା ଗ୍ରାମର ଜଣେ ଛାତ୍ରୀ କରିନା ପାଣ୍ଡେ କୁହନ୍ତି, 'ଆମ ଜିଲାରେ ଅନେକ ପ୍ରତିଭାବାନ ପିଲା ଅଛନ୍ତି, ମାତ୍ର ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସୁଯୋଗ ମିଳିପାରୁ ନାହିଁ। ଏହି ଅଞ୍ଚଳର ପ୍ରାୟ ୯୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି, ମାତ୍ର ଆବଶ୍ୟକ ଜଳସେଚନର ସୁବିଧା କରାଯାଇନାହିଁ। ଏହାସହିତ ଅନେକ ନାମମାତ୍ର ଚାଷୀ ଅଛନ୍ତି। ସେମାନେ ଚାଷ କାମ ସରିଲେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହା ଆମ ଅଞ୍ଚଳ ପାଇଁ ସବୁଠୁ ବଡ଼ ସମସ୍ୟା।' ଚଳିତ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଦଳକୁ ନୁହେଁ, ବ୍ୟକ୍ତିତ୍ୱକୁ ଦେଖି ମତଦାନ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

ସିଲଭା ପଞ୍ଚାୟତର ଲଖନା ଛିଦ୍ରପାଣିର ରଘୁରାମ ସିଂ ମାଝୀ ସୁନସୁନିଆ, ଦର୍ଲ୍ଲମୁଣ୍ଡା ସ୍ଥିତ ମହାମାୟା ଶିକ୍ଷା ସଂସ୍ଥାରେ ବିବିଏ ପଢୁଛନ୍ତି। ସେ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ (ନେଟୱର୍କ) ସମସ୍ୟା ଥିବା କହିଛନ୍ତି। ସେ କହୁନ୍ତି, 'ନୂଆପଡ଼ାରେ ଶିଳ୍ପ ସ୍ଥାପନ କରି ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ପୂର୍ବ ସରକାର ଆମ ଅଞ୍ଚଳ ପାଇଁ ଅନେକ କାମ କରିଛନ୍ତି। ଧୀରେ ଧୀରେ ନୂଆପଡ଼ାର ବିକାଶ ହେଉଛି। ତେଣୁ ଯିଏ ବିକାଶର କଥା କହିବେ, ତାଙ୍କୁ ଆମେ ଭୋଟ ଦେବୁ।'

ଗୋଡ଼ଫୁଲାସ୍ଥିତ ଗୋପୀନାଥ କଲେଜ ଅଫ୍ ନର୍ସିଂରେ ପଢୁଥିବା ବେଲଟୁକୁରୀ ଅଞ୍ଚଳର ଭୀମକାନ୍ତ ଧରୁଆ ଚାଷୀଙ୍କ ସମସ୍ୟା କଥା କହିଛନ୍ତି। ଚାଷ ବେଳେ କୃତ୍ରିମ ସାରର ଅଭାବ, ମଣ୍ଡିରେ ଧାନ ବିକ୍ରି ବେଳେ ହେଉଥିବା ସମସ୍ୟା, କଟନିଛଟ୍‌ନି ଆଦି ସମସ୍ୟା ହେଉଥିବା କହିଛନ୍ତି। ସେ କହୁନ୍ତି 'ଆମ ଅଞ୍ଚଳ ଏକ ଆଦିବାସୀ ପ୍ରବଣ। ନିର୍ବାଚନମଣ୍ଡଳୀରେ ପ୍ରାୟ ଅଧାରୁ ଅଧିକ ଆଦିବାସୀ ରହିଛନ୍ତି। ଆଦିବାସୀମାନଙ୍କ ଅଶିକ୍ଷାର ସୁଯୋଗ ନେଇ ସରକାରଙ୍କଠାରୁ ଆସୁଥିବା ଯୋଜନା ହରିଲୁଟ ହେଉଛି। ଯୋଜନା ଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ନିର୍ବାଚନମଣ୍ଡଳୀର ଆଦିବାସୀମାନଙ୍କ ପାଇଁ କାହାରି ଆନ୍ତରିକତା ନାହିଁ ବୋଲି ସେ କହିଛନ୍ତି। ଜଣେ ଆଦିବାସୀଙ୍କ ସପକ୍ଷରେ ତାଙ୍କର ମତଦାନ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ମାଈ ହାତୀର ମୃତ୍ୟୁ

ଜଳେଶ୍ୱର, ୨।୧୧ (ନବୀନ ସାହୁ)



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅଧୀନ ଶ୍ୟାମନଗର ପଞ୍ଚାୟତ ଶୁକୋଯୋଡ଼ିର ଫୁଲଝରି ନିକଟରେ ରବିବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ୨୦ ଟିକିଆ ହାତୀପଲ ଫୁଲଝରି ନିକଟରେ ବିଚରଣ କରୁଥିଲେ। ସେଥିମଧ୍ୟରୁ ଏକ ମାଈ ହାତୀ ଅସୁସ୍ଥ ହୋଇ ଏକ ସ୍ଥାନରେ ଛିଡ଼ା ହୋଇ ରହିଥିଲା। ଖବରପାଇ ରବିବାର ରାଇବଣିଆ ଏସିଏଫ୍ ଜୟଶ୍ରୀ ମୁର୍ମୁ, ଫରେଷ୍ଟର ପ୍ରହ୍ଲାଦ ନାୟକ, ଦିଲୀପ ସିଂ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ, ଏସିଏଫ୍ ଦିଗନ୍ତ ଶୁଭମ୍ ଚାନ୍ଦ, ଭିଏଏସ୍ ଶୁଭସ୍ମିତା ଦାସ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ହାତୀକୁ କଦଳୀ ମାଧ୍ୟମରେ ଔଷଧ ଦିଆଯାଇଥିଲା। ମାତ୍ର ଅପରାହ୍ନ ୪ଟା ସମୟରେ ହାତୀଟିର ମୃତ୍ୟୁ ଘଟିଥିଲା।

# ନୂଆପଡ଼ା ପାଇଁ ନୂଆଦିଲ୍ଲୀରେ ଡିଲ୍ ସରିଛି: କଂଗ୍ରେସ

ଭୁବନେଶ୍ୱର, ୨।୧୧ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ପାଇଁ ନୂଆଦିଲ୍ଲୀରେ ଡିଲ୍ ହୋଇସାରିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଗୋଟିଏ ପଟେ ଭାଜପା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିଜେଡିର ମୁଖ୍ୟ ଭି. କେ. ପାଣ୍ଡିଆନ ଏକତ୍ର ମିଶି କଂଗ୍ରେସ ବିରୋଧରେ ନିର୍ବାଚନ ଲଢୁଛନ୍ତି। ବୈଷ୍ଣବ ଏବଂ ପାଣ୍ଡିଆନଙ୍କ ବୁଝାମଣା ଅନୁଯାୟୀ, ବିଜେଡିର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭାଜପା ପ୍ରାର୍ଥୀ କରିଛି। ବିଜେଡି ଜାଣିଶୁଣି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ପ୍ରାର୍ଥୀ ନ ଦେଇ ବାହାର ଜିଲାର ନେତ୍ରୀଙ୍କୁ ପ୍ରାର୍ଥୀ କରିଛି। ଉଭୟ ଦଳର ଲକ୍ଷ୍ୟ ହେଲା ଭାଜପା ପ୍ରାର୍ଥୀଙ୍କୁ ଜିତାଇବା।

ସେ କହିଛନ୍ତି, ପୂର୍ବରୁ ବିଜେଡି-ଭାଜପାର ମିଳିତ ସରକାର ଥାଇ ମଧ୍ୟ ତଳସରା ଓ ଲକ୍ଷ୍ମୀପୁର ଉପନିର୍ବାଚନ କଂଗ୍ରେସ ଜିତିଥିଲା। ଏଥର ମଧ୍ୟ କଂଗ୍ରେସ ପ୍ରାର୍ଥୀ ନୂଆପଡ଼ାରେ ବିଜୟୀ ହେବେ। ନବୀନ ପଟ୍ଟନାୟକ କେବଳ ଦୋଷ ଘୋଡ଼ାଇବା ପାଇଁ ଭାଜପା ସହିତ ଆମେ ନାହୁଁ ବୋଲି କହୁଛନ୍ତି। ହେଲେ ତାଙ୍କ କଥା ଓ ଆନ୍ତରିକତା ଭିତରେ ଯେଉଁ ବ୍ୟବଧାନ ରହିଛି ତାହାକୁ ରାଜ୍ୟବାସୀ ସମସ୍ତେ ବୁଝି ସାରିଛନ୍ତି ବୋଲି ଜେନା କହିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି, ବିଜେଡି ନିର୍ବାଚନ ଲଢ଼ିବାର ଅଭିନୟ କରୁଛି। କେମିତି କିଛି ସମ୍ମାନଜନକ ଭୋଟ ସଂଖ୍ୟା ହାସଲ ହେବ ସେଥିପାଇଁ ତାଙ୍କର ପ୍ରୟାସ। କିନ୍ତୁ କଂଗ୍ରେସ ସାମାଜିକ ନ୍ୟାୟ ଏବଂ ସାମୂହିକ ବିକାଶକୁ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ।

# ଆଜି ନବୀନଙ୍କ ନୂଆପଡ଼ା ଗସ୍ତ

ଭୁବନେଶ୍ୱର/ନୂଆପଡ଼ା, ୨।୧୧ (ରବିନାରାୟଣ ଜେନା/ମକାରୁ ବେମାଲ)

ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଲାଗି ସୋମବାର ପ୍ରଚାର ମଇଦାନକୁ ଓହ୍ଲାଇବେ। ଏନେଇ ବିଜେଡି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ନବୀନ ନିବାସରୁ ପୂର୍ବାହ୍ନ ୯.୩୦ ମିନିଟ୍‌ରେ ନବୀନ ପଟ୍ଟନାୟକ ବାହାରି ନୂଆପଡ଼ାର ଗୋଟମା ଏୟାରଷ୍ଟ୍ରିପଠାରେ ୧୦ଟା ୫୫ମିନିଟ୍‌ରେ ପହଞ୍ଚିବେ। ସେଠାରୁ କୋମନାର ତରବୋଡସ୍ଥିତ ସମ୍ଭବ ପଡ଼ିଆରେ ପହଞ୍ଚି ଜନସଭାରେ ଯୋଗଦେବେ। ନୂଆପଡ଼ାର କୋମନା ବ୍ଲକରେ ପ୍ରାୟ ୨ ଘଣ୍ଟା ଧରି ନବୀନ ଜନସଭାକୁ ସମ୍ବୋଧିତ କରିବା ସହିତ ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ ଭିକ୍ଷା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ୧୫ ହଜାର ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି।

" ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା

# ସମସ୍ତେ ଜଲ୍‌ଦିରେ

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା କାସିବୁଗା ସହରରେ ଥିବା ଭେଙ୍କେଟେଶ୍ୱର ସ୍ୱାମୀ ମନ୍ଦିରରେ ୧ ନଭେମ୍ବରରେ ଦଳାଚକଟା ଘଟିବାରୁ ଜଣେ ଓଡ଼ିଆ ଯୁବତୀଙ୍କ ସମେତ ୯ ଜଣଙ୍କ ପ୍ରାଣହାନି ଘଟିଛି। ଏହା ଏକ ଘରୋଇ ମନ୍ଦିର। ମିନି ତିରୁପତି ନାମରେ ପରିଚିତ ନବନିର୍ମିତ ମନ୍ଦିରଟି ୪ ମାସ ତଳେ ଦର୍ଶକଙ୍କ ପାଇଁ ଖୋଲାଯାଇଥିଲା। କାର୍ତ୍ତିକ ଏକାଦଶୀ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ପାହାଚ ପାଖରେ ଏକ ଲୁହା ଗ୍ରୀଲ୍ ଭୁଶୁଡ଼ି ପଡ଼ିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଜଣଙ୍କ ପରେ ଜଣେ ପଡ଼ିବାକୁ ଲାଗିଲେ। ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିବା ସୁରକ୍ଷା ବ୍ୟବସ୍ଥା କେଉଁ ସ୍ତରର ରହିଛି ବୁଝାଇବା ଦରକାର ନାହିଁ।

୨୦୨୫ ଜାନୁଆରୀରୁ ନଭେମ୍ବର ୧ ଯାଏ ହିସାବକୁ ନେଲେ ଦେଶରେ ଜଣାଶୁଣା ଦଳାଚକଟାଜନିତ ମୃତ୍ୟୁ ସଂଖ୍ୟା ୧୧୦ରେ ପହଞ୍ଚିଥିବା ଜଣାପଡ଼ିଛି। ଏହିସବୁ ଦଳାଚକଟା ମଧ୍ୟରେ ରହିଛି ମନ୍ଦିର, କ୍ରିକେଟ ଖେଳରେ ବିଜୟ ଉତ୍ସବ ପାଳନ ବେଳେ ଷ୍ଟାଡିୟମ, ରେଳ ଷ୍ଟେଶନ ଏବଂ ରାଜନୈତିକ ଶୋଭାଯାତ୍ରା। ଯଦି ଘଟଣାକ୍ରମକୁ ଦେଖିବା ତେବେ ଜାନୁଆରୀ ୯ରେ ଆନ୍ଧ୍ରପ୍ରଦେଶର ତିରୁମାଳା ହିଲ୍ସରେ ପ୍ରଭୁ ଭେଙ୍କେଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜାନୁଆରୀ ୨୯ରେ ଉତ୍ତରପ୍ରଦେଶରେ ଅନୁଷ୍ଠିତ ମହାକୁମ୍ଭରେ ସମାନ କାରଣରୁ ସରକାରଙ୍କ କହିବା ଅନୁଯାୟୀ ୩୦ ଜଣଙ୍କ ଜୀବନ ଯାଇଥିଲା। ସେହି ମହାକୁମ୍ଭରେ ଯୋଗଦେବା ଲାଗି ଦିଲ୍ଲୀ ରେଳ ଷ୍ଟେଶନରେ ଫେବୃଆରୀ ୧୫ରେ ଟ୍ରେନ୍‌ରେ ଚଢ଼ିବା ପାଇଁ ଯାତ୍ରୀଙ୍କ ମଧ୍ୟରେ ଅସମ୍ଭାଳ ଭିଡ଼ ଦେଖାଦେବାରୁ ୪ ଜଣ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ମେ'ରେ ଉତ୍ତର ଗୋଆର ଲାଇରାଇ ଦେବୀ ଯାତ୍ରା ମନ୍ଦିରରେ ଦଳାଚକଟା ସ୍ଥିତିରୁ ୬ ଜଣଙ୍କ ଜୀବନ ଯାଇଥିଲା। ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ବିଜୟ ପାଇଁ ବେଙ୍ଗାଲୁରୁ ଷ୍ଟାଡିୟମ୍‌ରେ ଜୁନ୍ ୪ରେ ଅନୁଷ୍ଠିତ ବିଜୟ ଉତ୍ସବରେ ପ୍ରବଳ ଭିଡ଼ ହେବାରୁ ୧୧ ଜଣଙ୍କ ଜୀବନ ଯାଇଥିଲା। ଜୁଲାଇ ୨୭ରେ ହରିଦ୍ୱାରଠାରେ ମନ୍‌ସ ଦେବୀ ମନ୍ଦିର ଦଳାଚକଟାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରଠାରେ ଅଭିନେତାରୁ ରାଜନେତା ପାଲଟିଥିବା ଟିଭିକେ ମୁଖ୍ୟ ବିଜୟଙ୍କ ରାଜନୈତିକ ଶୋଭାଯାତ୍ରାରେ ୪୧ ଜଣ ଭିଡ଼ ଯୋଗୁ ଅଣନିଃଶ୍ୱାସୀରୁ ପ୍ରାଣ ହରାଇଥିଲେ। ଏସବୁ ଅଘଟଣ ବେଳେ ଗୁରୁତର ଆହତଙ୍କ ମଧ୍ୟରୁ କାହାର ଅବସ୍ଥା କ'ଣ ରହିଥିବ ସେ ବିଷୟରେ ଆଲୋଚନା କେହି ଶୁଣିବାକୁ ପାଉ ନ ଥିବେ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କିଛି ଅନୁକମ୍ପା ରାଶି ପ୍ରଦାନ କରିଦେବା ପରେ ସରକାରୀ ଓ ଆବଶ୍ୟକ ସ୍ଥଳେ ବେସରକାରୀ କର୍ତ୍ତୃପକ୍ଷଙ୍କ କାମ ସରିଗଲା ବୋଲି ଧରାଯାଇଥାଏ। ଉପରେ ଦର୍ଶାଯାଇଥିବା ଦଳାଚକଟାକୁ ଦେଖିଲେ ଷ୍ଟାଡିୟମ ଓ ରାଜନୈତିକ ଶୋଭାଯାତ୍ରାରେ ଅଘଟଣ ବ୍ୟତୀତ ଅନ୍ୟଗୁଡ଼ିକ ମନ୍ଦିର ଓ ଧର୍ମ ସହ ସଂଶ୍ଳିଷ୍ଟ। ବିଶାଳ ଜନସଂଖ୍ୟା ବହୁଳ ରାଷ୍ଟ୍ର ଭାରତରେ ଧର୍ମସ୍ଥଳୀଗୁଡ଼ିକ ପ୍ରତି ଲୋକମାନେ ବେଶି ଆକର୍ଷିତ ହୋଇଥାଆନ୍ତି। କେଉଁ ମନ୍ଦିର ବା ତୀର୍ଥସ୍ଥାନରେ ସୁରକ୍ଷା ବ୍ୟବସ୍ଥା କିଭଳି ରହିଛି, ତାହାକୁ ପୂର୍ବରୁ କିଛି ନ ଜାଣି ଲୋକେ ପଶିଯାଇ ଦର୍ଶକ ପାଲଟିଯାଆନ୍ତି। ଯେତେବେଳେ କୌଣସି କାରଣବଶତଃ ଗୋଟେ 'ଘୋ' ସୃଷ୍ଟି ହୋଇଗଲା, ତାହାକୁ ସମ୍ଭାଳିବା ଲାଗି ମନ୍ଦିର ବ୍ୟବସ୍ଥା ବା ସ୍ଥାନୀୟ ପ୍ରଶାସନର ବଳ ପାଇ ନ ଥାଏ। ଭାରତରେ ଲୋକଙ୍କ ସମୟ ମିଳିଲେ ଓ କୌଣସି ମୁଖ୍ୟ ପର୍ବପର୍ବାଣି ଥିଲେ ସେହି ସମୟରେ ଅନେକେ ଗୋଟିଏ ଜାଗାକୁ ଯାଇ ଭିଡ଼ କରିଥାଆନ୍ତି। ପରିବେଶ ପର୍ଯ୍ୟଟନସ୍ଥଳୀ, ବିଜ୍ଞାନଭିତ୍ତିକ ପ୍ରଦର୍ଶନ କେନ୍ଦ୍ର କିମ୍ବା ଐତିହାସିକ ଗୁରୁତ୍ୱ ବହନ କରୁଥିବା ଜାଗାଗୁଡ଼ିକୁ କ୍ୱଚିତ ଯିବା ଦେଖାଯାଇଥାଏ। କେବଳ ଧର୍ମ ପଛରେ ପଡ଼ି ଅନ୍ୟ ବହୁ ବିଷୟକୁ ଭାରତୀୟମାନେ ଗୌଣ ଦୃଷ୍ଟିରେ ଦେଖୁଥିବାରୁ ଧାର୍ମିକ ପୀଠ ବା ତଜ୍ଜନିତ ଜନସମାବେଶରେ ଲୋକେ ହାଉଜାଉ ହେଉଛନ୍ତି। ଏଭଳି ସ୍ଥଳେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବା କଥା ଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଉଛି।

ଭିଡ଼ଜନିତ ଦଳାଚକଟା ବିଷୟରେ ଆଲୋଚନା କଲା ବେଳେ ଲୋକଙ୍କ ମାନସିକତାକୁ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଭିଡ଼ ନିୟନ୍ତ୍ରଣ ଏକ ବଡ଼ ଆହ୍ୱାନ ସୃଷ୍ଟି କରୁଥିବାରୁ କୌଣସି ସ୍ଥାନରେ ଏକତ୍ରିତ ହେଉଥିବା ଲୋକମାନେ ସେମାନଙ୍କ ବ୍ୟବହାରରେ ସୁଧାର ଆଣିବା ଦରକାର। କିନ୍ତୁ ପ୍ରାୟତଃ ଦେଖାଯାଉଛି ସେମାନଙ୍କ ଭିତରେ ମବ୍ ସାଇକୋଲୋଜି ବା ବିଶୃଙ୍ଖଳିତ ଜନତାଙ୍କ ମନସ୍ତତ୍ତ୍ୱ ପ୍ରତିଫଳିତ ହେଉଛି। କିଭଳି ନିଜେ ବଞ୍ଚିବେ ସେଥିପାଇଁ ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ କେତେକେ ଜଲ୍‌ଦିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତି। ସେତେବେଳେ ବୁଝିବା କଥା ଯେ ଭିଡ଼ ଭିତରେ ସେମାନେ ଅସ୍ୱାଭାବିକତା ଦେଖାଇଲେ ତାହା ଅନ୍ୟମାନଙ୍କୁ ଅସୁବିଧାରେ ପକାଇବ। ଆଉ ସେହି ଅସୁବିଧା ମଧ୍ୟ ସମସ୍ତଙ୍କ ପାଇଁ କାଳ ହୋଇପାରେ।

**ଭିଡ଼ ଭିତରେ କିଭଳି ନିଜେ ବଞ୍ଚିବେ ସେଥିପାଇଁ ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ କେତେକେ ଜଲ୍‌ଦିରେ ବାହାରିଯିବାକୁ ଚେଷ୍ଟା କରିଥାଆନ୍ତି। ସେତେବେଳେ ବୁଝିବା କଥା ଯେ ଭିଡ଼ ଭିତରେ ସେମାନେ ଅସ୍ୱାଭାବିକତା ଦେଖାଇଲେ ତାହା ଅନ୍ୟମାନଙ୍କୁ ଅସୁବିଧାରେ ପକାଇବ। ଆଉ ସେହି ଅସୁବିଧା ମଧ୍ୟ ସମସ୍ତଙ୍କ ପାଇଁ କାଳ ହୋଇପାରେ।**

# ଚନ୍ଦ୍ରକୁ ଛୁଉଁଥିବା ବାମନର ହାତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୯ ଡିସେମ୍ବର ୧୯୫୯ ଘଟଣା। ଆମେରିକାନ୍ ଫିଜିକାଲ ସୋସାଇଟି ଆନୁକୂଲ୍ୟରେ ପାସାଡେନା (କାଲିଫର୍ନିଆ)ସ୍ଥିତ କାଲ୍‌ଟେକ (କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଠାରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସଙ୍ଗ ରଖାଯାଇଥିଲା ''ତଳସ୍ତରରେ ଯଥେଷ୍ଟ ଜାଗା ଅଛି'' (ଦେର୍ ଇଜ୍ ପ୍ଲେଣ୍ଟି ଅଫ୍ ରୁମ୍ ଆଟ୍ ଦି ବଟମ୍)। ସେଠାରେ ବକ୍ତାଭାବେ ପଦାର୍ଥ ବିଜ୍ଞାନବିତ୍ ରିଚାର୍ଡ ଫାଇନ୍‌ମେନ (୧୯୧୮–୧୯୮୮) ଯୋଗଦେଇଥିଲେ। ତାଙ୍କ ଭାଷଣର ସାରାଂଶ ହେଲା ଯେ, ଅଣୁ ଓ ପରମାଣୁକୁ କୁଶଳ ଓ ଚତୁର ଭାବେ ପରିଚାଳନା ଏବଂ ନିୟନ୍ତ୍ରଣ କରିବା ସମ୍ଭବ। ଫଳରେ ଯେଉଁ ବିନ୍ୟାସ ସୃଷ୍ଟି ହେବ, ଏହା ବିଭିନ୍ନ ବସ୍ତୁର ଅଧ୍ୟୟନ ଓ ଇଂଜିନିୟରିଂ ସକାଶେ ନୂତନ କ୍ଷେତ୍ର ଉନ୍ମୁକ୍ତ କରିବ। କାଲ୍‌ଟେକର ଇଞ୍ଜିନିୟରିଂ ଆଣ୍ଡ୍ ସାଇନ୍ସ ପତ୍ରିକାରେ ଏହା ଫେବୃଆରୀ ୧୯୬୦ରେ ପ୍ରକାଶ ପାଇଲା। ସେତେବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇପାରେ ବୋଲି କେହି ବିଶ୍ୱାସ କରିନଥିଲେ।

ଅଣୁର ଆକାର କ୍ଷୁଦ୍ର, କିନ୍ତୁ ଏହା ତୁଚ୍ଛ ବା ନଗଣ୍ୟ ହୋଇନପାରେ। ଗ୍ରୀକ୍ ଦାର୍ଶନିକ ଡିମୋକ୍ରିଟସ (ଖ୍ରୀ.ପୂ: ୪୬୦–୩୭୦)ଙ୍କ ଭାଷାରେ ଅତି ବୃହତ୍ ବସ୍ତୁର ପ୍ରକୃତିର ବୋଧଗମ୍ୟତା ପ୍ରାପ୍ତି ପାଇଁ ଅତୀବ କ୍ଷୁଦ୍ରାକୃତି ବସ୍ତୁର ପ୍ରକୃତି ବୁଝିବା ଉଚିତ୍।

ଦୂରଦ୍ରଷ୍ଟା ଫାଇନ୍‌ମେନ ଉକ୍ତ ବକ୍ତବ୍ୟରେ ଦୁଇଟି ପ୍ରଶ୍ନ ଉଠାଇ ଏହାର ସମାଧାନ କରିବା ସକାଶେ ପ୍ରତିଯୋଗିତା ଆୟୋଜନ କରିଥିଲେ। ପ୍ରଥମଟି ହେଉଛି ଗୋଟିଏ କ୍ଷୁଦ୍ର ମୋଟର ନିର୍ମାଣ, ଯାହା ଘନାକୃତି ହେବା ସହ ତା'ର ବାହୁ ୧/୬୪ ଇଞ୍ଚ ରହିବ। ପୁଣି ବାହାରୁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ। ମାତ୍ର ବର୍ଷକ ଭିତରେ କାଲ୍‌ଟେକର ଗୋଟିଏ ଗ୍ରାଜୁଏଟ୍ ଛାତ୍ର ଏହା ସମାଧାନ କରିପାରିଥିଲେ। ଏମିତି କାର୍ଯ୍ୟକ୍ଷମ କ୍ଷୁଦ୍ରାତିକ୍ଷୁଦ୍ର ଇଲେକ୍‌ଟ୍ରିକ୍ ମୋଟର ଆଶ୍ଚର୍ଯ୍ୟଜନକ ଥିଲା। ଦ୍ୱିତୀୟ ପ୍ରଶ୍ନଟି ଥିଲା: ଗୋଟିଏ ବହିର ପୃଷ୍ଠାକୁ ଲିନିଅର ସ୍କେଲର ୧/୨୫୦୦୦ କ୍ଷେତ୍ରଫଳ ବିଶିଷ୍ଟ ଜାଗାରେ ଲେଖାଯିବ, ଯାହା ପଢ଼ିବାରେ ଅସୁବିଧା ହେବ ନାହିଁ। ଦୀର୍ଘବର୍ଷ ପରେ ୧୯୮୫ରେ ଷ୍ଟାନ୍‌ଫୋର୍ଡର ଜଣେ ଗ୍ରାଜୁଏଟ୍ 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ଉପନ୍ୟାସର ଗୋଟିଏ ପୃଷ୍ଠା ଏମିତି ଲିପିବଦ୍ଧ କରି ଏହି ଆହ୍ୱାନର ସଫଳ ଉତ୍ତର ରଖିଥିଲେ।

ଉଭୟ ଦୃଷ୍ଟାନ୍ତର ମୂଳ ଭିତ୍ତି ହେଉଛି ଅତିଶୟ କ୍ଷୁଦ୍ରାକାର। ଏହି ଧାରଣାକୁ ଆଧାର କରି ଗୋଟିଏ ନୂତନ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ବିଭାଗର ସୂତ୍ରପାତ ହେଲା, ଯାହା ନାନୋ ଟେକ୍ନୋଲୋଜି ଭାବେ ଅଭିହିତ। 'ନାନୋ' ଗୋଟିଏ ଗ୍ରୀକ୍ ଶବ୍ଦ,



ଯାହାର ଅର୍ଥ ହେଉଛି ବାମନ। ମାପ ଅନୁସାରେ ଏହା କୌଣସି ବସ୍ତୁର ଏକଶତ କୋଟି ଭାଗରୁ ଗୋଟିଏ ଭାଗ। ଆମ କେଶର ବ୍ୟାସଠାରୁ ଏହା ଏକ ଲକ୍ଷ ଗୁଣରେ କ୍ଷୁଦ୍ର। ୧୦–୯ ମିଟର (ଅର୍ଥାତ୍ ଏକ ନାନୋମିଟର) ତିନିରୁ ପାଞ୍ଚଟି ପରମାଣୁ(ଆଟମ୍)ର ବ୍ୟାସ ସହ ସମାନ।

ପୃଥିବୀପୃଷ୍ଠଠାରୁ ଚନ୍ଦ୍ରର ଦୂରତା ପ୍ରାୟ ୩,୮୪,୪୦୦ କିଲୋମିଟର। ଏହି ପଥ କେବଳ ଦୀର୍ଘ ନୁହେଁ, ସେଠାରେ ପହଞ୍ଚିବାକୁ ହେଲେ ଯାତ୍ରାକାଳରେ ଅନେକ ପ୍ରତିବନ୍ଧକ ଦେଖାଦିଏ। ସଶରୀରେ ସେଠାକୁ ଯିବା ବିପଦସଂକୁଳ। ମହାକାଶଯାନ ଉତ୍‌କ୍ଷେପଣ ସମୟଠାରୁ ବାୟୁମଣ୍ଡଳ ପ୍ରବେଶ କରିବାଯାଏ ଯାତ୍ରୀ ପୃଥିବୀର ଅତ୍ୟଧିକ ମାଧ୍ୟାକର୍ଷଣ ଶକ୍ତିର ଶିକାର ହୁଏ। ସାମୟିକ ଭାବେ ଏହା ଦୃଷ୍ଟିଶକ୍ତି ଓ ଚେତନା ବ୍ୟାଘାତ କରେ। ପୁଣି ଯାତ୍ରା ଶେଷରେ ପୃଥିବୀରେ ପହଞ୍ଚିବା ସମୟରେ ମାଧ୍ୟାକର୍ଷଣ ଅସୁସ୍ଥତା ଭୋଗିବାକୁ ହୁଏ। ଅନ୍ତରୀକ୍ଷରେ ଭାରହୀନତା ଯୋଗୁ ଶାରୀରିକ ପରିବର୍ତ୍ତନ ଦେଖାଦିଏ। ରକ୍ତ ଓ ତରଳ ପଦାର୍ଥ ଶରୀରରେ ଊର୍ଦ୍ଧ୍ୱଗାମୀ ହୁଏ। ଅସ୍ଥି ଓ ମାଂସପେଶୀ କ୍ଷତିଗ୍ରସ୍ତ ହୁଏ। ଆମେ ଦୈନନ୍ଦିନ ଅଭ୍ୟସ୍ତ ଥିବା ଦୈହିକ ପ୍ରକ୍ରିୟା (ସିର୍କାଡିଆନ ରିଦମ୍) ବିଶୃଙ୍ଖଳିତ ହୁଏ। ପୃଥିବୀଠାରୁ ଦୂରତା ଯେତେ ବଢ଼େ, ଭୂଚୁମ୍ବକତ୍ୱ (ଟେରିଷ୍ଟ୍ରିଆଲ ମାଗ୍ନେଟିଜମ୍) ସେତେ କମିଯାଏ। ଫଳରେ ମହାଜାଗତିକ ରଶ୍ମି, ସୌରକଣିକା ଓ ଅନ୍ତରୀକ୍ଷରେ ବିଦ୍ୟମାନ ବିକିରଣ ଯାତ୍ରୀର ସ୍ୱାସ୍ଥ୍ୟକୁ ଆକ୍ରାନ୍ତ କରେ। ପରିଣାମବଶତଃ କର୍କଟ ରୋଗର ସମ୍ଭାବନା, କେନ୍ଦ୍ର ସ୍ନାୟୁତନ୍ତ୍ରରେ ବୈକଲ୍ୟ ଦୁଶ୍ଚିନ୍ତାକାରକ ହୋଇଥାଏ। ସର୍ବୋପରି ଜୀବନ ରକ୍ଷାକାରୀ ବ୍ୟବସ୍ଥା, ନୋଦନ (ପ୍ରପଲସନ) ଓ ସଂଚାଳନ (ନେଭିଗେଶନ) ପାଇଁ ନିୟୋଜିତ ଯନ୍ତ୍ରପାତି ଅତ୍ୟନ୍ତ ନିର୍ଭରଯୋଗ୍ୟ ନ ହେଲେ ଯାତ୍ରୀର ଜୀବନ ବିପନ୍ନ ହୁଏ। ତ୍ରୁଟି ଦେଖାଦେଲେ ବହୁ ଦୂରରେ ଥିବା ଯାନର ଉପକରଣ ସଜାଡ଼ିବା କଷ୍ଟସାଧ୍ୟ ଓ ଆହ୍ୱାନପୂର୍ଣ୍ଣ ଭାବେ ଜୀବନ–ମରଣ ସମସ୍ୟା ସୃଷ୍ଟି କରେ।

୧୯୬୦–୭୦ ଦଶକରେ ଚନ୍ଦ୍ର ଅଭିଯାନ ଆରମ୍ଭ ହେଲା ଓ ପ୍ରତିଯୋଗିତା ଭିତ୍ତିରେ ପ୍ରମୁଖ ସ୍ଥାନ ହାସଲ କଲା। କିନ୍ତୁ ସେତେବେଳେ ନାନୋ ଟେକ୍ନୋଲୋଜି ଅଜଣା ଥିଲା। ତେବେ ୧୯୯୦ ପରଠାରୁ କାର୍ବନ ନାନୋଟ୍ୟୁବ ଓ ଗ୍ରାଫେନ ବ୍ୟବହାର କରି ହାଲୁକା ଓ ଶକ୍ତ ମହାକାଶଯାନ ନିର୍ମାଣ ହେବା ଫଳରେ ବ୍ୟୟ ବହୁଳତା କମିଗଲା। ମହାକାଶଚାରୀଙ୍କ ପୋଷାକରେ ନାନୋ ମ୍ୟାଟେରିଆଲ୍ ଉପଯୋଗ ହେବାକୁ ତାହା ଦୀର୍ଘସ୍ଥାୟୀ, ନମନୀୟ ହେବା ସହ ପରିବେଶଜନିତ ବିପଦ ବିପକ୍ଷେ ରକ୍ଷାକବଚ ପରି କାମ ଦେଲା। ଗ୍ରାଫେନ ଅକ୍‌ସାଇଡ୍ ବ୍ୟବହାର କରି ନିର୍ମିତ ନାନୋ ଫିଲ୍‌ଟ୍ରେଶନ ମେମ୍ବ୍ରେନ ଦ୍ୱାରା ଯାତ୍ରୀଙ୍କ ପରିସ୍ରା, ସ୍ୱେଦ ପରି ବର୍ଜ୍ୟ ତରଳ ପଦାର୍ଥକୁ କୁଶଳ ଭାବେ ପରିଷ୍କୃତ କରାଯିବାରୁ ତାହା ପୁନଃ ବ୍ୟବହାର ଯୋଗ୍ୟତା ପ୍ରାପ୍ତ ହେଲା।

ଏହି ପ୍ରକାରେ ନାନୋ ଟେକ୍ନୋଲୋଜି ମହାକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି। ବାସ୍ତବରେ 'ନାନୋ' (ବାମନ)କୁ ହେୟ ମନେକରିବା ଏକ ଗୁରୁତର ତ୍ରୁଟି। ପୁରାଣରେ ଭଗବାନ୍ ବିଷ୍ଣୁଙ୍କ ପଞ୍ଚମ ଅବତାର ହେଉଛି ବାମନ। ଉଦ୍ଧତ, ଅହଂକାରୀ, ଗର୍ବୀ ଅସୁର ରାଜା ବଳି ଏହି କାରଣରୁ ଦଣ୍ଡିତ ହୋଇଥିଲା। ବାମନ ଅବତାରରେ ବିଷ୍ଣୁ ତାଙ୍କୁ ତିନିପାଦ ପରିମିତ ଭୂମି ଦାନ ହିସାବରେ ମାଗିଲେ। ଦୈତ୍ୟରାଜ ଚିନ୍ତା କଲା ଯେ, ଏହା ଏକ ସାମାନ୍ୟ ବିଷୟ। କିନ୍ତୁ ବିଷ୍ଣୁଙ୍କ ପ୍ରଥମ ପାଦ ସାରା ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସମଗ୍ର ସ୍ୱର୍ଗଲୋକକୁ ଆଚ୍ଛାଦିତ କରିଦେଲା। ତୃତୀୟ ପାଦ ପାଇଁ ଆଉ ଜାଗା ନ ଥିବାରୁ ତା' ମୁଣ୍ଡ ଉପରେ ପାଦ ରଖି ତାକୁ ପାତାଳପୁରକୁ ପଠାଇଦେଲେ। ସେମିତି ପୂର୍ବରୁ ଅବହେଳାର ଶିକାର ହୋଇଥିବା ଅଣୁ ରୂପକ ବାମନ ଏବେ ସୁଦୂର ଚନ୍ଦ୍ରକୁ ଯାତାୟାତ କରିପାରି ସମସ୍ତଙ୍କୁ ଚମତ୍କୃତ କରୁଛି।

ଏହି ପୃଷ୍ଠଭୂମିରେ ନାନୋ ଟେକ୍ନୋଲୋଜିର ମୂଲ୍ୟାୟନ କରାଯାଇପାରେ। ସାମ୍ପ୍ରତିକ ବିଜ୍ଞାନ ଯୁଗରେ ଉକ୍ତ ପ୍ରଯୁକ୍ତିବିଦ୍ୟା ବିଭିନ୍ନ ଉଦ୍‌ଭାବନ ମଧ୍ୟରୁ ଗୋଟିଏ ଦୃଷ୍ଟାନ୍ତ। ଏହି ଶ୍ରେଣୀୟ ଉଦ୍ୟୋଗର ସାମଗ୍ରିକ ପରିଣାମ ଓ ଭବିଷ୍ୟତ ସମ୍ବନ୍ଧରେ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ (୧୯୪୨–୨୦୧୮) କହିଛନ୍ତି: ''ମୌଳିକ ବିଜ୍ଞାନର ଅଗ୍ରଗତି ସହ ତାଳ ମିଳାଇ ପ୍ରଯୁକ୍ତି କ୍ଷେତ୍ରରେ ଘଟିଥିବା କାର୍ଯ୍ୟାନୁଷ୍ଠାନଗୁଡିକ ହିଁ ପୃଥିବୀର ସଭ୍ୟତା ଓ ସଂସ୍କୃତିର ଏପରି ଅଭୂତପୂର୍ବ ପରିବର୍ତ୍ତନ ଘଟାଇ ପାରିଛନ୍ତି।''

ମୋ: ୯୦୭୮୭୪୮୮୪୮

# ଗୁଣାତ୍ମକ ଶିକ୍ଷାର ପୃଷ୍ଠଭୂମି



କିଶୋର ଚନ୍ଦ୍ର ବେହେରା

ଭାରତୀୟ ସଂସ୍କୃତିରେ ଶିକ୍ଷାର ଲକ୍ଷ୍ୟ ହେଉଛି ଚରିତ୍ର ଗଠନ ଓ ପବିତ୍ରତା। ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ଛାତ୍ର ଜୀବନରେ ଖଦିବସ୍ତ୍ର ପରିଧାନ, ସୂତାକାଟିବା କାର୍ଯ୍ୟ ଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଅନୁପ୍ରେରିତ କରିବା ସହ ବଳକା ସମୟର ସଦୁପଯୋଗ ପାଇଁ କର୍ମତତ୍ପର କରିଥାଏ। ଆତ୍ମନିଯୁକ୍ତି କ୍ଷେତ୍ରରେ ଏହା ଖୋରାକ ଯୋଗାଇ ଥାଏ। ବେକାର ସମସ୍ୟା ବିରୋଧରେ ଏହା ଏକ ସଫଳ ପଦକ୍ଷେପ। ମାନବ ଶକ୍ତିର ସୁବିନିଯୋଗ ତଥା ବିକାଶ ଦିଗରେ ଏହା ସହାୟକ ହୋଇଥାଏ। ରାଷ୍ଟ୍ରୀୟ ଅର୍ଥନୈତିକ ପ୍ରଗତିରେ ଏକ ବଳିଷ୍ଠ ତଥା ଗଠନମୂଳକ ଭୂମିକା ନିଭାଇଥାଏ। ସେହିପରି ନିତ୍ୟ–ନୈମିତ୍ତିକ ଶିକ୍ଷା ସହ ଧନ୍ଦାମୂଳକ ବୈଷୟିକ ଶିକ୍ଷା ଅଙ୍ଗୀଭୂତ ନ ହେଲେ ସେ ଶିକ୍ଷା ଅକାରଣ। କାରଣ, ଶିକ୍ଷାର ପରିସର ବ୍ୟାପକ ଓ ଦୀର୍ଘ ଯୋଜନା ମୂଳକ କାର୍ଯ୍ୟକ୍ରମ। ୧୯୭୬ରେ ୪୨ତମ ସମ୍ବିଧାନ ସଂଶୋଧନ ଏକ ମୌଳିକ ପରିବର୍ତ୍ତନ ଆଣିଥିଲା, ଏହା ଶିକ୍ଷାକୁ ରାଜ୍ୟର ତାଲିକାରୁ ବର୍ତ୍ତମାନର ତାଲିକାକୁ ପରିବର୍ତ୍ତନ କରିଥିଲା। ଏହା ମଧ୍ୟ ଦେଶର କେନ୍ଦ୍ରୀୟ ବ୍ୟବସ୍ଥାର ଗୁରୁତ୍ୱକୁ ବୁଝିପାରିଥିଲା ଏବଂ ଶୈକ୍ଷିକ ଲକ୍ଷ୍ୟକୁ ଆଗେଇ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କୁ ପ୍ରାଥମିକତା ଦେଇଥିଲା। ଶିକ୍ଷା ଉପରେ ଯେ କୌଣସି ନୀତି ସମଗ୍ର ଶିକ୍ଷା ପ୍ରକ୍ରିୟାର ଅନ୍ତଃ–ବିଭାଗୀୟ ଏବଂ ଅନ୍ତଃ ମନ୍ତ୍ରଣାଳୟ ପ୍ରଭାବକୁ ଏବଂ ରାଜ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଆବଶ୍ୟକ। କେନ୍ଦ୍ର ସରକାର 'ଜାତୀୟ ଶିକ୍ଷା ନୀତି–୨୦୨୦' ପ୍ରଣୟନ କରିଛନ୍ତି। ସ୍ୱାଧୀନ ଭାରତରେ ତୃତୀୟ ଥର ପାଇଁ ଶିକ୍ଷା ନୀତି କରାଯାଇଛି। ପୂର୍ବରୁ ୧୯୬୮ ଓ ୧୯୮୬ରେ ଶିକ୍ଷା ନୀତି ପ୍ରଣୟନ କରାଯାଇଥିଲା। ନୂଆ ନୀତିରେ ଉଭୟ ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷାର ପାଠ୍ୟକ୍ରମ, ପରୀକ୍ଷା ପ୍ରଣାଳୀ ସବୁଥିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏପରିକି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାମ ବଦଳାଯାଇ 'ଶିକ୍ଷା ମନ୍ତ୍ରଣାଳୟ' ନାମରେ ନାମିତ କରାଯାଇଛି।

ଦୀର୍ଘ ୩୪ ବର୍ଷ ପରେ ଶିକ୍ଷା ନୀତି ବଦଳୁଥିବାରୁ ତାହାକୁ ନେଇ ଦେଶବ୍ୟାପୀ ସମସ୍ତ ଶିକ୍ଷାନୁଷ୍ଠାନରେ ପାଠଚକ୍ର, ଆଲୋଚନା, ସମାଲୋଚନା ସମସ୍ୟାର ସମାଧାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣ୍ଟା ଭିଡିଥିଲା ବେଳେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଲାଗି ରହିଛି ଉତ୍କଟ ଶିକ୍ଷକ ମରୁଡ଼ି ଅବସ୍ଥା। ଏଥି ସହିତ ଦୁର୍ବଳ ଭିତ୍ତିଭୂମି। ପୂର୍ବର ଶିକ୍ଷା ନୀତିଗୁଡ଼ିକ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଛନ୍ତି, ଯଦିଓ ସେଥିରୁ ଅନେକ ସମ୍ପୂର୍ଣ୍ଣଭାବେ ଅନୁଭୂତ ହୋଇପାରି ନାହିଁ। ଦେଶରେ ଶିକ୍ଷାର ସର୍ବୋନ୍ନତିର ମିଶ୍ରିତ ଛବି, ଶିକ୍ଷାରେ ଯୋଗଦାନ ଏବଂ ପ୍ରବେଶର ସମସ୍ୟା, ଦିଆଯାଉଥିବା ଶିକ୍ଷାର



ଗୁଣାତ୍ମକ ମାନ, ଶିକ୍ଷାରେ ସମାନତା, ବ୍ୟବସ୍ଥାର ଦକ୍ଷତା, ଶାସନ ଏବଂ ପରିଚାଳନା, ଗବେଷଣା ଓ ବିକାଶ, ଶିକ୍ଷାର ବିକାଶରେ ଆର୍ଥିକ ବିଷୟ ସମ୍ବନ୍ଧିତ ଅନେକ ଚିନ୍ତା ଏବଂ ସମସ୍ୟା ରହିଆସିଛି।

ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ନାତକ ମହାବିଦ୍ୟାଳୟଗୁଡ଼ିକର ବର୍ଗୀକରଣ ନୂତନ ଶିକ୍ଷାନୀତିରେ ଅଗ୍ରଗତି ନେଇ ଶିକ୍ଷାବିତ୍, ଛାତ୍ରୀଛାତ୍ର, ଅଭିଭାବକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍ନାତକ ମହାବିଦ୍ୟାଳୟ, ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟ, ୬୬୨ ବର୍ଗ ସ୍ନାତକ ମହାବିଦ୍ୟାଳୟ, ଅଣଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ, ଆମ୍ବିକ ଆର୍ଥିକ ସହାୟତା ସ୍ନାତକ ମହାବିଦ୍ୟାଳୟ ଓ ଶିକ୍ଷାବର୍ଷ ୨୦୨୪–୨୫ରେ ଉପାନ୍ତ ଅଞ୍ଚଳର ୧୦ଟି ବ୍ଲକରେ ନୂତନ ଭାବେ ପ୍ରତିଷ୍ଠା କରିଥିବା ୧୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟର ଦୁରବସ୍ଥା ଅତି ଦୟନୀୟ। ଏଠି ଭିତ୍ତିଭୂମିର ଅଭାବ ସହ ଜଣିଏ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ୪ ଜଣ ଅତିଥି ଅଧ୍ୟାପକ ଓ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ପାଠପଢ଼ା ଜାରି ରହିଛି। କେତୋଟି ହାତଗଣତି ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଥିଲା ବେଳେ ଅନ୍ୟ ସମସ୍ତ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟରେ ଧର୍ମକୁ ଆଖିଠାର ବ୍ୟବସ୍ଥା ଅନୁଯାୟୀ ଅସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରି ସରକାର ଝାଡ଼ିଝୁଡ଼ି ହୋଇ ବସି ପଡ଼ିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାପଦଣ୍ଡ କେତେଦୂର ଉଚ୍ଚଶିକ୍ଷା ବିଭାଗ ପୂରଣ କରିପାରିବେ ସେ ସମୟକୁ ଅପେକ୍ଷା କରିବାକୁ ପଡ଼ିବ।

ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରେ ୧୩୦୦ ଅଧ୍ୟାପକ ପଦ ଖାଲି ପଡିଥିଲା ବେଳେ ଏହିସବୁ ପଦବୀଗୁଡ଼ିକର ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚନ୍ୟାୟାଳୟ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୨ରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅତିଥି ଅଧ୍ୟାପକଙ୍କ ଉପରେ ନିର୍ଭର କରିବାରୁ ଶିକ୍ଷାର ମାନ ହ୍ରାସ ପାଉଛି ଏବଂ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ୨୧ ଧାରା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା କରିବାର ଆବଶ୍ୟକତା ରହିଛି। ଯେ ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇନାହିଁ, ସେ ପର୍ଯ୍ୟନ୍ତ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ବିଳମ୍ବ ଦେଖାଦେବ। ଉଚ୍ଚଶିକ୍ଷାର 'ହବ୍'ରେ ପରିଣତ କରିବା ଲାଗି ତୁହାକୁ ତୁହା ଘୋଷଣା ସହିତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକଳ ଚିତ୍ର ଚଳିତ ବର୍ଷ ପ୍ରକାଶିତ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ ଫ୍ରେମ୍‌ଓାର୍କ' (ଏନ୍‌ଆଇଆର୍‌ଏଫ୍)ରୁ ସ୍ପଷ୍ଟ ହୋଇଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋ:୯୪୩୭୯୫୫୫୬୮**

## ଏଇ ଭାରତରେ

ଭାରତୀୟ ସେନାରେ ୩୦ ବର୍ଷ କାର୍ଯ୍ୟ କରିବା ପରେ କର୍ଣ୍ଣେଲ ଦିବ୍ୟ ଠାକୁର ମନାଲି ନିକଟସ୍ଥ ଏକ ଗାଁରେ ଆପଲ ଚାଷ କରୁଛନ୍ତି। ଜୈବିକ ପଦ୍ଧତିରେ ସେ ଏହି ଚାଷ କରି ସଫଳ ହୋଇଛନ୍ତି। ବଡ଼ କଥା ହେଉଛି ଜୁଲାଇ ୨୦୨୫ରେ ସେ ୧୧ ଟନ୍ ଆପଲ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଦିବ୍ୟ ୨୦୧୯ରେ ସେନାରୁ ଅବସର ଗ୍ରହଣ କରିବା ପରେ ଏହି ଚାଷ ଆରମ୍ଭ କରିଥିଲେ। ଦିବ୍ୟଙ୍କୁ ବୟସ ଏବେ ୬୫। ସେ ୪ ଏକର ଜମିରେ ଆପଲ ଚାଷ କରୁଛନ୍ତି। ତାଙ୍କ ଶ୍ୱଶୁର ଲ୍ୟୁଟନାଣ୍ଟ ଜେନେରାଲ ଭୁପିନ୍ଦର ଠାକୁର ତାଙ୍କୁ ଏହି ଚାଷରେ ସହଯୋଗ କରୁଛନ୍ତି। ଆପଲ ଚାଷର ସେ ନିଜେ ଜୈବିକ ଖତ ଓ କୀଟନାଶକ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି। ଦିବ୍ୟ ଆପଲ ବଗିଚାରେ ୧୫,୦୦୦ ଲିଟର କ୍ଷମତାବିଶିଷ୍ଟ ଟାଙ୍କି ନିର୍ମାଣ କରିଛନ୍ତି, ଯେଉଁଥିରେ ବର୍ଷାଜଳକୁ ସଂଗ୍ରହ କରି ସିଞ୍ଚନ ପଦ୍ଧତିରେ ବଗିଚାରେ ବ୍ୟବହାର କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ନଭେମ୍ବର ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ସାଧାରଣ ସମ୍ପାଦକ ରୂପେ ଡମ୍ବରୁଧର ମାଝି ମାନୋନୀତ।
- ନନ୍ଦନକାନନଠାରେ ମତ୍ସ୍ୟବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପ୍ରଥମ ମତ୍ସ୍ୟ ସଂରକ୍ଷଣାଳୟ ଉଦ୍‌ଘାଟିତ।
- କେତେକ ସରକାରୀ ସଂଶୋଧନ ପ୍ରସ୍ତାବ ସହ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌ର ସବୁ ଦଫା ଲୋକସଭାରେ ଅନୁମୋଦିତ।

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି
ତୁମରି ଗତି ବ୍ୟାଜରେ ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ ।
–(ପ୍ରସାଧନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 4 | | | | | |
| 3 | 8 | | | 9 | 7 | | | 1 |
| 7 | | | | | | 6 | | |
| 5 | | | | | 1 | 8 | | 6 |
| | | | | 8 | | | | |
| 8 | 9 | | | | | | 3 | |
| 4 | | | | | 3 | 5 | 9 | |
| | | | 6 | | | | | |
| | | | 2 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 7 | 2 | 4 | 5 | 9 | 6 | 3 |
| 5 | 3 | 4 | 9 | 6 | 8 | 7 | 2 | 1 |
| 2 | 9 | 6 | 1 | 7 | 3 | 8 | 4 | 5 |
| 4 | 6 | 2 | 5 | 9 | 7 | 3 | 1 | 8 |
| 9 | 7 | 3 | 8 | 1 | 4 | 2 | 5 | 6 |
| 8 | 5 | 1 | 3 | 2 | 6 | 4 | 9 | 7 |
| 6 | 2 | 9 | 7 | 3 | 1 | 5 | 8 | 4 |
| 3 | 4 | 5 | 6 | 8 | 9 | 1 | 7 | 2 |
| 7 | 1 | 8 | 4 | 5 | 2 | 6 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ଦାୟୀ କରାଯାଉ

ମହାଶୟ,

ଶିଶୁଙ୍କ ଜୀବନ ନେଇଥିବା କଫ ସିରପ୍ ପ୍ରସ୍ତୁତ କରିଥିବା କମ୍ପାନୀ ଉପରେ ଶିଶୁହତ୍ୟା ଅଭିଯୋଗରେ ଦୋଷାରୋପ କରି ମାଲିକଙ୍କୁ ଗିରଫ କରିବା ଆଇନତଃ ଯଥାର୍ଥ। କିନ୍ତୁ ବିନା ପରୀକ୍ଷା ନିରୀକ୍ଷା ଓ ଯାଞ୍ଚରେ, ବିକ୍ରି କରିବାକୁ ଅନୁମତି ପ୍ରଦାନ କରିଥିବା ଡ୍ରଗ କଣ୍ଟ୍ରୋଲ ବିଭାଗ ଅଧିକାରୀଙ୍କୁ ଗିରଫ କରାଯିବା ଉଚିତ। ଗଣମାଧ୍ୟମ ଅନେକ ସମୟରେ ଖବର ଲୋକଲୋଚନକୁ ଆଣି ସରକାରଙ୍କୁ ସତର୍କ ରହିବା ନିମନ୍ତେ ସଚେତନ କରଛି। କିନ୍ତୁ ସରକାର ଏସବୁକୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ। ଭାରତରେ ନକଲି ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟାରେ ବହୁ ସଂଖ୍ୟାରେ ରୋଗୀମାନେ ମୃତ୍ୟୁବରଣ କରୁଛନ୍ତି। ଅଧିକ ଆୟ ଉପାର୍ଜନ ଲାଳସାକୁ ତ୍ୟାଗ କରିବା ପୂର୍ବକ, ମାନବ ସେବାକୁ ମାଧବ ସେବା ରୂପେ ବିଚାର କରି ସମସ୍ତ ପ୍ରକାର ଜୀବନ ରକ୍ଷାକାରୀ ଔଷଧ, ଇଂଜେକ୍‌ସନ ଓ ସାଲାଇନ ପ୍ରସ୍ତୁତି ଉପରେ କମ୍ପାନୀମାନେ ଦୃଷ୍ଟିଦେବା ଉଚିତ। ଆନ୍ତରିକତା ସହ ବିଭିନ୍ନ ମେଡିସିନର ଉଚ୍ଚ ମାନକାରୀ ଗୁଣବତ୍ତା ସମ୍ପନ୍ନ କରି ନିଜ ନିଜର କମ୍ପାନୀର ମାନମର୍ଯ୍ୟାଦାକୁ ପ୍ରସିଦ୍ଧି ଆଣିବାରେ ଚେଷ୍ଟିତ ହେବା ସହ ନିଜ ନିଜର ସାଧୁତା ସ୍ୱଚ୍ଛତା ପ୍ରତିପାଦନ କରନ୍ତୁ। ବିକ୍ରି ପାଇଁ ଉଦ୍ଦିଷ୍ଟ ସମସ୍ତ ଔଷଧର ଔଷଧୀୟ ଗୁଣବତ୍ତା ଓ ମାନକୁ ଠିକ ପରୀକ୍ଷା ନିରୀକ୍ଷା ଓ ଯାଞ୍ଚ କରିବା ଡ୍ରଗ କଣ୍ଟ୍ରୋଲ ବିଭାଗର କର୍ତ୍ତବ୍ୟ ହେବା ଆବଶ୍ୟକ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉଦ୍ଧାର କରିବାକୁ ଯାଇଥିବା ପୋଲିସଙ୍କୁ ଆକ୍ରମଣ

## ସପ୍ତାହେ ପରେ ବି ହୋଇନି କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା,୨।୧୧ (ପ୍ରଭାତ ପାଣିଗ୍ରାହୀ)

ଗୋଟିଏ ପରିବାରଙ୍କୁ ଗ୍ରାମର କେତେଜଣ ଲୋକ ଆକ୍ରମଣ କରୁଥିବା ଖବରପାଇ ଉଦ୍ଧାର କରିବାକୁ ଯାଇଥିବା ନିରାକାରପୁର ଥାନା ପୋଲିସ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଆହତ ସବ୍‌ଇନ୍‌ସ୍ପେକ୍ଟର (ଏସ୍‌ଆଇ) ଦୀପାଲିସା ନାୟକ ଏନେଇ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ସପ୍ତାହେ ବିତିଯାଇଥିଲେ ମଧ୍ୟ ଏ ସମ୍ପର୍କରେ ପୋଲିସ କେବଳ ଏକ ମାମଲା (ନଂ.୨୮୪/୨୫) ରୁଜୁକରି ଚୁପ୍ ବସିଛି। ଯେଉଁଠି ପୋଲିସ ସୁରକ୍ଷିତ ନୁହେଁ, ଜନତାଙ୍କୁ କ'ଣ ସୁରକ୍ଷା ଦେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଗତ ଅକ୍ଟୋବର ୨୫ରେ ଏହି ଥାନା ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ ନନପଡ଼ା ଗ୍ରାମର ପ୍ରବାସୀ ପ୍ରଧାନ ଓ ତାଙ୍କ ସ୍ୱାମୀ ଘନଶ୍ୟାମ ମହାପାତ୍ରଙ୍କୁ ଜମିବାଡ଼ିକୁ କେନ୍ଦ୍ରକରି କେତେଜଣ ଲୋକ ମାରପିଟ କରୁଥିବା ଖବରପାଇ ଏସ୍‌ଆଇ ନାୟକ, ଏଏସ୍‌ଆଇ ଏସ୍.କେ ବେହେରା, କନ୍‌ଷ୍ଟେବଲ ଏସ୍.ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରବାସୀ ଏବଂ ତାଙ୍କ ସ୍ୱାମୀ ଘନଶ୍ୟାମଙ୍କୁ କେତେଜଣ ଲୋକ ଘେରି ରହିଥିଲେ। ଦମ୍ପତିଙ୍କୁ ଉଦ୍ଧାର କରିବା ସମୟରେ ହଠାତ୍ ପୂର୍ବରୁ ବିଭିନ୍ନ ମାମଲାରେ ଜଡ଼ିତ ଥିବା ଶୁଭମ ଦାଶ, କାର୍ତ୍ତିକ ସାମନ୍ତରାୟ, ସଚ୍ଚି ସାମନ୍ତରାୟଙ୍କ ସହିତ ଏକାଧିକ ଯୁବକ ପହଞ୍ଚି ପୋଲିସକୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିବାକୁ ଆସିଥିବା କହିବା ସତ୍ତ୍ୱେ ସେମାନେ ଆହୁରି ଗାଳିଗୁଲଜ କରିବା ସହ ଭବିଷ୍ୟତରେ ଗାଁକୁ ଆସିଲେ ଭଲ ହେବନି କହି ଧମକ ଦେଇଥିଲେ। ଧସ୍ତାଧସ୍ତି ଓ ଠେଲାପେଲା ମଧ୍ୟରେ ପୋଲିସ କର୍ମଚାରୀମାନେ ଆହତ ହୋଇଥିଲେ। ଠେଲାପେଲାରେ ଜଣେ ପୋଲିସ କର୍ମଚାରୀଙ୍କ ଡାହାଣ ବାହୁ ଓ ଛାତିର ଉପରଭାଗ ଆହତ ହୋଇଛି। ଏପରିକି ଯୁବକମାନେ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉପରୋକ୍ତ ଯୁବକମାନେ ପୋଲିସ କାର୍ଯ୍ୟରେ ବାଧାଦେବା, ଆକ୍ରମଣ, ଗାଳିଗୁଲଜ, ଗାଡ଼ି ଭଙ୍ଗାରୁଜା କରିଥିବା ନେଇ ଏସ୍‌ଆଇ ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପ୍ରବାସୀ ପ୍ରଧାନଙ୍କ ଅଭିଯୋଗକ୍ରମେ ଥାନାରେ ଆଉ ଏକ ମାମଲା (ନଂ.୨୮୩/୨୫) ରୁଜୁ ହୋଇଛି। ପୋଲିସଙ୍କୁ ଆକ୍ରମଣ କରିଥିବା ଯୁବକଙ୍କ ମଧ୍ୟରୁ କେତେଜଣଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ରହିଥିବା ସତ୍ତ୍ୱେ ପୋଲିସର ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଦେଢ଼ ବର୍ଷ ତଳେ ପୁରୀ ଜିଲା ଗଡ଼ିଶାଗୋଦା ଥାନାରେ ପୋଲିସକୁ ଆକ୍ରମଣ କରି ୨ଜଣ ଆକ୍ରମଣକାରୀ ଯୁବକ ଜେଲ ଯାଇ ଫେରିଛନ୍ତି। ତେବେ ଏଭଳି ପେଶାଦାର ଅପରାଧୀଙ୍କ ପ୍ରତି ପୋଲିସର କୋହଳ ମନୋଭାବ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏନେଇ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ଲେଖିକା ସାଗରିକା ଦାସ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ବର୍ଷିୟାନ ଲେଖିକା ସାଗରିକା ଦାସଙ୍କୁ ନିରନ୍ତର ସାହିତ୍ୟ ସାଧନା ପାଇଁ ରବିବାର ବୁଦ୍ଧ ମନ୍ଦିରଠାରେ ସମ୍ବର୍ଦ୍ଧିତ କରାଯାଇଛି। ସଂସଦ ସଭାପତି ଶକୁନ୍ତଳା ବଳିୟାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ବିଜୟାନନ୍ଦ ସିଂହ, ଲେଖିକା ସଂସଦ ଉପସଭାପତି ଗୋଲାପ ମଞ୍ଜରୀ କର, ଡା. ସାଗରିକା ଦାସ, ଶକୁନ୍ତଳା ବଳିୟାରସିଂହ ଓ ଅବସରପ୍ରାପ୍ତ ପ୍ରାଧ୍ୟାପିକା କମଳକୁମାରୀ ଦାଶ ଯୋଗଦେଇଥିଲେ। ପ୍ରଫେସର ସଂଘମିତ୍ରା ଭଞ୍ଜଙ୍କ ତତ୍ତ୍ୱାବଧାନରେ ସାଗରିକା ଦାସଙ୍କ ବିଭିନ୍ନ ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ମହାରଣା, ଅଧ୍ୟାପିକା ସୁଲତା ସାହୁ, ସାହିତ୍ୟିକା ରଶ୍ମୀରେଖା ବେହେରା, ଅଧ୍ୟାପିକା ସରୋଜିନୀ ପାଣି, ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ, ନୀଳମାଧବ ପ୍ରଧାନ, ଗବେଷିକା ପ୍ରିୟଙ୍କା ଦାସ, ଲିଜାରାଣୀ ପଇଟାଳ ଓ ରଶ୍ମିତା ସାହୁ। ସେହିପରି ତାଙ୍କ ରଚିତ ସାୟରୀ ପାଠ କରିଥିଲେ ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ପ୍ରତିମା ଦେବୀ। ତାଙ୍କ କାବ୍ୟ କୃତୀ ଉପରେ ଅଧ୍ୟାପିକା ସୁଜାତା ପାହାନ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅପରାଜିତା ମହାରଣା, ରଶ୍ମୀରେଖା ବେହେରା ଓ ଦୀପ୍ତିମୟୀ ସାହୁ। ସନ୍ଧ୍ୟାରାଣୀ ପୃଷ୍ଟି ବେଦ ପାଠ ଓ ଚମକଚାନ୍ଦିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ଭାରତୀୟ ଦଳର ବିଜୟ କାମନା କରି ରବିବାର ଖରାଖାଇ ବୈଦ୍ୟନାଥଙ୍କ ପୂଜାର୍ଚ୍ଚନା କରାଯାଉଛି।

# ୫ରୁ ଭୁବନେଶ୍ୱର ଉତ୍ତର ମହୋତ୍ସବ, କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୧ (ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୫ ତାରିଖଠାରୁ ଭୁବନେଶ୍ୱର ଉତ୍ତର ମହୋତ୍ସବ ଆରମ୍ଭ ହେବ। ଏହି ଅବସରରେ ରବିବାର ଚନ୍ଦ୍ରଶେଖରପୁର କ୍ଲବ୍ ଟାଉନ ପଡିଆରେ ଏକ କାର୍ଯ୍ୟାଳୟ ଖୋଲିଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ତଥା ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଓଡିଆ ଅସ୍ମିତାର ମାହାର୍ଘ୍ୟ ସମ୍ମେଳନ ଭୁବନେଶ୍ୱର ଉତ୍ତର ମହୋତ୍ସବ ମାଧ୍ୟମରେ ଓଡିଶାର ସଂସ୍କୃତି, ପରମ୍ପରା, ଲୋକକଳାକୁ ବଜାୟ ରଖିବା, ଭୁବନେଶ୍ୱରର ନିଜସ୍ୱ ପରିଚୟ ଓ ସାଂସ୍କୃତିକ ଗୌରବକୁ ଉଜାଗର କରିବା ଏବଂ ଭାଇଚାରାକୁ ଦୃଢୀଭୂତ କରିବା ପାଇଁ ପରିକଳ୍ପନା କରାଯାଇଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ ଓ ଲୋକକଳା ପରିବେଷଣ କରାଯିବ। ସେହିଭଳି ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉତ୍ତର ମହୋତ୍ସବ ସମ୍ମାନ ପ୍ରଦାନ କରାଯିବ। ଅନୁଷ୍ଠାନର ସଭାପତି କୁନାଲ ରାଉତ କହିଲେ, ମହୋତ୍ସବରେ ଓଡିଶାର ପାମ୍ପରିକ ଖାଦ୍ୟ ସାମଗ୍ରୀର ଷ୍ଟଲ ଲାଗିବା ସହିତ ମୀନାବଜାର, ଦୋଳି ଓ ଅନ୍ୟାନ ଖାଦ୍ୟ ଷ୍ଟଲ ରହିବ। ଲୋକମାନେ କିଣାକିଣି ସହ ଖାଦ୍ୟ ପଦାର୍ଥ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। କାର୍ଯ୍ୟକ୍ରମରେ ପରିଚୟ ଫଉଣ୍ଡେଶନର ପ୍ରତିଷ୍ଠାତ୍ରୀ ଅଧ୍ୟକ୍ଷା ରୋଜାଲିନ ପାଢଶାଣୀ ମିଶ୍ର, ବରିଷ୍ଠ ମୁରବି ଅନ୍ତର୍ଯ୍ୟାମୀ କୁଅଁର, ଆଇନଜୀବୀ ସମରେନ୍ଦ୍ର ସାହୁ, କର୍ପୋରେଟର ଯଶୋଧାରା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡା, ଭାଜପା ଜିଲା ଉପସଭାପତି ନିରଞ୍ଜନ ରାଉତରାୟ, ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି, ମଣ୍ଡଳ ସଭାପତି ନଗେନ ବିଶୋଇ, ନାରୀନାତ୍ରୀ ସୌଭାଗ୍ୟଲକ୍ଷ୍ମୀ ଦାଶ, ଲିପା ସାହୁ, ଜ୍ୟୋତ୍ସ୍ନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଟା ଆର୍କାଇଭ୍‌ଭିତ୍ତିକ ତଥ୍ୟ କାଟାଲଗିଂ ପାଇଁ ପ୍ରଶିକ୍ଷଣ

ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅନ୍ତର୍ଗତ ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ଜାତୀୟ ଡାଟା ଆର୍କାଇଭ୍‌ଭିତ୍ତିକ ତଥ୍ୟ କାଟାଲଗିଂ (ଏନ୍‌ଏଡିଏ) ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀଠାରେ ଏହା ୨ଦିନ ଧରି ଚାଲିଥିଲା। ବିଶ୍ୱ ବ୍ୟାଙ୍କ ପାଣ୍ଠି ସହାୟତାରେ କାର୍ଯ୍ୟକାରୀ ହେଉଥିବା ନିର୍ଦ୍ଦେଶାଳୟର ସଂସ୍ଥାଗତ କ୍ଷମତାର ତଥ୍ୟ ସଂରକ୍ଷଣ, ଡକ୍ୟୁମେଣ୍ଟେଶନ ଆଦି କାର୍ଯ୍ୟ ଓଡ଼ିଶା ରାଜ୍ୟ କ୍ଷମତା ଓ ସହନଶୀଳ ବିକାଶ କାର୍ଯ୍ୟକ୍ରମ (ଓଏସ୍‌ସିଆର୍‌ଜିପି) ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବାକୁ ଯାଉଛି। ରାଜ୍ୟରେ ଏକ ସୁଦୃଢ଼ ଓ ପାରଦର୍ଶୀ ପରିସଂଖ୍ୟାନ ବ୍ୟବସ୍ଥା ଗଠନ କରିବା ଏହାର ମୁଖ୍ୟ ଲକ୍ଷ୍ୟ। କାର୍ଯ୍ୟକ୍ରମକୁ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ଉଦ୍‌ଘାଟନ କରି କହିଲେ, ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ଓ ଗବେଷଣା ଆଧାରିତ ବିଶ୍ଳେଷଣ ପାଇଁ ପରିସଂଖ୍ୟାନ ତଥ୍ୟର ନିତାନ୍ତ ଆବଶ୍ୟକତା ରହିଛି। ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ପରିସଂଖ୍ୟାନ ପ୍ରଣାଳୀକୁ ସୁଦୃଢ଼ କରିବା ପ୍ରୟାସକୁ ପ୍ରଶଂସା କରିବା ସହିତ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ବିଶ୍ୱସନୀୟ, ପ୍ରମାଣିତ ସାଂଖ୍ୟିକ ତଥ୍ୟର ମୂଲ୍ୟ ଅପରିହାର୍ଯ୍ୟ ରହିଛି ବୋଲି ସେ କହିଥିଲେ। ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ହେଉଛି ରାଜ୍ୟର ନୋଡାଲ ଏଜେନ୍ସି। ଏହା ସର୍ବେକ୍ଷଣ, ଜନଗଣନା ଓ ଅନ୍ୟାନ୍ୟ ସାଂଖ୍ୟିକ କାର୍ଯ୍ୟକଳାପ ମାଧ୍ୟମରେ ସାଂଖ୍ୟିକ ତଥ୍ୟ ପ୍ରସ୍ତୁତ କରୁଛି। ତଥ୍ୟକୁ ଅଧିକ ମୂଲ୍ୟଯୁକ୍ତ କରିବା ପାଇଁ ତାହାକୁ ନୀତି ନିର୍ଦ୍ଧାରକ, ଗବେଷକ ଓ ଶିକ୍ଷାବିତ୍‌ଙ୍କ ମଧ୍ୟରେ ପ୍ରସାରଣ କରିବାର ଆବଶ୍ୟକତା ରହିଛି। ଏହି ଉଦ୍ଦେଶ୍ୟରେ ନିର୍ଦ୍ଦେଶାଳୟ ଦ୍ୱାରା ଡାଟା କାଟାଲଗିଂ ପାଇଁ ନ୍ୟାଶନାଲ ଡାଟା ଆର୍କାଇଭ୍(ନାଡା)ପ୍ରଣାଳୀ ପ୍ରୟୋଗ କରାଯାଉଛି ବୋଲି ଡ. ନନ୍ଦ କହିଥିଲେ।

# ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଗଣଦୌଡ଼

ବାରଙ୍ଗ,୨।୧୧ (ଲିଙ୍ଗରାଜ ରାଉତ)

ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ସମିତି ପକ୍ଷରୁ ଏକ ଗଣଦୌଡ଼ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ କାର୍ଯ୍ୟକ୍ରମ ରାମେଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇ କନକ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ଶତାଧିକ ଯୁବକ ଓ ମହିଳାମାନେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଦୌଡ଼ରାଣୀ ଦୂତି ଚାନ୍ଦ ଯୋଗଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଗଣଦୌଡ଼ରେ ସାମିଲ ହୋଇ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଦୌଡରେ ଜୋନ୍ ଏସିପି ଶଶିକାନ୍ତ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଭୂପତି ପାଣିଙ୍କ ସମେତ ବହୁ ଅତିଥି ଯୋଗଦେଇ ଗଣଦୌଡ଼ରେ ସାମିଲ ହେବା ସହ ସମିତି ପକ୍ଷରୁ ନିଆଯାଇଥିବା ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ।


## ODISHA PUBLIC SERVICE COMMISSION CUTTACK

### NOTICE

**No. 7577 / P.S.C., Dt. 30.10.2025**
**(1R-04-24/25) (DR-V)**

**Assistant Professor (Stage-I) in Computer Science (Advertisement No.27 of 2023-24)**

**No.D-253** : It is for information of all concerned that, 'document verification' of 148 (One hundred forty eight) candidates having PPSAN mentioned below for the post of Assistant Professor (Stage-I) in "Computer Science", pursuant to Advertisement No.27 of 2023-24 shall be held from 06.11.2025 to 12.11.2025 (except Govt. holidays) as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 06.11.2025 | 10.30 AM | P240304416, P240308840, P240296935, P240302401, P230181518, P240303799, P240302529, P230185463, P240312982, P240308142, P240304439, P230180916, P230178157, P240299780, P240297265, P240300426, P240282440 & P240307996 = **18 Candidates** |
| | 2.30 PM | P220019555, P240302471, P240302647, P240301935, P240302561, P240308030, P240294300, P240302141, P240305624, P240313054, P240304953 & P240298127 = **12 Candidates** |
| 07.11.2025 | 10.30 AM | P230188075, P240311224, P240311454, P240306997, P230173869, P240306843, P230186145, P240304120, P240307495, P220078341, P230174831, P240302924, P220054776, P230184234, P240305638, P240303503, P240305051 & P230180620 = **18 Candidates** |
| | 2.30 PM | P240301423, P230174435, P230176882, P240303094, P240298728, P240297552, P240300791, P240304709, P240302249, P220023889, P240298206 & P220088448 = **12 Candidates** |
| 10.11.2025 | 10.30 AM | P240300790, P240305211, P240303302, P230173963, P230178689, P240304543, P240300274, P240298145, P240309744, P240308095, P230186042, P240310988, P240305209, P240296848, P240308162, P240301901, P240310751 & P240301343 = **18 Candidates** |
| | 2.30 PM | P240303519, P240306825, P240308788, P230176961, P240313967, P240307301, P240302076, P240302801, P240310230, P240305016, P240305903 & P240304177 = **12 Candidates** |
| 11.11.2025 | 10.30 AM | P240308263, P230188021, P230191556, P240298849, P240312067, P230174611, P240301069, P230179558, P220013112, P230176741, P230150407, P240310895, P240311773, P220088575, P240311494, P240296888, P230192733 & P240296272 = **18 Candidates** |
| | 2.30 PM | P230174706, P220029382, P230181718, P230133473, P220027154, P240302988, P240303758, P230113572, P220064181, P230178656, P240300718 & P230119111 = **12 Candidates** |
| 12.11.2025 | 10.30 AM | P230177543, P240311672, P240303234, P240302650, P240305690, P230182514, P240304623, P230172811, P240309960, P240299784, P230179322, P220060069, P220010492, P230173748, P230176247 & P230110403 = **16 Candidates** |
| | 2.30 PM | P240308057, P240235156, P240308580, P240296252, P220005007, P240309698, P220016680, P240254036, P230178132, P240307181, P230173341 & P240306996 = **12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the 'document verification' does not reserve any right for selection.

**OIPR-** **Sd./- Secretary**



## ODISHA PUBLIC SERVICE COMMISSION CUTTACK

### NOTICE

**No. 7603 / P.S.C., Dt. 31.10.2025**
**(1E-01-2025-26) (DR-II)**
**Website - https://www.opsc.gov.in**

**No.D-254** : It is for information of all 'provisionally qualified candidates' that, the Physical verification of Original Certificates/Documents and Viva Voce Test **for recruitment to the post of Assistant Executive Engineer (Civil) under P.R & D.W Department** pursuant to Advertisement No.33 of 2023-24, will be conducted simultaneously **from 20.11.2025 to 01.12.2025(except on 22.11.2025, 23.11.2025 & 30.11.2025)** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Document Verification | Time of Viva Voce Test | Roll Nos. of Candidates |
|---|---|---|---|
| 20.11.2025 | 08.30 A.M | 10.30 A.M | 100006, 100020, 100022, 100024, 100027, 100038, 100050, 100067, 100108, 100127, 100160, 100176, 100198, 100206, 100246, 100268, 100309, 100316, 100326, 100341, 100380, 100425, 100470, 100506, 100512, 100522, 100526, 100538, 100542, 100545, 100573, 100579, 100580, 100585, 100632, 200009, 200063, 200071, 200080, 200104, 200140, 200153, 200159, 200175, 200178, 200210, 200229 & 200261 = **48 Candidates** |
| | 12.30 P.M | 02.30 P.M | 200266, 200294, 200295, 200300, 200308, 200315, 200316, 200368, 200370, 200394, 200398, 200421, 200423, 200435, 200440, 200456, 200474, 200484, 200486, 200503, 200529, 200551, 200552, 200570, 200579, 200602, 200603, 200623, 200648, 200665, 200667, 200674, 200691, 200693, 200708, 200731, 300004, 300009, 300015 & 300026 = **40 Candidates** |
| 21.11.2025 | 08.30 A.M | 10.30 A.M | 300027, 300053, 300067, 300070, 300074, 300091, 300099, 300102, 300116, 300135, 300150, 300177, 300180, 300191, 300195, 300198, 300210, 300221, 300227, 300244, 300256, 300261, 300272, 300283, 300293, 300297, 300313, 300315, 300348, 300350, 300351, 300368, 300377, 300380, 300393, 300399, 300420, 300453, 300456, 300479, 300490, 300492, 300498, 300510, 300524, 300543, 300549 & 300559 = **48 Candidates** |
| | 12.30 P.M | 02.30 P.M | 300563, 300595, 300603, 300606, 300609, 300619, 300622, 300665, 300667, 300708, 300711, 300729, 300740, 300754, 300755, 300793, 300802, 300826, 300827, 300834, 300844, 300853, 300880, 300895, 300897, 300910, 300921, 300923, 300924, 300927, 300931, 300933, 300936, 300938, 300979, 300991, 300992, 301001, 301004 & 301014 = **40 Candidates** |
| 24.11.2025 | 08.30 A.M | 10.30 A.M | 301033, 301040, 301041, 301049, 301076, 301107, 301126, 301134, 301137, 301159, 301165, 301167, 301186, 301198, 301208, 301209, 301233, 301235, 301238, 301249, 301250, 301267, 301327, 301358, 301396, 301399, 301401, 301413, 301427, 301431, 301435, 301439, 301446, 301451, 301467, 301496, 301522, 301525, 301531, 301534, 301556, 301592, 301601, 301604, 301622, 301649, 301651 & 301655 = **48 Candidates** |
| | 12.30 P.M | 02.30 P.M | 301656, 301663, 301690, 301704, 301725, 301731, 301736, 301740, 301748, 301758, 301780, 301791, 301797, 301823, 301824, 301832, 301839, 301866, 301869, 301924, 301931, 301982, 301983, 302004, 302025, 302031, 302035, 302038, 302040, 302057, 302066, 302068, 302070, 302113, 302124, 302131, 302163, 302202, 302211 & 302217 = **40 Candidates** |
| 25.11.2025 | 08.30 A.M | 10.30 A.M | 302251, 302291, 302298, 302309, 302315, 302327, 302330, 302333, 302349, 302371, 302425, 302440, 302445, 302478, 302487, 302500, 302507, 302510, 302519, 302545, 302554, 302575, 302602 & 302605 = **24 Candidates** |
| | 12.30 P.M | 02.30 P.M | 302612, 302624, 302636, 302637, 302644, 302667, 302675, 302687, 302728, 302754, 302781, 302783, 302794, 302810, 302825, 302830, 302850, 302851, 302863, 302865, 302867 & 302869 = **22 Candidates** |
| 26.11.2025 | 08.30 A.M | 10.30 A.M | 302885, 302901, 302903, 302904, 302907, 302913, 302918, 302924, 302928, 302935, 302937, 302943, 302945, 302951, 302961, 302975, 302996, 303000, 303018, 303072, 303075, 303076, 303098 & 303119 = **24 Candidates** |
| | 12.30 P.M | 02.30 P.M | 303136, 303152, 303153, 303180, 303188, 303202, 303206, 303218, 303222, 303223, 303226, 303227, 303282, 303310, 303316, 303318, 303332, 303359, 303382 & 303388 = **20 Candidates** |
| 27.11.2025 | 08.30 A.M | 10.30 A.M | 303401, 303402, 303407, 303414, 303420, 303432, 303489, 303505, 303512, 303520, 303539, 303557, 303562, 303565, 303574, 303587, 303589, 303593, 303596, 303628, 303644, 303661, 303669 & 303672 = **24 Candidates** |
| | 12.30 P.M | 02.30 P.M | 303679, 303699, 303716, 303730, 303731, 303732, 303742, 303751, 303762, 303777, 303793, 303801, 303843, 303854, 303875, 303876, 303879, 303893, 303896 & 303912 = **20 Candidates** |
ମାସ ମାସ ଧରି କାର୍ଯ୍ୟାଳୟ ଆସୁନାହାନ୍ତି ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ। ଏହି ବିଭାଗ ଅଧୀନରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନାରେ ନଡ଼ିଆ ଗଛ ଲାଗିଥିବା ବେଳେ ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ମାତ୍ର ବିଭାଗୀୟ ଯନ୍ତ୍ରୀ, ଅଧିକାରୀଙ୍କ ସହିତ ବ୍ଲକ ପକ୍ଷରୁ ଏହାର ତଦାରଖ ନ ହେବା ଫଳରେ ଏପରି ଅବସ୍ଥା ଉପୁଜିଥିବା ଅଭିଯୋଗ ହୋଇଛି। ଗୋପ ବ୍ଲକରେ ଥିବା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ଆଉ ଜଣେ କର୍ମଚାରୀ ଆଦୌ କାର୍ଯ୍ୟାଳୟ ଆସୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଭିନ୍ନ କାର୍ଯ୍ୟରେ ଜନସାଧାରଣ ଅଫିସ ଆସି ଫେରୁଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଭିନ୍ନ ପୋଖରୀ ଖନନ ଲାଗି ବର୍ଷ ବର୍ଷ ଧରି ପ୍ରକଳ୍ପ ଅନୁମୋଦିତ ହେଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନାରେ ରୋପଣ କରାଯାଇଥିବା ନଡ଼ିଆ ଗଛର ରକ୍ଷଣାବେକ୍ଷଣ ମଧ୍ୟ ହୋଇପାରୁ ନ ଥିବା ଜଣାପଡ଼ିଛି। ମୃତ୍ତିକା ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ଏବଂ ଆଗାମୀ ଭବିଷ୍ୟତ ପିଢ଼ି ପାଇଁ ସୁସ୍ଥ ପରିବେଶ ସୃଷ୍ଟି ହେବା ସହ ଗାଁ ପରିବେଶ ସବୁଜ ସୁନ୍ଦର କରିବାଲାଗି ନଡ଼ିଆ ଚାରାରୋପଣ କରାଯାଇଥିଲା। ଏହି ଯୋଜନା ଦ୍ୱାରା ଗାଁ ପରିବେଶ ଅନୁକୂଳ ହେବା ସହିତ ଭବିଷ୍ୟତରେ ଗାଁ ଲୋକଙ୍କ ଜୀବନ ଜୀବିକା ପାଇଁ ସହାୟକ ହେବ। ଏହି ବୃକ୍ଷ ରୋପଣ ଦ୍ୱାରା ଏକ ସୁସ୍ଥ ସବୁଜିମା ଭରା ପରିବେଶ ସୃଷ୍ଟି ହେବା ସହିତ ଭବିଷ୍ୟତରେ ଗ୍ରାମ୍ୟ ଉନ୍ନୟନରେ ଆବଶ୍ୟକ ପାଣ୍ଠିର ଯୋଗଦାନରେ ସହାୟକ ହେବ। କୃଷିଭିତ୍ତିକ ବୃକ୍ଷରୋପଣ ହେବା ଦ୍ୱାରା ପରିବେଶ ସୁଧାର ହେବା ଲକ୍ଷ୍ୟ ନେଇ ସରକାର ଯୋଜନା ଆରମ୍ଭ କରିଥିବା ବେଳେ ଗୋପ ବ୍ଲକର ଡଭାର, ବନାଖଣ୍ଡି, କୁଆଁପଡ଼ା, ବୀରତୁଙ୍ଗ ସମେତ ୮ଟି ପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନାରେ ୧୦ ହଜାରରୁ ଊର୍ଦ୍ଧ୍ୱ ନଡ଼ିଆ ବୃକ୍ଷ ରୋପଣ କରାଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ନଡ଼ିଆ ଗଛଗୁଡ଼ିକ ମରିବାକୁ ବସିଲାଣି। ସେହିପରି କେତେକ ପୁଷ୍କରିଣୀ ଖନନ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସରକାରୀ କାର୍ଯ୍ୟ କରିବାଲାଗି କର୍ମଚାରୀମାନେ ମାସିକ ମୋଟା ଅଙ୍କର ଦରମା ପାଉଥିଲେ ମଧ୍ୟ କ'ଣ ପାଇଁ ସରକାରୀ କାର୍ଯ୍ୟ କରିବାକୁ କୁଣ୍ଠିତ ହେଉଛନ୍ତି, ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏ ସମ୍ପର୍କରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମିଳନ କୁମାର ସାହୁଙ୍କୁ ପଚାରିବାରେ ସେ କୁହନ୍ତି, ବର୍ଷାଦିନ ଯୋଗୁ କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ, ମୁଁ ଦୁଇଟି ବ୍ଲକ୍ ଦାୟିତ୍ୱରେ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ପୁରୀ ବେଳାଭୂମିରେ ହବିଷିଆଳିମାନେ ପଞ୍ଚକ ବ୍ରତକରି ରାଇଦାମୋଦର ପୂଜା କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ସପ୍ତାବରଣ ଲେଖିକା ସାହିତ୍ୟ, ସଂସ୍କୃତି ପରିଷଦର ପଞ୍ଚମ ସାହିତ୍ୟ ଆସର

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର ସାହିତ୍ୟ ଅନୁଷ୍ଠାନ ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦ ତରଫରୁ ପବିତ୍ର ଅଁଳା ନବମୀର ମହତ୍ୱ ବିଷୟରେ ଆଲୋଚନାଚକ୍ର ଓ କାର୍ତ୍ତିକ କବିତା ଆସର ସ୍ଥାନୀୟ ବଡ଼ଦାଣ୍ଡ ସ୍ଥିତ ଭକ୍ତ ସାଲବେଗ ପାଠାଗାର ସଭାଗୃହରେ ସଭାମୁଖ୍ୟ ବିଜୟଲକ୍ଷ୍ମୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସାରସ୍ୱତ ଆସରକୁ ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଣ୍ଡିତ ସଦାଶିବ ମିଶ୍ର, ମୁଖ୍ୟବକ୍ତା ଭାବରେ ଡ. ପ୍ରମୋଦ କୁମାର ଦଳାଇ ଓ ସମ୍ମାନିତ ଅତିଥି ଭାବେ ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦିକା ମଞ୍ଜୁଶ୍ରୀ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁରେଶ କୁମାର ପଟ୍ଟନାୟକ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବା ବେଳେ କବି ମହେନ୍ଦ୍ର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି କ୍ରିଷ୍ଣା ମହାପାତ୍ର ଏହି ଅବସରରେ କବି କଳ୍ପନା ଦାଶ, କବି କମଳିନୀ ପାଣିଗ୍ରାହୀ ଓ କବି ଶୁଭଶ୍ରୀ ମହାପାତ୍ରଙ୍କ ସଂଯୋଜନାକ୍ରମେ କବି ପ୍ରତିଭା ଦାଶ, କମଳ କୁମାର ଦାଶ, ସୁବାସ ଚନ୍ଦ୍ର ମିଶ୍ର, ସଂଘମିତ୍ରା ମାନସୀ ରଥ, ଶ୍ରେୟ ସମ୍ପଦା ମିଶ୍ର ଓ ପ୍ରୀତିକ୍ଷା ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପ୍ରତିଭା ଦାଶ ଧନ୍ୟବାଦ ଦେଇଥିଲେ।

## ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)

ଜିଲାରେ ନିଶା କାରବାର ଓ ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଜାରି ରହିଛି ଅପରେଶନ ଚକ୍ର। ଏହି ଅଭିଯାନରେ ପୋଲିସକୁ ବଡ଼ ସଫଳତା ମିଳିଛି। ପିପିଲି ଥାନା ପକ୍ଷରୁ ୧୫ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ ସହିତ ୪ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜଣେ ବ୍ୟବସାୟୀ ଫେରାର ହେବାରେ ସକ୍ଷମ ହୋଇଛି। ନିଶା ବେପାରୀଙ୍କ ଠାରୁ ୧୫୧ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ନଗଦ ୬ ଲକ୍ଷ ୩୦ ହଜାର ୭ ଶହ ଟଙ୍କା ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସତ୍ୟବାଦୀ ଥାନା ଅଞ୍ଚଳର ଜୟନ୍ତ କୁମାର ସ୍ୱାଇଁ, କୁଳମଣି ଖଟେଇ, ଉମେଶ କୁମାର ସ୍ୱାଇଁ ଏବଂ ଜଟଣୀ ଥାନା ଅଞ୍ଚଳର ଶଶିକାନ୍ତ ଜେନା।



ପୋଲିସ ସହ ୪ ଅଭିଯୁକ୍ତ ।

ଅଭିଯୁକ୍ତଙ୍କ ଠାରୁ ପୋଲିସ ୭ଟି ମୋବାଇଲ୍, ଗୋଟିଏ ମାରୁତି ସୁଜୁକି ସ୍ୱିଫ୍ଟ, ଗୋଟିଏ ବୁଲେଟ ଏବଂ ଦୁଇଟି ବାଇକ ଜବତ କରିଛି ବୋଲି ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ପୁରୀ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିମଗଡ଼ ଠାରେ ବ୍ରାଉନ୍ ସୁଗାର ବ୍ୟବସାୟ ପାଇଁ ଯୋଜନା କରୁଥିବା ବେଳେ ପିପିଲି ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲା। ପୁରୀ ଜିଲ୍ଲାରେ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବ୍ରାଉନ୍ ସୁଗାର କାରବାର ଘଟଣାରେ ୨୨ଟି ମାମଲା ରୁଜୁ ହୋଇଥିବା ବେଳେ ୨ କେଜି ୨୬୭ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି। ଘଟଣାରେ ୪୧ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଏସ୍‌ପି ସିଂ ସୂଚନା ଦେଇଛନ୍ତି।

## ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨।୧୧(ଭରତ ରାଉତ/କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

### ବେଢ଼ାରେ ଚୁଡାଘଷା ମହକ

କାର୍ତ୍ତିକ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତଥା ଦେବ ଉତ୍ଥାପନ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଲକ୍ଷ୍ମୀ ନାରାୟଣ ବେଶ ସହିତ ଶ୍ରୀରାଧାଙ୍କ ସୁନାବେଶ ଦର୍ଶନ ପାଇଁ ରବିବାର ଲକ୍ଷାଧିକ ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲା। ଠାକୁରଙ୍କୁ ଭୋଗଲାଗି କରିବାକୁ ମନ୍ଦିର ବେଢ଼ାରେ ଚୁଡ଼ାଘଷା ମହକ ସାଙ୍ଗକୁ ଶହଶହ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମ ସଂକୀର୍ତ୍ତନରେ ଆଧ୍ୟାତ୍ମିକମୟ ପରିବେଶ ସୃଷ୍ଟି ହୋଇଥିଲା। ରାତି ୧ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ, ମଙ୍ଗଳଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ଲକ୍ଷ୍ମୀ ନାରାୟଣ ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଲଧୂପ ଓ ଆଳତି ଦେବନୀତି ପରେ ସକାଳ ୬ଟାରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଅଁଳା ନବମୀରେ ଭିଡ଼ ନିୟନ୍ତ୍ରଣ କରିବା ନିମନ୍ତେ ମନ୍ଦିର ସମ୍ମୁଖରେ କରାଯାଇଥିବା ଛାୟାପ୍ରଦ ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ଦିନତମାମ ଲମ୍ବାଧାଡ଼ି ଲଗାଇଥିବା ବେଳେ ସନ୍ଧ୍ୟାରେ ଭିଡ଼ ବଢ଼ିଥିଲା। ଅଗ୍ନିଶମ ଅଧିକାରୀ ଆଗ୍ନିକଙ୍କ ସହିତ ମନ୍ଦିର ବେଢ଼ାରେ ଦୀପସ୍ତମ୍ଭ ନିକଟରେ ଅଗ୍ନି ନିରାପତ୍ତା ପାଇଁ ଉପସ୍ଥିତ ଥିଲେ। ନୂଆଚୁଡ଼ାରେ ଚୁଡାଘସା, ଖିର, କଦଳୀ ଚକଟା ପ୍ରସ୍ତୁତ କରି ଠାକୁରଙ୍କୁ ଅର୍ପଣ କରି ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ତହସିଲ୍‌ଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବିଜୟ କେତନ ବେହେରା, ଅତିରିକ୍ତ ତହସିଲ୍‌ଦାର ଓମ୍‌ପ୍ରକାଶ ପରିଡ଼ା, ଅତିରିକ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତିଙ୍କ ସହିତ ସେବାୟତ ସଂଘ କର୍ମକର୍ତ୍ତା, ବରିଷ୍ଠ ସେବାୟତ ଓ କର୍ମଚାରୀ ବୃନ୍ଦ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିରକୁ ରଙ୍ଗବେରଙ୍ଗର ଆଲୋକ ଓ ଫୁଲମାଳରେ ସଜା ଯାଇଥିବା ବେଳେ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ୩ ଦିନ ବ୍ୟାପୀ ଆୟୋଜିତ ଶ୍ରୀରାଧା ଉତ୍ସବରେ ପଲ୍ଲିଶ୍ରୀ ମେଳା ପ୍ରଦର୍ଶନୀ ସହିତ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ଘରକରଣା ସାମଗ୍ରୀ, ଖେଳନା, ହସ୍ତଶିଳ୍ପ ବଜାର ଓ ଚଟପଟି ଦୋକାନ ରେ ବେଶ କାରବାର ଲାଗିଥିଲା। ସତ୍ୟବାଦୀ ମହୋତ୍ସବ କମିଟି ଓ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀମାନେ ଯାତ୍ରାରେ ସେବା ଯୋଗାଇ ଦେଇଥିଲେ। ଚଳିତ ବର୍ଷ ପ୍ରଭୁ ସାକ୍ଷୀଗୋପାଳଙ୍କ ପବିତ୍ର ଅଁଳାନବମୀ ଓ ବଡ଼ ଏକାଦଶୀ ପର୍ବ ଶୃଙ୍ଖଳାର ସହ ସରିଛି।



ସାକ୍ଷୀଗୋପାଳ ମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ।


# ODISHA PUBLIC SERVICE COMMISSION CUTTACK

## NOTICE

**No. 7577 / P.S.C., Dt. 30.10.2025**
**(1R-04-24/25) (DR-V)**

**Assistant Professor (Stage-I) in Computer Science**
**(Advertisement No.27 of 2023-24)**

**No.D-253** : It is for information of all concerned that, 'document verification' of 148 (One hundred forty eight) candidates having PPSAN mentioned below for the post of Assistant Professor (Stage-I) in "Computer Science", pursuant to Advertisement No.27 of 2023-24 shall be held from 06.11.2025 to 12.11.2025 (except Govt. holidays) as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 06.11.2025 | 10.30 AM | P240304416, P240308840, P240296935, P240302401, P230181518, P240303799, P240302529, P230185463, P240312982, P240308142, P240304439, P230180916, P230178157, P240299780, P240297265, P240300426, P240282440 & P240307996 = **18 Candidates** |
| | 2.30 PM | P220019555, P240302471, P240302647, P240301935, P240302561, P240308030, P240294300, P240302141, P240305624, P240313054, P240304953 & P240298127 = **12 Candidates** |
| 07.11.2025 | 10.30 AM | P230188075, P240311224, P240311454, P240306997, P230173869, P240306843, P230186145, P240304120, P240307495, P220078341, P230174831, P240302924, P220054776, P230184234, P240305638, P240303503, P240305051 & P230180620 = **18 Candidates** |
| | 2.30 PM | P240301423, P230174435, P230176882, P240303094, P240298728, P240297552, P240300791, P240304709, P240302249, P220023889, P240298206 & P220088448 = **12 Candidates** |
| 10.11.2025 | 10.30 AM | P240300790, P240305211, P240303302, P230173963, P230178689, P240304543, P240300274, P240298145, P240309744, P240308095, P230186042, P240310988, P240305209, P240296848, P240308162, P240301901, P240310751 & P240301343 = **18 Candidates** |
| | 2.30 PM | P240303519, P240306825, P240308788, P230176961, P240313967, P240307301, P240302076, P240302801, P240310230, P240305016, P240305903 & P240304177 = **12 Candidates** |
| 11.11.2025 | 10.30 AM | P240308263, P230188021, P230191556, P240298849, P240312067, P230174611, P240301069, P230179558, P220013112, P230176741, P230150407, P240310895, P240311773, P220088575, P240311494, P240296888, P230192733 & P240296272 = **18 Candidates** |
| | 2.30 PM | P230174706, P220029382, P230181718, P230133473, P220027154, P240302988, P240303758, P230113572, P220064181, P230178656, P240300718 & P230119111 = **12 Candidates** |
| 12.11.2025 | 10.30 AM | P230177543, P240311672, P240303234, P240302650, P240305690, P230182514, P240304623, P230172811, P240309960, P240299784, P230179322, P220060069, P220010492, P230173748, P230176247 & P230110403 = **16 Candidates** |
| | 2.30 PM | P240308057, P240235156, P240308580, P240296252, P220005007, P240309698, P220016680, P240254036, P230178132, P240307181, P230173341 & P240306996 = **12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the 'document verification' does not reserve any right for selection.

**OIPR-** **Sd./- Secretary**



# ODISHA PUBLIC SERVICE COMMISSION CUTTACK

## NOTICE

**No. 7603 / P.S.C., Dt. 31.10.2025**
**(1E-01-2025-26) (DR-II)**
**Website - https://www.opsc.gov.in**

**No.D-254** : It is for information of all 'provisionally qualified candidates' that, the Physical verification of Original Certificates/Documents and Viva Voce Test **for recruitment to the post of Assistant Executive Engineer (Civil) under P.R & D.W Department** pursuant to Advertisement No.33 of 2023-24, will be conducted simultaneously **from 20.11.2025 to 01.12.2025(except on 22.11.2025, 23.11.2025 & 30.11.2025)** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Document Verification | Time of Viva Voce Test | Roll Nos. of Candidates |
|---|---|---|---|
| 20.11.2025 | 08.30 A.M | 10.30 A.M | 100006, 100020, 100022, 100024, 100027, 100038, 100050, 100067, 100108, 100127, 100160, 100176, 100198, 100206, 100246, 100268, 100309, 100316, 100326, 100341, 100380, 100425, 100470, 100506, 100512, 100522, 100526, 100538, 100542, 100545, 100573, 100579, 100580, 100585, 100632, 200009, 200063, 200071, 200080, 200104, 200140, 200153, 200159, 200175, 200178, 200210, 200229 & 200261 = **48 Candidates** |
| | 12.30 P.M | 02.30 P.M | 200266, 200294, 200295, 200300, 200308, 200315, 200316, 200368, 200370, 200394, 200398, 200421, 200423, 200435, 200440, 200456, 200474, 200484, 200486, 200503, 200529, 200551, 200552, 200570, 200579, 200602, 200603, 200623, 200648, 200665, 200667, 200674, 200691, 200693, 200708, 200731, 300004, 300009, 300015 & 300026 = **40 Candidates** |
| 21.11.2025 | 08.30 A.M | 10.30 A.M | 300027, 300053, 300067, 300070, 300074, 300091, 300099, 300102, 300116, 300135, 300150, 300177, 300180, 300191, 300195, 300198, 300210, 300221, 300227, 300244, 300256, 300261, 300272, 300283, 300293, 300297, 300313, 300315, 300348, 300350, 300351, 300368, 300377, 300380, 300393, 300399, 300420, 300453, 300456, 300479, 300490, 300492, 300498, 300510, 300524, 300543, 300549 & 300559 = **48 Candidates** |
| | 12.30 P.M | 02.30 P.M | 300563, 300595, 300603, 300606, 300609, 300619, 300622, 300665, 300667, 300708, 300711, 300729, 300740, 300754, 300755, 300793, 300802, 300826, 300827, 300834, 300844, 300853, 300880, 300895, 300897, 300910, 300921, 300923, 300924, 300927, 300931, 300933, 300936, 300938, 300979, 300991, 300992, 301001, 301004 & 301014 = **40 Candidates** |
| 24.11.2025 | 08.30 A.M | 10.30 A.M | 301033, 301040, 301041, 301049, 301076, 301107, 301126, 301134, 301137, 301159, 301165, 301167, 301186, 301198, 301208, 301209, 301233, 301235, 301238, 301249, 301250, 301267, 301327, 301358, 301396, 301399, 301401, 301413, 301427, 301431, 301435, 301439, 301446, 301451, 301467, 301496, 301522, 301525, 301531, 301534, 301556, 301592, 301601, 301604, 301622, 301649, 301651 & 301655 = **48 Candidates** |
| | 12.30 P.M | 02.30 P.M | 301656, 301663, 301690, 301704, 301725, 301731, 301736, 301740, 301748, 301758, 301780, 301791, 301797, 301823, 301824, 301832, 301839, 301866, 301869, 301924, 301931, 301982, 301983, 302004, 302025, 302031, 302035, 302038, 302040, 302057, 302066, 302068, 302070, 302113, 302124, 302131, 302163, 302202, 302211 & 302217 = **40 Candidates** |
| 25.11.2025 | 08.30 A.M | 10.30 A.M | 302251, 302291, 302298, 302309, 302315, 302327, 302330, 302333, 302349, 302371, 302425, 302440, 302445, 302478, 302487, 302500, 302507, 302510, 302519, 302545, 302554, 302575, 302602 & 302605 = **24 Candidates** |
| | 12.30 P.M | 02.30 P.M | 302612, 302624, 302636, 302637, 302644, 302667, 302675, 302687, 302728, 302754, 302781, 302783, 302794, 302810, 302825, 302830, 302850, 302851, 302863, 302865, 302867 & 302869 = **22 Candidates** |
| 26.11.2025 | 08.30 A.M | 10.30 A.M | 302885, 302901, 302903, 302904, 302907, 302913, 302918, 302924, 302928, 302935, 302937, 302943, 302945, 302951, 302961, 302975, 302996, 303000, 303018, 303072, 303075, 303076, 303098 & 303119 = **24 Candidates** |
| | 12.30 P.M | 02.30 P.M | 303136, 303152, 303153, 303180, 303188, 303202, 303206, 303218, 303222, 303223, 303226, 303227, 303282, 303310, 303316, 303318, 303332, 303359, 303382 & 303388 = **20 Candidates** |
| 27.11.2025 | 08.30 A.M | 10.30 A.M | 303401, 303402, 303407, 303414, 303420, 303432, 303489, 303505, 303512, 303520, 303539, 303557, 303562, 303565, 303574, 303587, 303589, 303593, 303596, 303628, 303644, 303661, 303669 & 303672 = **24 Candidates** |
| | 12.30 P.M | 02.30 P.M | 303679, 303699, 303716, 303730, 303731, 303732, 303742, 303751, 303762, 303777, 303793, 303801, 303843, 303854, 303875, 303876, 303879, 303893, 303896 & 303912 = **20 Candidates** |
| 28.11.2025 | 08.30 A.M | 10.30 A.M | 303913, 303923, 303968, 303986, 303988, 304003, 304029, 304032, 304045, 304057, 304064, 304067, 304077, 304082, 304093, 304099, 304101, 304113, 304127, 304145, 304149, 304152, 304153 & 304156 = **24 Candidates** |
| | 12.30 P.M | 02.30 P.M | 304158, 304161, 304162, 304177, 304184, 304217, 304231, 304241, 304260, 304281, 304282, 304285, 304317, 304319, 304327, 304364, 304379, 304400, 304411 & 304445 = **20 Candidates** |
| 29.11.2025 | 08.30 A.M | 10.30 A.M | 304472, 304474, 304477, 304494, 304502, 304519, 304521, 304532, 304533, 304548, 304565, 304566, 304575, 304597, 304607, 304633, 304642, 304663, 304688, 304699, 400007, 400008, 400023, 400033, 400064, 400067, 400093, 400112, 400119, 400132, 400133, 400145, 400189, 400194, 400206, 400213, 400229, 400238, 400256, 400280, 400290, 400297, 400310, 400318, 400332, 400346 & 400347 = **48 Candidates** |
| | 12.30 P.M | 02.30 P.M | 400355, 400385, 400393, 400401, 400411, 400441, 400488, 400498, 400518, 400522, 400537, 400539, 400563, 400574, 400576, 400586, 400610, 400656, 400658, 400669, 400676, 400722, 400729, 400742, 400795, 400800, 400802, 400807, 400814, 400834, 400855, 400875, 400876, 400878, 400882, 400884, 400888, 400892, 400899 & 400901 = **40 Candidates** |
| 01.12.2025 | 08.30 A.M | 10.30 A.M | 400903, 400905, 400915, 400922, 400926, 400931, 400938, 400939, 400948, 400952, 400953, 400954, 400956, 400972, 400977, 400979, 400981, 400984, 401000, 401025, 401054, 401109, 401116, 500007, 500027, 500036, 500048, 500058, 500059, 500065, 500087, 500126, 500170, 500193, 500211, 500215, 500224, 500236, 500245, 500253, 500260, 500272, 500315, 500333, 500375, 500378, 500380 & 500381 = **48 Candidates** |
| | 12.30 P.M | 02.30 P.M | 500388, 500435, 500454, 500455, 500466, 500508, 500534, 500545, 500552, 500556, 500557, 500616, 500623, 500631, 500634, 500640, 500655, 500656, 500669, 500674, 500681, 500708, 500718, 500728, 500736, 500750, 500761, 500767, 500775, 500779, 500808, 500836, 500868, 500891, 500916, 500918, 500933, 500951, 500962 & 500972 = **40 Candidates** |

**N.B. - The concerned candidates are advised to report at the Office of the Commission half an hour before the commencement of verification of Original Certificates & Documents on their scheduled date & time as mentioned against each.**

It is also made clear that, the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy /deficiency found at any stage before or after the verification of Original Certificate /Documents and is subject to fulfillment of terms and conditions laid down in the Advertisement.

**Mere participation in the Document Verification does not reserve any right to appear in the Interview**. The candidates shall be allowed to the Interview on the scheduled date & time mentioned above subject to fulfillment of their eligibility in all respect as per verification of Original Certificate /Documents. The decision of the Commission thereon shall be final.

**THE CANDIDATE IS REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION**

The Candidates are required to mention **"Submitted by me and certified as genuine and has not been cancelled"** and put their full signature and date on each Photo Copy of the Certificates/Documents

**(ALL THE CERTIFICATES/DOCUMENTS SHOULD BE ISSUED WITHIN THE LAST DATE OF SUBMISSION OF ONLINE APPLICATION i.e 12.04.2024)**

1. Hard copy of Online Application Form **mentioning Roll No. at the Top Right Hand Corner.**
2. H.S.C. or equivalent Certificate in support of declaration of age issued by the concerned Board/Council.
3. H.S.C or equivalent Mark Sheet.
4. Required Odia Test Pass Certificate from the Competent Authority, wherever applicable.
5. Intermediate/+2 Sc. Pass Certificate issued by the concerned Board/Council.
6. Intermediate/+2 Sc. Mark Sheet.
7. Degree (i.e Engineering in Civil) pass certificate issued by the recognized University or AMIE of India in Civil.
8. Mark lists of all semesters of Degree in Civil Engineering passed including fail marks, if any, issued by the concerned Council/University.
9. Conversion Certificate/Conversion Formula (CGPA to Percentage), wherever applicable.
10. "No Objection Certificate" from the Head of Office/Head of the Department in case of Government Servant, wherever applicable.
11. **Caste Certificate by birth in support of claim as SC/ST, wherever applicable, which has been uploaded with Online Application Form. (Please see and refer NOTE-2 of Para-10 of the Advertisement)**
12. SEBC Certificate issued within **13.04.2021 to 12.04.2024**, wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board, wherever applicable.
14. **Release certificate of Ex-servicemen issued within 12.04.2024** as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22586-Gen., Dt. 16.10.1985, wherever applicable, along with Affidavit/Undertaking to the effect that he has not been appointed against a Civil Post after retirement from Military Service.
15. **Sports Identity Card issued by the Director of Sports, Odisha**, wherever applicable.
16. **Any Proof of Identity**
17. **Attestation form** duly filled-in by the Candidate and signed by a Gazetted Officer with seal (to be downloaded from the website of the Commission).
18. **Bio-data Form (CIF)** (to be downloaded and pasted /affixed with passport size photograph) duly filled in.
19. **Any other relevant documents as per Para-10 of the Advertisement.**
20. **Four(04) Passport-size Photographs(unsigned and unattested) which have been uploaded with Online Application Form.**

**OIPR-** **Sd./- Secretary**

# ହିନ୍ଦୀ ଭାବପ୍ରବଣତାର ସେତୁ: ରାଜ୍ୟପାଳ

## ରାଜଭବନରେ ବିଶ୍ୱ ହିନ୍ଦୀ ପରିଷଦର ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର, ୨।୧୧(ସୁଚିସ୍ମିତା ସାହୁ)


ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ହିନ୍ଦୀ ସାହିତ୍ୟ ଲେଖକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ହିନ୍ଦୀ କେବଳ ଭାବନାର ଭାଷା ନ ହୋଇ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଗତିର ଭାଷା ହେଉ। ହିନ୍ଦୀ କୋଟି କୋଟି ଭାରତୀୟଙ୍କ ଭାବନାର ଭାଷା ଏବଂ ଆମର ଜାତୀୟ ପରିଚୟର ଏକ ଶକ୍ତିଶାଳୀ ପ୍ରତୀକ। ଆଜି ହିନ୍ଦୀ ବିଶ୍ୱସ୍ତରରେ ମଧ୍ୟ ଭାରତର ଆତ୍ମା ଏବଂ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରେ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ବିଶ୍ୱ ହିନ୍ଦୀ ପରିଷଦ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ରବିବାର ରାଜଭବନ ନିଉ ଅଭିଷେକ ହଲ୍‌ରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଡ. କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି କାର୍ଯ୍ୟକ୍ରମ କେବଳ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଲେଖକ ଏବଂ ବିଦ୍ୱାନଙ୍କୁ ସମ୍ମାନିତ କରିବାର ଅବସର ନୁହେଁ, ବରଂ ହିନ୍ଦୀର ବିକାଶ, ସଂରକ୍ଷଣ ଓ ଗୌରବ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବାର ମଧ୍ୟ ଏକ ଅବସର। ଜନ କଲ୍ୟାଣ ଏବଂ ସାର୍ବଜନୀନ କଲ୍ୟାଣର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ବିଶ୍ୱ ହିନ୍ଦୀ ପରିଷଦ ହିନ୍ଦୀ ପ୍ରେମୀ, ଲେଖକ ଏବଂ ବିଦ୍ୱାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରିବା ପାଇଁ କାର୍ଯ୍ୟ କରିଛି। ୱାଇ. ଲକ୍ଷ୍ମୀ ପ୍ରସାଦଙ୍କ ପ୍ରେରଣାଦାୟକ ନେତୃତ୍ୱରେ ପରିଷଦ ହିନ୍ଦୀକୁ କେବଳ ସାହିତ୍ୟ ଏବଂ କବିତାର ଭାଷା ଭାବରେ ନୁହେଁ, ବରଂ ଜ୍ଞାନ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ଭାଷା ଭାବରେ ପ୍ରତିଷ୍ଠିତ କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ମାଧ୍ୟମରେ ବର୍ତ୍ତମାନ ଆମର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଆଇନ ଏବଂ ପ୍ରଶାସନ ଭଳି କ୍ଷେତ୍ରରେ ହିନ୍ଦୀ ମାଧ୍ୟମରେ ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ। ଏହି ପଦକ୍ଷେପ ହିନ୍ଦୀକୁ ବିଶ୍ୱସ୍ତରୀୟ ବ୍ୟବହାରିକ, ଉପଯୋଗୀ ଏବଂ ସମ୍ମାନଜନକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ କହିଥିଲେ। ସମାରୋହରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବିଶ୍ୱ ହିନ୍ଦୀ ପରିଷଦ ସଭାପତି ପଦ୍ମଶ୍ରୀ ତଥା ପଦ୍ମଭୂଷଣ ୱାଇ. ଲକ୍ଷ୍ମୀ ପ୍ରସାଦ, ସାଧାରଣ ସମ୍ପାଦକ ଡ. ବିପିନ କୁମାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶ୍ୱ ହିନ୍ଦୀ ପରିଷଦ ଓଡ଼ିଶା ପ୍ରାନ୍ତ ସଭାପତି ବିକ୍ରମାଦିତ୍ୟ ସିଂହ ସ୍ୱାଗତ ଭାଷଣ ଓ ବିଶ୍ୱ ହିନ୍ଦୀ ପରିଷଦ ନୂଆଦିଲ୍ଲୀର ଉପସଭାପତି ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଟ୍ୟଧାରା ନାଟକ ଉତ୍ସବରେ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ'ର ଏକ ଦୃଶ୍ୟ।

# ସାଧୁତାର ଶପଥପାଠ କଲେ ବିଏମ୍‌ସି ଅଧିକାରୀ, କର୍ମଚାରୀ

ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)- ବିଏମ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଶନିବାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଥିଲା 'ଦୁର୍ନୀତି ନିବାରଣ-ଆମ ସାମୂହିକ ଦାୟିତ୍ୱ'। ଏହି ଅବସରରେ ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ମୁକ୍ତ ରହିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ସହ ଲାଞ୍ଚ ନେବା କିମ୍ବା ଦେବାଠାରୁ ଦୂରେଇ ରହିବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧାନ ପାଇଁ କାର୍ଯ୍ୟ କରିବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ସେମାନେ ଶପଥ ନେଇଛନ୍ତି।

# ସୁସ୍ଥ ଭାରତ ଗଠନ ପାଇଁ 'ରନ ଆଣ୍ଡ୍ ରାଇଡ୍'



ୟୁନିଟ୍ ୩ ସାଇ ଜନନୀ ପ୍ରେକ୍ଷାଳୟରୁ ବାଣୀବିହାର ଛକ ଅଭିମୁଖେ ବାହାରିଥିବା ଗଣଦୌଡ।

ଭୁବନେଶ୍ୱର, ୨।୧୧(ସୁଚିସ୍ମିତା ସାହୁ)

ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଓ ଭାରତ ସରକାରଙ୍କ ମିଳିତ ପ୍ରୟାସରେ ସାରା ଦେଶରେ ସୁସ୍ଥ ଭାରତ ଗଠନର ଲକ୍ଷ୍ୟ ନେଇ 'ରନ୍ ଆଣ୍ଡ୍ ରାଇଡ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାଠାରେ ଶ୍ରୀ ସତ୍ୟ ସାଇ ଗଣ ଦୌଡ ଓ ସାଇକେଲ ମାରାଥନ ଅନୁଷ୍ଠିତ ହୋଇଥିଲା। ସକାଳ ୫ଟାରୁ ଶତାଧିକ ଯୁବତୀଯୁବକ ୟୁନିଟ ୩ ସାଇ ଜନନୀ ପ୍ରେକ୍ଷାଳୟରୁ ବାହାରି ବାଣୀବିହାର ଛକ ପର୍ଯ୍ୟନ୍ତ ଯାଇଥିଲେ। ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ, ଯୁବ ବିଭାଗର ସଂଯୋଜକ ତୁଷାର କାନ୍ତ ନାଥ, ଯୁଗ୍ମ ସଂଯୋଜକ ଅଞ୍ଜନି ପଟ୍ଟନାୟକ ଓ ଅମ୍ରିତା ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗଠନର ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସେବାଦଳ କର୍ମୀଙ୍କ ଦ୍ୱାରା ଥଣ୍ଡାପାଣି ଓ ମୃଦୁପାନୀୟ ବଣ୍ଟନ କରାଯାଇଥିଲା।

# ମହିଳାଙ୍କଠାରୁ ମୋବାଇଲ ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୧୧(ସତ୍ୟଜିତ ରାଉତ): ଜଣେ ମହିଳାଙ୍କ ହାତରୁ ମୋବାଇଲ ଝାମ୍ପିନେବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଗଙ୍ଗନଗରର ମୁନା ମହାଳିକ (୩୪)। ତାଙ୍କଠାରୁ ୨ଟି ଦାମୀ ମୋବାଇଲ ଓ ବାଇକ ଜବତ କରାଯାଇଛି। ଅଭିଯୋଗକାରିଣୀ ରିୟା ଦାସ ପରିବାର ସହ ୟୁନିଟ-୬ ଅଞ୍ଚଳରେ ରୁହନ୍ତି। ଶନିବାର ସନ୍ଧ୍ୟାରେ ସେ ଜଣେ ବନ୍ଧୁଙ୍କ ସହ ମିଶି ଫରେଷ୍ଟ ପାର୍କ ପଛ ପାଖ ରାସ୍ତାରେ ଯାଉଥିବା ବେଳେ ମୁନା ଏକ ବାଇକରେ ପିଛା କରିଥିଲେ। ରିୟାଙ୍କ ହାତରୁ ସେ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯିବା ଲାଗି ପ୍ରୟାସ କରିବା ବେଳେ ସନ୍ତୁଳନ ହରାଇ ପଡିଯାଇଥିଲେ। ରିୟାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ମୁନାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୬୯୦/୨୦୨୫) ରୁଜୁ କରିଥିଲା।

# ନଟବରଙ୍କୁ 'ଶାନ୍ତନୁ ଆଚାର୍ଯ୍ୟ', ଦେବକାନ୍ତଙ୍କୁ 'ରଣଜିତ୍ ସାହିତ୍ୟ ପୁରସ୍କାର'


ଅତିଥିମାନେ ପ୍ରଫେସର ଦେବକାନ୍ତ ମିଶ୍ରଙ୍କୁ 'ଡ. ରଣଜିତ୍ ସାହିତ୍ୟ ପୁରସ୍କାର' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨।୧୧ (ସୌମ୍ୟରଞ୍ଜନ ରାଉତ)

## ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ସମାବର୍ତ୍ତନ ଉତ୍ସବ

ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ଶାନ୍ତନୁ ଆଚାର୍ଯ୍ୟଙ୍କ ଲିଖିତ ଉପନ୍ୟାସ 'ଅନୋମାର କନ୍ୟା'କୁ ନେଇ ପ୍ରସ୍ତୁତ ନାଟକ ରବିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରିୟମ୍ୱଦା ମହାନ୍ତି ହେଜମାଡି, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ଇତି ସାମନ୍ତ, ଉପ ସଭାପତି ଗଙ୍ଗାଧର ମିଶ୍ର, ସମ୍ପାଦିକା ପ୍ରତିଭା ପଣ୍ଡା, କୋଷାଧ୍ୟକ୍ଷ ପ୍ରବୀର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ମୁଖପତ୍ର 'ସୁବର୍ଣ୍ଣ ସେତୁ'କୁ ଉନ୍ମୋଚନ କରିଥିଲେ। ଏଥିସହ ପ୍ରଫେସର ନଟବର ଶତପଥୀଙ୍କୁ 'ଶାନ୍ତନୁ ଆଚାର୍ଯ୍ୟ ସାହିତ୍ୟ ପୁରସ୍କାର' ଓ ପ୍ରଫେସର ଦେବକାନ୍ତ ମିଶ୍ରଙ୍କୁ 'ଡ. ରଣଜିତ୍ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ୫୦ ହଜାର ଅର୍ଥ ରାଶି ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଙ୍ଗାଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶୈଳେଶ୍ୱର ନନ୍ଦଙ୍କ ନିର୍ଦ୍ଦେଶିତ ନାଟକ 'ଅନୋମାର କନ୍ୟା' ମଞ୍ଚସ୍ଥ ହୋଇଥିଲା।

# ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ମହାସଂଘ

## ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ବାତିଲ ଦାବି

ଭୁବନେଶ୍ୱର, ୨।୧୧(ସୁଚିସ୍ମିତା ସାହୁ)


ବୈଠକରେ ପ୍ରାଥମିକ ଶିକ୍ଷକ ମହାସଂଘ କର୍ମକର୍ତ୍ତାଙ୍କ ସହ ଶିକ୍ଷକମାନେ।

ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମକାଇ ପଟେଲଙ୍କ ଅଧ୍ୟକ୍ଷତାରେ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ଏକ ବୈଠକ ରବିବାର ଖାରବେଳ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଏଯାବତ ପ୍ରାଥମିକ ଶିକ୍ଷକଙ୍କ କୌଣସି ସମସ୍ୟାର ସମାଧାନ କରୁନାହାନ୍ତି। ଶିକ୍ଷକଙ୍କ ଶିକ୍ଷା ଅଧିନିୟମକୁ ଅନୁପାଳନ କରି ସେମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟ ସଚେତନ ସହିତ ନାନାଦି ଅଣଶୈକ୍ଷିକ କାର୍ଯ୍ୟକ୍ରମର ବୋଝ ଲଦି ଦେଉଛନ୍ତି। ଏଥିସହ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ (ୟୁଏଏସ୍) କାର୍ଯ୍ୟକାରୀ କରି ଶିକ୍ଷକଙ୍କ ମାନସିକତା ଉପରେ ପ୍ରଭାବ ପକାଉଛନ୍ତି। ନିଯୁକ୍ତି ଦିନଠାରୁ ଶିକ୍ଷକମାନଙ୍କୁ ମୂଳ ଚାକିରିରେ ଗଣନା କରାଯାଉ ନ ଥିବା ବେଳେ କେନ୍ଦ୍ରୀୟହାରରେ ବେତନ ପ୍ରଦାନ କରିବାକୁ ନିବେଦନ କରିଥିଲେ ସୁଦ୍ଧା ରାଜ୍ୟ ସରକାର ଶୁଣୁ ନାହାନ୍ତି। ହେଲେ ଶିକ୍ଷକମାନଙ୍କୁ ନିର୍ଯାତନାକୁ ଦେବା ଉଦ୍ଦେଶ୍ୟରେ ୟୁଏଏସ୍ ପୋର୍ଟାଲ କାର୍ଯ୍ୟକ୍ରମକୁ ପ୍ରତ୍ୟାହାର କରାଯାଉ। ନଚେତ ସାରା ଓଡ଼ିଶାରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ। ସରକାର ପ୍ରାଥମିକ ଶିକ୍ଷକଙ୍କ ଉପରୋକ୍ତ ଦାବିକୁ ଯଥାଶୀଘ୍ର ପୂରଣ ନ କଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ଧନଞ୍ଜୟ ନାଏକ, ଶିଶିର ଖଟୁଆ, ଅଜୟ କୁମାର ଧଳ, ପଦ୍ମଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ ଇଣ୍ଟରନ୍ୟାଶନାଲ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ଉତ୍ସବରେ ଅତିଥିମାନେ ରୋଟାରିଆନ ତଥା ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୨।୧୧(ସୌମ୍ୟରଞ୍ଜନ ରାଉତ)

ରୋଟାରୀ ଇଣ୍ଟରନ୍ୟାଶନାଲ ୩୨୬୨ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ରବିବାର ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଭିନ୍ନ ଜିଲାରେ ଥିବା ରୋଟାରୀ କ୍ଲବର ଶତାଧିକ ସଭ୍ୟମାନେ ଯୋଗଦେଇଥିଲେ। ରୋଟାରୀ ଗଭର୍ନର ଯଜ୍ଞାଶିଷ ମହାପାତ୍ର ଓ ଫାଷ୍ଟ ଲେଡ଼ି ଇତୁନ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ଜିଲା ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ପି ଅଶୋକ ସିଂ, ରୋଟାରିଆନ ରସାନନ୍ଦ ରାଉତ, ପିଆର୍‌ଆଇ ଅନିରୁଦ୍ଧ ରାୟ ଚୌଧୁରୀ, ରୋଟାରିଆନ ସରୋଜ ଦାସ, ଇନ୍ଦ୍ରଜିତ୍ ସାହୁ, ଅନିଲ କୁମାର ସାମଲ, ଆଇପିଏସ୍ ଦେବଦତ୍ତ ସିଂଙ୍କ ସମେତ ବହୁ ଅତିଥି ଉତ୍ସବରେ ଯୋଗଦେଇ ରୋଟାରିଆନ ତଥା ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସତ୍ୟବ୍ରତ ମିନକେତନଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା ରୋଟାରିଆନମାନଙ୍କୁ ପୁରସ୍କୃତ କରିଥିଲେ। ୨ଦିନ ଧରି ଚାଲିଥିବା ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭାବର ଆଦାନ ପ୍ରଦାନ କରାଯାଇଥିଲା।

# ଜାତୀୟ ବହୁଭାଷୀ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୧ (ସୌମ୍ୟରଞ୍ଜନ ରାଉତ)

ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ୭ମ ଜାତୀୟ ବହୁଭାଷୀ ଶିଶୁ ସାହିତ୍ୟ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୦୦ ଶିଶୁ ପ୍ରତିଭା ଏକାଠି ହୋଇ ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଦର୍ଶନ କରିଛନ୍ତି। ବିଶିଷ୍ଟ ଲେଖିକା ପାରମିତା ଶତପଥୀ, ହିନ୍ଦୀ କବି ଯତିଶ କୁମାର ଏବଂ କୋଲକାତାର ଗାଳ୍ପିକା ସ୍ମିତା ଗୋୟଲ ପ୍ରମୁଖ ଯୋଗଦେଇ ପିଲାଙ୍କୁ ସାହିତ୍ୟର ମହତ୍ତ୍ୱ ଓ ସୃଜନଶୀଳତାର ଗୁରୁତ୍ୱ ବିଷୟରେ ଉତ୍ସାହଜନକ ବାର୍ତ୍ତା ଦେଇଥିଲେ। ପରେ ବସନ୍ତ କୁମାର ସାହୁ ପାରମ୍ପରିକ କଣ୍ଢେଇ ନୃତ୍ୟର ଶୈଳୀ ଶିକ୍ଷାଦାନ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବ ଶିଶୁମାନଙ୍କର ସୃଜନଶୀଳତାକୁ ଉଜ୍ଜୀବିତ କରିବା ସହ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଛି ବୋଲି ଫାଉଣ୍ଡେଶନର ଚେୟାରମ୍ୟାନ୍ କମ୍ ମ୍ୟାନେଜିଂ ଟ୍ରଷ୍ଟି ଚିନ୍ମୟୀ ପଣ୍ଡା କହିଛନ୍ତି। ଏହି ଉତ୍ସବ ସୋମବାର ଶେଷ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।



୭ମ ଜାତୀୟ ବହୁଭାଷୀ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବରେ ଅତିଥିଙ୍କ ଗହଣରେ ଶିଶୁପ୍ରତିଭାମାନେ।

# ଭୁବନେଶ୍ୱରରେ କିଟ୍ ନହ୍ନିପରୀ ଆଞ୍ଚଳିକ ଅଡିଶନ ସରିଲା

## ଡିସେମ୍ବରରେ ଗ୍ରାଣ୍ଡ୍ ଫିନାଲେ

## ପୁରସ୍କାର ରାଶି ୫୬ ଲକ୍ଷ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)



ଉତ୍ସବରେ ଅତିଥିମାନେ ରୋଟାରିଆନ ତଥା ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କିଟ ନହ୍ନିପରୀ ଲିଟିଲ ମିସ୍ ଇଣ୍ଡିଆର ୨୫ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିଶନ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି। କିଟ୍ ପରିସରରେ ଆୟୋଜିତ ଏହି ଅଡିଶନରେ ବିଭିନ୍ନ ପ୍ରାନ୍ତରୁ ୧୩ରୁ ୧୫ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଓଲିଉଡ୍ ତାରକା ପୁନମ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର, ଲେଭେଲ ରୋଶନର ମୁଖ୍ୟ ରୋଷନ ସାହୁ, ବିଶିଷ୍ଟ ଫଟୋଗ୍ରାଫର ଅଖିଳ ରଞ୍ଜନ, ଡ. ତ୍ରିପୁରା ମିଶ୍ର ଓ ବାଉରୀ ରାଉଳ ପ୍ରମୁଖ ଯୋଗଦେଇଥିବା ବେଳେ କୋର୍ କମିଟି ସଦସ୍ୟ ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଥିଲେ। କିଟ ନହ୍ନିପରୀ ବିଜେତାଙ୍କ ପାଇଁ ପୁରସ୍କାର ରାଶିକୁ ୫୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ନହ୍ନିପରୀ ଟାଇଟଲ ବିଜେତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏଥିଓହ ସେ କିଟରେ ପାଠ ପଢ଼ିଲେ ଶତପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ସେ କିଟରେ ପାଠ ପଢିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ସେହିପରି ଦ୍ୱିତୀୟ ରନର୍ସ ଅପ୍ ପାଇଁ ୩ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ସହ ସେ ପାଠପଢ଼ିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ, ମିସ୍ ଫଟୋଜେନିକ, ମିସ ସେଲ୍ଫି, ମିସ ଫେଶନ ଗାର୍ଲ, ମିସ୍ ୱିଜ୍ କି, ମିସ୍ ସିଣ୍ଡେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ, ମିସ ମୋନାଲିସା ଏବଂ ମିସ ଆକ୍ଟିଭ ଆଦି ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କୁ ୨୦ ହଜାର ଟଙ୍କା ଲେଖାଏ ଅର୍ଥିକ ପୁରସ୍କାରର ବ୍ୟବସ୍ଥା ରହିଛି।

# ଉଦ୍ଧାର କରିବାକୁ ଯାଇଥିବା ପୋଲିସଙ୍କୁ ଆକ୍ରମଣ

**ସପ୍ତାହେ ପରେ ବି ହୋଇନି କାର୍ଯ୍ୟାନୁଷ୍ଠାନ**

**ଖୋର୍ଦ୍ଧା, ୨।୧୧ (ପ୍ରଭାତ ପାଣିଗ୍ରାହୀ)**

ଗୋଟିଏ ପରିବାରଙ୍କୁ ଗ୍ରାମର କେତେଜଣ ଲୋକ ଆକ୍ରମଣ କରୁଥିବା ଖବରପାଇ ଉଦ୍ଧାର କରିବାକୁ ଯାଇଥିବା ନିରାକାରପୁର ଥାନା ପୋଲିସ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଆହତ ସବ୍‌ଇନ୍‌ସ୍ପେକ୍ଟର (ଏସ୍ଆଇ) ଦୀପାଲିସା ନାୟକ ଏନେଇ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ସପ୍ତାହେ ବିତିଯାଇଥିଲେ ମଧ୍ୟ ଏ ସମ୍ପର୍କରେ ପୋଲିସ କେବଳ ଏକ ମାମଲା (ନଂ.୨୮୪/୨୫) ରୁଜୁକରି ଚୁପ୍ ବସିଛି। ଯେଉଁଠି ପୋଲିସ ସୁରକ୍ଷିତ ନୁହେଁ, ଜନତାଙ୍କୁ କ'ଣ ସୁରକ୍ଷା ଦେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଗତ ଅକ୍ଟୋବର ୨୫ରେ ଏହି ଥାନା ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ ନନପଡ଼ା ଗ୍ରାମର ପ୍ରବାସୀ ପ୍ରଧାନ ଓ ତାଙ୍କ ସ୍ୱାମୀ ଘନଶ୍ୟାମ ମହାପାତ୍ରଙ୍କୁ ଜମିବାଡ଼ିକୁ କେନ୍ଦ୍ରକରି କେତେଜଣ ଲୋକ ମାରପିଟ କରୁଥିବା ଖବରପାଇ ଏସ୍ଆଇ ନାୟକ, ଏଏସ୍ଆଇ ଏସ୍.କେ ବେହେରା, କନ୍‌ଷ୍ଟେବଲ ଏସ୍.ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରବାସୀ ଏବଂ ତାଙ୍କ ସ୍ୱାମୀ ଘନଶ୍ୟାମଙ୍କୁ କେତେଜଣ ଲୋକ ଘେରି ରହିଥିଲେ। ଦମ୍ପତିଙ୍କୁ ଉଦ୍ଧାର କରିବା ସମୟରେ ହଠାତ୍ ପୂର୍ବରୁ ବିଭିନ୍ନ ମାମଲାରେ ଜଡ଼ିତ ଥିବା ଶୁଭମ ଦାଶ, କାର୍ତ୍ତିକ ସାମନ୍ତରାୟ, ସଚ୍ଚି ସାମନ୍ତରାୟଙ୍କ ସହିତ ଏକାଧିକ ଯୁବକ ପହଞ୍ଚି ପୋଲିସକୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିବାକୁ ଆସିଥିବା କହିବା ସତ୍ତ୍ୱେ ସେମାନେ ଆହୁରି ଗାଳିଗୁଲଜ କରିବା ସହ ଭବିଷ୍ୟତରେ ଗାଁକୁ ଆସିଲେ ଭଲ ହେବନି କହି ଧମକ ଦେଇଥିଲେ। ଧସ୍ତାଧସ୍ତି ଓ ଠେଲାପେଲା ମଧ୍ୟରେ ପୋଲିସ କର୍ମଚାରୀମାନେ ଆହତ ହୋଇଥିଲେ। ଠେଲାପେଲାରେ ଜଣେ ପୋଲିସ କର୍ମଚାରୀଙ୍କ ଡାହଣ ବାହୁ ଓ ଛାତିର ଉପରଭାଗ ଆହତ ହୋଇଛି। ଏପରିକି ଯୁବକମାନେ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉପରୋକ୍ତ ଯୁବକମାନେ ପୋଲିସ କାର୍ଯ୍ୟରେ ବାଧାଦେବା, ଆକ୍ରମଣ, ଗାଳିଗୁଲଜ, ଗାଡ଼ି ଭଙ୍ଗାରୁଜା କରିଥିବା ନେଇ ଏସ୍ଆଇ ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପ୍ରବାସୀ ପ୍ରଧାନଙ୍କ ଅଭିଯୋଗକ୍ରମେ ଥାନାରେ ଆଉ ଏକ ମାମଲା (ନଂ.୨୮୩/୨୫) ରୁଜୁ ହୋଇଛି। ପୋଲିସଙ୍କୁ ଆକ୍ରମଣ କରିଥିବା ଯୁବକଙ୍କ ମଧ୍ୟରୁ କେତେଜଣଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ରହିଥିବା ସତ୍ତ୍ୱେ ପୋଲିସର ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଦେଢ଼ ବର୍ଷ ତଳେ ପୁରୀ ଜିଲା ଗଡ଼ିଶାଗୋଦା ଥାନାରେ ପୋଲିସକୁ ଆକ୍ରମଣ କରି ୨ଜଣ ଆକ୍ରମଣକାରୀ ଯୁବକ ଜେଲ ଯାଇ ଫେରିଛନ୍ତି। ତେବେ ଏଭଳି ପେଶାଦାର ଅପରାଧୀଙ୍କ ପ୍ରତି ପୋଲିସର କୋହଳ ମନୋଭାବ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏନେଇ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାରଠାରେ ପୂଜା ପାଉଥିବା କାର୍ତ୍ତିକେଶ୍ୱର ଦେବ। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

# ବିଦ୍ୟାଳୟରେ ମହାପ୍ରଭୁଙ୍କ ପୂଜା ବାରଣକୁ ନେଇ ଅସନ୍ତୋଷ

**ଟାଙ୍ଗୀ, ୨।୧୧ (ରଘୁନାଥ ସାହୁ)**

ନୟାଗଡ଼ ଜିଲା ଚାନ୍ଦପୁରରେ ଥିବା ଏଜି ମିଶନ ଇଂଲିଶ ମିଡିୟମ୍ ସ୍କୁଲରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜା ହୋଇପାରିବ ନାହିଁ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଉକ୍ତ ବିଦ୍ୟାଳୟରେ ବିଘ୍ନ ବିନାଶକ ଶ୍ରୀଗଣେଶ ଏବଂ ମା'ସରସ୍ୱତୀଙ୍କ ପୂଜା କରାଯାଉ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତ ୧ତାରିଖ (ଶନିବାର)ରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏଜି ମିଶନ ବିଦ୍ୟାଳୟରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏନେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା। କିନ୍ତୁ ବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଷ୍ଟେଜରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରଖି ପୂଜା କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମନା କରିଥିଲେ। ମିଶନାରି ବ୍ୟବସ୍ଥା ମଧ୍ୟରେ ବିଦ୍ୟାଳୟରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପୂଜା ହୋଇପାରିବ ନାହିଁ ବୋଲି କର୍ତ୍ତୃପକ୍ଷ ଜଣାଇବା ପରେ ପୋଲିସ ଅଧିକାରୀଙ୍କ ଚିନ୍ତା ବଢ଼ିଯାଇଥିଲା। ତୁରନ୍ତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷ ଏମ୍. ମାର୍ଟିନ କହିଛନ୍ତି ଯେ, ଏହି ବିଦ୍ୟାଳୟ ମିଶନାରି ବ୍ୟବସ୍ଥା ମଧ୍ୟରେ ଚାଲୁଛି। ତେଣୁ ଏହି ବ୍ୟବସ୍ଥା ବାହାରକୁ ଯାଇପାରିବୁ ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଚାନ୍ଦପୁର ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ଉକ୍ତ ପ୍ରସଙ୍ଗକୁ ଏଡ଼ାଇଯାଇ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମଟି ଭଲ ହୋଇଥିଲା ବୋଲି କହିଥିଲେ।



ଯୁବ ସମ୍ମିଳନୀ ଅବସରରେ ରବିବାର ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

# 'ଖେଳକୁଦ ଦ୍ୱାରା ଆତ୍ମବିଶ୍ୱାସ ବଢ଼ିଥାଏ'

**ଜଟଣୀ, ୨।୧୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସରସ୍ୱତୀ ଶିଶୁ ମନ୍ଦିରର ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର ଶିଶୁ ବାଟିକା ସଂଯୋଜକ ପବିତ୍ର କୁମାର ପଣ୍ଡା ଏବଂ ପରିଚାଳନା ସମିତି ସଭ୍ୟା ଗୀତାଞ୍ଜଳି ଗୌଡ଼ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ମାରୱାଡି ଯୁବ ମଞ୍ଚ ସଭାପତି ଗୋବିନ୍ଦ ସୋନୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କିଶାନ ଲାଲ ଯାଦବ, ବିଦ୍ୟାଳୟର ସଭାପତି ଏ.ଭି. ସୂର୍ଯ୍ୟନାରାୟଣ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ରଥ, ଗୀତାଞ୍ଜଳି ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁଦ ଦ୍ୱାରା ବିଦ୍ୟାର୍ଥୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ସହିତ ଆତ୍ମବିଶ୍ୱାସ ବଢ଼ିଥାଏ ବୋଲି ମତପ୍ରକାଶ ପାଇଥିଲା। ଦିଲୀପ କୁମାର ଲେଙ୍କା କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

# 'ଜେନ୍-ଜି ଯୁବପିଢ଼ି ଗଠନମୂଳକ ଚିନ୍ତାଧାରା ରଖନ୍ତୁ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଖୋର୍ଦ୍ଧା, ୨।୧୧ (ପ୍ରଭାତ ପାଣିଗ୍ରାହୀ)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍ଏସ୍) ଶତାବ୍ଦୀ ବର୍ଷରେ ଖୋର୍ଦ୍ଧା ନଗର ଶାଖା ପକ୍ଷରୁ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍ଏସ୍‌ର କ୍ଷେତ୍ରୀୟ ପର୍ଯ୍ୟାବରଣ ପ୍ରମୁଖ ଅନିଲ ଜୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ସେ କହିଥିଲେ ଯେ, ଯୁବଶକ୍ତି ନିକଟରେ ସୂର୍ଯ୍ୟଙ୍କ ପରି ତେଜ, ଉର୍ଜା, ହନୁମାନଙ୍କ ପରି ଅସୀମ ଶକ୍ତି ରହିଛି। ଭାରତ ହେଉଛି ଶ୍ରୀରାମଙ୍କ ଦେଶ। ଶ୍ରୀରାମଙ୍କୁ ପାଇବାକୁ ହେଲେ ହନୁମାନଙ୍କ ଭଳି ଭକ୍ତି, ନିଷ୍ଠା, ଏକାଗ୍ରତା ଜରୁରୀ। ଦେଶର ଅଖଣ୍ଡତା, ଏକତା ପାଇଁ ଯୁବଶକ୍ତି ଏକାଠି ହୋଇ ଆଗକୁ ଆସିବାକୁ ପଡ଼ିବ। ଯୁବପିଢ଼ିଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ସକରାତ୍ମକ ମନୋଭାବ ନେଇ ସମାଜ, ରାଷ୍ଟ୍ରର ପ୍ରଗତି ପାଇଁ ଚିନ୍ତନ କରିବାକୁ ପରାମର୍ଶ ଦେଇଥିଲେ।

ସେ ଆହୁରି କହିଥିଲେ ଯେ, ଏବେ ଜେନ-ଜି ର ଯୁଗ ଚାଲିଛି। ଏହି ଯୁଗର ଯୁବକମାନେ ନିଜ ଲାଇଫଷ୍ଟାଇଲରେ ବଞ୍ଚିବାକୁ ଚାହୁଁଛନ୍ତି। ନିଜର ହକ୍‌ପାଇଁ ଆନ୍ଦୋଳନ କରିବାକୁ ମଧ୍ୟ ପଛାଉ ନାହାନ୍ତି। ତେବେ ଭାରତ ଭଳି ବିବିଧତାଭରା ଦେଶରେ ଜେନ-ଜି ର ଯୁବପିଢ଼ି ଗଠନମୂଳକ ଚିନ୍ତାଧାରା ନେଇ ଆଗକୁ ବଢ଼ନ୍ତୁ। ଦେଶର ପ୍ରଗତିର ସାରଥି ହୁଅନ୍ତୁ। ଦେଶ ପ୍ରତି ରହିଥିବା କର୍ତ୍ତବ୍ୟ, ଉତ୍ତରଦାୟିତ୍ୱକୁ ବୁଝନ୍ତୁ। ଯୁବପିଢ଼ି ସଙ୍କଳ୍ପ ନିଅନ୍ତୁ ଯେ, ସକରାତ୍ମକ ମନୋଭାବ, ଶୃଙ୍ଖଳିତ ଜୀବନଶୈଳୀ, ରାଷ୍ଟ୍ର ପ୍ରତି ସେବା ଓ ସମର୍ପଣର ଭାବ ରଖିବା ସହ ଆତ୍ମନିର୍ଭର ହେବା। ଯୁବପିଢ଼ିଙ୍କ ଆଦର୍ଶ କୌଣସି ଅଭିନେତା ନ ହୁଅନ୍ତୁ, ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା କ୍ରାନ୍ତିକାରୀ ଯୁବକ, ରାଷ୍ଟ୍ରନାୟକ, ଜନନାୟକଙ୍କୁ ନିଜ ଆଦର୍ଶଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍ଏସ୍ ବିଭାଗ ସଂଘଚାଳକ ମନୋରଞ୍ଜନ ସାହୁ, ଜିଲା ସଂଘଚାଳକ ନିରଞ୍ଜନ ସାହୁ, ନଗର ସଂଘଚାଳକ କିଶୋର ଚନ୍ଦ୍ର ବରାଳ, ଭୁବନେଶ୍ୱର ମହାନଗର ପ୍ରଚାରକ ରାଜେଶ୍ୱର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରା ସଞ୍ଚାଳନ କରିଥିଲେ। ଏହି ଅବସରରେ ମୁକୁନ୍ଦପ୍ରସାଦରୁ ସ୍ୱୟଂସେବକମାନେ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ।

# ଶରତ ରାସ ମହୋତ୍ସବ ଉଦ୍‌ଯାପିତ



ଶରତ ରାସ ମହୋତ୍ସବ ଉଦ୍‌ଯାପନୀ ଦିବସରେ ନୃତ୍ୟ ପରିବେଷଣ କରାଯାଉଛି।

**ବେଗୁନିଆ, ୨।୧୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ବାବା ସୋମନାଥ ଦେବଙ୍କ ପୀଠରେ ଶ୍ରୀକୃଷ୍ଣଲୀଳା ରାସ ଉତ୍ସବର ଏକ ଶତବର୍ଷ ପୂର୍ତ୍ତି ଉପଲକ୍ଷେ ଜୟ ଦୁର୍ଗା କଲଚରାଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ଶରତ ରାସ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସଭାପତି ହରିବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମାଜସେବୀ ମାନସ ବେହେରା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ଆଶୋକା ନନ୍ଦ ବ୍ରହ୍ମଚାରୀ, ସମାଜସେବୀ ଭିକାରୀ ସାହୁ ମୁଖ୍ୟ ବକ୍ତା, ସନ୍ତୋଷ ନାୟକ, ସୁଧିର ବଡ଼ଜେନା, ପ୍ରକାଶ ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଚିକିତ୍ସକ ଡା.ଅମରେନ୍ଦ୍ର ନାଥ ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଦିବ୍ୟସିଂହ ରଣା, କଳାକାର ଦୁର୍ଗା ମାଧବ ପାତ୍ର, ମୋନାଲି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ମନୋରଞ୍ଜନର ଖୋରାକ ଯୋଗାଇଥାଏ ବୋଲି ମତବ୍ୟକ୍ତ କରିବା ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଦୁର୍ଗା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ୍ୟ ଲୋକକଳା ଓ ସଂସ୍କୃତି ବିଭାଗ ଏବଂ ସ୍ଥାନୀୟ ଅଞ୍ଚଳର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

# ଦରିଦ୍ର ନାରାୟଣ ସେବା କାର୍ଯ୍ୟକ୍ରମ

**ଜଟଣୀ, ୨।୧୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଗଙ୍ଗପଡ଼ାସ୍ଥିତ ମା'ଭୂଆସୁଣୀ ମନ୍ଦିର ପରିସରରେ ବିଜୟ କୁମାର ମହାରଥୀଙ୍କ ପୌରୋହିତ୍ୟରେ ଦରିଦ୍ର ନାରାୟଣ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ଦରିଦ୍ର ନାରାୟଣ ସେବା ସଂଘ ପକ୍ଷରୁ ଉକ୍ତ ସେବା କାର୍ଯ୍ୟ ହୋଇଥିଲା। ଏଥରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲାପାଳ ନିରଞ୍ଜନ ସାହୁ ଏବଂ ଭୁବନେଶ୍ୱର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଲକ୍ଷ୍ମୀକାନ୍ତ ମିଶ୍ର ଯୋଗଦେଇଥିଲେ। ଆୟୋଜକ ସଂଗଠନ ସଭାପତି ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ସମ୍ପାଦକ ଲଲାଟ କିଶୋର ପୃଷ୍ଟି, ସହସମ୍ପାଦକ ନିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ସରକାରୀ ଅନୁଦାନ ବିନା ଏହି ମହତ କାର୍ଯ୍ୟ କରିଆସୁଥିବାରୁ ସଂଘକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଏବଂ ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ସଂଗଠନ ସଭାପତି ସୁରେଶ କୁମାର ରାଉତରାୟ ଉଦବୋଧନ ଦେଉଛନ୍ତି।

# କମ୍ୟୁନିଷ୍ଟ ପାର୍ଟି ଆଞ୍ଚଳିକ କମିଟିର ସାଧାରଣ ସଭା

**ବୋଲଗଡ଼, ୨।୧୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିତୁକୁଳସ୍ଥିତ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟ ପରିସରରେ ବେଗୁନିଆ ଓ ବୋଲଗଡ଼ ଜୋନର ଆଞ୍ଚଳିକ କମିଟିର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇର ବରିଷ୍ଠ କମ୍ରେଡ ଲକ୍ଷ୍ମଣ ସେଠୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବରିଷ୍ଠ ସିପିଆଇ ନେତା ବସନ୍ତ କୁମାର ପାଇକରାୟ ଅତିଥିଭାବେ ଯୋଗଦେଇ ବାମପନ୍ଥି ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଶକ୍ତିକୁ ଏକଜୁଟ କରିବା ସହ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାସହ ବେକାରି, ଦରଦାମ ବୃଦ୍ଧି, ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବେଗୁନିଆ ଜୋନ୍ ସମ୍ପାଦକ ବିଜୟ କୁମାର ଗୁମାନସିଂହ, ସହସମ୍ପାଦକ ବସନ୍ତ କୁମାର ସେଠୀ, ବୋଲଗଡ଼ ଜୋନ ସମ୍ପାଦକ ବିନୋଦ ବରାଡ଼, ଶିକ୍ଷକ ନେତା ଦିବାକର ପରମଗୁରୁ, ଆଦିବାସୀ ନେତା ଗଗନ ନାୟକ, ନାରୀନେତ୍ରୀ ପ୍ରମୋଦିନୀ ପାଇକରାୟ, କମ୍ରେଡ କୈଳାସ ନାୟକ, ଫକୀର ନାୟକ, ବେଣୁଧର ଭୁଜବଳ, ବୁଦ୍ଧଦେବ ରଣସିଂହ, ସୁଶାନ୍ତ ପ୍ରଧାନ, ସୁରେନ୍ଦ୍ର ନାୟକ, ବଳଭଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମେଧାବୀ ଅଭିନନ୍ଦନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ନିରାକାରପୁର, ୨।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ବ୍ୟକ୍ତିର ବ୍ୟକ୍ତିତ୍ୱ ଓ କାର୍ଯ୍ୟଦକ୍ଷତା ସମାଜରେ ପ୍ରତିଷ୍ଠିତ କରାଏ। ପ୍ରକୃତ ଭଲ ମଣିଷ ଚିହ୍ନି ସେମାନଙ୍କୁ ପ୍ରୋତ୍ସାହିତ କରପାରିଲେ ସେମାନେ ଆହୁରି ପାଦେ ଆଗକୁ ବଢ଼ିବାକୁ ପ୍ରେରଣା ପାଇଥାଏ। ସୁଯୋଗର ସଦ୍ ଉପଯୋଗ କରି ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ସ୍ଥାନୀୟ ନିରାକାରପୁରସ୍ଥିତ ଶ୍ରୀରାମଦୟା ପରିଷଦ ପକ୍ଷରୁ ମାରୁତି ମଣ୍ଡପରେ ରବିବାର ଅନୁଷ୍ଠିତ ମେଧାବୀ ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ଜଷ୍ଟିସ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି। ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବେଣୁଧର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀରାମଦୟା ପରିଷଦ ସଭାପତି ଡ.ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତଟ ରେଳପଥର ଉପମୁଖ୍ୟ କାର୍ଯ୍ୟ ଉନ୍ନୟନ ପରିଚାଳକ ଜଗଦୀଶ ଚନ୍ଦ୍ର ପାତ୍ର, ରାମ ଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ନିରାକାରପୁର ପଞ୍ଚାୟତ ସମେତ ପଡୋଶୀ ପଞ୍ଚାୟତ ଅଞ୍ଚଳରେ ଥିବା ହାଇସ୍କୁଲ ଓ କଲେଜର ମେଧାବୀ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀରାମଦୟା ପରିଷଦର ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅତିଥିଙ୍କଠାରୁ ଜଣେ ପ୍ରତିଭାଧାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# 'ଭକ୍ତଚରଣଙ୍କ ସାହିତ୍ୟ ଓଡ଼ିଆ ଜାତିର ଶ୍ରେଷ୍ଠ ସମ୍ପଦ'

**ବୋଲଗଡ଼, ୨।୧୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ କବିତୀର୍ଥ ସାନପଦର ଗ୍ରାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ବୈଷ୍ଣବ କବି ଭକ୍ତଚରଣ ଦାସଙ୍କ ସ୍ମୃତି ଉପଲକ୍ଷେ ଏକ ସାରସ୍ୱତ ସଭା ଶ୍ରୀକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୈନିକ ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଭକ୍ତଚରଣଙ୍କ ସାହିତ୍ୟ ଓଡ଼ିଆ ଜାତିର ଶ୍ରେଷ୍ଠ ସମ୍ପଦ। ସମଗ୍ର ଓଡ଼ିଶାର ଚାଟଶାଳୀରେ ଭକ୍ତଚରଣଙ୍କ ମଥୁରା ମଙ୍ଗଳ, ମନବୋଧ ଚଉତିଶା, କଳାକଳେବର ଚଉତିଶା ସହିତ କବି ଦନେଇ ଦାସଙ୍କ ଗୋପୀଭାଷା ଅବଧାନମାନଙ୍କ ଦ୍ୱାରା ପଢ଼ାଯାଉଥିଲା। ପୁନଶ୍ଚ ପିଣ୍ଡିକି ଶ୍ରୀଚନ୍ଦନଙ୍କ ବସନ୍ତ ରାସ ଓଡ଼ିଶାରେ ବସନ୍ତ ଋତୁରେ ଅଭିନୀତ ହେଉଥିଲା। ମୁଖ୍ୟ ବକ୍ତାଭାବେ ଡ. ରମେଶ ଚନ୍ଦ୍ର ମଲ୍ଲିକ କହିଥିଲେ ଯେ, ମଥୁରାମଙ୍ଗଳରେ ପ୍ରେମର ପରିଭାଷା ଅତ୍ୟନ୍ତ ନିର୍ମଳ। ତତ୍‌ସହିତ କୃଷ୍ଣ ବଳରାମଙ୍କ ବୀରତ୍ୱ ସମାଜକୁ ସୁରକ୍ଷା ଦେବା ସହିତ କବି ଭକ୍ତଚରଣଙ୍କ ରଚନା ଚରିତ୍ର ଗଠନ ପାଇଁ ବାର୍ତ୍ତା ପ୍ରଦାନ କରେ। ସମ୍ମାନିତ ବକ୍ତାଭାବେ ଡ.ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଧାକୃଷ୍ଣ ପ୍ରେମଲୀଳାର ନିଚ୍ଛକ ବାସ୍ତବତା ସହ ଛାନ୍ଦରେ ବିଭିନ୍ନ ରସର ପ୍ରୟୋଗ ମଥୁରାମଙ୍ଗଳରେ ସରଳ ସାବଲୀଳ ଭାଷାରେ ବର୍ଣ୍ଣିତ ହେବା ସହ ମନବୋଧ ଚଉତିଶାକୁ ଯଥାର୍ଥରେ ଓଡ଼ିଆ ଭାଷାର ମୋହମୁଦ୍ଗର ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ବକ୍ତାଭାବେ ରାଜକିଶୋର ବ୍ରହ୍ମା ଯୋଗଦେଇ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସମସାମୟିକ ୫ଜଣ କବିଙ୍କ ରଚନା ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭକ୍ତଚରଣ ବିଦ୍ୟାପୀଠର ଶିକ୍ଷକ ବିଜୟ କୁମାର ସାହୁ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର, ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ଗ୍ରାମ କମିଟି ସମ୍ପାଦକ ଅର୍ଜୁନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଲସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ବିକ୍ରମ କେଶରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।



ସାରସ୍ୱତ ସଭାରେ ମଞ୍ଚାସୀନ ଅତିଥିମାନେ।

**ପତିତପାବନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ**

କଳଙ୍ଗା,(କେଦାରେଶ୍ୱର ନନ୍ଦ)- କଳଙ୍ଗା ଗ୍ରାମରେ ରବିବାର ପତିତପାବନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ମନ୍ଦିର ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା ହେବାପାଇଁ ୩ଦିନ ଧରି ପ୍ରଥମେ ଗ୍ରାମର ଲୋକଙ୍କ ଦ୍ୱାରା ୧୦୮ କଳସ ଯାତ୍ରା, ପରେ ଠାକୁରଙ୍କ ନୀତି ଅନୁସାରେ ବିଗ୍ରହ ସ୍ନାନ, ଜାଗନ୍ୟାସ, ମନ୍ଦିରରେ ପ୍ରବେଶ ଓ ପୂର୍ଣ୍ଣାହୁତି ପଣ୍ଡିତ ଅଯୋଧ୍ୟା ନାଥ ଦାଶଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ରାତିରେ ୩ହଜାର ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୧।୨୦୨୫

| | |
|---|---|
| ୧୧,୩୨,୧୪୩ ଟଙ୍କା | |
| ସୁନା | ୨.୯୦୦ ଗ୍ରାମ୍ |
| ରୁପା | ୨୫.୩୦୦ ଗ୍ରାମ୍ |

**ସଂକ୍ଷେପରେ**

## 'ପ୍ରଶାସନର କଟକଣା ମାନି ଦର୍ଶନ କରନ୍ତୁ'

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)

ପଞ୍ଚକର ପ୍ରଥମ ଦିନରେ ରବିବାର ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ସ୍ୱେଚ୍ଛାସେବୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଗମ ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ କୃପାରୁ କୌଣସି ଅଘଟଣ ଘଟନାହିଁ। ଚଳିତ ବର୍ଷ ପଞ୍ଚକ ୪ଦିନ ଅନୁଷ୍ଠିତ ହେବ। ପ୍ରଥମ ଦିନ କେତେଜଣ ବ୍ୟକ୍ତି ବାଇଶିପାହାଚ ପଟେ ପ୍ରସ୍ଥାନ କରୁଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ମାଜିଷ୍ଟ୍ରେଟ୍, ପୋଲିସ ଅଧିକାରୀମାନେ ବ୍ୟବସ୍ଥିତ କରିଥିଲେ। ମହାପ୍ରଭୁଙ୍କ ନିକଟରେ ସମସ୍ତେ ସମାନ। ତେଣୁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଭକ୍ତମାନେ ଜିଜ୍ଞାସା ରଖନ୍ତୁ ନାହିଁ, ବରଂ ସହଯୋଗ କରନ୍ତୁ। ଫଳରେ ସମସ୍ତେ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ। ଜିଲାପାଳ ନିଜେ ରହି ନଜର ରଖୁଛନ୍ତି। ରବିବାର ନୀତି ବହୁଳ ଦିନ ହୋଇଥିବାରୁ ମହାପ୍ରଭୁଙ୍କ ରାତ୍ର ପହୁଡ଼ ନ ହୋଇ ପାରେ। ଆସନ୍ତା ଦିନରେ ନୀତି ସହଳ ହେବା ନେଇ ଆଶା ରଖାଯାଇଛି। ସେବାୟତମାନେ ସହଯୋଗ କରୁଛନ୍ତି। ରବିବାର ଥିବାରୁ ଅଧିକ ଗହଳି ରହିଥିଲା। ପ୍ରଶାସନର କଟକଣା ମାନିବା ସହ ସହଯୋଗ କରନ୍ତୁ। ଗଳାବାଟ ଦେଇ ଯିବାକୁ କେହି ଚେଷ୍ଟା କରନ୍ତୁ ନାହିଁ। ସମସ୍ତେ ବ୍ୟାରିକେଡ୍ ଦେଇ ଆସି ମହାପ୍ରଭୁଙ୍କ ଦର୍ଶନ କରନ୍ତୁ। ଘଣ୍ଟିଦ୍ୱାର, ଗାରଦ ଦ୍ୱାର ନିକଟରେ ସ୍ୱେଚ୍ଛାସେବୀମାନେ ଦିବ୍ୟାଙ୍ଗ ଭକ୍ତ ଓ ବରିଷ୍ଠ ନାଗରିକଙ୍କୁ ଦର୍ଶନ କରାଉଛନ୍ତି। ସମସ୍ତେ ମହାପ୍ରଭୁଙ୍କ ଦର୍ଶନ କରି କୃପା ଲାଭ କରନ୍ତୁ ବୋଲି ପାଢୀ କହିଛନ୍ତି।

## ସାକ୍ଷୀଗୋପାଳ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨।୧୧(ଭରତ ରାଉତ)

ପବିତ୍ର ବଡ଼ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ସଫେଇ କାର୍ଯ୍ୟ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ମନ୍ଦିର ବାହାର ସମେତ ଭିତର ସଫେଇ କରାଯାଇଥିଲା ଏବଂ ଏଠାକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସମେତ କଲେଜର ଅଧ୍ୟାପକ ଅଧ୍ୟାପିକାଗଣ ଯୋଗଦେବା ସହିତ ଜାତୀୟ ସେବା ଯୋଜନାର କର୍ଯ୍ୟଦ୍ରଷ୍ଟା ଦିଲ୍ଲୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ଏଭଳି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ତାଙ୍କର ଉତ୍ସାହ ବଢାଇଥିଲେ।

# ମହାପ୍ରଭୁଙ୍କ ସମ୍ପତ୍ତିରେ ସରକାରୀ ପ୍ରକଳ୍ପ ନିର୍ମାଣ

ଗୋପ,୨।୧୧(ଭାରତୀ ଭୂଷଣ ଉପାଧ୍ୟାୟ)



**ଶୁଣିଲାନି ବ୍ଲକ ପ୍ରଶାସନ, ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିରେ ସରକାରୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କୌଣସି ଅନୁମତି କିମ୍ବା ଆଦେଶ ବଳରେ ଚାଲିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ସହିତ କିପରି ଜଗନ୍ନାଥଙ୍କ ଜମିରେ ହେଉଛି ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ଏପରି ଅଭିଯୋଗକୁ ନେଇ ତହସିଲଦାର୍, ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟ ବନ୍ଦ କରାଯାଇ ନାହିଁ। ଅଧିକାରୀମାନେ ନୀରବ ରହିବା ଫଳରେ ପ୍ରକଳ୍ପ କାର୍ଯ୍ୟ ଶେଷପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବେଆଇନ ନିର୍ମାଣ ସମ୍ପର୍କରେ ପୁରୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ପୁରୀ ଜିଲା ଗୋପ ବ୍ଲକ ବନାଖଣ୍ଡି ପଞ୍ଚାୟତରେ ଶାରଡ଼ା ଗ୍ରାମର କେତେଜଣ ଗ୍ରାମବାସୀ। ଅପରପକ୍ଷେ କେତେକ ମୁଷ୍ଟିମେୟ ବ୍ୟକ୍ତି ଏହି ନିର୍ମାଣ କାର୍ଯ୍ୟର ବିଲ୍ କରିବା ଲାଗି ମସୁଧା ଚଳାଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ପୁରୀ ଜିଲା ଗୋପ ତହସିଲ ଅଧୀନ ଶାରଡ଼ା ମୌଜା ଖାତା ନମ୍ବର ୭୧୨ରେ ୩୫ଟି ପ୍ଲଟ ମହାପ୍ରଭୁ ଶ୍ରୀଜଗନ୍ନାଥ ଦେବ ମାର୍ଫତ ରାଧାବଲ୍ଲଭ ମଠ ନାମରେ ରହିଛି। ଏହି ପ୍ଲଟଗୁଡ଼ିକ ମଧ୍ୟରୁ ପ୍ଲଟ ନମ୍ବର ୧୪୯୩ରେ ରାସ୍ତା ପାର୍ଶ୍ୱକୁ ଲାଗି ୬୬ ଡିସିମିଲି ଜମି ରହିଥିବା ବେଳେ ଏହି ଜାଗାରେ ସରକାରୀ ନିୟମକୁ ଉଲ୍ଲଘଂନ କରି ବେଆଇନ ଭାବେ ବ୍ଲକ ପ୍ରଶାସନ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ରାଧାନଗର ସ୍ନାନ ମଣ୍ଡପ ବେଆଇନ ଭାବେ ନିର୍ମାଣ କରାଯାଉଛି ବୋଲି ଅଭିଯୋଗରୁ ଜଣାପଡ଼ିଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରାଯାଉଥିବା ନେଇ କିଛି ଗ୍ରାମବାସୀ ବିଡିଓ, ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ସବିଶେଷ ତଥ୍ୟ ଦେଇ ପୁରୀ ଜିଲାପାଳଙ୍କ ନିକଟରେ ଗ୍ରାମର ମଣ୍ଟୁ କିଶୋର ଜେନା, ରତ୍ନାକର ସାହୁ, ସୂର୍ଯ୍ୟ କିଶୋର ସ୍ୱାଇଁ, ଚିତ୍ରସେନ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେତେଜଣ ବ୍ୟକ୍ତି ଏହି କାର୍ଯ୍ୟର ବିଲ୍ କରିବା ଲାଗି ଯୋଜନା କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାର ଲାଗିଛି। ଜଗନ୍ନାଥଙ୍କ ସମ୍ପତ୍ତି ସମେତ ଗୋପ ତହସିଲ ଅଞ୍ଚଳରେ ଗୋଚର ଅନାବାଦି ଓ ଅନ୍ୟାନ୍ୟ ସରକାରୀ ଜମି ଜବରଦଖଲ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଏହାକୁ ରୋକିବାରେ ତହସିଲ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅଧିକାରୀମାନେ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ।

## ଦର୍ଶନ ବ୍ୟବସ୍ଥାକୁ ନେଇ ଏମାନେ ଯାହା କୁହନ୍ତି...

" ଏକାଦଶୀରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି। ପୁଅର ମଧ ବାନା ଲାଗି ରହିଥିଲା। ବାନା ଲାଗି ଦେଖିପାରିଲିନି, ଫଳରେ ମନ ଦୁଖଃହେଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ଦେଇ ଲାଇନ୍‌ରେ ଯାଇ ମନ୍ଦିରରେ ଠାକୁରଙ୍କ ଦର୍ଶନ କଲୁ। ଲାଇନ୍‌ରେ ୫ରୁ ୬ ଘଣ୍ଟା ଠିଆ ହେବାକୁ ପଡ଼ିଲା। ବରିଷ୍ଠ ନାଗରିକମାନଙ୍କ ଦର୍ଶନ ନିମନ୍ତେ ସେପରି ବ୍ୟବସ୍ଥା କିଛି ନ ଥିଲା। ଫଳରେ ଠେଲାପେଲା ମଧ୍ୟରେ ଯାଇ ଦର୍ଶନ କରିଥିଲି।

**–ବାସନ୍ତୀ ଛୋଟରାୟ, କଣାସ**



" ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀ ଆସିଥିଲି। ପଞ୍ଚକର ପ୍ରଥମ ଦିନ ହୋଇଥିବାରୁ ଭକ୍ତଙ୍କ ଭିଡ଼ ଅସମ୍ଭାଳ ହୋଇଥିଲା। ଭିଡ଼ ଭିତରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛି। ପ୍ରଶାସନ ପକ୍ଷରୁ ଯାହା ବ୍ୟବସ୍ଥା ଥିଲା ତାହା ଯଥେଷ୍ଟ ନୁହେଁ, କିନ୍ତୁ ଆଉ କିଛି ବ୍ୟବସ୍ଥା ହୋଇଥିଲେ ଭଲ ହୋଇଥାନ୍ତା। ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ୩ରୁ ୪ ଘଣ୍ଟା ସମୟ ଲାଗିଥିଲା। ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ କିଛି ବ୍ୟବସ୍ଥା କରାଗଲେ ଭକ୍ତମାନେ ଠେଲାପେଲା ନ ହୋଇ ସୁରୁଖୁରୁରେ ଦର୍ଶନ କରିପାରନ୍ତେ।

**–ସରସ୍ୱତୀ ବିଶ୍ୱାଳ, ବ୍ରହ୍ମପୁର**



" ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାକୁ ନାପସନ୍ଦ କରୁଛି। ପ୍ରଶାସନ ଯେପରି ବ୍ବବସ୍ଥା କରିବା କଥା ସେହିପରି ବ୍ୟବସ୍ଥା କରିନାହିଁ। ଫଳରେ ଅଧିକ ସମୟ ଠିଆ ହୋଇ ରହିବାକୁ ପଡୁଛି। କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ବ୍ୟବହାର ଠିକ୍ ନ ଥିବା ରାଉରକେଲାରୁ ଆସିଥିବା ମଞ୍ଜୁଲତା ମଲିକ ଅଭିଯୋଗ କରିଛନ୍ତି। କେବଳ ସିଂହଦ୍ୱାର ପଟେ ଛାଡୁଥିବାରୁ ଗହଳି ଅଧିକ ହେଉଛି। ତେଣୁ ସମସ୍ତ ଦ୍ୱାରରେ ଛାଡ଼ିବା ଦରକାର।

**–ମଞ୍ଜୁଲତା ମଲିକ, ରାଉରକେଲା**



" ୩ଦିନ ହେଲା ପୁରୀ ଆସିଛୁ। ଗତ ୩ଦିନ ହେଲା ମହାପ୍ରଭୁଙ୍କ ଦର୍ଶନ କରୁଥିଲୁ, ମାତ୍ର ଆଜି ପ୍ରବଳ ଗହଳି କାରଣରୁ ଦର୍ଶନ କରିପାରିନୁ। ପରିକ୍ରମାରେ ବସି ମହାପ୍ରଭୁଙ୍କୁ ଧ୍ୟାନ କରୁଛୁ। ୩ଦ୍ୱାର ବନ୍ଦ କରିଦେଇଥିବାରୁ ଲୋକମାନେ ସମସ୍ୟା ଭୋଗୁଛନ୍ତି। ସମସ୍ତ ଦ୍ୱାରଦେଇ ପ୍ରବେଶ ଓ ପ୍ରସ୍ଥାନ କଲେ ଭଲ ହୁଅନ୍ତା। ଯେତେ ବ୍ୟବସ୍ଥା କଲେ ମଧ ପ୍ରବଳ ଲୋକ ଆସୁଥିବାରୁ ଏପରି ସମସ୍ୟା ରହିବ, ତଥାପି ପ୍ରଶାସନ କିଛି ପରିମାଣରେ ଏହାର ପରିବର୍ତ୍ତନର ବ୍ୟବସ୍ଥା କରିବା ଆବଶ୍ୟକ।

**–ସବିତା ସାମଲ, କେନ୍ଦ୍ରାପଡ଼ା**

## ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)

ପଞ୍ଚକ ବ୍ରତର ପ୍ରଥମ ଦିନରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇଛନ୍ତି। ମହାପ୍ରଭୁଙ୍କ ଅବକାଶ ନୀତି ପରେ ଦୁର୍ଲ୍ଲଭ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଆରମ୍ଭ ହୋଇଥିଲା। ଏହି ବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ହୋଇଥିଲା। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତଙ୍କ ସମେତ ହବିଷିଆଳିମାନେ ଶୃଙ୍ଖଳିତ ଭାବେ ବ୍ୟାରିକେଡ୍‌ରେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ବାହାରକାଠ ନିକଟରୁ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କରିଛନ୍ତି। ସେବାୟତଙ୍କ ସହ ସମନ୍ୱୟ ରକ୍ଷାକରି ଶ୍ରୀମନ୍ଦିର ପ୍ରଶାସନ ନୀତିକୁ ଶୃଙ୍ଖଳିତ କରିଥିବାରୁ ନିର୍ଦ୍ଧାରିତ ସମୟରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ସମ୍ପାଦିତ ହୋଇଥିଲା।

## ସେବାୟତ ପରିଚୟ ଦେଇ ଟଙ୍କା ଆଦାୟ, ୪ ଗିରଫ

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)

ସେବାୟତ ପରିଚୟ ଦେଇ ଭକ୍ତଙ୍କୁ ଦର୍ଶନ କରାଇଦେବା ନାଁରେ ଭକ୍ତଙ୍କ ଠାରୁ ଟଙ୍କା ଆଦାୟ କରିବା ଓ ଗାଳିଗୁଲଜ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ବାଲିଘାଟ ଅଞ୍ଚଳର ପ୍ରଭାତ କୁମାର ଦାସ, ବାସେଲୀ ସାହି ଥାନା ଅନ୍ତର୍ଗତ ବାସେଲୀ ସାହିର ଜ୍ଞାନରଞ୍ଜନ ପୁରୋହିତ, ମିଶ୍ରସାହି ଲେନ୍ ଜଗନ୍ନାଥ ବଲ୍ଲଭର ସଂଗ୍ରାମ ମହାନ୍ତି ଏବଂ ଲୋକନାଥ ରୋଡ୍ ଅଞ୍ଚଳର ଅଂଶୁ ଜେନା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୮୧୦ ଟଙ୍କା ଜବତ କରିବା ସହ କେସ୍ ନଂ ୧୯୬/୨୫ରେ ଏକ ମାମଲା ରୁଜୁ କରିଛି।

ପୋଲିସର ସୂଚନା ଅନୁଯାୟୀ, ଏକ ଅସାମାଜିକ ଦଳ ପୁରୀକୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଥିବା ନେଇ ବିଶେଷସୂତ୍ରରୁ ଖବର ମିଳିଥିଲା। ସେମାନେ ନିୟମିତ ବଡ଼ଦାଣ୍ଡ ଏବଂ ପରିକ୍ରମା ରାସ୍ତାରେ ଏକତ୍ରିତ ହୋଇ ଭକ୍ତମାନଙ୍କୁ, ବିଶେଷକରି ଅଣ-ଓଡ଼ିଆଙ୍କୁ ଟାର୍ଗେଟ କରୁଥିଲେ ଏବଂ ପାରମ୍ପରିକ ପୋଷାକ ପିନ୍ଧି ମନ୍ଦିରର ସେବାୟତଙ୍କୁ ପରିଚୟ ଦେଉଥିଲେ।

ଏହି ସୂଚନା ଜବାବରେ, ପୁରୀ ପୋଲିସ ଅଧୀକ୍ଷକ ଏହି ଅପରାଧୀଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ। ଏହି ଅଭିଯାନ ସମୟରେ ସ୍ୱତନ୍ତ୍ର ପୋଲିସ ଦଳ ବ୍ୟକ୍ତିମାନଙ୍କୁ ମନ୍ଦିର ପରିଦର୍ଶନ କରୁଥିବା ତୀର୍ଥଯାତ୍ରୀ ଏବଂ ଭକ୍ତଙ୍କ ବିରୋଧରେ ଆଦାୟ, ଧମକ ଏବଂ ହିଂସା ସମେତ ସଂଗଠିତ ଅପରାଧରେ ଲିପ୍ତ ଥିବା ଦେଖିଥିଲେ। ଅଭିଯୁକ୍ତମାନେ ଟଙ୍କା ବିନିମୟରେ ମନ୍ଦିର ପରିଦର୍ଶନ ସମୟରେ ଭକ୍ତମଙ୍କୁ ମାର୍ଗଦର୍ଶନ କରିବାକୁ ପ୍ରସ୍ତାବ ଦେଉଥିଲେ। ମନା କଲେ, ଅପମାନଜନକ ଭାଷା ଏବଂ ଧମକ ଦେଉଥିଲେ। ପୋଲିସ ଦଳ ପିଛା କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ୫ମ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷୟିତ୍ରୀ, ଶିକ୍ଷକ ବୈଠକ

ଡେଲାଙ୍ଗ,୨।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକରେ ଚଳିତ ଶିକ୍ଷାବର୍ଷର ୫ମ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ସମସ୍ତ କ୍ଲଷ୍ଟରରେ ଅନୁଷ୍ଠିତ ହୋଇଛି। ଚାଇଁପୁର କେନ୍ଦ୍ରାଧୀନ ବିଦ୍ୟାଳୟ ସମୂହର ବୈଠକ ନାରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି ସୋମନାଥ ବେହେରାଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା ସ୍ୱାଗତ କରିଥିଲେ। ବୈଠକରେ ବରିଷ୍ଠ ଶିକ୍ଷକ ଦାମୋଦର ରଥ, ମନୋରଞ୍ଜନ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା କୁଅଁର, ଝରଣା ପ୍ରଧାନ, ଶିକ୍ଷକ ହେମନ୍ତ ପରିଡ଼ା, ସୁଶାନ୍ତ ମଲ୍ଲିକ, ଶିକ୍ଷୟିତ୍ରୀ ସସ୍ମିତା ଦାଶ, ଶାନ୍ତିଲତା ମାଝି ଓ ଅନ୍ୟମାନେ ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନିପୁଣ ବିଦ୍ୟାଳୟ, ଶିକ୍ଷଣ ସୋପାନ ରେଜିଷ୍ଟର ପରିପୂରଣ ସମ୍ବନ୍ଧୀୟ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ନିମାକେରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଧାନକେରା ଓ ବଡ଼ଆଙ୍କୁଲା ସାଧନ କେନ୍ଦ୍ରର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ଶିକ୍ଷଣ ସୋପାନ ରେଜିଷ୍ଟର ଉପରେ ଆୟୋଜିତ ଶୈକ୍ଷିକ କର୍ମଶାଳାରେ ଭାଗ ନେଇଥିଲେ। ସିଆର୍‌ସିସି ଲୋକନାଥ ପ୍ରଧାନ, ପ୍ରଧାନ ଶିକ୍ଷକ ଶିକ୍ଷକ ଅଭୟ ରଥ, ପ୍ରଦୀପ୍ତ ସେଠୀ, ଅଭୟ ଚରଣ ସାହୁ, କୃଷ୍ଣଚନ୍ଦ୍ର ବେହେରା, ପୁରନ୍ଦର ପ୍ରଧାନ ଓ ଅନ୍ୟ ସମସ୍ତେ ନିଜ ନିଜର ମତ ରଖିଥିଲେ। ବିଡିପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ତପନ ମଲ୍ଲିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବିଇଓ ଶତ୍ରୁଘ୍ନ ବେହେରା ଯୋଗଦେଇ ପିଲାମାନଙ୍କ ମୌଳିକ ଶିକ୍ଷଣ ଦକ୍ଷତା, ସଂଖ୍ୟା ଜ୍ଞାନ ଅଭିବୃଦ୍ଧି ଓ ସୁନ୍ଦର ଶ୍ରେଣୀ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ବୀରମକୁନ୍ଦପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି କ୍ଷେତ୍ରବାସୀ ଆଲୁକ, ସାତ୍ତ୍ୱିକପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି ବସନ୍ତ ସେଠୀ, ସେବକ ସାହୁ ପାଟଣା ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ପବିତ୍ର ପଣ୍ଡା, ଶିକ୍ଷୟିତ୍ରୀ ରୁନୁବାଳା ମହାପାତ୍ର, ଜ୍ୟୋତିର୍ମୟୀ ଦେବୀ, ଶିକ୍ଷକ ଫକୀର ଦାସ, ଏଫ୍‌ଏଲ୍‌ଏନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ହରିଉତ୍ଥାପନା ନୀତି

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୪ ମାସ ଶୟନ କରିବା ପରେ ମହାପ୍ରଭୁ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ନିଦ୍ରାରୁ ଉଠିଛନ୍ତି। ରବିବାର କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ହରିଉତ୍ଥାପନା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଅବକାଶ, ରୋଷ ହୋମ, ଲକ୍ଷ୍ମୀ ନାରାୟଣ ବେଶ ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ବଢ଼ିବା ପରେ ମହାପ୍ରଭୁଙ୍କ ମଇଲମ ହୋଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ଚନ୍ଦନ ଲାଗି ନୀତି କରିବା ପରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲା। ଭୋଗ ସରିଲା ପରେ ଶାଢ଼ୀ, ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା। ପାଣିପଡ଼ି ସନ୍ଧ୍ୟା ଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇଥିଲା। ପରେ ମହାପ୍ରଭୁଙ୍କର ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ଖଟ ଶେଜ ଘର ଉପର ଭାଗରେ ଥିବା ଘରକୁ ତଢ଼ଉକରଣଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ତିନି ଶୟନ ଠାକୁରଙ୍କର ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ଠାକୁରଙ୍କ ବନ୍ଦାପନା ନୀତି ବଢ଼ିଥିଲା। ଏହାପରେ ପୁଷ୍ପାଞ୍ଜଳି, ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ବାକ୍ସମାନଙ୍କୁ ଯଥା ରୀତିରେ ରଖାଯାଇ ଘରର ଦୁଆରକୁ ମୁଦ ଦିଆଯାଇଥିଲା।

## ସାକ୍ଷୀଗୋପାଳ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨।୧୧(ଭରତ ରାଉତ)

ପବିତ୍ର ବଡ଼ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ସଫେଇ କାର୍ଯ୍ୟ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ମନ୍ଦିର ବାହାର ସମେତ ଭିତର ସଫେଇ କରାଯାଇଥିଲା ଏବଂ ଏଠାକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସମେତ କଲେଜର ଅଧ୍ୟାପକ ଅଧ୍ୟାପିକାଗଣ ଯୋଗଦେବା ସହିତ ଜାତୀୟ ସେବା ଯୋଜନାର କର୍ଯ୍ୟଦ୍ରଷ୍ଟା ଦିଲ୍ଲୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ଏଭଳି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ତାଙ୍କର ଉତ୍ସାହ ବଢାଇଥିଲେ।

## ବଧୂ ଆତ୍ମହତ୍ୟା ଘଟଣାରେ ବାପ, ପୁଅ ଗିରଫ

ଯୋଗେଶ୍ୱରପୁର,୨।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳରେ ଜନୈକା ବଧୂ ବିଷ ପିଇ ଆତ୍ମହତ୍ୟା କରିଥିବା ଘଟଣାରେ ପୋଲିସ ବାପ, ପୁଅଙ୍କୁ ରବିବାର ସିଙ୍ଗପାନିଆ ଗ୍ରାମରୁ ଗିରଫ କରିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ସିଙ୍ଗପାନିଆ ଗ୍ରାମର ରବୀନ୍ଦ୍ର ସାହୁଙ୍କ ବଡ଼ପୁଅ ଗୁରୁପ୍ରସାଦ ସାହୁ ୨୦୧୪ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ବିନିସପୁର ପଞ୍ଚାୟତ ଆମ୍ବପଡ଼ା ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସାନ ଭଉଣୀ ସସ୍ମିତା ସାହୁଙ୍କୁ ବିବାହ କରିଥିଲେ। ବିବାହର ୧୧ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସନ୍ତାନ ନ ହେବାରୁ ଗୁରୁ ପ୍ରସାଦ ଲୋକଲଜ୍ଜାରୁ ନୟାହାଟ ବଜାରରେ ଏକ ପାନ ଦୋକାନ କରି ସେଠାରେ ରହୁଥିଲେ। ବାପା ରବୀନ୍ଦ୍ର ଓ ସାନ ଭାଇ ବବୁଲ ସହିତ ଗୁରୁ ପ୍ରସାଦଙ୍କ କୌଣସି ସମ୍ପର୍କ ନ ଥିଲା। ପିଲାଛୁଆ ନ ହେବାରୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମଝିରେ ମଝିରେ ଝଗଡ଼ା ହେଉଥିଲା। ଗତ ୩୦ ତାରିଖ ଦିନ ଝଗଡ଼ା ହୋଇ ସ୍ତ୍ରୀ ବିଷ ପିଇ ଭୁବନେଶ୍ୱର ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ମୃତ୍ୟୁ ଘଟିଛି। ଗୋବିନ୍ଦ ସାହୁ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି ଯେ, ମୋ ଭଉଣୀକୁ ଯୌତୁକ ପାଇଁ ମାଡ଼ମାରି ବିଷ ପିଆଇ ଦେଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଗୋପ ପୋଲିସ ପକ୍ଷରୁ ୩୭୩/୨୫ରେ ଶ୍ୱଶୁର, ଦିଅର, ଶାଶୁ ଓ ସ୍ୱାମୀ ନାମରେ ମାମଲା ରୁଜୁ ହୋଇଥିଲା। ଶାଶୁ, ଶ୍ୱଶୁର, ଦିଅରଙ୍କ ଠାରୁ ଗୁରୁ ଅଲଗା ରହୁଥିବାରୁ ଏହି ଘଟଣାରେ ସମ୍ପୃକ୍ତ ନଥିବା ବେଳେ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢିଆରୀ ଓ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ନୟାହାଟ ଆସି ପାନ ଦୋକାନ ଖୋଲି ତଦନ୍ତ ଆରମ୍ଭ କରିଥିଲେ ଏବଂ ପରେ ବାପ ପୁଅଙ୍କୁ ଗିରଫ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବ ପରେ ସସ୍ମିତାଙ୍କ ମୃତ୍ୟୁର ରହସ୍ୟ ଖୋଲିବ ବୋଲି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ହିଁ ମୂଳମନ୍ତ୍ର

ନିମାପଡ଼ା,୨।୧୧(ବିଚିତ୍ରାନନ୍ଦ ସାହୁ)

**ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ**

ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ଗୁଣାବଳୀ ଓ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବାହିଁ ଆମ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ମୂଳମନ୍ତ୍ର ଓ ମୁଖ୍ୟ ଲକ୍ଷ୍ୟ ବୋଲି ନିମାପଡ଼ା ପ୍ରେସ କ୍ଲବର କର୍ମକର୍ତ୍ତାମାନେ ମତପ୍ରକାଶ କରିଛନ୍ତି। ନିମାପଡ଼ା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ଜାତୀୟ ପ୍ରେସ୍ ଦିବସ ପାଳନ ସମାରୋହ ନଭେମ୍ବର ୧୬ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ରବିବାର ନିମାପଡ଼ା ପ୍ରେସ କ୍ଲବ୍ ପକ୍ଷରୁ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ୍ ହଲ୍ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। 'ମୋ ଦୃଷ୍ଟିରେ ମୋ ନିମାପଡ଼ା' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଓ 'ମୋ ତୁଳୀରେ ମୋ ବିଦ୍ୟାଳୟ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା କୃତିତ୍ୱ ହାସଲ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ୬ କୃତୀ ପ୍ରତିଭାଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଦିଆଯିବ ବୋଲି ପ୍ରେସ କ୍ଲବ ସୂତ୍ରରୁ ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍‌ର ସଭାପତି ଅକ୍ଷୟ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, ବରିଷ୍ଠ ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ଶରତ ଚନ୍ଦ୍ର ସେନାପତି, ବିଶ୍ୱଜିତ୍ ମିଶ୍ର, ପ୍ରତାପ କୁମାର ପଣ୍ଡା ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ପ୍ରେସ କ୍ଲବର କର୍ମକର୍ତ୍ତାଙ୍କ ଗହଣରେ ପ୍ରତିଯୋଗୀ ବୃନ୍ଦ।

## ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଯୁବ ସଶକ୍ତୀକରଣ ଆବଶ୍ୟକ

**ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ**

ପିପିଲି,୨।୧୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକଛକ ନିକଟବର୍ତ୍ତୀ ମାଣିକ ଗାର୍ଡେନ ଠାରେ ଅନୁଷ୍ଠିତ ଯୁବ ସମ୍ମିଳନୀରେ ପୁରୀ ଜିଲାର ସତ୍ୟବାଦୀ, କଣାସ, ଡେଲାଙ୍ଗ ଓ ପିପିଲି ୪ଟି ବ୍ଲକର ଯୁବ ପ୍ରତିନିଧିମାନେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ଉପଲକ୍ଷେ ସପ୍ତସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ଜିଲାର ପିପିଲି, ପୁରୀ ଓ ନିମାପଡ଼ାରେ ୪ଟି ଲେଖାଏଁ ବ୍ଲକକୁ ନେଇ ଯୁବ ସମ୍ମିଳନୀ ଅୟୋଜନ ହେଉଛି। ଏହି ପରିପ୍ରେକ୍ଷୀରେ ପିପିଲିରେ ଦ୍ୱିତୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।



ଯୁବ ସମ୍ମିଳନୀରେ ଉପସ୍ଥିତ ଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତାମାନେ ।

ସମ୍ମିଳନୀରେ ୩୫୦ ଯୁବ ପ୍ରତିନିଧିଙ୍କ ସମେତ ଯୁବ ନେତୃତ୍ୱ ଓ ଯୁବ ବିଶେଷଜ୍ଞ ତଥା ସଂଗଠକମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସତ୍ରରେ ରମେଶ ଚନ୍ଦ୍ର ମାଝି, ଜିଲା କାର୍ଯ୍ୟବାହ ସର୍ବେଶ୍ୱର ବିଶୋଇ ଓ ବକ୍ତା ଭାବେ ଯୁବ ବିମର୍ଷ ବକ୍ତା ସାଇ ପ୍ରସାଦ ଦାଶ ଯୁବ ପ୍ରତିଭାମାନଙ୍କୁ ମାର୍ଗଦର୍ଶନ ଦେଇ ରାଷ୍ଟ୍ର ବିକାଶ ଓ ଦୃଢ଼ୀକରଣ ନିମନ୍ତେ ଯୁବ ସଶକ୍ତୀକରଣ ଓ ରାଷ୍ଟ୍ର ସଂସ୍କାର ଆବଶ୍ୟକ ବୋଲି ମତପ୍ରକାଶ କରିଥଲେ। ପ୍ରତିଭା ପ୍ରଦର୍ଶନ ତଥା କୁଇଜ୍ ଓ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ବିଚାରକ ଭାବେ ପୁରୀ ବିଭାଗ ଗୋ ସେବା ସଂଯୋଜକ ପ୍ରଭାତ କୁମାର ମହାପାତ୍ର ଓ ପୂର୍ବ ଓଡ଼ିଶା ସହ ପ୍ରାନ୍ତ ବ୍ୟବସ୍ଥା ପ୍ରମୁଖ ସନ୍ତୋଷ ନାୟକ ଯୋଗ ଦେଇଥିଲେ। ପ୍ରତିଭା ମଞ୍ଚ ପରିଚାଳନାରେ ଜିଲା ସହ କାର୍ଯ୍ୟବାହ ତପନ କୁମାର ସାମଲ, ଓକିଲ ପ୍ରଧାନ, ଅଜୟ ଦାସ ,ପ୍ରଶାନ୍ତ ପଣ୍ଡା ସହଯୋଗ କରିଥିଲେ। ଉଦ୍‌ଯାପନୀ ସତ୍ରରେ ପୁରୀ ବିଭାଗ ପ୍ରଚାରକ ଚନ୍ଦ୍ର ଶେଖର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୁବ ବର୍ଗ ପ୍ରଖର ରାଷ୍ଟ୍ର ଭକ୍ତ ହେବାପାଇଁ ବିଭିନ୍ନ ତଥ୍ୟ ଓ ଉଦାହରଣ ସହ ପ୍ରେରଣା ପ୍ରଦାନ କରିଥଲେ। ବ୍ୟବସ୍ଥାକୁ ପିପିଲି ଖଣ୍ଡ କାର୍ଯ୍ୟବାହ ରଞ୍ଜିତ ପଣ୍ଡା, ଅଭିଷେକ ଲେଙ୍କା ଓ ନିରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଓଡ଼ିଶାବାସୀଙ୍କ ନିକଟରେ ଶରତ ସାହୁ ସ୍ମରଣୀୟ ରହିବେ: ଡ. ପ୍ରମୋଦ ରଥ

କଟକ,୨।୧୧(କାର୍ତ୍ତିକ ସାହୁ)

ବିଶିଷ୍ଟ ଶିଳ୍ପପତି ତଥା ରୁଚି କମ୍ପାନୀର ପ୍ରତିଷ୍ଠାତା ଶରତ କୁମାର ସାହୁଙ୍କ ବିୟୋଗରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ସାହୁଙ୍କ ବ୍ୟବସାୟିକ ନିଷ୍ଠା ଏବଂ ସାହିତ୍ୟ, ସଂସ୍କୃତି ଓ ଶିଳ୍ପ, ସମାଜସେବା ଆଦି ବିବିଧ କ୍ଷେତ୍ରରେ ତାଙ୍କର ପ୍ରୋତ୍ସାହନ ଓ ବଳିଷ୍ଠ ପଦକ୍ଷେପ ଓଡ଼ିଶାବାସୀଙ୍କ ନିକଟରେ ତାଙ୍କୁ ସ୍ମରଣୀୟ କରିରଖିବ। ଧନେଶ୍ୱର ରଥ ଫାଉଣ୍ଡେଶନ୍ ପକ୍ଷରୁ ତାଙ୍କୁ 'କର୍ମଯୋଗୀ ଧନେଶ୍ୱର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରି ଆମେ ଗୌରବାନ୍ୱିତ ବୋଲି ଡ. ରଥ ଉଲ୍ଲେଖ କରିଛନ୍ତି। ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଡ. ରଥ ସମବେଦନା ଜଣାଇଛନ୍ତି।

### ରୁଚି କମ୍ପାନୀ ପ୍ରତିଷ୍ଠାତା ଶରତ ସାହୁଙ୍କ ବିୟୋଗରେ ଭାରତ ମସଲା ପକ୍ଷରୁ ଶୋକ

କଟକ,୨।୧୧(କାର୍ତ୍ତିକ ସାହୁ)

ରୁଚି କମ୍ପାନୀ ପ୍ରତିଷ୍ଠାତା ଶରତ କୁମାର ସାହୁଙ୍କ ବିୟୋଗରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ଶରତ ସାର୍‌ଙ୍କ ମୃତ୍ୟୁ ଖବର ଶୁଣି ମୁଁ ସ୍ତବ୍ଧ ହୋଇଯାଇଛି। ସେ ଥିଲେ ଓଡ଼ିଶା ଶିଳ୍ପ ଜଗତର ଜଣେ ଉଜ୍ଜ୍ୱଳ ତାରକା। ଓଡ଼ିଶା ଶିଳ୍ପ ଜଗତରେ ଆଜି ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା, ତାହା ପୂରଣ ଆଉ ସମ୍ଭବ ନୁହେଁ। ମସଲା ଉତ୍ପାଦନ କ୍ଷେତ୍ରରେ ରୁଚି ଓ ଭାରତ ମସଲା ମଧ୍ୟରେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲେ ହେଁ ଶରତ ସାର୍ ଓ ମୋ' ଭିତରେ କିନ୍ତୁ ନ ଥିଲା ଭେଦଭାବର ସଂଜ୍ଞା। ସେ ମୋତେ ବ୍ୟବସାୟ କ୍ଷେତ୍ରରେ ତିଷ୍ଠି ରହିବାକୁ କିଭଳି ଧୈର୍ଯ୍ୟର ସାହାରା ନେବାକୁ ପଡ଼େ, ପ୍ରତ୍ୟେକ ଆଲୋଚନା ବେଳେ ଉପଦେଶ ଦେଇଆସୁଥିଲେ। ଆଜି ତାଙ୍କ କମ୍ପାନୀ ଅଛି, ଆମ କମ୍ପାନୀ ବି ଅଛି, କିନ୍ତୁ ଶରତ ସାର୍ ନାହାନ୍ତି। ମୁରବି ହୋଇ ସେ ସିନା ଆଉ ମୋତେ ଉପଦେଶ ଦେଇ ପାରିବେନି, କିନ୍ତୁ ତାଙ୍କର ଅଦୃଶ୍ୟ ଉପଦେଶ ଆମକୁ ଉତ୍ସାହିତ କରୁଥିଲା ଓ ଆଗକୁ ମଧ୍ୟ କରୁଥିବ।

# ଚିକିତ୍ସା ପାଇଁ ଆସି ଆଙ୍ଗୁଠି ହରାଇଲେ ଶିଶୁ

ଚୌଦ୍ୱାର,୨।୧୧(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅନ୍ତର୍ଗତ ଏକ ଘରୋଇ ନର୍ସିଂହୋମରେ ରବିବାର ଜଣେ ଶିଶୁ ସାମାନ୍ୟ ଚିକିତ୍ସା ଲାଗି ଆସି ଡାକ୍ତରଙ୍କ ଅବହେଳାର ଶିକାର ହୋଇ ଆଙ୍ଗୁଠି ହରାଇବା ଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୀଡ଼ିତ ଶିଶୁ ହେଲେ ଯାଜଭୈରବ ନୂଆଗାଁ ଗ୍ରାମର ପ୍ରମୋଦ ପୃଷ୍ଟିଙ୍କ ପୁତୁରା ରଶ୍ମିରଞ୍ଜନ ପୃଷ୍ଟି(୧୨)। ଏନେଇ ପରିବାର ନର୍ସିଂହୋମ୍ ଘେରାଉ କରିବା ଫଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ରଶ୍ମୀରଞ୍ଜନଙ୍କ ବାପା ପ୍ରଦୀପ ପୃଷ୍ଟି ଚିକିତ୍ସା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ

**କ୍ଷତିପୂରଣ ଦେଲେ ନର୍ସିଂହୋମ୍ ମାଲିକ**

ସହ କ୍ଷତିପୂରଣ ଦାବି କରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଫଳରେ ନର୍ସିଂହୋମ୍ ମାଲିକ ନିଜର ଭୁଲ୍ ସ୍ୱୀକାର କରିବା ସହ ରଶ୍ମିରଞ୍ଜନଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା ଦେଇଛନ୍ତି।

ସୂଚନାଯୋଗ୍ୟ, ରଶ୍ମିରଞ୍ଜନଙ୍କ ବାମହାତର ଏକ ଆଙ୍ଗୁଠି ସୂତାରେ ଲାଗି କିଛି ମାତ୍ରାରେ କଟି ଯାଇଥିଲା। ଫଳରେ ପ୍ରମୋଦ ତାଙ୍କୁ ଗତ ୩୧ତାରିଖ ଦିନ ସ୍ଥାନୀୟ ଜନସେବକ ନର୍ସିଂହୋମକୁ ଚିକିତ୍ସା ଲାଗି ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପାଇଁ ନର୍ସିଂହୋମରେ ଥିବା ଓଟି ରୁମକୁ ନେଇ ଯାଇ ଚିକିତ୍ସା କରି ଘରକୁ ଫେରାଇ ଦେଇଥିଲେ। ହେଲେ ରବିବାର ନିକଟସ୍ଥ ଅନ୍ୟ ଏକ ନର୍ସିଂହୋମକୁ ଯାଇ ଡ୍ରେସିଂ କରିବାରେ ତାଙ୍କ ପୁତୁରାଙ୍କ ଆଙ୍ଗୁଠିର କିଛି ଅଂଶ ପୂରା କାଟି ଦିଆଯାଇଥିବା ପ୍ରମୋଦ ଜାଣିବାକୁ ପାଇଥିଲେ। ପ୍ରମୋଦଙ୍କ କହିବାନୁଯାୟୀ, ଆଙ୍ଗୁଠିରେ ଯେଉଁଭଳି କ୍ଷତ ହୋଇଥିଲା ତାହା ଠିକ୍ ହୋଇପାରିଥାନ୍ତା, ହେଲେ ଡାକ୍ତର କାହାରିକୁ ନ ଜଣାଇ କାହିଁକି ଆଙ୍ଗୁଠିକୁ କାଟିଦେଲେ। ଏନେଇ ରଶ୍ମିରଞ୍ଜନଙ୍କ ବାପା ପ୍ରଦୀପ ଥାନାରେ ଅଭିଯୋଗ କରିଥିଲେ। ପ୍ରମୋଦଙ୍କ ପରିବାର ସମେତ ଅଞ୍ଚଳର କେତେକ ଲୋକେ ଡାକ୍ତରଙ୍କ ଏଭଳି ଅବହେଳା ପାଇଁ ନର୍ସିଂହୋମ ସମ୍ମୁଖରେ ହୋହାଲ୍ଲା କରିବା ସହ ପିଲାଟିର ଭବିଷ୍ୟତ ନଷ୍ଟ ହୋଇଗଲା ଓ ଏଥିପାଇଁ ନର୍ସିଂହୋମ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ହୋହାଲ୍ଲା କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଆପୋସ ବୁଝାମଣା କରିଥିଲା। ତେବେ ନର୍ସିଂହୋମ ମାଲିକ ନିଜର ଭୁଲ ସ୍ୱୀକାର କରିବା ସହ ଶିଶୁର ଭିନ୍ନକ୍ଷମ ପ୍ରମାଣପତ୍ର ବାହାର କରିବା ଓ ୩ଲକ୍ଷ ଟଙ୍କା ଦେବା ପାଇଁ ଚୌଦ୍ୱାର ଥାନାରେ ଲିଖିତ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ୬ରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୪ ଦିନିଆ ଓଡ଼ିଶା ଗସ୍ତ

କଟକ/ତ୍ରିଶୂଳିଆ,୨।୧୧
(କାର୍ତ୍ତିକ ସାହୁ/ତୁଷାରକାନ୍ତ ବେହେରା)



- ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିବେ
- ଏସିଆର ପ୍ରଥମ ଆନ୍ତର୍ଜାତିକ ଅଷ୍ଟିଓପ୍ୟାଥି କନଭେନ୍‌ଶନ ଉଦ୍‌ଘାଟନ କରିବେ

ବିଶ୍ୱ ମାନବବାଦୀ, ଆଧ୍ୟାତ୍ମିକ ଗୁରୁ ଏବଂ 'ଆର୍ଟ ଅଫ୍ ଲିଭିଂ' ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ଆଜୀବନ ଅଧ୍ୟକ୍ଷ ଶ୍ରୀଶ୍ରୀ ରବିଶଙ୍କର ନଭେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ଓଡ଼ିଶା ସରକାର ତାଙ୍କୁ ରାଜ୍ୟ ଅତିଥି ମାନ୍ୟତା ପ୍ରଦାନ କରିଛନ୍ତି। ତାଙ୍କର ଓଡ଼ିଶା ରହଣି ସମୟରେ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ସାମିଲ ହେବା ସହ ଅନ୍ୟାନ୍ୟ ବହୁ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ସେ ୮ତାରିଖରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୬ରେ ଝାରସୁଗୁଡ଼ାରେ ଏକ ମହା ସତ୍‌ସଂଗ କାର୍ଯ୍ୟକ୍ରମରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଓଡ଼ିଶା ଗସ୍ତ ଆରମ୍ଭ ହେବ। ତାଙ୍କ ରହଣି କାଳରେ ସେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିବାକୁ ଥିବା ଏସିଆ ମହାଦେଶର ସର୍ବପ୍ରଥମ 'ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନ୍‌ଭେନ୍‌ଶନ'କୁ ଉଦ୍‌ଘାଟନ କରିବା ସହ ଓଡ଼ିଶା ରାଜ୍ୟ ଲୋକସେବା ଭବନରେ ଆୟୋଜିତ ବ୍ୟୁରୋକ୍ରାଟ ସମ୍ମିଳନୀ ବିକଶିତ ଓଡ଼ିଶା ୨୦୪୭-ଏଥିକ୍ସ ଇନ୍ ଗଭର୍ନାନ୍ସକୁ ମଧ୍ୟ ସମ୍ବୋଧିତ କରିବେ। ସେହିପରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ 'ନବୋନ୍ମେଷ' ଶୀର୍ଷକ ପ୍ରଦର୍ଶନୀର ଉଦ୍‌ଘାଟନ କରିବେ, ଯେଉଁଥିରେ କୃତ୍ରିମ ବୁଦ୍ଧିମତ୍ତା ସମେତ ବିଦ୍ୟାର୍ଥୀ ଓ ଅଧ୍ୟାପକମାନଙ୍କର ବହୁ ଶିକ୍ଷଣୀୟ, ଗବେଷଣାଧର୍ମୀ କୃତିସବୁ ସ୍ଥାନ ପାଇବ। ଏଥିସହ ଶିକ୍ଷାବିତ, ବୁଦ୍ଧିଜୀବୀ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଓ ଶିକ୍ଷାଜଗତର ଶୀର୍ଷନେତୃତ୍ୱମାନଙ୍କ ପାଇଁ ଉଦ୍ଦିଷ୍ଟ କନକ୍ଲେଭ 'ସଂକଳ୍ପ' ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିସ୍କ ମ୍ୟାନେଜମେଣ୍ଟ ସହ ମିଳିତ ଭାବରେ ଗଠିତ ଶ୍ରୀ ଶ୍ରୀ ସେଣ୍ଟର ଫର୍ ଏଣ୍ଟରପ୍ରାଇଜ ରିସ୍କ ମ୍ୟାନେଜମେଣ୍ଟକୁ ମଧ୍ୟ ଶ୍ରୀ ଶ୍ରୀ ରବିଶଙ୍କର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ବିଭିନ୍ନ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ସହ ଚୁକ୍ତି ସ୍ୱାକ୍ଷର (ଏମଓୟୁ) କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସମ୍ବୋଧିତ କରିବେ। ଆସନ୍ତା ୭ ତାରିଖ ସନ୍ଧ୍ୟାରେ ସର୍ବସାଧାରଣଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକଭବ୍ୟ ମହା ସତ୍‌ସଂଗର ଆୟୋଜନ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ, ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସାନିଧ୍ୟ ପ୍ରାପ୍ତ ହୋଇ ଆଧ୍ୟାତ୍ମିକ ଶକ୍ତି, ପ୍ରେରଣା ଏବଂ ଆନ୍ତରିକ ସାନ୍ତ୍ୱନାର ଅନୁଭୂତି ସାଉଁଟିବେ ବୋଲି ବିଶ୍ୱବିଦ୍ୟାଳୟ ଲିଡରଶିପ୍ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଭାବମୟ ପରିବେଶ ସୃଷ୍ଟିକଲା ସଂକୀର୍ତ୍ତନ



ନୀଳାଚଳ ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ ଅବସରରେ ୨୨ ମଣ୍ଡଳୀର ସଦସ୍ୟ।

ଖୁଣ୍ଟୁଣୀ,୨।୧୧(ସଚ୍ଚିଦାନନ୍ଦ ପଣ୍ଡା)

ନବେଢ଼ାର ଅଗ୍ରଣୀ ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ବାଲି ଉଆସ ପଡ଼ିଆଠାରେ ରବିବାର ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳାଚଳ ସଂକୀର୍ତ୍ତନ ମହାମଣ୍ଡଳର ସମୁଦାୟ ୨୨ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ସମଗ୍ର ବାଲି ଗ୍ରାମ ଓ ଶାସନରେ ଏକ ଭାବମୟ ପରିବେଶ ସୃଷ୍ଟି କରି ଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଓରନ୍ଦା ସରପଞ୍ଚ ବିନ୍ଦୁବାସିନୀ ଦାସ, ସମ୍ମାନିତ ଅତିଥିଭାବେ ଗିରୀଶ ନାଥ ମିଶ୍ର, ସରପଞ୍ଚଙ୍କ ପ୍ରତିନିଧି ରାଜୀବଲୋଚନ ଦାସ, ଉମେଶ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଥ ବିଶ୍ୱାଳ, ଜ୍ଞାନରଞ୍ଜନ ପଟ୍ଟନାୟକ, ଶ୍ରୀନିବାସ ଦଳାଇ ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ମହାମଣ୍ଡଳର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ସମ୍ବର୍ଦ୍ଧିତ କରିଥିଲେ। ବାଲି ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ପ୍ରଦୀପ କୁମାର ବିଶ୍ୱାଳ (ବିକୁନା), ରାଧାନାଥ ବିଶ୍ୱାଳ, ମନୋଜ ବିଶ୍ୱାଳ, ଦିବାକର ବିଶ୍ୱାଳ, ପ୍ରଶାନ୍ତ ରାଉତ, ଧରଣୀ କାଳିଆ, ଲିପୁ କାଳିଆ, ସନାତନ ସାହୁ, ବ୍ରହ୍ମାନନ୍ଦ ଦାସ, ପ୍ରଦୀପ ବେହେରା ଓ ସୁରେନ୍ଦ୍ର କାଳିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମହାମଣ୍ଡଳ ସଭାପତି ଶରତ ଚନ୍ଦ୍ର ବିଶୋଇ, ଉପସଭାପତି ଦେବେନ୍ଦ୍ର ବେହେରା ଓ ସମ୍ପାଦକ ରତ୍ନାକର ବେହେରା ପ୍ରମୁଖଙ୍କ ଉପସ୍ଥିତି ଓ ସଂକୀର୍ତ୍ତନ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ସମାପ୍ତ ହୋଇଥିଲା। ଲିକୁନା କହ୍ନେଇ, ନଗେନ ଦାସ, ଗଣନାଥ କାଳିଆ ଓ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଆୟୋଜନ କରିଥିଲେ। ଶେଷରେ ସଂକୀର୍ତ୍ତନ ମଣ୍ଡଳୀର ୨୨ ଦଳର ଶତାଧିକ କର୍ମୀ ବାଲି ଗ୍ରାମ ପରିକ୍ରମା କରିଥିଲେ ।

## ୧୩ରୁ ପ୍ରଥମାଷ୍ଟମୀ ମେଳଣ

ମଙ୍ଗୁଳି-ଜଗତପୁର,୨।୧୧(ମାନସ ସାମଲ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ସ୍ଥିତ ସାଧୁ ସୁନ୍ଦର ବିଦ୍ୟାପୀଠ ପ୍ରାଙ୍ଗଣରେ ୭୫ତମ ନଖରା ପ୍ରଥମାଷ୍ଟମୀ ମେଳଣ-୨୦୨୫ ଯାତ୍ରା ନଭେମ୍ବର ୧୩ରେ ଅନୁଷ୍ଠିତ ହେବ। ଏନେଇ କମିଟିପକ୍ଷରୁ ବୃତାନ୍ତ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଚୌଦ୍ୱାର ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ସଭାପତିତ୍ୱ କରି ଯୁବପିଢ଼ି ଆଗାମୀ ଦିନର ଭବିଷ୍ୟତ, ସେମାନଙ୍କୁ ଗାଇଡ କରିବା ମୁରବୀମାନଙ୍କର ଦାୟିତ୍ୱ। ତାହେଲେ ଯାତ୍ରା ସରସ ସୁନ୍ଦର ହେଇପାରିବ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇନ୍‌ସ୍ପେକ୍ଟର ସରସ୍ୱତୀ ସାହୁ, ଯାତ୍ରା ସମ୍ପାଦକ ଭୀମସେନ ତ୍ରିପାଠୀ, ଟାଙ୍ଗୀ- ଚୌଦ୍ୱାର ବ୍ଲକ ଭାଇସ ଚେୟାରମ୍ୟାନ ସୁପ୍ରିୟା ଜେଠୀ, ଶାଳଗାଁ ସମିତିସଭ୍ୟ ପ୍ରତିନିଧି ମନୋଜ କୁମାର ବେହେରା, ବିଦ୍ୟୁତ୍ ବିଭାଗର ପ୍ରସନ୍ନ ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ମହେନ୍ଦ୍ର ବିଶାଳ, ମାନସ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋଜ ମହାରଣା ଧନ୍ୟବାଦ ଦେଇଥିଲେ। ସଦସ୍ୟ ରମାକାନ୍ତ ପାଣି, ଧରଣୀଧର ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ହେମନ୍ତ ରାଉତ, ହେମନ୍ତ ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ ୨୨ଖଣ୍ଡ ଗ୍ରାମର ମେଢ଼ ସମ୍ପାଦକ ଉପସ୍ଥିତ ଥିଲେ।

## ବାରଙ୍ଗରେ ଦୌଡ଼ିଲେ ଦୂତି ଚାନ୍ଦ

ବାରଙ୍ଗ,୨।୧୧(ଲିଙ୍ଗରାଜ ରାଉତ)

ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ସମିତି ପକ୍ଷରୁ ଏକ ଗଣଦୌଡ଼ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଣଦୌଡ଼ ରାମେଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇ କନକ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥିଭାବେ ବିଶିଷ୍ଟ କ୍ରୀଡ଼ାବିତ୍ ଦୂତି ଚାନ୍ଦ ଯୋଗଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଗଣଦୌଡ଼ରେ ସାମିଲ ହୋଇଥିଲେ। ମହୋତ୍ସବର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଦୌଡରେ ଜୋନ୍ ଏସିପି ଶଶିକାନ୍ତ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଭୂପତି ପାଣି ପ୍ରମୁଖ ଉପସ୍ଥିତ ଥିଲେ।







## ବାଲିଯାତ୍ରା ପଥ ଉତ୍ସବ

# ନାଚଗୀତରେ ଝୁମିଲେ, ଚିତ୍ରକଳାରେ ମଜିଲେ



ସଙ୍ଗୀତ ପରିବେଷଣ କରୁଛନ୍ତି ଅସୀମା ପଣ୍ଡା।

କଟକ,୨।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ କଟକ ବାଲିଯାତ୍ରା-୨୦୨୫ ଉପଲକ୍ଷେ ରବିବାର ବାଲିଯାତ୍ରା ଉପରପଡ଼ିଆରେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ପ୍ରଶାସନ, ସିଏମ୍‌ସି ଏବଂ ସିଡିଏର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଥ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଗୁହା ପୁନମ୍ ତାପସ କୁମାର ଯୋଗଦେଇ କହିଛନ୍ତି ଯେ, ଏହି ପଥ ଉତ୍ସବ ବାଲିଯାତ୍ରାର ଶୁଭାରମ୍ଭ କରିଛି। ଏଭଳି କାର୍ଯ୍ୟକ୍ରମ କଟକର ଭାଇଚାରାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ସେହିପରି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲିଯାତ୍ରାର ନିମନ୍ତ୍ରଣ କଟକବାସୀଙ୍କ ସମେତ ସମସ୍ତ ଜନସାଧାରଣଙ୍କୁ ଦିଆଯାଉଛି। କଟକ ବାଲିଯାତ୍ରା ଏକ ବଡ଼ ପର୍ବ। ଏଥିରେ ଲୋକେ ଶାନ୍ତିଶୃଙ୍ଖଳା ବଜାୟ ରଖି ଯୋଗ ଦିଅନ୍ତୁ ଏବଂ କଟକର ଗୌରବକୁ ଆଗକୁ ନିଅନ୍ତୁ ବୋଲି ସିନ୍ଦେ ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ, ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଯୋଗଦେଇଥିଲେ। ପଥ ଉତ୍ସବରେ ସିଏମ୍‌ସି କମିଶନର କିରନଦୀପ କୌର ସୋହତା ଅଧ୍ୟକ୍ଷତା କରିବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବାଲିଯାତ୍ରା ଉପରପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏହାର ସମ୍ମୁଖ ରାସ୍ତାରେ ରଙ୍ଗୋଲି, ସ୍କେଟିଂ, ବାଇକ ଶୋ', ଯୋଗାସନ, କବି ସମ୍ମିଳନୀ, ଲାଇଭ ସ୍କେଚ୍ ଆର୍ଟ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଟୁନ ସମେତ ବାଇକ ଶୋ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଭୁବନେଶ୍ୱରସ୍ଥିତ ବି.କେ. ଆର୍ଟ କଲେଜର ଛାତ୍ର ସୌରଭ ସାହୁ ରାସ୍ତାକୁ ବାଲିଯାତ୍ରା ଥିମ୍‌ରେ ରଙ୍ଗୋଲିରେ ସଜାଇଥିବାବେଳେ ଛାତ୍ର ସମ୍ରାଟ ମେହେର ଲାଇଭ ସ୍କେଚ୍ ଆର୍ଟରେ ମାତ୍ର ୧୫ ମିନିଟ୍‌ରେ ଅବିକଳ ଚିତ୍ର ଆଙ୍କି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଦି ସ୍କେଟ୍ ହବ୍ କଟକର ପ୍ରାୟ ୧୫ ଜଣ ଛାତ୍ରୀଛାତ୍ର ସ୍କେଟିଂ କରିଥିଲେ। ସେହିପରି କଟକ ଏସ୍‌ଏନ୍ ଟାଇକୋଣ୍ଡୋ ଆକାଡେମୀ ପକ୍ଷରୁ ଟାଇକୋଣ୍ଡୋ ପ୍ରଦର୍ଶନ କରାଯାଇଥିଲା। ବାରବାଟୀ ଯୋଗ ଆସୋସିଏଶନ ପକ୍ଷରୁ ଯୋଗାସନ ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରୁ ଆସିଥିବା ଓଡ଼ିଶା ସୁପରରାଇଡର ୬୦ ଜଣ ବାଇକର ଜୟଦେବ ବିହାରରୁ ବାଇକ ଶୋଭାଯାତ୍ରାରେ ବାହାରି କଟକ ଉପରବାଲିଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ବିଏମ୍‌ଡବ୍ଲୁ, କାୱାସାକି, ଜିଏସ୍ ଭଳି ବିଭିନ୍ନ ପ୍ରକାରର ସୁପର ବାଇକ ସାମିଲ ଥିଲା। ବାଲିଯାତ୍ରା ଉପର ପଡ଼ିଆରେ ନିର୍ମିତ ଦୁଇଟି ମଞ୍ଚରେ ନାଚ, ଗୀତ ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଓଲିଉଡ୍ କଳାକାର ଅର୍ଦ୍ଧେନ୍ଦୁ ସାହୁ, ସୁଭାଶିଷ ଶର୍ମା, ଭୂମିକା ଦାସ, ଶିବାନୀ ସଙ୍ଗୀତା ଓ ଯୁବା ବ୍ୟାଣ୍ଡ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ଗ୍ରୁପ୍‌ର ସଙ୍ଗୀତରେ ସହରବାସୀ ଝୁମିଥିଲେ।




### ଖରାରେ ଶିଖିଲେ ଛାତ୍ରୀଛାତ୍ର

କଟକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଚିତ୍ରାଙ୍କନ କାର୍ଯ୍ୟକ୍ରମରେ ଯୋଗଦେବାକୁ ସକାଳ ୬ଟାରୁ ଆସିଥିବାବେଳେ ସେମାନଙ୍କ ପାଇଁ ଡ୍ରଇଂ ଶିଟ୍, ଖାଦ୍ୟ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇ ନ ଥିଲା। ଏପରିକି ଛାତ୍ରଛାତ୍ରମାନେ ପଡ଼ିଆରେ ଖରାରେ ବସି ଚିତ୍ରାଙ୍କନ କରିଥିବା ଦେଖିବାକୁ ମିଳିଥିଲା। ଏନେଇ ଶିକ୍ଷୟତ୍ରୀ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ପଥ ଉତ୍ସବରେ ଅନେକ ଲୋକ ପ୍ରତିନିଧିଙ୍କୁ ଏବଂ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା।

# ଭଜନ ସମ୍ରାଟ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,୨।୧୧(କାର୍ତ୍ତିକ ସାହୁ)

ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଭଜନସମ୍ରାଟ୍ ଭିକାରି ବଳଙ୍କ ପଞ୍ଚଦଶ ପୁଣ୍ୟତିଥି ଖାନ୍‌ନଗର ନୂଆ ବସଷ୍ଟାଣ୍ଡ ସମ୍ମୁଖସ୍ଥ ଭିକାରି ବଳ ପାର୍କରେ ରବିବାର ପାଳିତ ହୋଇଯାଇଛି। ଭଜନ ସମ୍ରାଟ ଭିକାରି ବଳ ସ୍ମୃତି ସଂସଦ ପକ୍ଷରୁ ସଭାପତି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ଡ. ସୁନାମଣି ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଡା. ଚଣ୍ଡୀ ଦାସ, ଡ. ପ୍ରଭାକର ସ୍ୱାଇଁ, ଡା. ସୁଦର୍ଶନ ପଟ୍ଟନାୟକ, ପ୍ରଫେସର ବିଜୟାନନ୍ଦ ସିଂହ, ଅମୀୟ କୁମାର ବଳ, ସ୍ୱାଗତ ରାଉତ, ପ୍ରଫେସର ଉମାଶଙ୍କର ମିଶ୍ର, ଡ. ବୈଜୟନ୍ତୀ ମିଶ୍ର, ଡା. ଦୀପକ ରାଜ, ଡା. ସିଦ୍ଧାର୍ଥ ଦାସ ପ୍ରମୁଖ ଯୋଗଦେଇ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତି ଚାରଣ କରିଥିଲେ। ଭଜନ ସମ୍ରାଟଙ୍କ ନାତି ଅମୂଲ୍ୟ କୃଷ୍ଣ ଧଳ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଭଜନ ସମ୍ରାଟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

# ବାଲୁଖଣ୍ଡରେ ଜମି ବିକ୍ରି, ବେଆଇନ ନିର୍ମାଣ

## ରାଜ୍ୟ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରର ନିର୍ଦ୍ଦେଶ

ପୁରୀ,୨।୧୧(ଅଜିତ୍ କୁମାର ମହାନ୍ତି)




ବାଲୁଖଣ୍ଡ–କୋଣାର୍କ ଅଭୟାରଣ୍ୟରେ ଅବାଧ ବାଲିଚୋରି ସହ ବେଆଇନ କୋଠା ନିର୍ମାଣ ଚାଲିଛି। ବାଲିଘାଇ ଛକ ଓ ନାରାୟଣୀ ମନ୍ଦିର ନିକଟରେ ଗଛ କାଟି ନୂଆ ରାସ୍ତା ନିର୍ମାଣ କରାଯାଉଛି। କେତେକ ଜମିମାଫିଆ ଏବଂ ବିଲ୍‌ଡର ଅର୍ଥ ଓ ବାହୁବଳ ପ୍ରୟୋଗ କରି ଅଭୟାରଣ୍ୟ ଭିତରେ ଜମି ପ୍ଲଟିଂ କରି ବିକ୍ରି କରୁଛନ୍ତି। ଅବାଧ ବାଲି ଚୋରି ଯୋଗୁ ଅଭୟାରଣ୍ୟରେ ବଡ ବଡ ଖାଲ୍ ସୃଷ୍ଟି ହୋଇଛି। ଏସବୁ ବେଆଇନ କାର୍ଯ୍ୟ ଯୋଗୁ ବନ୍ୟପ୍ରାଣୀମାନେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ଅଧିକାରୀଙ୍କ ନୀରବତା ଯୋଗୁ ବାଲୁଖଣ୍ଡ ଅଭୟାରଣ୍ୟରେ ଏଭଳି ବେଆଇନ କାର୍ଯ୍ୟ ବୃଦ୍ଧି ପାଉଥିବା ନେଇ ଓଡ଼ିଶା ଉପକୂଳ ଅଞ୍ଚଳ ପରିଚାଳନା ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଜଗନ୍ନାଥ ବସ୍ତିଆ ଗତ ଅକ୍ଟୋବର ୮ରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଥିଲେ। ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା କରାଯିବା ସହ ବେଆଇନ ଗଛକଟା, ବାଲିଚୋରି, ନୂଆ ରାସ୍ତା ନିର୍ମାଣ, ବେଆଇନ ଜମି ବିକ୍ରି ଓ ଅନଧିକାର ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରାଯିବାକୁ ବସ୍ତିଆ ଦାବି କରିଥିଲେ। ଏହାଛଡ଼ା କର୍ତ୍ତବ୍ୟରେ ଅବହେଳା କରି ଏହିସବୁ ବେଆଇନ କାର୍ଯ୍ୟକୁ ସୁରକ୍ଷା ଦେଉଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ବନ ବିଭାଗ ଅଧିକାରୀ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସେ ଅଭିଯୋଗ କରିଥିଲେ। ପ୍ରଶାସନର ଅବହେଳା ଯୋଗୁ ଜମିମାଫିଆ, ବାଲିମାଫିଆ ଓ କାଠମାଫିଆମାନେ ଫାଇଦା ଉଠାଉଥିବା ସେ ଚିଠିରେ ଉଲ୍ଲେଖ କରିଥିଲେ। ବାଲୁଖଣ୍ଡ ଅଭୟାରଣ୍ୟର ପରିବେଶ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ିବା ସହ ସଙ୍କୁଚିତ ହେଉଥିବା ବସ୍ତିଆ ଅଭିଯୋଗ କରିଥିଲେ। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଜଙ୍ଗଲ ସୁରକ୍ଷା ଡିଭିଜନ ପକ୍ଷରୁ ଗତ ୩୧ ତାରିଖରେ ଏ ନେଇ ରାଜ୍ୟ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କୁ ଚିଠିଲେଖି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପରିବେଶ ଓ ବନ ମନ୍ତ୍ରଣାଳୟର ସହକାରୀ ବନ ଆୟୁକ୍ତ ରବୀନ୍ଦର ସିଂହ ଏହି ଚିଠି ଲେଖିଛନ୍ତି। ବସ୍ତିଆଙ୍କ ଅଭିଯୋଗ ଉପରେ ପ୍ରଚଳିତ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଏଥିସହ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଯଥାଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଚିଠିରେ କୁହାଯାଇଛି। ସେହିପରି ଅଭିଯୋଗର ତଦନ୍ତ କରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରତ୍ୟାଶା



@ ବିଦେଶୀ



@ ରଞ୍ଜିତା



@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୁରୁ ବଙ୍କିମ୍ ସେଠୀ, ପଦ୍ମଶ୍ରୀ ଅରୁଣା ମହାନ୍ତି, ଶିଳ୍ପୀ ରାହୁଲ ଆଚାର୍ଯ୍ୟ ସମ୍ମାନିତ




ଅତିଥିଙ୍କ ଗହଣରେ ସମ୍ମାନ ପାଇଥିବା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ବଙ୍କିମ୍ ସେଠୀ ଓ ଶିଳ୍ପୀ ରାହୁଲ ଆଚାର୍ଯ୍ୟ।

ଭୁବନେଶ୍ୱର,୨।୧୧ (ସୌମ୍ୟରଞ୍ଜନ ରାଉତ)

## ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ ଉଦ୍‌ଯାପିତ

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ୧୩ତମ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଶୀ ଗାୟକ ଗୁରୁ ରାମହରି ଦାସ, ଗୁରୁ ଗୋପାଳ ପଣ୍ଡା, ଓଡ଼ିଶୀ ଏକାଡେମୀର ଉପସଭାପତି ଡ. ଶାନ୍ତନୁ ଆଚାର୍ଯ୍ୟ, ସାହିତ୍ୟ ସାଧକ ଗୌର ପଟ୍ଟନାୟକ, ଏକାଡେମୀର ପ୍ରତିଷ୍ଠାତା ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ ରଚୟିତା ଗୁରୁ ବଙ୍କିମ୍ ସେଠୀଙ୍କୁ 'ଗୁରୁ ସିଂହରୀ ସମ୍ମାନ', ନୃତ୍ୟ ନିର୍ଦ୍ଦେଶିକା ପଦ୍ମଶ୍ରୀ ଗୁରୁ ଡ. ଅରୁଣା ମହାନ୍ତିଙ୍କୁ 'ଭାଗବତୀ ସ୍ମୃତି ସମ୍ମାନ' ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା।

ଗୁରୁ ଉମେଶ ଚନ୍ଦ୍ର ଦାସଙ୍କ ଆଶାବରୀ କଲ୍‌ଚରାଲ ସୋସାଇଟିର କଣ୍ଠଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣରୁ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ରବି ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସର ତୀର୍ଥର ଶିଳ୍ପୀ ଓ ଗୁରୁ ନିମକାନ୍ତ ରାଉତରାୟଙ୍କ ଆଳାପ କଲ୍‌ଚରାଲ ଟ୍ରଷ୍ଟର ଶିଳ୍ପୀମାନେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ସଙ୍ଗୀତା ପଣ୍ଡା ଓ ମ୍ୟୁଜିକ ଆନନ୍ଦ ଗ୍ରୁପ୍ ଏବଂ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱିତୀୟ ଅଧିବେଶନରେ ଶ୍ରୁତି ମିଶ୍ର, ଅର୍ପିତା ଜେନା, ଶ୍ରଦ୍ଧାଞ୍ଜଳି ସାହୁ, ଆଭା ଶତରୂପା ଓ ସୁମେଧା ମିଶ୍ରଙ୍କ ଦ୍ୱାରା ଏକକ ଓଡ଼ିଶୀ ଗାନ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ପୁରସ୍କାର ବିତରଣ ଉତ୍ସବ ପରେ ଏକାଡେମୀର ଅନନ୍ୟ ଉପସ୍ଥାପନା ୩ଟି ଶାସ୍ତ୍ରୀୟ ଧାରା – ଓଡ଼ିଶୀ, ହିନ୍ଦୁସ୍ଥାନୀ ଏବଂ କର୍ଣ୍ଣାଟକୀ ଶୈଳୀକୁ ଗୋଟିଏ ରାଗରେ ବିଦୁଷୀ ବସୁଧା ରବି, ବିଦୁଷୀ ସଙ୍ଗୀତା ପଣ୍ଡା ଓ ବିଦୁଷୀ ମୀତା ପଣ୍ଡିତ ପ୍ରଦର୍ଶିତ କରିଥିଲେ। ମୃତ୍ୟୁଞ୍ଜୟ ରଥ ଓ ଶୀଲା ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ ଏବଂ ସଙ୍ଗୀତା ପଣ୍ଡା ପରିଚାଳନା କରିଥିଲେ।

# ଅନ୍ତର୍ଦୃଷ୍ଟି, ଅନୁଭବ ହିଁ ଜୀବନ୍ତ ପେଣ୍ଟିଂ ସୃଷ୍ଟି କରିପାରିବ

ଭୁବନେଶ୍ୱର,୨।୧୧(ସୌମ୍ୟରଞ୍ଜନ ରାଉତ)

## ଯୁଗପ୍ରବର୍ତ୍ତକ ସାହିତ୍ୟ ଓ କଳା ବାର୍ଷିକ ସମାରୋହ

ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଯୁଗପ୍ରବର୍ତ୍ତକ ସାହିତ୍ୟ ଓ କଳା ବାର୍ଷିକ ସମାରୋହ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ସାହିତ୍ୟିକ ପ୍ରଫେସର ଡ. ନଟବର ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଚିତ୍ରଶିଳ୍ପୀ ଡ. ରମାକାନ୍ତ ସାମନ୍ତରାୟ କହିଲେ, ଚିତ୍ରଶିଳ୍ପୀମାନେ ସାଧାରଣ ମଣିଷର ଦୁଃଖ, ଦୈନ୍ୟ, ନିରାଶା, ଯନ୍ତ୍ରଣା ଓ ଶୋଷଣକୁ ରଙ୍ଗତୂଳୀ ମାଧ୍ୟମରେ ଜୀବନ୍ତ ଚିତ୍ର ଆଙ୍କିପାରିଲେ ଏବଂ ଏହା ସାଧାରଣ ମଣିଷ ନିକଟରେ ପହଞ୍ଚିପାରିଲେ ସାମାଜିକ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି କୌଣସି ବି ସାମାଜିକ ନ୍ୟାୟ ଆନ୍ଦୋଳନରେ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବାର ନଜିର ନାହିଁ। ଚିତ୍ର ଦେଖି ବା ଅନୁସରଣ କରି କେହି ଉତ୍ତମ ଶିଳ୍ପୀ ହୋଇପାରିବେ ନାହିଁ, ବରଂ ନିଜ ଭିତରେ ଥିବା ଅନ୍ତର୍ଦୃଷ୍ଟି ଏବଂ ଅନୁଭବ ହିଁ ଜୀବନ୍ତ ପେଟିଂ ସୃଷ୍ଟି କରିପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବୀରେନ୍ଦ୍ର ନାୟକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ ଆଣ୍ଡ୍ ଆପ୍ଲିକେଶନ୍ (ଆଇଏମ୍‌ଏ)ର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡ. ସ୍ୱାଧୀନ ପଟ୍ଟନାୟକ, ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇ କଳା, ସାହିତ୍ୟ, ସ୍ଥାପତ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚିନ୍ମୟୀ ବାରିକଙ୍କୁ 'ଯୁଗପ୍ରବର୍ତ୍ତକ କଥା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଯୁଗପ୍ରବର୍ତ୍ତକର ଶରତ ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। 'ମଣିଷ ପାଇଁ ଛବିଟିଏ' ଶୀର୍ଷକ ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀ ସୂଚନା ଭବନ ଆର୍ଟ ଗ୍ୟାଲେରିରେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମଞ୍ଚ ପ୍ରତିଷ୍ଠାତା ରାଜେନ୍ଦ୍ର ବର୍ମା ସ୍ୱାଗତ ଭାଷଣ, ପତ୍ରିକାର ସହ ସମ୍ପାଦିକା ଶୁଭ୍ରାଂଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ ଓ ସହ ସମ୍ପାଦକ ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଯୁଗପ୍ରବର୍ତ୍ତକର ଶରତ ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ମା' କ୍ଷୀରର ରୋଗ ପ୍ରତିରୋଧକ ଶକ୍ତିକୁ ବିଜ୍ଞାନ ପୁନରାବୃତ୍ତି କରିପାରେ ନାହିଁ: ରାଜ୍ୟପାଳ

## ଆଇୱାଇସିଏଫ୍ ଚାପ୍ଟର ଓ ଏଚ୍‌ଏମ୍‌ବି ସଂଘର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୨।୧୧(ସୁଚିସ୍ମିତା ସାହୁ)



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପ୍ରତ୍ୟେକ ନବଜାତକଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ପ୍ରଦାନ କରିବାକୁ ପ୍ରାଧାନ୍ୟ ଦିଅନ୍ତୁ। ଗର୍ଭଧାରଣଠାରୁ ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ ଅର୍ଥାତ୍ ଜୀବନର ପ୍ରଥମ ଏକ ହଜାର ଦିନ ଶାରୀରିକ ବିକାଶ, ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟକୁ ପ୍ରତିନିଧିତ୍ୱ କରେ। ମା' କ୍ଷୀରର ପ୍ରତ୍ୟେକ ବୁନ୍ଦା କେବଳ ପୁଷ୍ଟି ନୁହେଁ, ବରଂ ପ୍ରେମ, ରୋଗ ପ୍ରତିରୋଧକତା ଏବଂ ଭାବପ୍ରବଣତା ବହନ କରେ, ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଇନ୍‌ଫାଣ୍ଟ ଆଣ୍ଡ୍ ୟଙ୍ଗ ଚାଇଲ୍ଡ ଫିଡିଂ (ଆଇୱାଇସିଏଫ୍) ଚାପ୍ଟରର ୧୫ତମ ଜାତୀୟ ସମ୍ମିଳନୀ ଓ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ (ଏଚ୍‌ଏମ୍‌ବି) ସଂଘର ୧୧ତମ ଜାତୀୟ ସମ୍ମିଳନୀ ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହାକୁ ଉଦ୍‌ଘାଟନ କରିବା ସହ 'ଆସନ୍ତାକାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ, ଶିଶୁ ଖାଦ୍ୟ ଏବଂ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଭାରତ ନବଜାତ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ତଥାପି ପୁଷ୍ଟିହୀନତାଠାରୁ ଆରମ୍ଭ କରି ସଚେତନତା ଏବଂ ସାମାଜିକ ପ୍ରତିବନ୍ଧକ କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି, ଯାହା ସର୍ବୋତ୍ତମ ଖାଦ୍ୟ ଅଭ୍ୟାସକୁ ବାଧା ଦିଏ। ଏହାର ସମାଧାନ କେବଳ ଚିକିତ୍ସା ଓ ଯତ୍ନରେ ନୁହେଁ, ଏଥିପାଇଁ ଶିକ୍ଷା, ସଶକ୍ତୀକରଣ ଏବଂ ସହାନୁଭୂତିର ଆବଶ୍ୟକତା ରହିଛି। ଏ ଦିଗରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ପରିବର୍ତ୍ତନର ପ୍ରବକ୍ତା ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ମାର୍ଗଦର୍ଶନରେ ମା' ଏବଂ ପରିବାର ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହେବା ସହିତ ସ୍ତନ୍ୟପାନ ଏବଂ ସନ୍ତୁଳିତ ପୁଷ୍ଟିସାରକୁ ଏକ ସାର୍ବଜନୀନ ଅଭ୍ୟାସରେ ପରିଣତ କରିବାରେ ସାହାଯ୍ୟ କରିବ। ଆମକୁ ସେହି ମା'ମାନଙ୍କୁ ମଧ୍ୟ ସମ୍ମାନିତ କରିବା ଉଚିତ, ଯେଉଁମାନେ ନିଃସ୍ୱାର୍ଥପର ଭାବେ ଅନ୍ୟ ଶିଶୁମାନଙ୍କୁ ପୁଷ୍ଟି ଦେବା ପାଇଁ ସେମାନଙ୍କ କ୍ଷୀର ଦାନ କରନ୍ତି ବୋଲି ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି। ସମାରୋହରେ ଏଚ୍‌ଏମ୍‌ବିର ସେକ୍ରେଟାରୀ ଡା. କନ୍ୟା ମୁଖୋପାଧ୍ୟାୟ ଓ ଆଇୱାଇସିଏଫ୍‌ର ସେକ୍ରେଟାରୀ ଡା. ଜୟ ସିଂ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଇଣ୍ଟିଫିକ କମିଟି ଅଧ୍ୟକ୍ଷ ଡା. ବ୍ରଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ କୋ–ଅର୍ଗାନାଇଜେଶନର ସେକ୍ରେଟାରୀ ଡା. ପ୍ରତୀକ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇୱାଇସିଏଫ୍ ଏବଂ ଏଚ୍‌ଏମ୍‌ବିର ଜାତୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡ. ଅଶୋକ କୁମାର ପଣ୍ଡା ଚୌଧୁରୀ ସର୍ବନ କୁମାର ହିମାଚଳ ପ୍ରଦେଶ କୃଷି ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର,୨।୧୧ (ସୌମ୍ୟରଞ୍ଜନ ରାଉତ)

ଓଡିଆ ପୁଅ ବୈଜ୍ଞାନିକ ଡ. ଅଶୋକ କୁମାର ପଣ୍ଡା ହିମାଚଳ ପ୍ରଦେଶରେ ଥିବା ଚୌଧୁରୀ ସର୍ବନ କୁମାର କୃଷି ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଶନିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ତହସିଲ ବଛିପୁର ଗ୍ରାମର ଅକ୍ଷୟ କୁମାର ପଣ୍ଡା ଓ ଶୈଳଜା ନନ୍ଦା ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଅଶୋକ ୧୯୬୬ ମସିହା ମେ ୧୭ରେ ଜନ୍ମଗ୍ରହଣ କରିଥିଲେ। ୧୯୮୮ରେ ସେ ଓୟୁଏଟିସ୍ଥିତ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ବିଜ୍ଞାନ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୧୯୯୦ ମସିହାରେ ଅଖିଳ ଭାରତୀୟ ଜନସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଂସ୍ଥାନ କୋଲକାତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶେଷ କରିଥିଲେ। ୧୯୯୧ ମସିହାରେ ଓଡିଶା ସରକାରଙ୍କ ପ୍ରାଣୀଚିକିତ୍ସା ବିଭାଗରେ ଚିକିତ୍ସା ଅଧିକାରୀ ଭାବରେ କଳାହାଣ୍ଡି ଜିଲାରେ ଯୋଗ ଦେଇଥିଲେ। ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ତଥା ଛାତ୍ର ବତ୍ସଳ ଶିକ୍ଷାବିତ୍ ଭାବେ ବହୁ ଛାତ୍ରୀଛାତ୍ରଙ୍କୁ ନିଜ ମାର୍ଗ ଦର୍ଶନ କରି ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପ୍ରତିଷ୍ଠିତ କରାଇଛନ୍ତି। ସେ ଅନେକ ରାଷ୍ଟ୍ରୀୟ ତଥା ଅନ୍ତରାଷ୍ଟ୍ରୀୟ ସମ୍ମିଳନୀରେ ଭାଗ ନେଇ ଅନୁସନ୍ଧାନ କ୍ଷେତ୍ରରେ ନିଜ ପାରଦର୍ଶିତା ପାଇଁ ସମ୍ମାନିତ ହୋଇଛନ୍ତି। ଦେଶ ବିଦେଶର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ତାଙ୍କର ଅନେକ ଗବେଷଣାମୂଳକ ଲେଖା ପ୍ରକାଶିତ ହୋଇଛି। ସେ ମାଲେସିଆ, ଶ୍ରୀଲଙ୍କା, ନେପାଳ ଓ ବାଂଲାଦେଶ ଗସ୍ତ କରି ବିଭାଗୀୟ ଅନୁସନ୍ଧାନର ପ୍ରସାର ଓ ନୂତନ ଜ୍ଞାନକୌଶଳ ସମ୍ପର୍କରେ ସନ୍ଦର୍ଭ ପାଠକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାତ ଦେଶରେ ଶରତଙ୍କ 'ରୁଚି'



'ରୁଚି'ର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁ ଘରେ ଘରେ ପରିଚିତ ଜଣେ ଓଡ଼ିଆ ଶିଳ୍ପୋଦ୍ୟୋଗୀ। କଟକ ରାଣୀହାଟ ହିନ୍ଦ୍ ସିନେମା ହଲ୍ ନିକଟରେ ତାଙ୍କ ବାପାଙ୍କର ଏକ ଛୋଟ ହୋଟେଲ ଥିଲା। ଏକ ଚାଳିଆ ଘରେ ଥିବା ସେହି ହୋଟେଲରେ ପରଷା ଯାଉଥିଲା ସ୍ୱାଦିଷ୍ଟ ମଟନ ଚାମ୍ପ୍। ବାପାଙ୍କୁ ହୋଟେଲରେ ସାହାଯ୍ୟ କରୁକରୁ ବ୍ୟବସାୟ ଜଗତରେ ପ୍ରବେଶ କରିବାର ଆଗ୍ରହ ବଢ଼ିଲା। ସେହି ଆଗ୍ରହ ପରବର୍ତ୍ତୀ ସମୟରେ ଝୁଙ୍କ୍ ପାଲଟିଗଲା। ପ୍ରତିଦିନ ସନ୍ଧ୍ୟାରେ ବିକ୍ରି ସରିବା ପରେ ବାପାଙ୍କ ସହ ଲାଭ ଟଙ୍କା ଗଣୁଥିଲେ ଶରତ। ୧୯୭୪ରେ କଟକ ପୌରସଂସ୍ଥା ପକ୍ଷରୁ ବାପାଙ୍କ ହୋଟେଲଟିକୁ ଭାଙ୍ଗି ଦିଆଗଲା। ପରେ ବାପା ଆଉ ଏକ ସ୍ଥାନରେ ଏକ ଛୋଟ ଦୋକାନ କଲେ। ବାପାଙ୍କ ଦୋକାନ ଆଉ ଏକ ସ୍ଥାନ ପାଇଲା ପରେ ଶରତ କଲିକତା ଯାଇ ଏକ ମସଲା କାରଖାନାରେ କାମ ଆରମ୍ଭ କରିଥିଲେ। ବେତନ କମ୍ ଥିଲେ ସୁଦ୍ଧା କାରଖାନାର ଯନ୍ତ୍ରପାତି, କଞ୍ଚାମାଲ, ଆମଦାନୀ, ମସଲା ପ୍ରସ୍ତୁତି ଓ ପ୍ୟାକେଜିଂ ସହ ବିକ୍ରିବଟା ଏବଂ ପରିଚାଳନା କରିବାରେ ମନ ଦେଇ ଅଭିଜ୍ଞତା ସାଉଁଟିଲେ। ପରେ ଓଡ଼ିଶା ଫେରି ୧୯୭୬ ମସିହାରେ ମାତ୍ର ୫,୦୦୦ଟଙ୍କାର ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ମଧୁପାଟଣା ଶିଳ୍ପାଞ୍ଚଳରେ ଓମ୍ ଅୟେଲ୍ ଆଣ୍ଡ ଫ୍ଲୋର୍ ମିଲ୍ସ ଲିମିଟେଡ୍ (ରୁଚି ଉଦ୍ୟୋଗ) ପ୍ରତିଷ୍ଠା କରିଥିଲେ। କିଛି ଦିନ ପରେ ସେ ଏହି କଳରୁ ମସଲା ଓ ସିମେଇଁ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ବାପାଙ୍କ ହୋଟେଲର ସ୍ୱାଦିଷ୍ଟ ଭୋଜନକୁ ଗ୍ରାହକମାନେ ରୁଚିକର ଭୋଜନ ବୋଲି କହୁଥିଲେ। ସାଙ୍ଗମାନଙ୍କ ପରାମର୍ଶରେ ସେ ଏହି ଅଟା କଳ ସ୍ଥାପନ କରିଥିଲେ। ଅଟାର କିଛି ସ୍ୱାତନ୍ତ୍ର୍ୟ ରହିବା ପାଇଁ ଉକ୍ତ ଚକି ଅଟାକୁ 'ରୁଚି ଅଟା' ଭାବରେ ନାମିତ କରାଯାଇଥିଲା। 'ରୁଚି' ବ୍ରାଣ୍ଡ୍ ଭାବେ ୪୯ ବର୍ଷର ଏହି ଅନୁଷ୍ଠାନ ବର୍ତ୍ତମାନ ୭ ଦେଶରେ ୧୮ହଜାରରୁ ଅଧିକ ଆଉଟ୍‌ଲେଟ ଖୋଲିଥିବାବେଳେ ୩ ମିଲିୟନ୍ ସନ୍ତୁଷ୍ଟ ଗ୍ରାହକଙ୍କ ପାଖରେ ପହଞ୍ଚିପାରିଛି।

## ପ୍ରାରମ୍ଭିକ ଜୀବନ

ବାପା ବନମାଳୀ ସାହୁ ଓ ମାଆ ମଇନାଦେବୀଙ୍କ କୋଳରେ ୧୯୫୦ମସିହା ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିଲେ ଶରତ। କଟକରେ ଜନ୍ମ ଓ ସେଇଠୁ ପାଠପଢ଼ା ଆରମ୍ଭ। ହାଇସ୍କୁଲ ଶିକ୍ଷା ପରେ ସେ ଖ୍ରୀଷ୍ଟ କଲେଜରେ ନାମ ଲେଖାଇଥିଲେ। ଭାଇ ଚେନ୍ନାଇରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ମଧ୍ୟ ଶରତ କଟକରେ ରହି ବାପାଙ୍କୁ ବ୍ୟବସାୟରେ ସାହାଯ୍ୟ କରିବାକୁ ସ୍ଥିର କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶା କ୍ଷୁଦ୍ର ଉଦ୍ୟୋଗ କର୍ପୋରେଶନ ଲିମିଟେଡ୍(ଓଏସ୍ଆଇସି) ପକ୍ଷରୁ ଦିଆଯାଉଥିବା ତାଲିମ ଗ୍ରହଣ କରିଥିଲେ। ସେତେବେଳେ ତାଙ୍କୁ ୭୫୦ ଟଙ୍କା ଛାତ୍ରବୃତ୍ତି ମିଳୁଥିଲା।

## ପ୍ରେରଣା ଦେଇଥିଲା ମା'ଙ୍କ ଶିଳବଟା ମସଲା

ଶରତ ଅନେକ ସମୟରେ କହିଥାଆନ୍ତି, ହୋଟେଲ ଥିଲାବେଳୁ ମା' ଶିଳରେ ବିଭିନ୍ନ ପ୍ରକାରର ସାମଗ୍ରୀକୁ ବାଟି ମସଲା ପ୍ରସ୍ତୁତ କରୁଥିବାର ଦେଖିଥିଲି। ସେସବୁ ପ୍ରସ୍ତୁତି ବେଳେ ଅତ୍ୟଧିକ ପରିଶ୍ରମ କରିବାକୁ ପଡୁଥିଲା। ମା'ଙ୍କର ଅକ୍ଳାନ୍ତ ପରିଶ୍ରମକୁ ଅନୁଭବ କରି ଅଟା ସହ ସେହି ଚକିରେ ହଳଦୀ, ଲଙ୍କା, ଜିରା, ଧନିଆ ଆଦି ଗୁଣ୍ଡ କରି ଗ୍ରାହକଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ଆରମ୍ଭ ହୋଇଥିଲା।

## ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ବିପ୍ଳବ ଆଣିଥିଲେ

ଓଡ଼ିଶାର ମସଲା ଶିଳ୍ପର ଜନକ ଭାବେ ପରିଚିତ ଡ. ସାହୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ସବୁବେଳେ ଓଡ଼ିଶାର ସ୍ୱାଭିମାନ, ରାଜ୍ୟର ଶିଳ୍ପର ପ୍ରଗତି ଓ ବିକାଶ ପାଇଁ ସେ ନୂଆ ନୂଆ ଜ୍ଞାନକୌଶଳର ଉପଯୋଗ କରୁଥିଲେ। ବିଶେଷକରି ସାଧାରଣ ଲୋକଙ୍କୁ ଉନ୍ନତମାନର ସାମଗ୍ରୀ ଯୋଗାଣ ସହିତ ଗ୍ରାହକଙ୍କ ସ୍ନେହ-ଶ୍ରଦ୍ଧା ଓ ଭଲପାଇବା ପାଇଁ ଋଣ ଶୁଝିବାର ସଂକଳ୍ପ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ସହଯୋଗରେ ରାମଦାସପୁରଠାରେ ନୂଆ ମସଲା ଓ ପାସ୍ତା କାରଖାନା ପ୍ରତିଷ୍ଠା କରିଥିଲେ।

## ଶିଳ୍ପୋଦ୍ୟୋଗୀଙ୍କ ସହ ଗଢ଼ିଥିଲେ ଓସ୍‌ମେ

ଶିଳ୍ପର ବିକାଶ ପାଇଁ ସେ ଶିଳ୍ପୋଦ୍ୟୋଗୀ ବନ୍ଧୁମାନଙ୍କ ସହିତ ମିଶି ଓସ୍‌ମେ ଅନୁଷ୍ଠାନ ଗଢ଼ିବା ସହିତ ବିଭିନ୍ନ ଅନୁଷ୍ଠାନର ଶିଳ୍ପ ଉପଦେଷ୍ଟା ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସମୟରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ, ଆମେରିକା, କାନାଡ଼ା, ସିଙ୍ଗାପୁର, ଦକ୍ଷିଣକୋରିଆ, ଓମାନ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଅନେକ ଆନ୍ତର୍ଜାତିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ୧୯୯୯ରେ ଇଟାଲୀ ଓ ଦକ୍ଷିଣକୋରିଆ ସହଯୋଗରେ ଓଡ଼ିଶାର ପ୍ରଥମ ପାସ୍ତା ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ।

## ବିଜୁବାବୁ ପଠାଇଥିଲେ ଦକ୍ଷିଣ ଆଫ୍ରିକା

୧୯୭୮ ମସିହାରେ ଶରତ ବାବୁଙ୍କୁ ଏକ କର୍ମଶାଳାରେ ଯୋଗଦେବା ପାଇଁ ବିଜୁ ବାବୁ ଦକ୍ଷିଣ ଆଫ୍ରିକା ପଠାଇଥିଲେ। ସେଠାରୁ ସେ ଫୁଡ୍ ପ୍ରୋସେସିଂ ବାବଦରେ କଳାକୌଶଳ ଶିକ୍ଷାଗ୍ରହଣ କରି ନିଜ ବ୍ୟବସାୟରେ ଲଗେଇଲେ ଓ ବହୁ ସଫଳତା ହାସଲ କରିଥିଲେ। ପ୍ରଥମେ ଖପୁରିଆରେ ୪୦୦ ବର୍ଗଫୁଟ୍ ପରିମିତ ଭଡ଼ା ଘରେ କାମ ଆରମ୍ଭ ହୋଇଥିଲା। ସେହି ଧାରା ଏବେ ମଧ୍ୟ ଅବ୍ୟାହତ ରହିଛି ଓ ଏପରିକି ଇଟାଲୀ ଏବଂ ଦକ୍ଷିଣ କୋରିଆରୁ କଳାକୌଶଳ ଆସି କଟକ ଖପୁରିଆସ୍ଥିତ ତାଙ୍କ କାରଖାନାରେ ପାସ୍ତା ତିଆରିରେ ବ୍ୟବହାର କରାଯାଉଛି। ରୁଚି ମସଲା ଏବେ ରାଜ୍ୟ ଓ ଦେଶ ମଧ୍ୟରେ ଆବଦ୍ଧ ନ ରହି ବିଦେଶକୁ ମଧ୍ୟ ରପ୍ତାନି ହେଉଛି। ଅତ୍ୟାଧୁନିକ ପ୍ୟାକେଜିଂ ମେଶିନ ଆଣିବା ଫଳରେ ରୁଚି ମସଲା ସଫଳତା ସାଉଁଟିବାରେ ଲାଗିଛି।

### କବାଡ଼ି ପ୍ରତି ଥିଲା ଅହେତୁକ ରୁଚି

ଶରତ ପିଲାଦିନେ ଜଣେ କବାଡ଼ି ଓ ଭଲିବଲ୍ ଖେଳାଳି ଥିଲେ। ୧୯୬୮ରୁ ୧୯୭୨ ପର୍ଯ୍ୟନ୍ତ ସେ ଓଡ଼ିଶା କବାଡ଼ି ଦଳର ଅଧିନାୟକ ମଧ୍ୟ ରହିଥିଲେ। ୧୯୭୩ରେ ସେ ଓଡ଼ିଶା କବାଡ଼ି ସଂଘରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କ ଜୀବନୀକୁ ନେଇ ଶରତ ଶତମ ନାମରେ ଏକ ପୁସ୍ତକ ଲେଖାଯାଇଛି।




ଧରିତ୍ରୀ ପକ୍ଷରୁ ୨୦୨୧ରେ ଡ. ଶରତ କୁମାର ସାହୁଙ୍କୁ 'ବିଜିନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ।

## ଅନେକ ସମ୍ମାନର ଅଧିକାରୀ

ଜଣେ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଭାବେ ବିପୁଳ କର୍ମନିଯୁକ୍ତି ସୃଷ୍ଟି କରିପାରିଥିବା ଡ. ଶରତ କୁମାର ସାହୁଙ୍କୁ ୧୯୯୯ ମସିହାରେ ଓଡ଼ିଶା ସରକାର 'ସ୍ୱାଭିମାନ ସମ୍ମାନ'ରେ ଭୂଷିତ କରିଥିଲେ। ୨୦୦୦ରେ ସେ ବିଜୁ ପଟ୍ଟନାୟକ ମେମୋରିଆଲ ସମ୍ମାନ ପାଇଥିବାବେଳେ ୨୦୦୧, ୨୦୦୩, ୨୦୦୪ ଏବଂ ୨୦୦୮ରେ ଶ୍ରେଷ୍ଠ ଶିଳ୍ପୋଦ୍ୟୋଗୀ ସମ୍ମାନରେ ମଣ୍ଡିତ ହୋଇଥିଲେ। ୨୦୦୮ରେ ତାଙ୍କୁ ଓଡ଼ିଶା ଲିଡରଶିପ ଆୱାର୍ଡ(ଟାଇମ୍ସ ଅଫ ଇଣ୍ଡିଆ), ୨୦୧୩ରେ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାଡ, ୨୦୧୪ରେ ପ୍ରୟାସ ସମ୍ମାନ ଏବଂ ୨୦୨୧ରେ ଧରିତ୍ରୀ ପକ୍ଷରୁ ତାଙ୍କୁ 'ବିଜିନେସ୍ ଏମିନେନ୍ସ ଆୱାର୍ଡ' ମିଳିଥିଲା। ଅନ୍ୟପଟେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଶାଳୀ ବ୍ୟକ୍ତିତ୍ୱଙ୍କୁ ତାଙ୍କ ଅନୁଷ୍ଠାନ ତରଫରୁ ମଧ୍ୟ ପ୍ରତିବର୍ଷ 'ରୁଚି ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥାଏ।

# ବିଜିୟୁ ପକ୍ଷରୁ ସପ୍ଲାଏ ଚେନ୍ କନ୍‌କ୍ଲେଭ

ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଓପିଏସ୍‌ସିଏଚ୍‌ଇସିକେ ଦ୍ୱାରା 'ଡିଜିଟାଲ ସପ୍ଲାଏ ଚେନ୍ : କନେକ୍ଟିଂ ଏଫିସେନ୍ସି ୱିଥ୍ ଆଜିଲିଟୀ'' ସମ୍ପର୍କୀତ ସପ୍ଲାଏ ଚେନ୍ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡ. କ୍ରୀଷ୍ଣା ରାଓ, ଆଲେକ୍ସ ଥୋମାସ୍, ସତ୍ୟବ୍ରତ ରାଉତ ଏବଂ ପ୍ରଫେସର ରାମକୃଷ୍ଣ ପାଢୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମଣିଦତ୍ତ ରାୟତ୍ ବିଷୟ ବସ୍ତୁର ପରିଚୟ ଦେଇ ବିଶ୍ୱ ବ୍ୟବସାୟିକ ପରିଚାଳନାରେ ସପ୍ଲାଏ ଚେନ୍ କିପରି ଦକ୍ଷତା ଓ ପ୍ରତିଯୋଗିତାକୁ ବୃଦ୍ଧି କରିପାରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ପ୍ରଫେସର ବି.କେ ଦାସ ଆଧୁନିକ ବ୍ୟବସାୟିକ ପରିବେଶରେ ସପ୍ଲାଏ ଚେନ୍‌ର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡ. ମଣିଦତ୍ତ ରାୟ, ଡ. ପିୟୁସ ଗୁପ୍ତା ଓ ଡ. ମାନସ କୁମାର ପାଲଙ୍କ ତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏହି କନ୍‌କ୍ଲେଭରେ ଡିଜିଟାଲ ସପ୍ଲାଏ ଚେନ୍‌ର ପରିବର୍ତ୍ତନଶୀଳ ଦିଗଗୁଡିକ ଉପରେ ଗୁରୁତଦ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ଯାହା ଶିକ୍ଷା ଓ ଶିଳ୍ପ ଜଗତ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନା କରିପାରିଥିଲା।

# ଟିପିସିଓଡିଏଲର ୨ ମିଟର ଟେଷ୍ଟିଂ ଲ୍ୟାବକୁ ଏନ୍‌ଏବିଏଲ୍ ମାନ୍ୟତା

ଭୁବନେଶ୍ୱର,୨।୧୧

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ଭୁବନେଶ୍ୱର ଏବଂ କଟକରେ ଥିବା ଏହାର ମିଟର ଟେଷ୍ଟିଂ ଲାବୋରେଟୋରୀଗୁଡ଼ିକ ନ୍ୟାଶନାଲ ଏକ୍ରେଡେସନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରେଟୋରି (ଏନଏବିଏଲ) ତରଫରୁ ପୁନଃମାନ୍ୟତା ମିଳିଛି। ଭୁବନେଶ୍ୱର ମିଟର ଟେଷ୍ଟିଂ ଲ୍ୟାବ ଏନଏବିଏଲ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଏବଂ ୟୁଜିଭିସିଏଲ (ଉତ୍ତର ଗୁଜରାଟ ଭିଜ କମ୍ପାନୀ ଲିମିଟେଡ) ର ବୈଷୟିକ ମୂଲ୍ୟାଙ୍କକଙ୍କ ଦ୍ୱାରା ଦୁଇ ଦିନିଆ ଅଡିଟ କରାଯାଇଥିଲା। ସେହିପରି, କଟକ ଲାବୋରେଟୋରୀର ମୂଲ୍ୟାଙ୍କନ ମଧ୍ୟ ଏନଏବିଏଲ ର ବରିଷ୍ଠ ଅଡିଟରଙ୍କ ଦ୍ୱାରା କରାଯାଇଥିଲା। ଉଭୟ ମୂଲ୍ୟାଙ୍କନରେ ଲାବୋରେଟୋରୀର ଗୁଣବତ୍ତା ପ୍ରଣାଳୀ, ଡକ୍ୟୁମେଣ୍ଟେସନ, ବୈଷୟିକ ଦକ୍ଷତା ଏବଂ ଏନର୍ଜି ମିଟରର ପରୀକ୍ଷଣ କ୍ଷମତାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଏହି ମୂଲ୍ୟାଙ୍କନ ମାଧ୍ୟମରେ, ଉଭୟ ପରୀକ୍ଷାଗାରଗୁଡ଼ିକ ଆଇଏସଓ/ଆଇସି ୧୭୦୨୫ ସମେତ ଆନ୍ତର୍ଜାତୀୟ ମାନଦଣ୍ଡର ପାଳନକୁ ସଫଳତାର ସହିତ ପ୍ରଦର୍ଶନ କରିଛନ୍ତି, ଯାହା ନିଶ୍ଚିତ କରିଥାଏ ଯେ ସେମାନେ ସଠିକ, ନିର୍ଭରଯୋଗ୍ୟ ଏବଂ ପ୍ରାମାଣିକ ପରୀକ୍ଷା ଫଳାଫଳ ପ୍ରଦାନ କରିବାରେ ସକ୍ଷମ। ଭୁବନେଶ୍ୱର ଏବଂ କଟକ ଲାବୋରେଟୋରୀ ପାଇଁ ଏନଏବିଏଲ ମାନ୍ୟତା ଚାରି ବର୍ଷ ପାଇଁ ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ବୈଧ। ଏହି ସମୟ ମଧ୍ୟରେ, ଉଭୟ ପରୀକ୍ଷାଗାର ଆନ୍ତର୍ଜାତୀୟ ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସାମୟିକ ଅଡିଟ ଏବଂ ମୂଲ୍ୟାଙ୍କନ ଜାରି ରଖିବେ। ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ, ଏହି ମାଇଲଖୁଣ୍ଟ ଆମ ଟିମର ଉତ୍ସର୍ଗତା ଏବଂ ବୃତ୍ତିଗତ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି। ଉଭୟ ପରୀକ୍ଷାଗାର ପାଇଁ ଏନଏବିଏଲ ମାନ୍ୟତାର ନବୀକରଣ ଟିପିସିଓଡିଏଲର ବୈଷୟିକ ଉତ୍କର୍ଷତା ଓ ଏହାର କାର୍ଯ୍ୟକ୍ଷମ ପ୍ରଣାଳୀରେ ନିରନ୍ତର ଉନ୍ନତିକୁ ଦର୍ଶାଉଛି।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ



ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୪୨୪ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ୫୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି। ୬୪% ସ୍ୱର୍ଣ୍ଣ ପଦକ ଝିଅମାନେ ହାସଲ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଝିଅମାନେ ବିକଶିତ ଭାରତର ଆଧାର ହେବେ ; ତପସ୍ୟା, ସରଳତା ଓ କର୍ତ୍ତବ୍ୟନିଷ୍ଠାକୁ ଜୀବନର ଆଧାର କରନ୍ତୁ। ରାଜ୍ୟପାଳ ଗୁରମୀତ ସିଂହ ଯୋଗ ଓ ଆୟୁର୍ବେଦରେ ବିଶ୍ୱବିଦ୍ୟାଳୟର ଅଭୂତପୂର୍ବ ଯୋଗଦାନକୁ ପ୍ରଶଂସା କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ କହିଛନ୍ତି, ଉତ୍ତମ ଉତ୍ତରାଖଣ୍ଡ ଗଢ଼ିବାରେ ଏହି ବିଦ୍ୟାର୍ଥୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସ୍ୱାମୀ ରାମଦେବ କହିଛନ୍ତି, ଏଠାରେ ପ୍ରତ୍ୟେକ ଛାତ୍ର 'ଜବ ସିକର ଅର୍ଥାତ୍ ଚାକିରୀ ଆଶାୟୀ' ନୁହନ୍ତି, ବରଂ 'ଜବ କ୍ରିଏଟର ଅର୍ଥାତ୍ ନିଯୁକ୍ତିଦାତା'। ବିଶ୍ୱବିଦ୍ୟାଳୟକୁ ବିଶ୍ୱର ଶ୍ରେଷ୍ଠତମ ଶ୍ରେଣୀକୁ ନେବା ଲକ୍ଷ୍ୟ ରହିଥିବା ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି। ନାକ ଠାରୁ ଏ+ ଗ୍ରେଡ (୩.୪୮) ପାଇଛି।

# ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ସଚେତନତା ପଦଯାତ୍ରା ଆୟୋଜିତ




ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

ସତର୍କତା ସଚେତନତା ସପ୍ତାହ ୨୦୨୫-ସତର୍କତା ଆମର ସହଭାଗୀ ଦାୟିତ୍ୱ ଅବସରରେ ଭୁବନେଶ୍ୱରସ୍ଥିତ ବ୍ୟାଙ୍କ ଅଫ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱ ଓ ସଚେତନତା ସୃଷ୍ଟି କରିବା। ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ଉପସ୍ଥିତିରେ ଏହି ପଦଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ(ସି ଆଣ୍ଡ୍ ଏ) ଭିଏମ୍‌ଏନ୍‌ଏସ୍ ସାଇବାବୁ, ଉପମହାପ୍ରବନ୍ଧକ(ବିଡି) ଶିବପଦ ନାୟକ, ଜେଡ୍ଆଇଏଡି ମୁଖ୍ୟ ଜଗଜୀବନ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ଓ ଉପମହାପ୍ରବନ୍ଧକ ସତ୍ୟରଞ୍ଜନ ମହାପାତ୍ର, ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ।

**Classified Everyday**
**0674-2580101, 9692975378**




**REAL ESTATE**

**SALE**

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D- 06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695.
D- 76944




The massage felt totally professional & comfortable at all times- 7978109255.
D-205

**AFFIDAVIT**

By virtue of an affidavit sworn before Notary Public, Rayagada, affidavit No.- 15930, dated- 01.11.2025, I, TAUDU HIMIRIKA, AT- KAPADANGA,P.O.-GAJIGAON, P.S.-SESKHAL,DIST.-RAYAGADA, ODISHA- 765002 declare that I have changed the name of my daughter from HIMIRIKA NARJA to NARJOMANI HIMIRIKA. Henceforth, she shall be known as NARJOMANI HIMIRIKA for all purposes.
TAUDU HIMIRIKA
D-2466

By virtue of an affidavit sworn before Executive Magistrate, Jajpur, dated- 30.10.2024, I, Kaikeyee Sahu, Resident of At- Indaroi, P.O.- Erabanka, P.S.- Jajpur Sadar, Dist.- Jajpur, Odisha, PIN- 755017 declare that I have changed my name from Pokaya Sahu to Kaikeyee Sahu. Henceforth, I shall be known as Kaikeyee Sahu for all purposes.
Kaikeyee Sahu
D-2467

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384 6@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ କେମାମଣି ଦେଇ**

ନେମରା (ନିମ୍ନ କ୍ଷେତ୍ର), ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧।୧।୧୯୩୧
ତିରୋଧାନ: ୨୪।୧୦।୨୫
(କାର୍ତ୍ତିକ ଶୁକ୍ଳ ତୃତୀୟା)

ବୋଉ, ତୁ ମୋ କୋଳରେ ଶୋଇ ଜଗନ୍ନାଥ.. ଜଗନ୍ନାଥ କହୁ କହୁ ଯେ, ଚିର ନିଦ୍ରିତା ହୋଇଯିବୁ ଭାବି ପାରୁନି। ତୋ ଅବର୍ତ୍ତମାନରେ ତୋ ଆଧ୍ୟାତ୍ମିକ ଚିନ୍ତାଧାରା, ନିଷ୍କପଟ ସ୍ନେହ, ମମତା, ପ୍ରେମଭାବ, କର୍ମ ପ୍ରବଣତା, ସହନଶୀଳତା ଓ ସାମୂହିକ ପ୍ରତିବଦ୍ଧତା ସ୍ମୃତିରେ ଅମଳିନ ରହିବ। ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥଙ୍କୁ ଅଶ୍ରୁଳ ନିବେଦନ କରୁଛୁ।

ଶୋକାକୁଳ: ଅମିୟ,ମଞ୍ଜୁ, ରୁଚିର, ରମେଶ, ପ୍ରମୋଦ, ରଞ୍ଜୁ, ଟିମି, ଅଚୀ, କୁଟନ, ଅନୁରାଗ, ପପୁ, ସୋନି, ଶିତୁଲ, ପାର୍ଥ, ଆଲୋକ,ଶରତ, ଶିଶିର,ଜଗ, ହେମନ୍ତ ଓ ପ୍ରଦୀପ।
ଧ-୨୪୬୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ମୃତଦେହ ଜବତ**

ଆସିକା,୨।୧୧(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଭେଟନଈ ଗ୍ରାମଠାରୁ ଅଳ୍ପ ଦୂରରେ ରବିବାର ସକାଳେ ଏକ ନବଜାତ ଶିଶୁକନ୍ୟା ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ସେହି ରାସ୍ତାରେ ଯାଉଥିବା କେତେଜଣ ଗ୍ରାମବାସୀ ପ୍ରଥମେ ଏହା ଦେଖିଥିଲେ। ପରେ ଭେଟନଈ ସରପଞ୍ଚ ପ୍ରତିନିଧି ଗୁଲୁ ଜେନା ଓ ଅନ୍ୟ କେତେଜଣ ମିଶି ଶିଶୁକନ୍ୟା ମୃତଦେହକୁ ଆସିକା ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ କୋଦିନଗା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ତେବେ ଶିଶୁଟି କାହାର ଓ କେଉଁ ପରିସ୍ଥିତିରେ ମୃତଦେହ ରାସ୍ତା କଡ଼ରେ ପଡ଼ିଲା ତାହା ସ୍ପଷ୍ଟ ହୋଇନାହିଁ।

# ଦେଶରେ ମାଓବାଦୀ ପ୍ରବଣ ଜିଲା ୩୮କୁ ହ୍ରାସ

ନୂଆଦିଲ୍ଲୀ,୨।୧୧(ପି.ଟି.)

ଦେଶରେ ମାଓବାଦୀ ହିଂସା ପ୍ରଭାବିତ ଜିଲା ସଂଖ୍ୟା ଗତ ଏପ୍ରିଲରେ ୪୬ ରହିଥିଲାବେଳେ ଏବେ ତାହା ୩୮କୁ ହ୍ରାସ ପାଇଥିବା ସଦ୍ୟତମ ସମୀକ୍ଷାରୁ ଜଣାପଡ଼ିଛି। ସେଥିରୁ ୪ଟି ଜିଲା ଚିନ୍ତାଜନକ ରହିଥିବାବେଳେ ୩ଟି ସର୍ବାଧିକ ପ୍ରଭାବିତ ଜିଲା। ବାମପନ୍ଥୀ ଉଗ୍ରବାଦ ରୋକିବା ଲାଗି ଜାତୀୟ ନୀତି ଓ କାର୍ଯ୍ୟଯୋଜନାର ଅଂଶ ସ୍ୱରୂପ କରାଯାଇଥିବା ଏହି ମୂଲ୍ୟାୟନରେ କେନ୍ଦ୍ର ଓ ରାଜ୍ୟ ସରକାର ଏକାଠି କାର୍ଯ୍ୟ କରିଥିଲେ। ଉଗ୍ରବାଦ ଦମନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଫଳରେ ସୁରକ୍ଷା ସମ୍ପର୍କିତ ବ୍ୟୟ (ଏସ୍‌ଆରଇ) ଜିଲା ସଂଖ୍ୟା ଗତ ଏପ୍ରିଲ ୧୮ରେ ୪୬ ଥିବାବେଳେ ବର୍ତ୍ତମାନ ୩୮କୁ ହ୍ରାସ ପାଇଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲା ସଂଖ୍ୟା ଗତ ଏପ୍ରିଲରେ ୧୮ ଥିବାବେଳେ ବର୍ତ୍ତମାନ ତାହା ୧୧ରେ ସୀମିତ ରହିଛି। ସବୁଠୁ ମାଓବାଦୀ ପ୍ରବଣ ଜିଲା ଏପ୍ରିଲରେ ୬ ରହିଥିବାବେଳେ ବର୍ତ୍ତମାନ ତାହା ୩କୁ ଖସିଆସିଛି। ସେହି ଜିଲାଗୁଡ଼ିକ ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର ଏବଂ ସୁକୁମା। ସେହିପରି ଚିନ୍ତାଜନକ ଜିଲା ମଧ୍ୟରେ ରହିଛି ଛତିଶଗଡ଼ର କଙ୍କେର, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ, ମଧ୍ୟପ୍ରଦେଶର ବାଲାଘାଟ ଏବଂ ମହାରାଷ୍ଟ୍ରର ଗଡ଼ଚିରୋଲି।

# ପ୍ରତି ୯ରେ ଜଣଙ୍କୁ ସଂକ୍ରାମକ ରୋଗ

**ଆଇସିଏମ୍‌ଆର୍ ଅଧ୍ୟୟନ**

ନୂଆଦିଲ୍ଲୀ,୨।୧୧(ପି.ଟି.)

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଅଧୀନରେ ଥିବା ଲାବରେଟୋରି ନେଟ୍‌ୱର୍କ ଦ୍ୱାରା ମୋଟ ୪.୫ ଲକ୍ଷ ରୋଗୀଙ୍କୁ ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ୧୧.୧%ଙ୍କ ଠାରେ ସଂକ୍ରାମକ ଭୂତାଣୁ ଚିହ୍ନଟ ହୋଇଛି। ଅର୍ଥାତ ପ୍ରତି ୯ରେ ଜଣଙ୍କଠାରେ ସଂକ୍ରାମକ ରୋଗ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି। ଚିହ୍ନଟ ହୋଇଥିବା ୫ଟି ପ୍ରମୁଖ ପାଥୋଜିନ୍ ମଧ୍ୟରେ ରହିଛି ଇନ୍‌ଫ୍ଲୁଏଞ୍ଜା ଏ, ଡେଙ୍ଗୁ ଭୂତାଣୁ, ହେପାଟାଇଟିସ୍ ଏ, ନୋରୋଭାଇରସ୍ ଏବଂ ହେର୍ପେସ୍ ସିମ୍ପ୍ଲେକ୍ସ ଭୂତାଣୁ। ୨୦୨୫ର ପ୍ରଥମ ତ୍ରୟମାସିକରେ ସଂକ୍ରାମକ ରୋଗ ବ୍ୟାପିବା ହାର ୧୦.୭% ଥିବାବେଳେ ଦ୍ୱିତୀୟ ତ୍ରୟମାସିକରେ ତାହା ୧୧.୫%କୁ ବୃଦ୍ଧି ପାଇଛି। ଆଇସିଏମ୍‌ଆର୍‌ର ଭାଇରସ୍ ରିସର୍ଚ୍ଚ ଆଣ୍ଡ ଡାଏଗ୍ନୋଷ୍ଟିକ୍ ଲାବରେଟୋରି ନେଟ୍‌ୱର୍କ ତଥ୍ୟ ଅନୁଯାୟୀ, ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୨,୨୮,୮୫୬ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୨୪,୫୦୨ (୧୦.୭%)ରେ ପାଥୋଜିନ୍ ମିଳିଥିଲା। ସେହିପରି ଏପ୍ରିଲରୁ ଜୁନ ମଧ୍ୟରେ ୨,୨୬,୦୯୫ ନମୁନା ପରୀକ୍ଷାରୁ ୨୬,୦୫୫ (୧୧.୫%) ପଜିଟିଭ ଚିହ୍ନଟ ହୋଇଛି, ଅର୍ଥାତ୍ ପୂର୍ବ ତ୍ରୟମାସିକ ତୁଳନାରେ ସଂକ୍ରମଣ ହାର ୦.୮% ବଢ଼ିଛି।

# କୁକୁର ଅଇଁଠା ଖିରି ଖାଇଥିବା ଲୋକଙ୍କୁ ଭାକ୍ସିନ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଙ୍କଳା ପଞ୍ଚାୟତ ଦକ୍ଷିଣକୁଳ ଗ୍ରାମରେ ଏକାଦଶାହ ଭୋଜିରେ କୁକୁର ଅଇଁଠା ଖିରି ଖାଇଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ରବିବାର ଭାକ୍ସିନ ଦିଆଯାଇଛି। ଭାକ୍ସିନର ପ୍ରଥମ ଡୋଜ ଆସନ୍ତା ବୁଧବାର ଦିଆଯିବ। ଏହିପରି ୪ଟି ଡୋଜ ଦିଆଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଗତ ସୋମବାର ସନ୍ଧ୍ୟାରେ ଗ୍ରାମର ଦାମୋଦର ରାୟଙ୍କ ସ୍ତ୍ରୀଙ୍କ ଏକାଦଶାହ ଭୋଜି ହୋଇଥିଲା। ଏଥିପାଇଁ ଆଖପାଖ ଗ୍ରାମ ଓ ବନ୍ଧୁବାନ୍ଧବ ମିଶି ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ରନ୍ଧା ଯାଇଥିବା ଖାଦ୍ୟରୁ ଖିରି ହାଣ୍ଡିରେ ଏକ ରୋଗାଗ୍ରସ୍ତ କୁକୁର ମୁହଁ ବୁଡ଼ାଇ ଖାଇଥିଲା। ଏହାକୁ ଦାମୋଦରଙ୍କ ଘରଲୋକ ଦେଖି ମଧ୍ୟ ଉକ୍ତ ଖିରିକୁ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ଏହି ଖବର ଭୋଜିର ଦୁଇଦିନ ପରେ ଧୀରେ ଧୀରେ ପଦାକୁ ଆସିବା ପରେ ଗ୍ରାମରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ଏ ବିଷୟରେ ବିଧାୟକ ଅମର କୁମାର ନାୟକଙ୍କୁ ଗ୍ରାମର କେତେଜଣ ଯୁବକ ଅବଗତ କରାଇବା ପରେ ବିଧାୟକ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶ୍ରୀକାନ୍ତ ଜେନା, ବିରୁପା-ଗେଲୁଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରାଜେଶ କୁମାର ମିଶ୍ର ଓ ଗ୍ରାମବାସୀ ଭିନ୍ନଭିନ୍ନ ଚିଠି କରି ଯାଜପୁର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ଜିଲାପାଳ ଭାକ୍ସିନ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



ବାଲିଯାତ୍ରା ପାଇଁ ଉପରଓ୍ୱାଡ଼ିସ୍ଥିତ କଟକ-ଇନ୍-କଟକ ପରିସରରେ ଫୋମ୍ ଓ ପ୍ଲାଏ ବୋର୍ଡରେ ନିର୍ମାଣାଧୀନ ବହି। (ଫଟୋ: ରାଜକିଶୋର ମହାନ୍ତି)

# ଏସ୍‌ସିବିରେ ରୋଗୀଙ୍କୁ ମିଳୁନି ଫ୍ୟାକ୍ଟର

କଟକ,୨।୧୧(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେମୋଫିଲିଆ ରୋଗୀ ହଇରାଣ ହେଉଛନ୍ତି। ରାଜ୍ୟସରକାର ଏହି ରୋଗୀଙ୍କ ପାଇଁ ଫ୍ୟାକ୍ଟର ୭, ୮ ଓ ୯ ଯୋଗାଇ ଦେବାକୁ ବ୍ୟବସ୍ଥା କରିଆସୁଥିବାବେଳେ ଏବେ ଏହି ଫ୍ୟାକ୍ଟର ସେମାନଙ୍କୁ ମିଳୁନାହିଁ। ଫଳରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମେଡିକାଲରେ ଏହି ଫ୍ୟାକ୍ଟର ଷ୍ଟକ୍ ଉପଲବ୍ଧ ନ ଥିବା ଆଶଙ୍କା କରାଯାଉଥିବାବେଳେ ଜଣେ ଡାକ୍ତର କହିଛନ୍ତି ଯେ, ଦୀର୍ଘ ଦୁଇମାସରୁ ଅଧିକ ହେବ ମେଡିକାଲରେ ଫ୍ୟାକ୍ଟର ଷ୍ଟକ୍ ନାହିଁ। ଏହାକୁ ବାହାରୁ କିଣିଲେ ୨୫୦ ୟୁନିଟ୍ ପିଛା ୨୫୦୦ ଟଙ୍କା ଦର ରହିଥାଏ। ରୋଗୀ ଶରୀର ଅନୁଯାୟୀ ଏହି ଫ୍ୟାକ୍ଟର ଦିଆଯାଇଥାଏ। ଏପରିକି ଗୋଟିଏ ଦିନରେ ରୋଗୀଙ୍କୁ ଆନୁମାନିକ ୧ହଜାର ୟୁନିଟ୍ ଯାହାର ଦର ୧୦ ହଜାର ଟଙ୍କାର ଫ୍ୟାକ୍ଟର ଦିଆଯାଇଥାଏ। ଏସ୍‌ସିବିରେ ଏହି ଫ୍ୟାକ୍ଟର ନ ଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ରାଜ୍ୟ ସରକାର ଏବଂ ଏହାକୁ ଯୋଗାଉଥିବା ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ)କୁ ଅବଗତ କରିଛନ୍ତି। ହେଲେ ଏବେଯାଏ ପଦକ୍ଷେପ ନିଆଯାଇନାହିଁ। ସୂଚନା ମୁତାବକ, ଏସ୍‌ସିବିର ହେମାଟୋଲୋଜି ବିଭାଗ କାର୍ଯ୍ୟ କରିବା ପରେ ରକ୍ତ ସମସ୍ୟା ଥିବା ରୋଗୀଙ୍କ ମନରେ ବଞ୍ଚିବାର ଆଶା ସଞ୍ଚାର ହୋଇଥିଲା। ଉକ୍ତ ବିଭାଗରେ ୨୦୧୨ରୁ ଏହି ଫ୍ୟାକ୍ଟର ସୁବିଧା ଉପଲବ୍ଧ କରାଯାଇଥିଲା। ଏସ୍‌ସିବିରେ କେବଳ ଫ୍ୟାକ୍ଟର ୮ ଓ ୯ ଷ୍ଟକ ରହିଥାଏ। ପ୍ରତ୍ୟେକ ଦିନ ୨ହଜାରରୁ ଅଧିକ ରୋଗୀ ଏହି ଫ୍ୟାକ୍ଟର ଆବଶ୍ୟକ କରିଥାନ୍ତି। ଏହା ହେମୋଫିଲିଆ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ। ହେଲେ ଏବେ ଏହା ଏସ୍‌ସିବିରେ ଉପଲବ୍ଧ ନ ଥିବାରୁ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଆକର୍ଷଣ ପାଲଟିବ ଫୋମ୍ ଓ ପ୍ଲାଏର ତିଆରି ବହି

**ଜୋରସୋର ଚାଲିଛି ବାଲିଯାତ୍ରା ପ୍ରସ୍ତୁତି**

କଟକ,୨।୧୧(ଶିକ୍ଷା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା-୨୦୨୫ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋରସୋର ପ୍ରସ୍ତୁତି ଚାଲିଛି। ରବିବାର ଅପରାହ୍ନରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପରଓ୍ୱାଡ଼ିରେ ଗଣେଶ ବିଗ୍ରହ ପାଣି ମଞ୍ଚ ପ୍ରସ୍ତୁତି ଜାରି ରହିଥିବାବେଳେ ବୋଇତ ଥିମ୍‌ରେ ତିଆରି ହେଉଥିବା ମଞ୍ଚ ଦର୍ଶକଙ୍କୁ ଅଧିକ ଆକର୍ଷିତ କରିବ। ଏଥିସହିତ ସିଏମ୍‌ସି ପକ୍ଷରୁ ଉପରବାଲିଯାତ୍ରା ପଡ଼ିଆକୁ ସମତୁଲ କାର୍ଯ୍ୟ ସହ ଧୂଳି ନିୟନ୍ତ୍ରଣ ପାଇଁ ପାଣି ସିଞ୍ଚନ କରାଯାଉଥିବା ଦେଖିବାକୁ ମିଳିଛି।

ବାଲିଯାତ୍ରା ଉପରଓ୍ୱାଡ଼ିରେ ଥିବା କଟକ-ଇନ୍-କଟକ ପରିସରରେ ତିଆରି ଚାଲିଛି ଫୋମ୍ ଓ ପ୍ଲାଏ ବୋର୍ଡର ବହି। ଏକ ଗଛର ଗଣ୍ଡିକୁ ଭାଙ୍ଗି ତା' ଚାରିପାଖରେ ଏହି ପ୍ଲାଏ ଓ ଫୋମ୍‌କୁ ଯୋଡ଼ି କାରିଗରମାନେ ଏକ ସୁନ୍ଦର ଖୋଲା ବହି ପ୍ରସ୍ତୁତ କରିଛନ୍ତି। ଏହାକୁ କୈବର୍ତ୍ତକ ସେଲ୍ଫି ପଏଣ୍ଟ କରିବେ ବୋଲି ଜଣାପଡ଼ିଛି। କଟକ ଇନ୍ କଟକ ପରିସରକୁ ଆମ ଭାଷା ଆମ ସାହିତ୍ୟ ଥିମ୍‌ରେ ସଜାଯାଉଛି। କଟକ ଇନ୍ କଟକର ଦ୍ୱାର ପ୍ରବେଶ ଗେଟ୍‌ରୁ କିଛି ବାଟ ଦୂରକୁ ଗଲେ ଏହି ବହି ଦେଖିବାକୁ ମିଳିବ। ୪ ଫୁଟ୍ ଉଚ୍ଚ ଓ ୧୨ ଫୁଟ୍ ଲମ୍ବର ଏହି ବହି ନିର୍ମାଣ କରାଯାଉଛି।

# ଗାଡ଼ି ଧକ୍କାରେ ଶିକ୍ଷକ ମୃତ, ଜଣେ ଗୁରୁତର

କୋରେଇ/ଛେନାପଦି,୨।୧୧ (ଚନ୍ଦ୍ରକାନ୍ତ ପତି/ନିରଞ୍ଜନ ପରିଡ଼ା)

ଯାଜପୁର ଜିଲା କୋରେଇ ଥାନା ୨୦ନଂ ଜାତୀୟ ରାଜପଥର ନୂଆଗଡ଼ କୃଷ୍ଣନଗର ନିକଟରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ତାଙ୍କର ଅନ୍ୟଜଣେ ଶିକ୍ଷକ ବନ୍ଧୁ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ନନ୍ଦିପଦା ଥାନା ହାଡ଼ିଆରେ ଶିକ୍ଷକତା କରୁଥିବା ପୂର୍ଣ୍ଣଚନ୍ଦ୍ର ଓଝା (୫୩)। ଆହତ ହେଲେ ଉକ୍ତ ଥାନା ଗୋପ ଗ୍ରାମର କେଶବ ଚନ୍ଦ୍ର ପାତ୍ର(୫୧)। ଯାଜପୁର ରୋଡରେ ରହି ପଢୁଥିବା କେଶବଙ୍କ ପୁଅକୁ ଦେଖା କରିବାକୁ ଉଭୟ ଏକ ବାଇକ ଯୋଗେ ଆସିଥିଲେ। ଘଟଣାସ୍ଥଳରେ କୌଣସି ଗାଡ଼ି ପଛ ପଟୁ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଯାଜପୁର ରୋଡ୍ ଦମକଳ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ପ୍ରାଥମିକ ଚିକିତ୍ସା ପରେ କେଶବଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କୋରେଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

# ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପାଇଁ ବ୍ୟାପକ ଆୟୋଜନ

**ରାତି ୩ଟାରେ ଲାଗି ହେବ ଗଜଭୋଗ**

ଖୁଣ୍ଟୁଣୀ,୨।୧୧ (ସଚ୍ଚିଦାନନ୍ଦ ପଣ୍ଡା)

ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପାଇଁ ରବିବାର ବ୍ୟାପକ ଆୟୋଜନ କରାଯାଇଛି। ଧବଳେଶ୍ୱରଙ୍କ ପ୍ରସିଦ୍ଧ ବଡ଼ଓଷା ଗଜଭୋଗ ଓ ତରଣ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ-ଚତୁର୍ଦ୍ଦଶୀ ତିଥିର ସନ୍ଧିକ୍ଷଣ ମୁହୂର୍ତ୍ତ ଅର୍ଥାତ୍ ସୋମ ଓ ମଙ୍ଗଳବାର ବିଳମ୍ବିତ ରାତ୍ରି ୩ଟାରେ ପ୍ରଭୁଙ୍କ ନିକଟରେ ଲାଗି ହେବ। ଗଜଭୋଗ ଲାଗି ହେବା ପରେ ସର୍ବସାଧାରଣଙ୍କ ନିମନ୍ତେ ମଙ୍ଗଳବାର ପ୍ରତ୍ୟୁଷରୁ ବଣ୍ଟନ କରିଦିଆଯିବ। ଅପରପକ୍ଷେ ଗଜଭୋଗ ଓ ପ୍ରଭୁଙ୍କ ଦୁର୍ଲ୍ଲଭ ହରିହର ବେଶ ଦର୍ଶନ କରିବାକୁ ମଙ୍ଗଳବାର ପ୍ରତ୍ୟୁଷରୁ ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠକୁ ଆସିବେ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ଅପରାହ୍ନ ପରଠାରୁ ଭିଡ଼ ଲାଗି ରହିବ। ଏଥିପାଇଁ ପ୍ରଶାସନ ଓ ଦେବୋତ୍ତର ପ୍ରଶାସନ ପ୍ରସ୍ତୁତ ରହିଛି।

---

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

No.CAD-2153:

**E-PROCUREMENT NOTICE**

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/ E- PROC/C&P/ 025/ 2025-26, Dtd.30/10/2025 | Providing BLS (Basic Life Support) Ambulance Service alongwith drivers and paramedics on monthly hiring basis across various locations of OMC Ltd. | 31.10.2025 | 29.11.2025 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR- Sd./- Head (C&P)

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION

Email:eekrcbdbasudevpur@gmail.com

At/PO- Basudevpur, Dist-Keonjhar, PIN-758047

**e-PROCUREMENT NOTICE**

No.A-

Bid Identification No.SE,KRC & BD-17/2025-26

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of basic amenities in the premises of UGME School at R&R colony Birikala for the DPs of village Birikala & Gobindapur of KIP" | 44.80 | 44850.00 | 6,000.00 | 08 (Eight) Calendar Months | "B" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 02 | Construction of kitchen & store room of U.G.M.E. school Dadun at Dhobalabeda R&R Colony (Daduan) for the DPs of village Daduan of K.I.P" | 17.10 | 17100.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 03 | "Construction of Kothi Ghara (Thakurani) at Dhobalabeda (Daduan) R&R Colony for the DPs of village Daduan of K.I.P." | 11.30 | 11300.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 04 | "Construction of Kirtan Mandali house at Dhobalabeda (Daduan) R&R Colony for the DPs of village Daduan of K.I.P. | 10.35 | 10350.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-17/ 2025-26 | 04.11.25 From 10.00 Hours | 14.11.25 Upto 17.00 Hours | 15.11.25 | 11.00 Hours | O/o the Superintending Engineer, Kanupur Reh. C&B Division. Basudevpur, Dist-Keonjhar |

Sd./- Superintending Engineer
OIPR- Kanupur Reh. C & B Division, Basudevpur

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-I, BHADRAK

E-mail: ee_rwbdk@yahoo.com

**"e" Procurement Notice for Road Works**

**Bid Identification No. Online Tender 10 of 2025-26**

**No.O-1277:** 1.Name of the Work : Roads, 2. Total No. of Works : 10 Nos., 3. Estimated Cost: Rs.5.08 Lakh to Rs.38.05 Lakh. 4. Class of Contractor: 'C', 'D' & 'B' Class, 5. Period of Completion: As per Annexure. 6. Type of Tender: Single Cover. 7. Other Details:

| Procurement Officer | Bid Identification No. | Availability of tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-10 of 2025-26 | 04.11.2025 At-11.00 A.M. | 13.11.25 At- 4.00 P.M. | 13.11.25 At-2.00 P.M. | 14.11.25 At-11.00 A.M. |

Further details can be seen from the e-procurement portal "https://tendersorissa.gov.in". N.B.:- Transparency Lottery date will be intimated later. Signed Scan Copy of Schedule "A", "E" & "F" Sheet is mandatory. Non submission of the sheet may cause rejection of the bid.

Sd./- Er. Ganesh Chandra Hembram
OIPR- Executive Engineer, R.W.Division, Bhadrak

---

## OFFICE OF THE SUPERINTENDING ENGINEER, RURAL WORKS DIVISION NO-I, KEONJHAR

e-mail: eerw1_kjr@yahoo.com

**1st Corrigendum to e-Procurement Notice for Building Works**
**Identification No. Online NCB-07 of 2025-26**

**O-1297:** 1.The availability of tender online for bidding in column No.-3 & 4, Last date & Time of Seeking Tender Clarification in Column No-7 and Date & Time of Opening of Tender Column No-8 may be read as follows.

**e-Procurement Notice No.07 of 2025-26**

| Procurement Officer | Bid Identification No. | Availability of Tender on-Online for bidding as per Tender Notice | | As per Corrigendum the Availability of tender on-Online for bidding as per Corrigendum | | Last date & Time of seeking tender clarification | Date, Time & Place of Opening of Tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, R.W. Division, No-I, Keonjhar | Road Works of NCB-07/ 2025-26 | 31.10.2025 at 11.00 A.M. | 11.11.2025 upto 5.00 P.M. | 03.11.2025 at 11.00 A.M. | 13.11.2025 upto 5.00 P.M. | 12.11.2025 at 11.00 A.M | 14.11.2025 at 11 A.M. Office of the Superintending Engineer, R.W.Division, No-I, Keonjhar |

All other terms and conditions to the original e-procurement no-07 of 2025-26 will remain unchanged.

OIPR- Sd./- Superintending Engineer, R.W.Division-I, Keonjhar

---

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION: RAYAGADA

e-mail ID: rw_rayagada@yahoo.co.in

Letter No.3491, Date:30.10.2025

**CANCELLATION OF TENDER**

**No.O-1295:** The tender for the work invited vide this office bid identification No.EERWRGD-Online-08/2025-26 invited vide this office letter No.3368, dated 24.10.2025 is hereby cancelled due to unavoidable circumstances.

Sd./- Executive Engineer
OIPR- Rural Works Division, Rayagada

---

## Odisha State Museum

Kalpana Square, Bhubaneswar-751014
Tel-0674-2431597
Email-supdt.museum@hotmail.com, Website: www.odishamuseum.nic.in

**TENDER CALL NOTICE**

No.1599/OSM, dated 30.10.2025

No.RR-26:Sealed Tenders in confirmity with the terms, conditions and specifications in the tender documents are invited from reputed firms/agencies for: Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification.

| Sl. | Name of Work | Bid Security | Cost of Document | Period of Completion |
|---|---|---|---|---|
| 1 | Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification | EMD Rs.10000/- | Rs.2000.00 | 01 (One) Calendar Month |

*** Availability of Tender in Odisha State Museum website: From 31.10.2025, 10.00 A.M. to 14.11.2025, 4.00 P.M. * Submission of Bid: From 31.10.2025, 10.00 A.M. to 14.11.2025, 4.30 P.M. * Date and Time of Opening of the Bid: 15.11.2025, at 11.30 A.M.** Further details can be seen from the website www.odishamuseum.nic.in regularly for any amendment, corrigendum/cancellation of the tender)

Sd./- Superintendent of Museum
OIPR- Odisha, Bhubaneswar

---

## OFFICE OF THE CHIEF CONSTRUCTION ENGINEER
## BALANGIR (R&B) CIRCLE, BALANGIR

E-mail ID: sepwdbalangir@gmail.com

**CANCELLATION OF TENDER**

In Bid Identification No.CCE(R&B) BGR/02/2024-25
Letter No.2142, Date:28.10.2025

No.B-660: The tender for the work: Construction of RCC Drain at different location inside Balangir town such as P.R.High School to Railway Station Road (From 0/500 Km to 1/500). Collector Res. to Railway Station Road via Mahalaxmi Nagar (from 0/0 Km to 0/470 Km). Approach Road to Circuit House (Bhagirathi Chowk to Circuit House from 0/450 Km to 1/350 Km) Ring Road from NH Office to Jail Back site from 6/615 to 7/115 Km). Balangir TTG NH to Bijakhaman to Rajib Nagar from 0/0 Km to 0.700 Km) in Bid Identification No.CCE (R&B) BGR/02/2024-25 is here by cancelled under technical and Administrative ground.

Sd./- Chief Construction Engineer
OIPR- Balangir (R&B) Circle, Balangir

---

## RAYAGADA AUTONOMOUS COLLEGE

PO/Dist- RAYAGADA, 765001 (ODISHA)
NAAC ACCREDITED
Email: rayagadacollege@gmail.com,
Ph:06856-222130, Fax:06856-222130

Ref.No.2512/RAC/25 Date:29.10.25

**RAYAGADA AUTONOMOUS COLLEGE, RAYAGADA**

**TENDER NOTICE**

**Advertisement No:02/OHEPEE/RAC/2025 Date:1.11.2025**

No.CAD-2154: Sealed tenders are invited from registered supplier/ reputed firms/ dealers/ distributors having valid GST and PAN to provide or supply Air Conditioners and Security Guards.

The Sealed tender papers alongwith DD for Rs.500/- as tender fee and respective EMDs should reach the undersigned by 5.00 P.M. on 21.11.2025 by Regd. Post/ Speed Post/ Courier only. For details and tender document visit our website www.rayagadacollege.edu.in/tenders. All the terms and conditions of government shall be strictly adhered to for finalizing the tender and placing of orders.

Sd./- Principal
OIPR- Rayagada Auto College, Rayagada

---

## ODISHA LIFT IRRIGATION CORPORATION LTD.

(A GOVT. OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR - 12
Phone No. : (0674)2390195, Fax No. : (0674)2395844,
e-Mail ID : olicltd123@bsnl.in, olicltd@ymail.com
Order No. IT-25/2025-8759/OLIC Date : 30.10.2025

**No.CAD-2158**: The Request for Proposal No.IT-25/2025-8359 dt.09.10.2025 towards selection of recruitment agency to conduct Computer Based Test (CBT) for recruitment to different posts for and on behalf of OLIC is hereby cancelled due to administrative reasons.

By order of Managing Director
Sd./- Executive Director (Tech)
OIPR- OLIC Ltd, Bhubaneswar

---

## Government of Odisha
## OFFICE OF THE CHIEF CONSTRUCTION ENGINEER
## CUTTACK (R&B) CIRCLE, CUTTACK

E-mail ID- sectcrb_2006@yahoo.co.in
Tel/Fax- 0671-2301751/2302751

**('e'-PROCUREMENT NOTICE)**

**Bid Identification No.CCE.Ctc.(R&B) 8/2025-26**

**No.B-624:** 1) The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on percentage rate basis bid in double cover system in ONLINE MODE from eligible contractors for Road Works as mentioned below.
2. No. of Work : 07 Nos. 3. Nature of Work : Road Works. 4. Class of Contractor: **'B', 'A' & Special Class**. 5. Tender Paper Cost: Rs.10000 **(Online)** 6. Available of bid document in the website: **From 04.11.2025 to 17.30 Hours of 18.11.2025**. 7. Date of Opening of Bid: **Dt.19.11.2025 at 11.00 Hours**. 8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Chief Construction Engineer
OIPR- Cuttack (R&B) Circle

---

## Brahmapur Municipal Corporation

RFP No.15945 Date:31.10.2025

**REQUEST FOR PROPOSAL (RFP)**

**FOR CONSTRUCTION AND SETTING UP OF ANIMAL CARCASS INCINERATION PLANT IN BRAHMAPUR FOR SMALL ANIMALS INCLUDING SUPPLY, INSTALLATION, OPERATION, MAINTENANCE AND MANAGEMENT FOR 5 YEARS**

No.C-1368: Commissioner, Brahmapur Municipal Corporation, invites proposals from reputed Agencies for Setting Up of Animal Carcass Incineration Plant in Brahmapur for Small Animals including Supply, Installation, Operation, Maintenance and Management for 5 years. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BeMC website: www.berhampur.gov.in and www.tendersodisha.gov.in from 11.30 AM of 04.11.2025 till 05.00 PM of 20.11.2025. The last date of receipt of hard copy for technical and financial bids is 24.11.2025 till 03.30 P.M. and the same would be opened on 24.11.2025 at 04.30 P.M. The Pre-Bid Meeting is scheduled on 10.11.2025 at 11.30 A.M. in the OSWAN Hall, Brahmapur Municipal Corporation. Near Ramalingam Tank Rd. Gandhi Nagar, Brahmapur, Odisha-760001. Further details can be seen from the e-Procurement portal https://www.tendersodisha.gov.in. Any addendum/ Corrigendum/Cancellation of tender can also be seen in the said website. BeMC reserves the right to cancel this invitation and / or invite fresh Bid/ RFP with or without amendments to this invitation without liability or any obligation for such invitation and without assigning any reason, BeMC reserves the right to accept or reject any or all proposals without assigning any reason whatsoever.

Sd./- Commissioner
OIPR- Brahmapur Municipal Corporation

---

## GOVERNMENT OF ODISHA
## DEPARTMENT OF WATER RESOURCES,
## OFFICE OF THE ADDITIONAL CHIEF ENGINEER
## BALANGIR MINOR IRRIGATION CIRCLE, BALANGIR

e-Procurement Notice

**e-Procurement Notice No.-BMIC-BLGR/01/2025-26**

**No.A-827** : The Additional Chief Engineer, Balangir M.I Circle, Balangir on behalf of Hon'ble Governor of Odisha invites **percentage rate bids in Double cover in ONLINE mode only** for the Construction of works detailed in the table from **"B & A"** Class Contractors registered with the State Government and contractors of equivalent Grade/Class registered with Central Government / M.E.S / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

| | | |
|---|---|---|
| 1. | Name of the works | : Construction of Check Dams under M.I. Divisin, Balangir for the year 2025-26 |
| 2. | Total No. of works | : 02 (Two) |
| 3. | Estimated Cost | : Varies from Rs.100.23 lakh to 112.43 lakh (Approximately) |
| 4. | Class of Contractor | : Class "B & A" |
| 5. | Period of completion | : Refer DTCN |
| 6. | Date & time of Availability of Bid Document in the Portal for online bidding | : From 04.11.2025 at 10.00 A.M. to 13.11.2025 up to 5.00 P.M. |
| 7. | Last date/Time for receipt of Bid only in ONLINE | : 13.11.2025 up to 5.00 P.M. |
| 8. | Date and place of Opening of Technical Bid | : 14.11.2025 at 11.00 A.M. at Office of the Additional Chief Engineer, Balangir M.I, Circle, Balangir |
| 9. | Date/Time of Opening of Financial Bid | : 18.11.2025 |
| 10. | Date of Transparent Lottery (if cases arise) | : 25.11.2025 |
| 11. | Name & Address of the officer Inviting the Bid | : Office of the Additional Chief Engineer, Balangir M.I Circle, balangir, Near Sub-Collector Office, Women's College Chowk, Dist.-Balangir, Pin-767001 E-mail ID : acemicbalangir2023@gmail.com |

Further details can be seen from the "e" Procurement Portal https://tendersodisha.gov.in

Sd./- Additional Chief Engineer,
OIPR- Balangir M.I. Circle, Balangir

---

## GOVT. OF ODISHA

No.A-794:

## OFFICE OF THE SUPERINTENDING ENGINEER
## BALASORE IRRIGATION DIVISION, BALASORE

e-Mail Id: eebid1234@gmail.com

**'e'-Procurement Notice No.SEBID 01 of 2025-26**

| | | |
|---|---|---|
| 1. | Procurement Officer | : Superintending Engineer, Balasore Irrigation Division, Balasore |
| 2. | Total No. of Works | : 14 (Fourteen) No. of Works |
| 3. | Estimated Cost | : Varies from Rs.33.75 Lakhs to Rs.83.28 Lakhs approximately (details can be seen in the DTCN of Bid documents of the respective works) |
| 4. | Class of Contractor | : (Details can be seen in the DTCN of bid documents of the respective works) |
| 5. | Bid Security | : Details can be seen in the DTCN of bid documents of the respective works |
| 6. | Period of Completion | : Details can be seen in the DTCN of bid documents respective works |
| 7. | Date & Time of availability of Bid: documents in the portal for Online bidding | : From dt.03.11.2025, 10.00 hours to 18.11.2025, upto 17.00 hours. |
| 8. | Last date/time for receipt of Bid only in online | : 18.11.2025 upto 17.00 hours |
| 9. | Date/Time of Opening Technical Bid (Cover-I) | : 19.11.2025 at 11.00 hours onwards at Office of the Superintending Engineer, Balasore Irrigation Division, Balasore |
| 10. | Date/Time of Opening Financial Bid for double Cover (Cover-II) | : To be intimated after Evaluation of Technical Bid |
| 11. | e-mail Id | : eebid1234@gmail.com |

Further details can be seen from the "e" Procurement Portal http://tendersodisha.gov.in.

Sd./- Superintending Engineer
OIPR- Balasore Irrigation Division, Balasore

# ସ୍ୱପ୍ନ ସାକାର, ଦେଶବ୍ୟାପୀ ଉଲ୍ଲାସ



ଭାରତ ବିଶ୍ୱକପ୍ ବିଜୟୀ ହେବା ପରେ ଉଲ୍ଲସିତ ଅଧିନାୟିକା ହରମନପ୍ରୀତ୍ କୌର୍।

ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ କ୍ରିକେଟ ବିଶ୍ୱକପ ଜିତି ଇତିହାସ ରଚିଛି। ଦୀର୍ଘ ବର୍ଷର ସ୍ୱପ୍ନ ସାକାର ପରେ ଦେଶବ୍ୟାପୀ ଆନନ୍ଦ ଉଲ୍ଲାସ ଖେଳି ଯାଇଛି। ଓପନିଂ ଯୋଡ଼ିରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଶତକୀୟ ଭାଗୀଦାରି ଗଢ଼ି ଆରମ୍ଭ କରିଥିବା ଅଭିଯାନକୁ ୫ ଉଇକେଟ ନେବା ସହ ସମ୍ପୂର୍ଣ୍ଣ କରିଥିଲେ ତାରକା ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା। ମ୍ୟାଚରେ ଗେମ୍ ଚେଞ୍ଜର ସାଜିଥିଲେ ଶେଫାଳି ବର୍ମା। ଚମତ୍କାର ଅଧିନାୟିକା ଦକ୍ଷତା ମଧ୍ୟ ଦେଖାଇଥିଲେ ହରମନପ୍ରୀତ କୌର। ସେ ବୋଲିଂରେ ବାରମ୍ବାର ପରିବର୍ତ୍ତନ ଆଣିଥିଲେ ଏବଂ ଅନେକ ସମୟରେ ତାଙ୍କ ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ ଭାବେ କାମ କରିଥିଲା। ପାର୍ଟଟାଇମ୍ ବୋଲର ଶେଫାଳିଙ୍କୁ ବୋଲିଂଭାର ଦେଇ ସଫଳ ହେବା ଏହାର ଥିଲା ଏକ ଜ୍ୱଳନ୍ତ ଉଦାହରଣ। ଡେଥ୍ ଓଭର ସ୍ପେଶାଲିଷ୍ଟଭାବେ ପରିଚିତ ଦୀପ୍ତି ଫାଇନାଲ ପରି ବଡ଼ ମୁକାବିଲାରେ ମଧ୍ୟ ଚମତ୍କାରିତା ଦେଖାଇଥିଲେ। ସେ ନିଜ ୯.୩ ଓଭର ସ୍ପେଲ୍‌ରେ ୩୯ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ବିଶ୍ୱ ଚାମ୍ପିୟନ ହେବା ଆଶା ଅଧୁରା ରହିଛି। ପୂର୍ବରୁ ୨୦୦୦, ୨୦୦୭ ଓ ୨୦୨୨ରେ ସେମିଫାଇନାଲରେ ସୀମିତ ରହିଥିବା ଏହି ଦଳ ଏଥର ସେମିଫାଇନାଲରେ ଇଂଲଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଭାରତ ନିକଟରୁ ୫୨ ରନରେ ପରାଜୟ ସହ ଅଭିଯାନ ଶେଷ କରିଛି। ପୂର୍ବରୁ ହରମନପ୍ରୀତ କୌରଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୦୯, ୨୦୧୩, ୨୦୧୭ ଓ ୨୦୨୨ ଦିନିକିଆ ବିଶ୍ୱକପ ଏବଂ ୨୦୦୯, ୨୦୧୦, ୨୦୧୨, ୨୦୧୪, ୨୦୧୬, ୨୦୧୮, ୨୦୨୦ ଓ ୨୦୨୩ ଟି୨୦ ବିଶ୍ୱକପ ଖେଳି ବିଫଳ ହୋଇଥିଲା। ମାତ୍ର ୨୦୨୫ରେ ଦିନିକିଆ କ୍ରିକେଟ ବିଶ୍ୱକପ ଜିତି ନିଜ ଅଧିନାୟକ କ୍ୟାରିୟରରେ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ହରମନପ୍ରୀତ।



ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଦୀପ୍ତି ଶର୍ମା।


ଭାବପ୍ରବଣ ମୁହୂର୍ତ୍ତରେ ହରମନପ୍ରୀତ୍‌ଙ୍କ ସହ ସ୍ମୃତି ମନ୍ଧାନା।

## ଅଭିନନ୍ଦନର ସୁଅ

**ନୂଆଦିଲ୍ଲୀ,୨।୧୧: ଭାରତୀୟ ମହିଳା ଦଳ ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିୟନ ହେବା ପରେ ସୋସିଆଲ ମିଡିଆରେ ଅଭିନନ୍ଦନର ସୁଅ ଛୁଟିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନେକ ସେଲିବ୍ରିଟି ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।**

"ଆଇସିସି ମହିଳା ବିଶ୍ୱକପ୍ ଜିତିବା ପାଇଁ ଭାରତୀୟ ମହିଳା କ୍ରିକେଟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ହୃଦୟରୁ ଅଭିନନ୍ଦନ। ସେମାନେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେମାନେ ଭଲ ଖେଳିଆସୁଥିଲେ କିନ୍ତୁ ଆଜି ସେମାନଙ୍କୁ ସେମାନଙ୍କ ପ୍ରତିଭା ଓ ପ୍ରଦର୍ଶନର ଅନୁରୂପ ପରିଣାମ ମିଳିଛି। ଏହି ଐତିହାସିକ ମୁହୂର୍ତ୍ତ ମହିଳା କ୍ରିକେଟକୁ ଆହୁରି ଉଚ୍ଚ ସ୍ତରକୁ ନେଇଯିବ। ଆମ ମହିଳାମାନେ ଦେଶକୁ ଯେଉଁ ଭଳି ଗର୍ବିତ କରିଛନ୍ତି, ତାହାକୁ ମୁଁ ପ୍ରଶଂସା କରୁଛି।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି।**

"ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ଫାଇନାଲରେ ଭାରତୀୟ ଦଳ ଏକ ଅବିଶ୍ୱସନୀୟ ବିଜୟ ହାସଲ କରିଛି। ଫାଇନାଲରେ ସେମାନେ ଜବରଦସ୍ତ ଦକ୍ଷତା ଓ ଆତ୍ମବିଶ୍ୱାସ ସହ ପ୍ରଦର୍ଶନ କରିଥିଲେ। ପୂରା ଟୁର୍ନାମେଣ୍ଟରେ ଆମ ଦଳ ଅସାଧାରଣ ଟିମ ୱର୍କ ଓ ଦୃଢ଼ତାର ପରିଚୟ ଦେଇଥିଲେ। ଆମ ଖେଳାଳିଙ୍କୁ ଅଭିନନ୍ଦନ। ଏହି ଐତିହାସିକ ବିଜୟ ଭବିଷ୍ୟତର ଚାମ୍ପିୟନଙ୍କୁ କ୍ରିକେଟକୁ ଆପଣେଇବା ପାଇଁ ମୋଟିଭେଟ କରିବ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ।**

"ବିଶ୍ୱ ଚାମ୍ପିୟନ ଟିମ୍ ଇଣ୍ଡିଆକୁ ହ୍ୟାଟ୍ସ ଅଫ୍। ଏହା ଦେଶ ପାଇଁ ଖୁସି ଓ ଉଲ୍ଲାସର ମୁହୂର୍ତ୍ତ। ଆମ ଦଳ ଆଇସିସି ମହିଳା ବିଶ୍ୱକପ୍ ଜିତି ଭାରତର ଗର୍ବକୁ ଆକାଶରେ ପହଞ୍ଚାଇଛି। ତୁମର ଜବରଦସ୍ତ କ୍ରିକେଟିଂ ଦକ୍ଷତା କୋଟି କୋଟି ଝିଅଙ୍କ ପାଇଁ ପ୍ରେରଣାର ବାଟ ଖୋଲିଦେଇଛି। ପୂରା ଦଳକୁ ଅଭିନନ୍ଦନ।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ।**

"ଆମର ଓମେନ ଇନ ବ୍ଲୁ ଇତିହାସ ରଚିବା ସହ କୋଟି କୋଟି ଦେଶବାସୀଙ୍କ ହୃଦୟକୁ ଛୁଇଁଛି। ତୁମର ସାହାସ, ଧୈର୍ଯ୍ୟ ଓ ଦୃଢ଼ତା ଭାରତ ପାଇଁ ଗର୍ବ ଆଣିଛି। ଏହା ଅଗଣୀତ ଯୁବା ବାଳିକାଙ୍କୁ ଭୟମୁକ୍ତ ହୋଇ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଛି। ତୁମେ କେବଳ ଟ୍ରଫି ଉଠାଇଲ ନାହିଁ, ବରଂ ତୁମେ ଦେଶର ଆତ୍ମାକୁ ଉଠାଇଛ। ଜୟ ହିନ୍ଦ।

**-ରାହୁଲ ଗାନ୍ଧୀ, ଲୋକ ସଭା ବିରୋଧୀ ଦଳ ନେତା।**

"ଆମ ମହିଳା ଦଳର ଚମତ୍କାର ପ୍ରଦର୍ଶନ। ୧୪୦ କୋଟି ଭାରତୀୟ ଏହି ଗର୍ବାନ୍ୱିତ ମୁହୂର୍ତ୍ତର ଆନନ୍ଦ ନେଉଛନ୍ତି। ବିଶ୍ୱ ଚାମ୍ପିୟନ ଭାରତୀୟ ଦଳକୁ ଅଭିନନ୍ଦନ।

**-ଡ. ମନସୁଖ ମାଣ୍ଡବ୍ୟ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ।**

"ବିଶ୍ୱ ଚାମ୍ପିୟନ। ଭାରତକୁ ପ୍ରଥମ ମହିଳା କ୍ରିକେଟ୍ ବିଶ୍ୱକପ୍।

**-ଆଇସିସି।**

"ମହିଳା ବିଶ୍ୱକପ୍ ଜିତିବା ପାଇଁ ଭାରତୀୟ ଦଳକୁ ଅଭିନନ୍ଦନ। ଭାରତୀୟ ନାରୀଶକ୍ତି ଲାଗି ସର୍ବପ୍ରଥମ ବିଶ୍ୱକପ୍ ଏବଂ ପୂରା ଦେଶ ଏଥି ଲାଗି ଚିୟର କରୁଛି। ଏହି ରାତି ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷର ଲିପି ବଦ୍ଧ ହୋଇ ରହିବ ଏବଂ ଆମେ ଭାଗ୍ୟବାନ ଯେ, ଆମକୁ ଇତିହାସ ସୃଷ୍ଟି ହେଉଥିବା ଦେଖିବାକୁ ସୁଯୋଗ ମିଳିଲା।

**-ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

"୧୯୮୩ ବିଶ୍ୱକପ୍ ସଫଳତା ପୂରା ପିଢ଼ିକୁ ବଡ଼ ସ୍ୱପ୍ନ ଦେଖିବା ଓ ସେଗୁଡ଼ିକୁ ପୂରଣ କରିବା ପାଇଁ ପ୍ରେରଣା ଦେଇଥିଲା। ଆଜି ମହିଳା କ୍ରିକେଟ ଦଳ କିଛି ସ୍ୱତନ୍ତ୍ର କରି ଦେଖାଇଛି। ସେମାନେ ଦେଶର ଅଗଣିତ ବାଳିକାଙ୍କୁ ବ୍ୟାଟ ଓ ବଲ ବାଛିବା ପାଇଁ ଏବଂ ସେମାନେ ବି ଦିନେ ଟ୍ରଫି ଉଠାଇପାରିବେ ବିଶ୍ୱାସ କରିବା ପାଇଁ ପ୍ରେରଣା ଦେଇଛି। ଏହା ଭାରତୀୟ ମହିଳା କ୍ରିକେଟ ଯାତ୍ରାର ଖୁସି ଓ ଉଲ୍ଲାସର ମୁହୂର୍ତ୍ତ। ୱେଲ ଡନ, ଟିମ ଇଣ୍ଡିଆ। ତୁମେ ପୂରା ଦେଶକୁ ଗର୍ବିତ କରିଛ।

**-ସଚିନ ତେନ୍ଦୁଲକର, କ୍ରିକେଟ ଆଇକନ**

"ଭାରତୀୟ କ୍ରୀଡ଼ାରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ହରାଇ ଐତିହାସିକ ବିଶ୍ୱକପ୍ ଜିତିବା ପାଇଁ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ। ଏହି ସଫଳତା ହେଉଛି ଆମ ଝିଅଙ୍କର ସୀମାହୀନ କ୍ଷମତାର ପ୍ରମାଣ। ଆମ ଦଳ ପୂରା ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ଧୈର୍ଯ୍ୟ ଓ ଦକ୍ଷତା ପରିଚୟ ଦେଇଥିଲା। ଦେଶର ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କୁ ସେମାନେ ଏଭଳି ପ୍ରେରଣା ଦେବା ଜାରି ରଖନ୍ତୁ।

**-ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା।**


ଉଦ୍‌ଯାପନୀରେ ସୁନିଧି ଚୌହ୍ୱାନଙ୍କ ସଙ୍ଗୀତ ପରିବେଷଣ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଶେଫାଳୀ ବର୍ମା।

## ରଙ୍ଗାରଙ୍ଗ ଉଦ୍‌ଯାପନୀ

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ରବିବାର ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବ ସହ ଶେଷ ହୋଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ର ମଧ୍ୟାନ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ ସୁନିଧି ଚୌହ୍ୱାନଙ୍କ ଗୀତର ତାଳେ ତାଳେ ୬୦ ଡ୍ୟାନ୍ସର ପ୍ରଦର୍ଶନ କରିଥିଲେ। ଏଥିସହିତ କୋରିଓଗ୍ରାଫର ସଞ୍ଜୟ ଶେଟ୍ଟିଙ୍କ ମାର୍ଗଦର୍ଶନରେ ଆତସବାଜୀ, ଲେଜର ଶୋ ଓ ଡ୍ରୋନ ମାଧ୍ୟମରେ ସ୍ୱତନ୍ତ୍ର ଶୋ' ପ୍ରଦର୍ଶିତ କରାଯାଇଥିଲା। ମ୍ୟାଚ୍ ପୂର୍ବରୁ ସୁନିଧି ଭାରତୀୟ ଖେଳାଳିଙ୍କ ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସେହିଭଳି କେପ୍ ଟାଉନର ଟାରିନ ବ୍ୟାଙ୍କ ଦକ୍ଷିଣ ଆଫ୍ରିକାର ଜାତୀୟ ସଙ୍ଗୀତ ଗାନ କରିଥିଲେ।



ମହିଳା ଦିନିକିଆ କ୍ରିକେଟ ବିଶ୍ୱ କପ୍ ଟ୍ରଫି ସହ ସଚିନ ତେନ୍ଦୁଲକର ଓ ଅନ୍ୟମାନେ।



ଶତକ ହାସଲ ପରେ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ଓ୍ୱଲଭାର୍ଡଟ।

# ସୌରଜଗତରେ ଅଜଣା ପରିବ୍ରାଜକ



ଦେବାଶିଷ ମହାନ୍ତି

''ଏଠାରେ ପ୍ରଶ୍ନ ଉଠେ ଯେ ଏହା ଅନ୍ୟ ମହାଜାଗତିକ ବସ୍ତୁମାନଙ୍କଠାରୁ କିପରି ସ୍ୱତନ୍ତ୍ର, ଯେଉଁଥିପାଇଁ ଏହା ବୈଜ୍ଞାନିକମାନଙ୍କ ମନରେ ଏତେ ଉତ୍କଣ୍ଠା ସୃଷ୍ଟି କରିଛି। ୩ଇ/ଆଟଲାସ ଅବିଶ୍ୱସନୀୟ ଭାବରେ ଦ୍ରୁତ ଗତିରେ ଗତି କରୁଛି , ଏତେ ଦ୍ରୁତ ଯେ ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ମଧ ଏହାକୁ ଧରି ରଖିପାରିବ ନାହିଁ। ଏହା ପାଖକୁ ଆସିବା ସହିତ, ସୂର୍ଯ୍ୟକିରଣ ଏହାର ପୃଷ୍ଠକୁ ଉଷ୍ମ କରିଥାଏ, ଯାହାଫଳରେ ବରଫ ଏବଂ ଧୂଳି ବାଷ୍ପୀଭୂତ ହୋଇ ଏକ ଉଜ୍ଜ୍ୱଳ ଆଭା ମଣ୍ଡଳ ସୃଷ୍ଟି କରିଥାଏ, ଯାହାକୁ 'କୋମା' କୁହାଯାଏ।''



ଥରେ କଲେଜରୁ ଫେରି ଘରେ ବିଶ୍ରାମ ନେଉଥାଏ। ଏହି ସମୟରେ ପତ୍ନୀ ଲୋପାମୁଦ୍ରା ଫେସ୍‌ବୁକରେ ରିଲ୍ସ ଦେଖୁ ଦେଖୁ ହଠାତ ବିସ୍ମିତ ହୋଇପଡ଼ିଲେ ଓ ତାଙ୍କ ଚକ୍ଷୁ ଡୋଳା ବିସ୍ତାରିତ ହୋଇଗଲା। ସେ ଉତ୍ସାହିତ ହୋଇ ପଚାରିଲେ, ''ତୁମେ ଏ ଖବର ଦେଖିଲଣି? ଖବର କହୁଛି ଯେ ଏକ ଏଲିଏନ ସ୍ପେସଶିପ ଆମ ସୌରମଣ୍ଡଳରେ ପ୍ରବେଶ କରିଛି! ସେମାନେ ଏହାକୁ '୩ଇ/ଆଟଲାସ' କହୁଛନ୍ତି। ଏହା ପ୍ରକୃତରେ କ'ଣ?'' ମୁଁ ନ ହସି ରହିପାରିଲି ନାହିଁ। ଏହା ଏକ ଏଲିଏନ ସ୍ପେସଶିପ ନୁହେଁ, ମୁଁ ଉତ୍ତର ଦେଲି। 'କିନ୍ତୁ ହଁ – ଆମ ସୌରମଣ୍ଡଳରେ ପ୍ରକୃତରେ କିଛି ଆଶ୍ଚର୍ଯ୍ୟଜନକ ବସ୍ତୁ ପ୍ରବେଶ କରିଛି। ଏହା ଏ ସୌରଜଗତର ନୁହେଁ, ସେଥିପାଇଁ ତାହା ବୈଜ୍ଞାନିକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହା ସମସ୍ତଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ସେ ବିସ୍ମିତ ହୋଇ ପଚାରିଲେ। ତେବେ ଏହା ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଥିବା, ଆମ ଉପରେ ଗୁପ୍ତଚର କରିବା ପାଇଁ ଆସିଥିବା ଏଲିଏନ ସ୍ପେସଶିପ ନୁହେଁ?'

ମୁଁ ସାମାନ୍ୟ ହସିକି କହିଲି, 'ନାଁ, ତୁମେ ଯେପରି ଭାବୁଛ ସେପରି ଏଲିଏନ ମହାକାଶ ଯାନ ନୁହେଁ। କିନ୍ତୁ ଏହା ଅନ୍ୟ ଏକ ତାରାମଣ୍ଡଳର ପରିଦର୍ଶକ – ଜଣେ ଅନ୍ତଃନକ୍ଷତ୍ରୀୟ ଯାତ୍ରୀ। ଏହାକୁ ଏକ ମହାଜାଗତିକ ବାର୍ତ୍ତାବାହକ ଭାବରେ ଭାବିବା ଯିଏ ଆମେ କେବେ ଦେଖିନଥିବା ଦୁନିଆରୁ ଅଜଣା ବାର୍ତ୍ତା ଆଣିଛି।' ଏହାଶୁଣି ଲୋପା ଉତ୍କଣ୍ଠାପୂର୍ଣ୍ଣ ନୟନରେ ମୋ ଆଡ଼କୁ ଅନାଇଲେ। ତାଙ୍କ ଉତ୍କଣ୍ଠା ଦେଖି, ଆମ ସମୟର ସବୁଠାରୁ ରୋମାଞ୍ଚକର ଆବିଷ୍କାର ମଧ୍ୟରୁ ଗୋଟିଏ ବିଷୟରେ ମୋର ବ୍ୟାଖ୍ୟା ଆରମ୍ଭ କଲି। ୩ଇ/ଆଟଲାସ ଏକ ରହସ୍ୟମୟ ବସ୍ତୁ, ଯାହାର ଆଗମନ ଜ୍ୟୋତିର୍ବିଜ୍ଞାନୀ, ବୈଜ୍ଞାନିକ ଏବଂ ସାଧାରଣ ଜନତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚିଲିରେ ଆଟଲାସ ସର୍ଭେ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଚଳିତ ବର୍ଷ ଜୁଲାଇ ୧ରେ ଆବିଷ୍କୃତ '୩ଇ/ଆଟଲାସ' ହେଉଛି ଆମର ସୌରମଣ୍ଡଳ ଦେଇ ଗତି କରୁଥିବା ତୃତୀୟ ଆନ୍ତଃନାକ୍ଷତ୍ରିକ ବସ୍ତୁ। ଏହାର ଏପରି ନାମକରଣ ହେବାର ଯଥାର୍ଥତା ହେଲା '୩ଆଇ' ର ଅର୍ଥ 'ତୃତୀୟ ଆନ୍ତଃନାକ୍ଷତ୍ରିକ,' (3rd interstellar) ଏବଂ 'ଆଟଲାସ' ହେଉଛି ଏହାକୁ ଖୋଜିଥିବା ଟେଲିସ୍କୋପର ନାମ। ଆମେ ଆକାଶରେ ଦେଖୁଥିବା ଅଧିକାଂଶ ବସ୍ତୁ – ଗ୍ରହ, ଧୂମକେତୁ, ଗ୍ରହାଣୁ , ଆମ ସୌରଜଗତ ପରିବାରର ଅଂଶ। ଏମାନେ କୋଟି କୋଟି ବର୍ଷ ଧରି ବିଶ୍ୱସ୍ତ ଭାବରେ ଆମର ସୂର୍ଯ୍ୟଙ୍କୁ ପରିକ୍ରମା କରୁଛନ୍ତି। କିନ୍ତୁ ୩ଇ/ଆଟଲାସ ଏମାନଙ୍କଠାରୁ ଭିନ୍ନ। ଏହା ସୂର୍ଯ୍ୟ ଚାରିପାଖରେ ପରିକ୍ରମା କରେ ନାହିଁ। ଏହା ଏକ ହାଇପରବୋଲିକ୍ ପଥ ଅନୁସରଣ କରି ଭ୍ରମଣ କରୁଛି। ତା'ର ଭ୍ରମଣ ପଥରେ ଆମ ସୌରଜଗତ ପଡ଼ିବାରୁ କିଛି ସମୟ ପାଇଁ ଏକ ଅଜଣା ସଂକ୍ଷିପ୍ତ ପରିଦର୍ଶକ ଭାବରେ ଆମ ସୌରଜଗତକୁ ବୁଲି ଆସିଛି। ତା'ର ଭ୍ରମଣ ସାରି ପୁଣି ବ୍ରହ୍ମାଣ୍ଡର ଅନନ୍ତ ଅନ୍ଧକାରକୁ ଫେରିଯିବ। ଏହାର ଆଗମନ ହେଉଛି ଏକ ବୋତଲରେ ଲୁକ୍କାୟିତ, ଦୂର ଦୂରାନ୍ତରର ଅନ୍ୟ ଗ୍ରହ ପ୍ରଣାଳୀ ବିଷୟରେ ସୂଚନା ବହନ କରିଥିବା ଏକ ବାର୍ତ୍ତା ପରି, ଯାହା ମହାଜାଗତିକ ସମୁଦ୍ର ଦେଇ ଭାସି ଯାଉଛି।

ଏଠାରେ ପ୍ରଶ୍ନ ଉଠେ ଯେ ଏହା ଅନ୍ୟ ମହାଜାଗତିକ ବସ୍ତୁମାନଙ୍କଠାରୁ କିପରି ସ୍ୱତନ୍ତ୍ର, ଯେଉଁଥିପାଇଁ ଏହା ବୈଜ୍ଞାନିକମାନଙ୍କ ମନରେ ଏତେ ଉତ୍କଣ୍ଠା ସୃଷ୍ଟି କରିଛି। ୩ଇ/ଆଟଲାସ ଅବିଶ୍ୱସନୀୟ ଭାବରେ ଦ୍ରୁତ ଗତିରେ ଗତି କରୁଛି, ଏତେ ଦ୍ରୁତ ଯେ ସୂର୍ଯ୍ୟର ଗୁରୁତ୍ୱାକର୍ଷଣ ମଧ ଏହାକୁ ଧରି ରଖିପାରିବ ନାହିଁ। ଏହା ପାଖକୁ ଆସିବା ସହିତ ସୂର୍ଯ୍ୟକିରଣ ଏହାର ପୃଷ୍ଠକୁ ଉଷ୍ମ କରିଥାଏ, ଯାହା ଫଳରେ ବରଫ ଏବଂ ଧୂଳି ବାଷ୍ପୀଭୂତ ହୋଇ ଏକ ଉଜ୍ଜ୍ୱଳ ଆଭା ମଣ୍ଡଳ ସୃଷ୍ଟି କରିଥାଏ ଯାହାକୁ 'କୋମା' କୁହାଯାଏ। ଯେତେବେଳେ ଚଳିତ ବର୍ଷ ଜୁଲାଇରେ ପ୍ରଥମେ ଏହା ଦେଖାଦେଇଥିଲା, ସେତେବେଳେ ଏହାର କୋମାର ରଙ୍ଗ ରକ୍ତିମ ଲାଲ ଥିଲା। ଏହାର ବାହ୍ୟ ପୃଷ୍ଠରେ ସୂର୍ଯ୍ୟକିରଣର ପ୍ରତିଫଳନ ଯୋଗୁ ସମ୍ଭବତଃ ଏହି ରଙ୍ଗ ଦେଖାଯାଉଥିଲା। ସେପ୍ଟେମ୍ବର ମାସ ବେଳକୁ ଲାଲ ରଙ୍ଗ ବଦଳରେ ଏହାର ପୃଷ୍ଠରୁ ସବୁଜ ରଶ୍ମୀ ନିର୍ଗତ ହେଲା। ବୈଜ୍ଞାନିକ ମାନଙ୍କ ମତରେ ଲକ୍ଷ ଲକ୍ଷ ବର୍ଷ ଧରି ଏହା ପୃଷ୍ଠରେ ଗଚ୍ଛିତ ଥିବା ଜୈବିକ ଅଣୁ ସୂର୍ଯ୍ୟ ରଶ୍ମୀ ସଂସ୍ପର୍ଷରେ ଆସିବା ଯୋଗୁ ବିଘଟନ ଘଟି ସୃଷ୍ଟି କରୁଥିବା ସାୟାନାଇଡ ଓ ଦୁଇ ପରମାଣୁ ବିଶିଷ୍ଟ ଅଙ୍ଗାରକ ଅଣୁ ଏହି ସବୁଜ ରଙ୍ଗ ଉତ୍ପନ୍ନ କରୁଛନ୍ତି। ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର (JWST) ବ୍ୟବହାର କରି, ବୈଜ୍ଞାନିକମାନେ କିଛି ଆଶ୍ଚର୍ଯ୍ୟଜନକ ଜିନିଷ ପାଇଥିଲେ। ଏହାର କୋମା ଅସାଧାରଣ ଭାବରେ କାର୍ବନ ଡାଇଅକ୍ସାଇଡରେ ସମୃଦ୍ଧ ଏବଂ ସାଧାରଣ ଧୂମକେତୁ ତୁଳନାରେ ଏଥିରେ କମ ପାଣି ଅଛି। ଏହି ପାର୍ଥକ୍ୟ ସୂଚାଇ ଦିଏ ଯେ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ସୌରମଣ୍ଡଳରେ ହୁଏତ ଆମ ଠାରୁ ବିପରୀତ ପରିସ୍ଥିତିରେ ଅନ୍ୟ ଏକ ତାରା ଚାରିପାଖରେ ଗଠିତ ହୋଇଅଛି। କଥା ଏତିକିରେ ସରିନାହିଁ, ଯେତେ ଯେତେ ସେ ପାଖକୁ ଆସୁଛି, ସେତେ ବିସ୍ମୟକର ତଥ୍ୟ ସାମ୍ନାକୁ ଆସୁଛି। ତେଣୁ ତା'ର କାହାଣୀ ଆହୁରି ରୋମାଞ୍ଚକର ଓ ଅନିଶ୍ଚିତ ହେଇଯାଉଛି। ଏହି କ୍ରମରେ ଏପରି ଏକ ଆବିଷ୍କାର ଆସିଲା ଯାହା ବୈଜ୍ଞାନିକ ଜଗତକୁ ଚହଳ ପକାଇଲା। ସାମ୍ପ୍ରତିକ ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ତଥ୍ୟ ସୂଚାଇଲା ଯେ ୩ଇ/ଆଟଲାସ ଆଲୋକର ବେଗ ଅପେକ୍ଷା ଦ୍ରୁତ ଗତିରେ ଗତି କରୁଥିବା ପରି ମନେ ହେଉଛି! ଏକଥା ଶୁଣି ଲୋପାଙ୍କ ପାଟିରୁ ତତକ୍ଷଣାତ୍ ବାହାରି ଆସିଲା 'ଅସମ୍ଭବ!' ସେ ମୋତେ କହିଲେ, ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱକୁ କ'ଣ ଭୁଲିଗଲ? ଏହି ତତ୍ତ୍ୱ ଅନୁସାରେ କୌଣସି ବସ୍ତୁ ଆଲୋକ ଅପେକ୍ଷା ଦ୍ରୁତଗତିରେ ଯାଇପାରିବ ନାହିଁ? ମୁଁ କହିଲି, ହଁ, ସେଥିପାଇଁ ବୈଜ୍ଞାନିକମାନେ ସତର୍କ ଅଛନ୍ତି। ଏହି ଅବିଶ୍ୱସନୀୟ ପର୍ଯ୍ୟବେକ୍ଷଣର ଅର୍ଥ ନୁହେଁ ଯେ ୩ଇ/ଆଟଲାସ ପ୍ରକୃତରେ ମହାଜାଗତିକ ଗତି ସୀମା ଭଙ୍ଗ କରୁଛି। ଏହା ଦ୍ରୁତ ଗତିରେ ଗତିଶୀଳ ଧୂଳି ଏବଂ ଗ୍ୟାସ ସହିତ ଆଲୋକର ପ୍ରତିକ୍ରିୟା ଯୋଗୁ ଦୃଷ୍ଟି ଭ୍ରମ ସୃଷ୍ଟି ପାଇଁ ହୋଇପାରେ କିମ୍ବା ଦୂରବୀକ୍ଷଣ ଯନ୍ତ୍ରର ସେନ୍ସରଗୁଡ଼ିକ ଗଣନାରେ କୌଣସି ତ୍ରୁଟି ଯୋଗୁ ମଧ ହୋଇପାରେ। ତଥାପି ଏହି ଆବିଷ୍କାର ପଦାର୍ଥ ବିଜ୍ଞାନର ଆମର ବୁଝାମଣାକୁ ଚ୍ୟାଲେଞ୍ଜ କରିଛି ଏବଂ ଅତିଶୟ କଠିନ ପରିସ୍ଥିତିରେ ପଦାର୍ଥର ଆଚରଣ ବିଷୟରେ ଅନେକ ନୂତନ ପ୍ରଶ୍ନ ସୃଷ୍ଟି କରିଛି। କୌଣସି ଅଦୃଶ୍ୟ ଶକ୍ତି ଏହାର ଗତିକୁ ନିୟନ୍ତ୍ରଣ କରୁଛି କି? ଆମେ ଜାଣିଥିବା ଭୌତିକ ବିଜ୍ଞାନର ନିୟମ ବାହାରେ ବି ଆହୁରି ଅନେକ କିଛି ଅଛି ଯାହାକୁ ଏହା ପ୍ରକାଶ କରିଛି, ଯାହା ଆମେ ଏବେ ଯାଏ ଜାଣି ନାହେଁ! (କ୍ରମଶଃ..)

–ବରିଷ୍ଠ ପ୍ରାଧ୍ୟାପକ ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ, ବି.ଜେ.ବି.
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ : ୯୮୬୧୩୯୧୧୯୦

## ସହଜରେ ନିରୂପଣ ହେବ ଫୁସ୍‌ଫୁସ୍ କ୍ୟାନ୍‌ସର



କଥାରେ ଅଛି–'କ୍ୟାନ୍‌ସର ନୋ ଆନ୍‌ସର'। ହେଲେ ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେଉଁଭଳି ଉନ୍ନତି କରୁଛି ତାକୁ ଆଧାର କରି ଏବେ କ୍ୟାନ୍‌ସର ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାରମ୍ଭରୁ ଚିହ୍ନଟ କରାଯାଇପାରୁଛି ଏବଂ କେତେକେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ମଧ କରିପାରୁଛନ୍ତି। କିନ୍ତୁ ଏହାକୁ ଚିହ୍ନଟ କରିବାରେ ଯଦି ବିଳମ୍ବ ହେଲା ତେବେ ତାହା ସମସ୍ୟାକୁ ଆହୁରି ବଢ଼େଇ ଦେଇଥାଏ। ଏପରିକି କ୍ୟାନ୍‌ସର ଅକାଳ ମୃତ୍ୟୁର କାରଣ ସାଜିଥାଏ। ତେବେ ନିକଟରେ ସ୍ୱିଡେନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ଏକ ସଫ୍ଟୱେର ଉଦ୍ଭାବନ କରିଛନ୍ତି ଯାହାଦ୍ୱାରା ଫୁସ୍‌ଫୁସ୍ କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ। ଏହାକୁ ପ୍ରାଥମିକ ସ୍ତରରେ ପରୀକ୍ଷା କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ 'କ୍ୟୁରେ ଏଆଇ' ନାମକ ଏହି ସଫ୍ଟୱେର କିପରି ଆହୁରି ଉନ୍ନତମାନର ହେବ ସେ ନେଇ ଚେଷ୍ଟା ଜାରି ରହିଛି।

## ବ୍ରେକ୍‌ଫାଷ୍ଟରେ ଅନିୟମିତତା ହେଲେ...



ସକାଳର ପ୍ରଥମ ଖାଦ୍ୟ ହେଉଛି ବ୍ରେକ୍‌ଫାଷ୍ଟ। ଏହାକୁ ନିୟମିତ ଖାଇବା ଦରକାର। ତଟକା ଫଳମୂଳ, ଜୁସ୍, ସାଲାଡ ଆଦିକୁ ଏଥିରେ ସାମିଲ କରନ୍ତୁ। କିନ୍ତୁ ଯଦି ଏଥିରେ ଅନିୟମିତତା ଦେଖାଯାଏ ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ବିଶେଷଭାବରେ ଏହି ସମସ୍ୟା ଲାଗି ରହିଲେ ତାହା ଭବଷ୍ୟତରେ ରକ୍ତଚାପ ବା ବ୍ଲଡପ୍ରେସର ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ରେକଫାଷ୍ଟ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ହୋଇଥିବା ଏକ ସର୍ଭେରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିବାକୁ ପାଇଥିଲେ। ବ୍ରେକ୍‌ଫାଷ୍ଟରେ ଅନିୟମିତତା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ରକ୍ତଚାପ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ରକ୍ତଚାପର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ନିୟମିତ ବ୍ରେକ୍‌ଫାଷ୍ଟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଦୃଷ୍ଟିଶକ୍ତି ବଢ଼ାଏ ଗାଜର



ଆମେ ଖାଉଥିବା ବିଭିନ୍ନ ପନିପରିବାରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ସବୁଜ ପନିପରିବାରେ ଭିଟାମିନ୍ ପ୍ରଚୁର ପରିମାଣରେ ଅଛି। ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡ଼ାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ଗାଜରର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପଯୋଗୀ। ଏହା ସୂର୍ଯ୍ୟକିରଣଠାରୁ ଆଖିକୁ ରକ୍ଷା କରିଥାଏ। ଅନ୍ୟପକ୍ଷରେ ଏଥିରେ ଭିଟାମିନ୍ ସି' ଭରି ରହିଛି। ନିୟମିତ ଗାଜର ଖାଇଲେ ସେଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଡାଇବେଟିସ ଏପରିକି କ୍ୟାନ୍‌ସର ଆଶଙ୍କା କେତେକାଂଶରେ ଦୂର କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ଏହା ସାହାଯ୍ୟ କରିବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖେ। ଗାଜର ମଧ ହାର୍ଟ ପାଇଁ ଉପକାରୀ। ଏହା ମଧ ଶରୀରର ଓଜନକୁ ସନ୍ତୁଳିତ ରଖେ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହାଦ୍ୱାରା ଦାନ୍ତମୂଳ ଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। କେଶମୂଳକୁ ମଧ ଏହା ଦୃଢ଼ ରଖିବାରେ ସାହାଯ୍ୟ କରେ।

## ମେଦବହୁଳତା କମାଏ ସନ୍ତୁଳିତ ଜୀବନଶୈଳୀ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ମେଦବହୁଳତା ଅନ୍ୟତମ। ବିଶେଷଭାବରେ ଅସନ୍ତୁଳିତ ଖାଦ୍ୟପେୟ ବ୍ୟତୀତ ଆଉ କେତେକ କାରଣ ଏଥିପାଇଁ ଦାୟୀ। ତେବେ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେଇପାରନ୍ତି। ତାହା ହେଲା ସନ୍ତୁଳିତ ଜୀବନଶୈଳୀ। 'ମେଦବହୁଳତା ଏବଂ ସନ୍ତୁଳିତ ଜୀବନଶୈଳୀ' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଏହି ସମୟରେ ସେମାନେ ମେଦବହୁଳତା ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ସେମାନଙ୍କର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମେଦ ବହୁଳତା ଉପରେ କିପରି ପଡୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ପରିଶେଷରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣକୁ ଆସିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଏହାସହ ଖାଦ୍ୟପେୟ ଏବଂ ବ୍ୟାୟାମ ଉପରେ ଧ୍ୟାନ ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣି ରଖନ୍ତୁ



➔ନିଜ ଶରୀରରେ କୋଲେଷ୍ଟରଲ ପରିମାଣ ଯେପରି ସବୁବେଳେ ସନ୍ତୁଳିତ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ବିଶେଷଭାବରେ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ।

➔ନିୟମିତ ସମୟ ବ୍ୟବଧାନରେ ନିଜ ଘରେ ରଖିଥିବା ଫାଷ୍ଟ–ଏଡ୍ ବକ୍ସ ଚେକ୍ କରି ନିଅନ୍ତୁ। ଘରେ ଯଦି କୌଣସି ମେଡିସିନ୍ ରଖିଛନ୍ତି ତେବେ ତାହାର ଏକ୍ସପାଏରି ତାରିଖ ବିଷୟରେ ଅବଗତ ହୁଅନ୍ତୁ।

➔ନିଜେ ସୁସ୍ଥ ରହିବା ଅନେକାଂଶରେ ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ଏଥିନେଇ ନିଜ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

➔ବାହାର ଖାଦ୍ୟ ବିଶେଷ ଭାବରେ ଷ୍ଟ୍ରିଟ୍ ଫୁଡ୍ ସବୁବେଳେ ଖାଇବାର ଯଦି ଅଭ୍ୟାସ ଅଛି ତେବେ ଏହାକୁ ନିୟନ୍ତ୍ରଣକୁ ଆଣନ୍ତୁ।

➔ଯଦି ଡାକ୍ତରଙ୍କ ସହ ନିଜର କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରୁଛନ୍ତି ତେବେ ସେ ପଚାରୁଥିବା ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି କି? ଯଦି ହଁ, ତେବେ ଏହାକୁ ତୁରନ୍ତ ବର୍ଜନ କରନ୍ତୁ। ଏଭଳି ଅଭ୍ୟାସ ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ ହୃଦ୍‌ଜନିତ ସମସ୍ୟା ଏପରି କି କ୍ୟାନ୍‌ସରର କାରଣ ମଧ ସାଜିଥାଏ।

➢ଯଦି ବ୍ୟାୟାମ କରୁଛନ୍ତି ତେବେ ଠିକ୍ ପରେ ପରେ ପାଣି କିମ୍ବା କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ। କିଛି ସମୟରେ ପାଣି ପିଅନ୍ତୁ।



➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କିଛି ପରିମାଣର ପ୍ରୋଟିନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➢ବୟସ ୫୦ ଟପିଥିଲେ ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ଶରୀର ସମ୍ପୂର୍ଣ୍ଣ ରୋଟିନ୍ ଚେକ୍‌ଅପ କରାଇ ନିଅନ୍ତୁ। କାରଣ ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

➢କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଯଦି ନିଜର ସବିଶେଷ ଜ୍ଞାନ ନାହିଁ ତେବେ ଅନ୍ୟମାନଙ୍କୁ ଏ ବିଷୟରେ ଉପଦେଶ ଦେବା ଠିକ୍ ନୁହେଁ।

➢ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ଗୋଡ଼, ହାତ ଏବଂ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➢ଶରୀରରେ ଜଳୀୟ ଅଂଶ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଆବଶ୍ୟକ।

ନୋବେଲ ପୁରସ୍କାର-୨୦୨୫ (ରସାୟନ ବିଜ୍ଞାନ)

# ମେଟାଲ ଅର୍ଗାନିକ୍ ଫ୍ରେମୱାର୍କ

(ଶେଷ ଭାଗ)

### ସୁଷୁମୁ କିଟାଗାୱା

ସୁଷୁମୁ କିଟାଗାୱା ୧୯୫୧ ମସିହା ଜୁଲାଇ ୪ ତାରିଖରେ ଜାପାନର କ୍ୱିଟୋଠାରେ ଜନ୍ମଗ୍ରହଣ କରିଥିଲେ। ସେ କ୍ୱିଟୋ ବିଶ୍ୱବିଦ୍ୟାଳୟରୁ ରସାୟନବିଜ୍ଞାନରେ ଡକ୍ଟରେଟ (୧୯୭୯) ପ୍ରାପ୍ତ ହେଲା ପରେ କିଣ୍ଡାଇ ବିଶ୍ୱବିଦ୍ୟାଳୟ ଏବଂ ଟୋକିଓ ମେଟ୍ରୋପଲିଟାନ୍ କିଣ୍ଡାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ତପ୍ତରେ ସେ କ୍ୱିଟୋ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ (୧୯୯୮) ଏବଂ ବର୍ତ୍ତମାନ ସେଠାରେ 'ଡିଷ୍ଟିନ୍‌ଗୁଇସ୍‌ଡ ପ୍ରଫେସର' ପଦରେ ଅଧିଷ୍ଠିତ। ରସାୟନ ବିଜ୍ଞାନକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି କିଟାଗାୱାଙ୍କୁ ମିଳିଛି ଚଳିତ ବର୍ଷର ନୋବେଲ ବ୍ୟତୀତ ଆହୁରି ଅନେକ ପୁରସ୍କାର ଓ ସମ୍ମାନ। ସେଗୁଡିକ ମଧ୍ୟରେ ରହିଛି–ଜାପାନ ସରକାରଙ୍କ 'ମେଡାଲ ଉଇଥ ପରପଲ ରିବନ୍, ହମ୍‌ବୋଲ୍‌ଟ ରିସର୍ଚ୍ଚ ପ୍ରାଇଜ ଏବଂ ଲେଓ ଇସାକେ ପ୍ରାଇଜ। ୨୦୧୩ ମସିହାରେ ସେ ରୟାଲ ସୋସାଇଟିର 'ଫେଲୋ' ରୂପେ ନିର୍ବାଚିତ ହୋଇଥିଲେ।

### ରିଚାର୍ଡ ରୋବସନ୍

ରିଚାର୍ଡ ରୋବସନ ୧୯୩୭ ମସିହା ଜୁନ୍ ୪ ତାରିଖରେ ଇଂଲଣ୍ଡର ଗ୍ଲୁସବର୍ଣ୍ଣଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ମସିହାରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଏବଂ ପରେ କାଲିଫର୍ନିଆ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଓ



ଷ୍ଟନଫୋର୍ଡ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା କରିବା ପରେ ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟରେ ୧୯୬୬ରେ ଯୋଗ ଦେଇଥିଲେ। ସେଠାରେ ସେ ଏବେ 'ଏମିରେଟସ ପ୍ରଫେସର' ରୂପେ କାର୍ଯ୍ୟରତ। ଏହା ପୂର୍ବରୁ 'ବ୍ୟୁରୋ ଆୱାର୍ଡ' (୧୯୯୫) ଆଦି ପୁରସ୍କାର ଲାଭ କରିସାରିଥିଲେ। ତା'ସହ ଆମେରିକାନ୍ ଏକାଡେମୀ ଅଫ ସାଇନସେସ (୨୦୦୦) ଏବଂ ରୟାଲ ସୋସାଇଟିର 'ଫେଲୋ' ରୂପେ ନିର୍ବାଚିତ ହୋଇଥିଲେ।

### ଓମାର ୱାଘି

ଓମାର ୱାଘି ୧୯୬୫ ମସିହା ଫେବୃୟାରୀ ୪ ତାରିଖରେ ଜୋର୍ଡାନର ଓମାନ୍‌ଠାରେ ଏକ ଶରଣାର୍ଥୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ୧୫ ବର୍ଷ ବୟସରେ ଆମେରିକା ଚାଲିଯାଇଥିଲେ ଏବଂ ସେଠାରେ ତାଙ୍କର ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କୁ ୧୯୯୦ ମସିହାରେ ଇଲିନଏସ୍ ଅର୍ବାନ–କ୍ୟାପେନ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ମିଳିଲା ପରେ ସେ ଆରିଜୋନା ଷ୍ଟେଟ ବିଶ୍ୱବିଦ୍ୟାଳୟ (୧୯୯୨–୧୯୯୮) ଏବଂ ମିଚିଗାନ ବିଶ୍ୱବିଦ୍ୟାଳୟରେ (୧୯୯୯–୨୦୦୦) ଅଧ୍ୟାପନା କରିଥିଲେ। ତପ୍ତରେ ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ, ବେରକେଲେରେ ଯୋଗଦେଲେ ଏବଂ ସେଠାରେ ଏବେ ମଧ ପ୍ରଫେସର ରୂପେ କାର୍ଯ୍ୟରତ। ଚଳିତ ବର୍ଷର ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ପୂର୍ବରୁ ସେ ରସାୟନ ବିଜ୍ଞାନରେ ଉଲ୍‌ଫ ପୁରସ୍କାର (୨୦୧୮), ସାକୋନି ମେଡାଲ (୨୦୦୪) ଏବଂ ଭିନ୍ ଫିଉଚର ପୁରସ୍କାର (୨୦୨୨) ପାଇସାରିଥିଲେ।

ଏହି ତ୍ରୟ ବୈଜ୍ଞାନିକଙ୍କ ଗବେଷଣା ବିଷୟରେ ନୋବେଲ ପୁରସ୍କାର କମିଟିର ଅଧ୍ୟକ୍ଷ ହିନେର ଲିଙ୍କେ କହନ୍ତି, ''ଏମ୍‌ଓଏଫ୍‌ରେ ରହିଛି ଏକ ବିଶାଳ ତଥା ବିସ୍ମୟକର ଭବିଷ୍ୟତ। ବିଭିନ୍ନ କ୍ଷେତ୍ରରେ ଏହାର ପ୍ରୟୋଗ ମାନବଜାତିର ବିଭିନ୍ନ କଲ୍ୟାଣକର କାର୍ଯ୍ୟରେ ନିୟୋଜିତ ହୋଇପାରିବ।''

–ପ୍ର. ରମେଶ ଚନ୍ଦ୍ର ପରିଡ଼ା
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୩/୨୦୨୫ Bhubaneswar, Monday, November 3/ 2025




# ତୃତୀୟ ଟି୨୦ ଜିତିଲା ଭାରତ

**ହୋବାର୍ଟ,୨।୧୧**

ଅର୍ଶଦୀପ ସିଂଙ୍କ ପ୍ରଭାବୀ ବୋଲିଂ ଓ ବ୍ୟାଟରଙ୍କ ମିଳିତ ପ୍ରଦର୍ଶନରେ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍‌କୁ ଭାରତୀୟ ଦଳ ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ୧-୧ରେ ବରାବର ସ୍ଥିତିରେ ପହଞ୍ଚିଛି। ହୋବାର୍ଟ ଗ୍ରାଉଣ୍ଡରେ ଏହା ଘରୋଇ ଅଷ୍ଟ୍ରେଲିଆ ଦଳର ପ୍ରଥମ ପରାଜୟ। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ୬ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ୩ ଓଭର ମଧ୍ୟରେ ଅର୍ଶଦୀପ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ (୬) ଓ ଜୋଶ ଇଙ୍ଗଲିସ(୧)ଙ୍କୁ ଆଉଟ୍ କରି ସୂର୍ଯ୍ୟଙ୍କ ନିଷ୍ପତ୍ତିକୁ ଠିକ୍ ସାବ୍ୟସ୍ତ କରିଥିଲେ। ଅଧିନାୟକ ମିଚେଲ ମାର୍ଶ (୧୧) ଓ ଟିମ ଡେଭିଡ୍ ତୃତୀୟ ଉଇକେଟରେ ଦ୍ରୁତ ୫୯ ରନ ଯୋଡ଼ିଥିଲେ। ନବମ ଓଭରରେ ବରୁଣ ଚକ୍ରବର୍ତ୍ତୀ ଲଗାତର ଦୁଇ ବଲରେ ମାର୍ଶ ଓ ମିଚେଲ ଓୱେନ (୦)ଙ୍କୁ ପାଭିଲିଅନ ପଠାଇଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ଡେଭିଡ୍‌ଙ୍କୁ ଶିବମ ଦୁବେ ବାଉଣ୍ଡ୍ରି ଲାଇନରେ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଡେଭିଡ୍ ୩୮ ବଲରେ ୭୪ (୮ ଚୌକା ଓ ୫ ଛକା) ରନ କରିଥିଲେ। ଶେଷ ଆଡ଼କୁ ଷ୍ଟୋଇନିସ ଓ ମାଥ୍ୟୁ ଶର୍ଟ ଷଷ୍ଠ ଉଇକେଟରେ ୬୪ ରନ ଯୋଡ଼ି ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଷ୍ଟୋଇନିସ ୩୯ ବଲରେ ୬୪ (୮ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଶର୍ଟ ୨୬ (୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୬ ରନ କରିପାରିଥିଲା। ଭାରତ ପାଇଁ ଅର୍ଶଦୀପ ୩, ଚକ୍ରବର୍ତ୍ତୀ ୨ ଓ ଦୁବେ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ ଅଭିଷେକ ଶର୍ମା ଓ ଶୁବମନ ଗିଲ। ଅଭିଷେକ ୧୬ ବଲରେ ୨୫ (୨ ଲେଖାଏ ଚୌକା ଓ ଛକା) ଓ ଗିଲ ୧୫ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ୧୧ ବଲରେ ୨୪ (୧ ଚୌକା ଓ ୨ ଛକା), ତିଳକ ବର୍ମା ୨୯ (୧ ଲେଖାଏ ଚୌକା ଓ ଛକା) ଓ ଅକ୍ଷର ପଟେଲ ୧୭ (୧ ଚୌକା) ରନ କରି ପାଭିଲିଅନ ଫେରିଥିଲେ। ୱାଶିଂଟନ ସୁନ୍ଦର ୨୩ ବଲରେ ୪୯ (୩ ଚୌକା ଓ ୪ ଛକା) ଓ ଜୀତେଶ ଶର୍ମା ୨୨ (୩ ଚୌକା) ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଭାରତ ୧୮.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆ ପାଇଁ ନାଥନ ଏଲିସ ୩ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ଅର୍ଶଦୀପ ସିଂ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୮୬/୬ (ଟିମ ଡେଭିଡ୍-୭୪, ମାର୍କସ ଷ୍ଟୋଇନିସ-୬୪, ମାଥ୍ୟୁ ଶର୍ଟ-୨୬*, ଅର୍ଶଦୀପ ସିଂ-୩/୩୫, ବରୁଣ ଚକ୍ରବର୍ତ୍ତୀ-୨/୩୩)। ଭାରତ: ୧୮.୩ ଓଭରରେ ୧୮୮/୫ (ୱାଶିଂଟନ ସୁନ୍ଦର-୪୯*, ତିଳକ ବର୍ମା-୨୯, ଅଭିଷେକ ଶର୍ମା-୨୫, ନାଥନ ଏଲିସ-୩/୩୬)।

## ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ସ୍କୋର ବୋର୍ଡ

**ଭାରତ ଇନିଂସ**
ସ୍ମୃତି ମନ୍ଧାନା-କ-ସିନାଲୋ ଜାଫ୍ଟା-ବୋ-୪୫
ଶେଫାଳୀ ବର୍ମା-କ-ସୁନ୍ ଲୁସ-ବୋ-ଆୟା ବଙ୍ଗା ଖାକା-୮୭
ଜେମିମା ରୋଡ୍ରିଗ୍ସ-କ- ଲାଉରା ଓଲ୍ଭାର୍ଡଟ-ବୋ- ଆୟାବୋଙ୍ଗା-୨୪
ହରମନପ୍ରୀତ କୌର-ବୋ-ନନ୍‌କୁଲୁଲେକୋ ମଲାବା-୨୦
ଦୀପ୍ତି ଶର୍ମା-ରନଆଉଟ-୫୮
ଅମନଜୋତ କୌର-କଟ୍ ଆଣ୍ଡ ବୋଲ୍ଡ-ନାଡିନ୍ ଡି'କ୍ଲର୍କ-୧୨
ରିଚା ଘୋଷ-କ-ଆନେରି ଡେର୍କସନ-ବୋ-ଆୟାବୋଙ୍ଗା-୩୪
ରାଧା ଯାଦବ-ନଟ୍ ଆଉଟ୍-୩
**ଅତିରିକ୍ତ:**୧୫
**ମୋଟ :** (୫୦ ଓଭର/୭ ଉଇକେଟ) ୨୯୮।
ଉଇକେଟ ପତନ: ୧/୧୦୪, ୨/୧୬୬, ୩/୧୭୧, ୪/୨୨୩, ୫/୨୪୫, ୬/୨୯୨, ୭/୨୯୮।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ମାରିଜାନେ କାପ୍ ୧୦-୧-୫୯-୦
ଆୟାବୋଙ୍ଗା ଖାକା ୯-୦-୫୮-୩
ନନ୍‌କୁଲୁଲେକୋ ମଲାବା ୧୦-୦-୪୭-୧
ନାଡିନ୍ ଡି'କ୍ଲର୍କ ୯-୦-୫୨-୧
ସୁନ୍ ଲୁସ୍ ୫-୦-୩୪-୦
କ୍ଲୋ ଟ୍ରାୟନ୍ ୭-୦-୪୬-୧
**ଦକ୍ଷିଣ ଆଫ୍ରିକା ଇନିଂସ**
ଲାଉରା ଓଲ୍ଭାର୍ଡଟ-କ-ଅମନଜୋତ-ବୋ-ଦିପ୍ତୀ-୧୦୧
ତଜମିନ ବ୍ରିଟ୍ସ-ରନଆଉଟ-୨୩
ଆନିକ୍ ବୋସ୍କ-ଏଲ୍‌ବିଡବ୍ଲ୍ୟୁ-ଶ୍ରୀ ଚରଣୀ-୦
ସୁନ୍ ଲୁସ୍-କଟ୍ ଆଣ୍ଡ୍ ବୋ-ଶେଫାଳି-୨୫
ମାରିଜେନ୍ କାପ୍-କ-ରିଚା ଘୋଷ-ବୋ-ଶେଫାଳୀ-୪
ସିନାଲୋ ଜାଫ୍ଟା-କ-ରାଧା ଯାଦବ-ବୋ-ଦୀପ୍ତି ଶର୍ମା-୧୬
ଆନେରି ଡର୍କସେନ-ବୋ-ଦିପ୍ତୀ ଶର୍ମା-୩୫
କ୍ଲୋ ଟ୍ରାୟନ-ଏଲବିଡବ୍ଲ୍ୟୁ-ଦିପ୍ତୀ ଶର୍ମା-୯
ନାଡିନ୍ ଡି' କ୍ଲର୍କ-କ-ହରମନପ୍ରୀତ-ବୋ-ଦିପ୍ତୀ-୧୮
ଆୟାବୋଙ୍ଗା ଖାକା-ରନଆଉଟ-୧
ନନ୍‌କୁଲୁଲେକୋ ମାଲବା-ନଟଆଉଟ-୦।
ଅତିରିକ୍ତ-୧୪
ମୋଟ : (୪୫.୩ ଓଭର/ଅଲଆଉଟ) ୨୪୬।
ଉଇକେଟ ପତନ:୧/୫୧, ୨/୬୨, ୩/୧୧୪, ୪/୧୨୩, ୫/୧୪୮,୬/୨୦୯, ୭/୨୨୦, ୮/୨୨୧, ୯/୨୪୬,୧୦/୨୪୬।
**ବୋଲିଂ (ଭାରତ)**
ରେଣୁକା ଠାକୁର ୮-୦-୨୭-୦
କ୍ରାନ୍ତି ଗୌଡ଼ ୩-୦-୧୬-୦
ଅମନଜୋତ କୌର ୪-୦-୩୪-୦
ଦୀପ୍ତି ଶର୍ମା ୯.୩-୦-୩୯-୫
ଶ୍ରୀ ଚରଣୀ ୯-୦-୪୮-୧
ରାଧା ଯାଦବ ୫-୦-୪୫-୦
ଶେଫାଳୀ ବର୍ମା ୭-୦-୩୬-୨।

# ୧୭ ମାସରେ ୩ୟ ଆଇସିସି ଟ୍ରଫି

**ନଭି ମୁମ୍ବାଇ,୨।୧୧:** ଭାରତୀୟ ମହିଳା ଦଳ ରବିବାର ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଛି। ଏହାକୁ ମିଶାଇ ଗତ ୧୭ ମାସ ମଧ୍ୟରେ ଭାରତ ତୃତୀୟ ଆଇସିସି ଟ୍ରଫି ହାତେଇଛି। ଏଥିପୂର୍ବରୁ ଗତ ବର୍ଷ ଜୁନ ୨୯ ତାରିଖରେ ଭାରତୀୟ ପୁରୁଷ ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକାକୁ ହରାଇ ଟି୨୦ ବିଶ୍ୱକପ୍ ଜିତିଥିଲା। ଏହାପରେ ଚଳିତ ବର୍ଷ ମାର୍ଚ୍ଚ ୯ ତାରିଖରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତୀୟ ପୁରୁଷ ଦଳ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାତେଇଥିଲେ। ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିବା ପୂର୍ବରୁ ଭାରତ ୧୧ ବର୍ଷ ଧରି ଆଇସିସି ଟ୍ରଫି ଅପେକ୍ଷାରେ ରହିଥିଲା।

# ସେଲିବ୍ରିଟିଙ୍କ ଭିଡ଼

ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲାରେ ଭାରତୀୟ ଦଳକୁ ସମର୍ଥନ କରିବା ପାଇଁ ଅନେକ ସେଲିବ୍ରିଟି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା, ତାଙ୍କ ସ୍ତ୍ରୀ ରିତିକା ସାଜଦେ, ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣୀ ନୀତା ଅମ୍ବାନୀ, ଆଇସିସି ମୁଖ୍ୟ ଜୟ ଶାହ, କ୍ରିକେଟ୍ ଆଇକନ ସଚିନ ତେନ୍ଦୁଲକର, କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର, ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ବ୍ୟାଟର ବ୍ରିଜେଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍ ପୂର୍ବରୁ ସଚିନ ତେନ୍ଦୁଲକର ମହିଳା ବିଶ୍ୱକପ୍ ଟ୍ରଫି ଧରି ଗ୍ରାଉଣ୍ଡକୁ ଓହ୍ଲାଇଥିଲେ ଏବଂ ପରେ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇଥିଲେ।

# ଦ. ଆଫ୍ରିକା ରାଷ୍ଟ୍ରପତି ଭୁଲ୍ ଜର୍ସି ପିନ୍ଧିଲେ

**ନଭି ମୁମ୍ବାଇ,୨।୧୧**

ଭାରତ ବିପକ୍ଷରେ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳକୁ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରପତି ସିରିଲ ରାମାଫୋସା ଦେଇଥିବା ଭିଡିଓ ବାର୍ତ୍ତାରେ ଏକ ବଡ଼ ଧରଣର ଭୁଲ୍ ନଜର ଆସିଥିଲା। ଉକ୍ତ ଭିଡରେ ଖେଳାଳିଙ୍କୁ ରାଷ୍ଟ୍ରପତି ଉତ୍ସାହିତ କରୁଥିବା ବେଳେ ସେ କ୍ରିକେଟ ପରିବର୍ତ୍ତେ ଫୁଟବଲ ଦଳର ଜର୍ସି ପିନ୍ଧିଥିଲେ।

# ବିବାହ ବନ୍ଧନରେ ରାଣୀ ରାମପାଲ

**ନୂଆଦିଲ୍ଲୀ, ୨।୧୧**

ଭାରତୀୟ ହକି ଆଇକନ ତଥା ପୂର୍ବତନ ଅଧିନାୟିକା ରାଣୀ ରାମ୍‌ପାଲଙ୍କ ବିବାହ ଏଠାରେ ରବିବାର ସମ୍ପନ୍ନ ହୋଇଛି। ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପଙ୍କଜ ସରୋହାଙ୍କୁ ବିବାହ କରିଛନ୍ତି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ରାଣୀ ରାମପାଲ ହେଉଛନ୍ତି ଭାରତର ଜଣେ ଅନ୍ୟତମ ଜଣାଶୁଣା ସେଲିବ୍ରିଟି ଆଥ୍ଲେଟ। ତାଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ସ୍ତରରେ ଅନେକ ମାଇଲଖୁଣ୍ଟି ହାସଲ କରିଛି। ବିବାହ ପାଇଁ ନବବିବାହିତ ଦମ୍ପତିଙ୍କୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।


ପଙ୍କଜ ସରୋହାଙ୍କ ସହ ରାଣୀ ରାମପାଲ।

## ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ବ୍ରୋଞ୍ଜ

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ତାରକା ଖେଳାଳି ପ୍ରମୋଦ ଭଗତ ଡବଲ୍ସରେ ସ୍ୱର୍ଣ୍ଣ ଓ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସରେ ଦୀପ୍ ରଞ୍ଜନ ବିଷୋୟୀଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ଡବଲ୍ସ ଫାଇନାଲରେ ସୁକାନ୍ତ କଦମ ଓ ପ୍ରମୋଦଙ୍କ ଯୋଡ଼ି ଇଣ୍ଡୋନେସିଆର ଡି. ଦ୍ୱିୟୋକୋ ଓ ଏଫ୍. ସେତିୱାନଙ୍କୁ ପରାସ୍ତ କରିଛନ୍ତି। ସେହିପରି ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ମିକ୍ସଡ ଡବଲ୍ସ ସେମିଫାଇନାଲରେ ଇଣ୍ଡୋନେସିଆର ଏଫ୍.ସେତିୱାନ ଓ କେ.ସାଦିୟାଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି।

# ଫଲୋଅନ ଆଶଙ୍କାରେ ଓଡ଼ିଶା

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

### ରଣଜୀ ଟ୍ରଫି, ରଶିଦଙ୍କ ଶତକ

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶେକ୍ ରଶିଦଙ୍କ ଅପରାଜିତ ଶତକ ସହାୟତାରେ ଆନ୍ଧ୍ରପ୍ରଦେଶ ଘରୋଇ ଓଡ଼ିଶା ବିପକ୍ଷରେ ବୃହତ୍ ସ୍କୋର କରିଛି। ୪୭୫/୭ରେ ଆନ୍ଧ୍ର ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଅନ୍ୟପକ୍ଷରେ ଓଡ଼ିଶା ପାରମ୍ପରିକଭାବେ ଚଳିତ ସିଜନରେ ନୈରାଶ୍ୟଜନକ ବ୍ୟାଟିଂ ଜାରିରଖି ୮୦ ରନ ମଧ୍ୟରେ ୪ ଉଇକେଟ ହରାଇ ଫଲୋଅନ ଆଶଙ୍କାରେ ପଡ଼ିଛି। ସ୍ୱସ୍ତିକ ସାମଲ ଖାତା ଖୋଲିପାରି ନ ଥିବାବେଳେ ଗୌରବ ଚୌଧୁରୀ ୪୮, ବାଦଲ ବିଶ୍ୱାଳ ୧ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ ରନକରି ଆଉଟ ହୋଇଛନ୍ତି। ଫଲୋଅନ ଏଡ଼ାଇବାକୁ ହେଲେ ଓଡ଼ିଶାକୁ ପ୍ରଥମ ଇନିଂସରେ ୩୨୫ରୁ ଊର୍ଦ୍ଧ୍ୱ ରନ କରିବାକୁ ହେବ। ଆନ୍ଧ୍ରର କାଭୁରି ସାଇତେଜା ଓ ସୌରଭ କୁମାର ୨ଟି ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୨୨/୩ରୁ ଖେଳ ଆରମ୍ଭ କରିଥିବା ଆନ୍ଧ୍ର ପ୍ରଦେଶ ଦ୍ୱିତୀୟ ଦିବସରେ ମଧ୍ୟ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଥିଲା। କରନ ସିନ୍ଦେ ଯଦିଓ ୩୨ ରନକରି ଆଉଟ ହୋଇଥିଲେ ଶେକ୍ ରଶିଦ କିନ୍ତୁ ଚମତ୍କାର ବ୍ୟାଟିଂ କରି ୧୪୦ ରନରେ ଅପରାଜିତ ରହିବା ସହ ଆନ୍ଧ୍ରକୁ ଏକ ବଡ଼ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୭ ଓ ୮ ନମ୍ବର ବ୍ୟାଟର କେ.ଭି. ଶଶିକାନ୍ତ ଓ ସୌରଭ କୁମାର ଯଥାକ୍ରମେ ୪୬ ଓ ୬୯ ରନର ଯୋଗଦାନ ଦେଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବରାଳ ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଏବଂ ରାଜେଶ ମହାନ୍ତି, ତରାନୀ ସା ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଶେକ୍ ରଶିଦ (ଫଟୋ: ରାଜକିଶୋର ମହାନ୍ତି)।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୪୭୫/୭/ଘୋଷଣା (ଶେକ୍ ରଶିଦ-୧୪୦*, ଶ୍ରୀକର ଭରତ-୯୩, ଅଭିଷେକ ରେଡ୍ଡୀ-୭୬, ସୌରଭ କୁମାର-୬୯, ସମ୍ବିତ ବରାଳ-୨/୮୫, ରାଜେଶ ମହାନ୍ତି-୧/୧୧୮, ତରନୀ ସା-୧/୫୩, ବାଦଲ ବିଶ୍ୱାଳ-୧/୧୧୩)। ଓଡ଼ିଶା ପ୍ରଥମ ଇନିଂସ: ୮୦/୪ (ଗୌରବ ଚୌଧୁରୀ-୪୮, ସନ୍ଦୀପ ପଟ୍ଟନାୟକ-୨୪*, କାଭୁରି ସାଇତେଜା-୨/୧୬, ସୌରଭ କୁମାର-୨/୨୦)।

# ୨୦୭ ପଦକ ସହ ଓଡ଼ିଶା ପ୍ରଥମ



ଇଷ୍ଟଇଣ୍ଡିଆ କରାଟେ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ଅଫିସିଆଲମାନେ।

**ଭୁବନେଶ୍ୱର, ୨।୧୧ (ତପନ ସ୍ୱାଇଁ)**

### ଇଷ୍ଟଇଣ୍ଡିଆ କରାଟେ ଉଦ୍‌ଯାପିତ

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୫ମ ଇଷ୍ଟଇଣ୍ଡିଆ କରାଟେ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ନିକୋବରରୁ ପାଖାପାଖି ୭୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ପ୍ରଭାବୀ ପ୍ରଦର୍ଶନ କରି ୭୪ ସ୍ୱର୍ଣ୍ଣ, ୫୭ ରୌପ୍ୟ ଓ ୭୬ ବ୍ରୋଞ୍ଜ ସହ ମୋଟ ୨୦୭ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ପଶ୍ଚିମବଙ୍ଗ ୪୩ ସ୍ୱର୍ଣ୍ଣ, ୫୫ ରୌପ୍ୟ ଓ ୮୬ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ବିହାର ୧୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୪ ବ୍ରୋଞ୍ଜ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପୂର୍ବାଞ୍ଚଳ କରାଟେ ସଂଘର ସଭାପତି ହାନଶୀ ପ୍ରେମଜିତ ସେନ, ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ କାଳିପ୍ରସାଦ ନନ୍ଦ, ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଦୀପ୍ତି ପ୍ରଥମ କ୍ରିକେଟର

**ନଭିମୁମ୍ବାଇ, ୨।୧୧:** ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ମହିଳା ବିଶ୍ୱକପ୍ ଫାଇନାଲରେ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ୫ ଉଇକେଟ ନେଇ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଅର୍ଦ୍ଧଶତକ ସହ ସେ ଟୁର୍ନାମେଣ୍ଟରେ ୭ ଇନିଂସରେ ୨୧୫ ରନ କରିଛନ୍ତି। ଏଥିସହିତ ସେ ୫ ଉଇକେଟ ସଫଳତା ହାସଲ କରିବା ସହ ଟୁର୍ନାମେଣ୍ଟରେ ସର୍ବାଧିକ ୨୨ ଉଇକେଟ ନେଇଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ